# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଫେବୃଆରୀ ୧୧/୨୦୨୬ (୧୪ ପୃଷ୍ଠା) | Bhubaneswar, Wednesday, February 11/2026 | Page 14 | ₹ 7.00 | RAYAGADA

୫୨ଶ ଭାଗ ୭୯ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 52 ISSUE 79 | ମୂଲ୍ୟ₹୭/-




## ପ୍ରମୋଦ ଭଗତଙ୍କ ପ୍ରଭାବୀ ପ୍ରଦର୍ଶନ

ବିଡବ୍ଲ୍ୟୁଏଫ୍ ପାରା ବ୍ୟାଡ୍‌ମିଣ୍ଟନ ବିଶ୍ୱ ଚାମ୍ପିୟନଶିପ୍‌ରେ ପ୍ରଭାବୀ ପ୍ରଦର୍ଶନ ଜାରି ରଖିଛନ୍ତି ଓଡ଼ିଶାର ଷ୍ଟାର ଖେଳାଳି ପ୍ରମୋଦ ଭଗତ।

୧୨

୧୦

## ଦୁଃଖ ବଖାଣିଲେ ରାଜପାଲ

ଚେକ ବାଉନ୍ସ ମାମଲାରେ ତିହାର ଜେଲରେ ଥିବା ବଲିଉଡ ଅଭିନେତା ରାଜପାଲ ଯାଦବ ଟଙ୍କା ପୈଠ କରିପାରୁ ନ ଥିବାରୁ କର୍ତ୍ତୃପକ୍ଷଙ୍କ ନିକଟରେ ଦୁଃଖ ବଖାଣିଛନ୍ତି।







# ସ୍ୱତନ୍ତ୍ର ସଘନ ସଂଶୋଧନ (SIR) ମ୍ୟାପିଂରେ

## ଆମକୁ ସହଯୋଗ କରନ୍ତୁ - ଅତ୍ୟଧିକ ପ୍ରକ୍ରିୟାକରଣରୁ ନିଜକୁ ଦୂରେଇ ରଖନ୍ତୁ!

12001/10/2526

### ମ୍ୟାପିଂ କରିବା ଅତ୍ୟନ୍ତ ସହଜ:

**ଆପଣଙ୍କୁ କେବଳ ନିଜର କିମ୍ବା ପିତା/ମାତା/ଜେଜେବାପା/ଜେଜେମାଙ୍କ ନାମ- ୨୦୦୨ ତାଲିକାରୁ ଯାଞ୍ଚ ଏବଂ ଚିହ୍ନଟ କରି ଏହା ବିଷୟରେ ନିକଟସ୍ଥ ବୁଥ୍-ସ୍ତରୀୟ ଅଧିକାରୀ (BLO)ଙ୍କୁ ଜଣାଇବାର ଅଛି ।**

### ଏବେ ହିଁ ଘରେ ବସି ୨୦୦୨ ଭୋଟର ତାଲିକାରୁ ନାମ ଯାଞ୍ଚ କରନ୍ତୁ:

୧ voters.eci.gov.in ୱେବସାଇଟ୍ କୁ ଯାଆନ୍ତୁ

୨ Search Your Name in Last SIR ରେ କ୍ଲିକ୍ କରନ୍ତୁ

୩ ୨୦୦୨ ଭୋଟର ବିବରଣୀ ଅନୁସାରେ ବିକଳ୍ପ ଗୁଡ଼ିକ ଚୟନ କିମ୍ବା ପ୍ରବେଶ କରନ୍ତୁ

୪ କ୍ୟାପଚାର ସଠିକ ପ୍ରବେଶ କରି ➡ Search ରେ କ୍ଲିକ୍ କରନ୍ତୁ

୫ ନାମ ସହ ସମାନ ଥିବା ସମସ୍ତ ଭୋଟରଙ୍କ ଏକ ତାଲିକା ଏହିପରି ପ୍ରଦର୍ଶିତ ହେବ

୬ ଏହା ମଧ୍ୟରୁ ଆପଣଙ୍କ ନିଜର କିମ୍ବା ପିତା/ମାତା/ଜେଜେବାପା/ଜେଜେମାଙ୍କ ନାମ ଚିହ୍ନଟ କରି ବିବରଣୀ ଗୁଡ଼ିକ ଟିପି ରଖନ୍ତୁ

**ଏକ ବିକଳ୍ପ ଉପାୟ:**

**ଯଦି ସମସ୍ତ ବିବରଣୀ ପ୍ରବେଶ ପରେ ମଧ୍ୟ ଆପଣଙ୍କର କୌଣସି ତଥ୍ୟ ମିଳୁ ନାହିଁ, ତେବେ:**

୧ ପାର୍ଶ୍ୱରେଥିବା ଟ୍ୟାବ୍ Search in last SIR E-Roll କୁ କ୍ଲିକ୍ କରନ୍ତୁ

୨ ୨୦୦୨ ମସିହା ଅନୁସାରେ ବିବରଣୀ ଗୁଡ଼ିକ ଚୟନ କରନ୍ତୁ ➡ View ରେ କ୍ଲିକ୍ କରନ୍ତୁ

୩ ଭୋଟର ତାଲିକାରୁ ଆପଣଙ୍କ ନିଜର କିମ୍ବା ପିତା/ମାତା/ଜେଜେବାପା/ଜେଜେମାଙ୍କ ନାମ ସହ ଅନ୍ୟ ପରିବାର ସଦସ୍ୟଙ୍କ ନାମ ସ୍ୱୟଂ ଯାଞ୍ଚ କରି ଚିହ୍ନଟ କରନ୍ତୁ ଏବଂ ବିବରଣୀ ଗୁଡ଼ିକ ଟିପି ରଖନ୍ତୁ

> ଟିପି ରଖିଥିବା ନାମ ଏବଂ ବିବରଣୀ ଗୁଡ଼ିକ ବିଷୟରେ ଯଥାଶୀଘ୍ର ନିକଟସ୍ଥ ବୁଥ୍-ସ୍ତରୀୟ ଅଧିକାରୀ (BLO)ଙ୍କୁ ଜଣାନ୍ତୁ

> ସେ ଏହାକୁ ବର୍ତ୍ତମାନର ଭୋଟର ତାଲିକା ସହ ସମନ୍ୱୟ କରି ମ୍ୟାପିଂ ପ୍ରକ୍ରିୟାକୁ ପୂର୍ଣ୍ଣ କରିବେ ।

* ମନେରଖନ୍ତୁ-
ଏହି ମ୍ୟାପିଂ ପ୍ରକ୍ରିୟା ଦ୍ୱାରା ଆପଣ ନିଜକୁ ସ୍ୱତନ୍ତ୍ର ସଘନ ସଂଶୋଧନ (SIR) ସମୟରେ ଅତ୍ୟଧିକ ପ୍ରକ୍ରିୟାକରଣରୁ ଦୁରେଇ ରଖିପାରିବେ ଏବଂ ଭୋଟର ତାଲିକାରେ ନିଜ ନାମକୁ ସୁନିଶ୍ଚିତ କରିପାରିବେ ।

OIPR-12001/12198/2/25-26/0001

**ଅଧିକ ସୂଚନା ପାଇଁ**

ଭୋଟର ହେଲ୍ପଲାଇନ୍ ନମ୍ବର ୧୯୫୦ ରେ କଲ୍ କରନ୍ତୁ

କିମ୍ବା

ECINet ରେ 'Book a Call with BLO' ବିକଳ୍ପ ବ୍ୟବହାର କରନ୍ତୁ

**ଆସନ୍ତୁ ଏକାଠି ହୋଇ ଭୋଟର ତାଲିକାକୁ ସୁସ୍ଥ ଏବଂ ସ୍ୱଚ୍ଛ କରିବା ଗଣତନ୍ତ୍ରର ମୂଳଦୁଆକୁ ସୁଦୃଢ଼ କରିବା**



ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶା
Chief Electoral Officer, Odisha

Follow us on : CEO Odisha | Ceoodisha | odishaceo | Chief Electoral Officer Odisha | Channel ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶା

## ଦିଲ୍ଲୀରେ ଆଜି




ଏପ୍‌ଷ୍ଟିନ୍ ଫାଇଲ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନାମ ଥିବାରୁ ଏହାର ପ୍ରତିବାଦରେ ଯୁବ କଂଗ୍ରେସ ପକ୍ଷରୁ ନୂଆଦିଲ୍ଲୀର ଯନ୍ତରମନ୍ତରଠାରେ ମଙ୍ଗଳବାର ବିକ୍ଷୋଭ କରାଯାଉଛି। (ଫଟୋ-ଚମନ ଗୌତମ)

# ବାଚସ୍ପତିଙ୍କ ବିରୋଧରେ ଅନାସ୍ଥା ନୋଟିସ

## ବିର୍ଲା ପକ୍ଷପାତ ଢଙ୍ଗରେ କାର୍ଯ୍ୟ କରୁଛନ୍ତି: ବିରୋଧୀ

ନୂଆଦିଲ୍ଲୀ,୧୦।୨(ପି.ଟି.)

ଲୋକ ସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ପଦବୀରୁ ହଟାଇବା ପାଇଁ ବିରୋଧୀ ଦଳଗୁଡ଼ିକ ମଙ୍ଗଳବାର ଅନାସ୍ଥା ପ୍ରସ୍ତାବ ନୋଟିସ ଦାଖଲ କରିଛନ୍ତି। ବିର୍ଲା ଗୃହକାର୍ଯ୍ୟ ପରିଚାଳନାରେ ଖୋଲାଖୋଲି ପକ୍ଷପାତ ଢଙ୍ଗରେ କାର୍ଯ୍ୟ କରିବା ସହ ସାମ୍ବିଧାନିକ ପଦବୀର ଦୁରୁପଯୋଗ କରୁଥିବା ନେଇ ବିରୋଧୀ ଅଭିଯୋଗ ଆଣିଛନ୍ତି। କଂଗ୍ରେସ ସଦସ୍ୟଙ୍କ ବିରୋଧରେ ସେ ନିର୍ଦ୍ଦିଷ୍ଟ ମିଥ୍ୟା ଅଭିଯୋଗ ଆଣିଥିବା ବିରୋଧୀ କହିଛନ୍ତି।

ସମ୍ବିଧାନର ଅନୁଚ୍ଛେଦ ୯୪(ସି) ଅନୁଯାୟୀ ବିଭିନ୍ନ ବିରୋଧୀ ଦଳ ତରଫରୁ ଲୋକ ସଭାରେ କଂଗ୍ରେସ ଉପନେତା ଗୌରବ ଗୋଗୋଇ, ମୁଖ୍ୟ ହୁଇପ୍ କେ. ସୁରେଶ ଏବଂ ହୁଇପ୍ ମହମ୍ମଦ ଜାୱେଦ ନିମ୍ନ ସଦନର ମହାସଚିବ ଉତ୍ପଳ କୁମାର ସିଂଙ୍କ ନିକଟରେ ନୋଟିସ ଦାଖଲ କରିଛନ୍ତି। ଉକ୍ତ ନୋଟିସ୍‌ରେ କଂଗ୍ରେସ, ଡିଏମ୍‌କେ, ସମାଜବାଦୀ ପାର୍ଟି, ବାମଦଳ, ଆର୍‌ଜେଡି, ଶିବସେନା(ୟୁବିଟି) ଏବଂ ଏନ୍‌ସିପି-ଏସ୍‌ପି ସମେତ ବିରୋଧୀ ଦଳଗୁଡ଼ିକର ୧୨୦ ଜଣ ଏମ୍‌ପି ସ୍ୱାକ୍ଷର କରିଛନ୍ତି। ତେବେ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏବଂ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ନୋଟିସ୍‌ରେ ସ୍ୱାକ୍ଷର କରି ନ ଥିବା ଜଣାପଡ଼ିଛି। ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନାରେ କହିବା ପାଇଁ ଗତ ୨ ତାରିଖରେ



ଓମ୍ ବିର୍ଲା

ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ଅନୁମତି ମିଳି ନ ଥିଲା। ୩ ତାରିଖରେ ବିରୋଧୀ ଦଳର ୮ ସଦସ୍ୟଙ୍କୁ ବଜେଟ ଅଧିବେଶନରୁ ନିଲମ୍ବନ କରାଯାଇଥିଲା। କଂଗ୍ରେସ ସଦସ୍ୟମାନେ ପ୍ରଧାନମନ୍ତ୍ରୀଙ୍କ ଆସନ ପାଖକୁ ଯାଇ ଅବାଞ୍ଛିତ କାର୍ଯ୍ୟ କରିଥାନ୍ତେ ବୋଲି ସୂଚନା ଥିବା ବିର୍ଲା ଅଭିଯୋଗ ଆଣି ପ୍ରଧାନମନ୍ତ୍ରୀଙ୍କୁ ଗୃହକୁ ନ ଆସିବାକୁ କହିଥିଲେ। କଂଗ୍ରେସ ସଦସ୍ୟଙ୍କ ବିରୋଧରେ ଏହା ସମ୍ପୂର୍ଣ୍ଣ ମିଥ୍ୟା ଓ ଅପମାନଜନକ ଅଭିଯୋଗ ଥିଲା ବୋଲି ନୋଟିସରେ କୁହାଯାଇଛି।

ଲୋକ ସଭା ସଚିବାଳୟ ପକ୍ଷରୁ କୁହାଯାଇଛି, ନୋଟିସକୁ ଅନୁଧ୍ୟାନ କରାଯାଇ ନିୟମ ଅନୁଯାୟୀ ପଦକ୍ଷେପ ନିଆଯିବ। ପ୍ରସ୍ତାବ ସଂଖ୍ୟାଗରିଷ୍ଠ ଭୋଟରେ ଗୃହୀତ ହେଲେ ବାଚସ୍ପତିଙ୍କୁ ବହିଷ୍କାର କରାଯାଇପାରିବ ବୋଲି ଅନୁଚ୍ଛେଦ ୯୪(ସି)ରେ ବ୍ୟବସ୍ଥା ରହିଛି।

## ଆସାମ ଭୋଟର ତାଲିକାରୁ ୨.୪ ଲକ୍ଷ ନାମ ବାଦ୍ ପଡ଼ିଲା

ନୂଆଦିଲ୍ଲୀ,୧୦।୨

ଆସାମର ସମସ୍ତ ୧୨୬ ବିଧାନସଭା କ୍ଷେତ୍ରକୁ ନେଇ ହୋଇଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ ପରେ ମଙ୍ଗଳବାର ନିର୍ବାଚନ କମିଶନ ଚୂଡ଼ାନ୍ତ ତାଲିକା ପ୍ରକାଶ କରିଛନ୍ତି। ରାଜ୍ୟରେ ମୋଟ ଭୋଟର ସଂଖ୍ୟା ୨,୪୯,୫୮,୧୩୯ ରହିଥିବାବେଳେ ୨,୪୩,୪୮୫ ଜଣଙ୍କ ନାମ ବାଦ୍ ପଡ଼ିଛି। ପୂର୍ବରୁ ପ୍ରକାଶିତ ଚିଠା ତାଲିକାରେ ୨,୫୨,୦୧,୬୨୪ ଭୋଟର ରହିଥିଲେ। ଆସାମରେ ପୁରୁଷ ଭୋଟର ସଂଖ୍ୟା ୧,୨୪,୮୨,୨୧୩ ଓ ମହିଳା ୧,୨୪,୭୫,୫୮୩। ୩୪୩ ଜଣ ତୃତୀୟ ଲିଙ୍ଗୀ ଭୋଟର ଅଛନ୍ତି। ନଭେମ୍ବର ୨୨ରୁ ଡିସେମ୍ବର ୨୦ ପର୍ଯ୍ୟନ୍ତ ଘରକୁ ଘର ଯାଞ୍ଚ ଡିସେମ୍ବର ୨୭ରେ ଚିଠା ତାଲିକା ପ୍ରକାଶ ପାଇଥିଲା।

# ଏବେ ବି ଭାରତର ଆଭିମୁଖ୍ୟ ଅସ୍ପଷ୍ଟ

**ଭାରତ-ଆମେରିକା ବାଣିଜ୍ୟ ବୁଝାମଣା(ଟ୍ରେଡ୍ ଡିଲ୍)କୁ ଐତିହାସିକ ବୋଲି କୁହାଯାଉଛି।ଭାରତ ଉପରେ ଆମେରିକା ଲଗାଇଥିବା ୫୦% ଟାରିଫ୍‌କୁ ୧୮%କୁ ହ୍ରାସ କରିଥିବାରୁ ଏହା ଭାରତ ପାଇଁ ସହାୟକ ହେବ ବୋଲି ବିଚାର କରାଯାଉଛି। ଦ୍ୱିପାକ୍ଷିକ ବାଣିଜ୍ୟ କାରବାରର ସର୍ତ୍ତ ସମ୍ପର୍କରେ ଉଭୟ ରାଷ୍ଟ୍ର ପକ୍ଷରୁ ସୂଚନା ଜାରି କରାଯାଇଥିଲା ବେଳେ ଆସନ୍ତା ମାର୍ଚ୍ଚ ମଧ୍ୟଭାଗରେ ନୀତିଗତ ଭାବେ ଚୁକ୍ତି ସ୍ୱାକ୍ଷର ହେବ। ଏହା ମଧ୍ୟରେ ଟ୍ରେଡ୍ ଡିଲକୁ ନେଇ ହ୍ୱାଇଟ୍ ହାଉସ୍ ମଙ୍ଗଳବାର 'ଫ୍ୟାକ୍ଟସିଟ୍' ଜାରି କରିଛି। ପୂର୍ବରୁ କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ ଟ୍ରେଡ୍ ଡିଲ୍‌ର ବିଭିନ୍ନ ଦିଗରେ ସୂଚାଇ ସାରିଥିଲେ ମଧ୍ୟ ଏବେ ବି ଆମେରିକାର ସର୍ତ୍ତକୁ ନେଇ ଅନେକ ଅସମାହିତ ପ୍ରଶ୍ନ ଉଙ୍କି ମାରୁଛି। ବିଶେଷକରି ରାଷ୍ଟ୍ରପତି ଟ୍ରମ୍ପ ଟ୍ରେଡ୍ ଡିଲ୍‌କୁ ନେଇ ଯାହା କହୁଛନ୍ତି ତାହାକୁ ନୂଆଦିଲ୍ଲୀ ସ୍ପଷ୍ଟ କରିପାରୁ ନାହିଁ। ଏହାକୁ ନେଇ ଲଗାତର ସଂସଦରେ ଅଚଳାବସ୍ଥା ଦେଖାଯାଇଛି।**

ନୂଆଦିଲ୍ଲୀ,୧୦।୨

ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ ବୁଝାମଣାକୁ ନେଇ ଏବେ ସଂସଦଠାରୁ ଆରମ୍ଭ କରି ଅର୍ଥନୈତିକ ବିଶାରଦମାନଙ୍କ ମହଲରେ ଅନେକ ପ୍ରଶ୍ନ ଉଠାଇଛି। ବିଶେଷକରି ହ୍ୱାଇଟ୍ ହାଉସ୍ ମଙ୍ଗଳବାର ' ଇଣ୍ଡିଆ-ୟୁଏସ୍ ଟ୍ରେଡ୍ ଡିଲ୍ ଫ୍ୟାକ୍ଟସିଟ୍' ଜାରି କରିବା ପରେ ଏଥିରେ ଟ୍ରେଡ୍ ଡିଲର ମୁଖ୍ୟ ସର୍ତ୍ତଗୁଡ଼ିକ ସମ୍ପର୍କରେ ସ୍ପଷ୍ଟ କରିବା ପରେ ଭାରତର ଆଭିମୁଖ୍ୟକୁ ନେଇ ପ୍ରଶ୍ନ ଉଠିଛି।ଆମେରିକା ଜବାବୀ ଟାରିଫ୍‌କୁ ୫୦% ରୁ ୧୮%କୁ ହ୍ରାସ କରିଛି। ୨୦୨୫ ଅଗଷ୍ଟରେ ଆମେରିକା ଭାରତୀୟ ସାମଗ୍ରୀ ଉପରେ ୫୦% ଲାଗୁ କରିଥିଲେ ହେଁ ଏହାପୂର୍ବରୁ ଭାରତୀୟ ସାମଗ୍ରୀ ଉପରେ ୨ ରୁ ୩ ପ୍ରତିଶତ ଟାରିଫ୍ କାର୍ଯ୍ୟକାରୀ କରାଯାଉଥିଲା। ସାମ୍ପ୍ରତିକ ସ୍ଥିତିରେ ଭାରତ ଉପରେ ୧୮% ଟାରିଫ୍ ଦେଶ ପାଇଁ କିଭଳି

## ଭାରତ-ଆମେରିକା ଟ୍ରେଡ୍ ଡିଲ୍‌କୁ ନେଇ ହ୍ୱାଇଟ୍ ହାଉସ୍‌ର ଫ୍ୟାକ୍ଟସିଟ୍



ଲାଭଦାୟକ ହେବ ବୋଲି ପ୍ରଶ୍ନ ଉଠିଛି। ସେହିପରି ରୁଷିଆରୁ ଭାରତ ତେଲ କିଣିବା ପ୍ରସଙ୍ଗକୁ ଏହି ଫ୍ୟାକ୍ଟସିଟ୍‌ରେ ଆମେରିକା ମୁଖ୍ୟ ସର୍ତ୍ତ ଭାବେ ଦର୍ଶାଇଥିଲା ବେଳେ ଏଦିଗରେ ମଧ୍ୟ ଭାରତର ଆଭିମୁଖ୍ୟ ସ୍ପଷ୍ଟ ହୋଇନାହିଁ। ଭାରତ ରୁଷିଆରୁ ତେଲ କିଣିବ ନାହିଁ ବୋଲି ଟ୍ରମ୍ପ ସର୍ତ୍ତ ରଖିଥିଲେ ହେଁ ଏହି ବିଷୟକୁ ରୁଷିଆ କିମ୍ବା ଭାରତ ସ୍ପଷ୍ଟ କରିନାହାନ୍ତି। ଗୋଟିଏ ପଟେ ତେଲ କିଣା ନେଇ ଭାରତଠାରୁ ସେଭଳି କିଛି ସନ୍ଦେଶ ମିଳିନାହିଁ ବୋଲି ରୁଷିଆ କହୁଥିଲା ବେଳେ ଭାରତ ନିଜ ସୁବିଧା ପାଇଁ କେଉଁଠୁ ତେଲ କିଣିବ ତାହା ନିଜସ୍ୱ ବ୍ୟାପାର ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। କିନ୍ତୁ ରୁଷିଆରୁ ତେଲ କିଣିବା ବନ୍ଦ ନ କଲେ ଟ୍ରମ୍ପ ପ୍ରତ୍ୟାହାର କରିନେଇଥିବା ୨୫% ଦଣ୍ଡାତ୍ମକ ଟାରିଫ୍ ପୁଣିଥରେ ଭାରତ ଉପରେ ଲାଗୁ କରିବାକୁ ପରୋକ୍ଷ ଚେତାବନୀ ଦେଇଛନ୍ତି। ସେହିପରି ଭାରତ ଆମେରିକା ପାଇଁ କେଉଁସବୁ କ୍ଷେତ୍ରରେ ଶୂନ ପ୍ରତିଶତ ଟାରିଫ ଲଗାଇବ ତାହା ମଧ୍ୟ ସ୍ପଷ୍ଟ ହୋଇ ନାହିଁ। ଅନ୍ୟ ପ୍ରସଙ୍ଗ ମଧ୍ୟରେ ଭାରତ ଚାଷୀଙ୍କ ସ୍ୱାର୍ଥହାନି ହେବା ଭଳି କୌଣସି ସର୍ତ୍ତ ରଖିନାହିଁ ବୋଲି କହୁଥିଲେ ହେଁ ଆମେରିକା ପକ୍ଷରୁ କୃଷିଦ୍ରବ୍ୟକୁ ନେଇ ଯେଉଁ ଚିଠା ଜାରି କରାଯାଇଛି ତାହା ମଧ୍ୟ ଦ୍ୱନ୍ଦ୍ୱ ସୃଷ୍ଟି କରିଛି। ଏହାଛଡ଼ା ଆଗାମୀ ଦିନରେ ଭାରତ ଆମେରିକାଠାରୁ ୫୦୦ ବିଲିୟନ ଡଲାର ମୂଲ୍ୟର କାରବାର କରିବାକୁ ଆମେରିକା ସର୍ତ୍ତରେ ଦର୍ଶାଇଥିଲା ବେଳେ କେଉଁ କ୍ଷେତ୍ରରେ ଭାରତ ଏତେ ପରିମାଣର ସାମଗ୍ରୀ କ୍ରୟ କରିବ ବୋଲି ପ୍ରଶ୍ନ ଉଠିଛି।

## ନରୱଣେଙ୍କ ପୁସ୍ତକକୁ ନେଇ ବିବାଦ ତେଜିଲା

ନୂଆଦିଲ୍ଲୀ,୧୦।୨

ପୂର୍ବତନ ସେନା ମୁଖ୍ୟ ଏମ୍.ଏମ୍. ନରୱଣେଙ୍କ ପୁସ୍ତକ ପୋର୍ ଷ୍ଟାର୍ସ ଅଫ୍ ଡେଷ୍ଟିନି'କୁ ନେଇ ବିବାଦ ଆହୁରି ବଢ଼ିଛି। ଏହି ପୁସ୍ତକ ପ୍ରକାଶନ ହେବା ପୂର୍ବରୁ ଏହାର ପିଡିଏଫ୍ ଲିକ୍ ହେବା ଘଟଣାରେ ଦିଲ୍ଲୀ ପୋଲିସ ସୋମବାର ଏତଲା ଦାଏର କରିଥିଲା। ଏହାପରେ ଏହି ପୁସ୍ତକର ପ୍ରକାଶନ ଦାୟିତ୍ୱରେ ଥିବା ପେଙ୍ଗୁଇନ୍ ରାଣ୍ଡମ୍ ହାଉସ୍ ଇଣ୍ଡିଆ (ପିଆର୍‌ଏଚ୍‌ଆଇ) ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି। ପିଆର୍‌ଏଚ୍‌ଆଇ କହିଛି, ନରୱଣେଙ୍କ ଦ୍ୱାରା ଲିଖିତ ପୁସ୍ତକ ପ୍ରକାଶ ପାଇ ନଥିବା ବେଳେ ଏହାର କୌଣସି ମୁଦ୍ରିତ କପି କିମ୍ବା ଡିଜିଟାଲ ଫର୍ମ ସାର୍ବଜନୀନ କରାଯାଇ ନାହିଁ। ପ୍ରକାଶନ ସଂସ୍ଥାର ଏହି ସ୍ପଷ୍ଟୀକରଣ ପରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ କିଏ ମିଛ କହୁଛି ବୋଲି ପ୍ରଶ୍ନ ଉଠାଇଛନ୍ତି। ଜେନେରାଲ ନରୱଣେ ଏବଂ ପେଙ୍ଗୁଇନ୍ ମଧ୍ୟରୁ କିଏ ମିଛ କହୁଛି ବୋଲି ସେ ପ୍ରଶ୍ନ କରିଛନ୍ତି। ନରୱଣେ ମଙ୍ଗଳବାର ନିରବତା ଭାଙ୍ଗି ପ୍ରକାଶନ ସଂସ୍ଥା ପ୍ରତି ସମର୍ଥନ ଜଣାଇଛନ୍ତି।

## ଗୌରବ ଗୋଗୋଇଙ୍କ ବିରୋଧରେ ୫୦୦ କୋଟିର ମାନହାନି ମାମଲା କଲେ ହିମନ୍ତ

ନୂଆଦିଲ୍ଲୀ,୧୦।୨

ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ମଙ୍ଗଳବାର କଂଗ୍ରେସ ନେତା ଗୌରବ ଗୋଗୋଇ, ଜିତେନ୍ଦ୍ର ସିଂ ଏବଂ ଭୂପେଶ ବଘେଲଙ୍କ ବିରୋଧରେ ୫୦୦ କୋଟି ଟଙ୍କାର ମାନହାନି ମାମଲା ଦାଏର କରିଛନ୍ତି। ସେମାନେ ଏକ ଖବରଦାତା ସମ୍ମିଳନୀରେ ତାଙ୍କ ବିରୋଧରେ ମିଥ୍ୟା ଏବଂ ଅପମାନଜନକ ଅଭିଯୋଗ ଆଣିଥିବା ହିମନ୍ତ କହିଛନ୍ତି। ସାହସ କିମ୍ବା ପ୍ରମାଣ ଥିଲେ ପ୍ରତ୍ୟେକ ଅଭିଯୋଗକୁ ଆଇନ ଅଦାଲତରେ ପ୍ରମାଣ କରନ୍ତୁ। ସେମାନଙ୍କ ସୁଚିନ୍ତିତ ଅପପ୍ରଚାର କିମ୍ବା ରାଜନୈତିକ ନାଟକବାଜିରେ ସେ ଭୟଭୀତ ନୁହନ୍ତି ବୋଲି ହିମନ୍ତ କହିଛନ୍ତି।

# ମଣିପୁରରେ ସାନି ହିଂସା ପରେ କର୍ଫ୍ୟୁ ଜାରି

## ଇଣ୍ଟରନେଟ୍ ସେବା ବନ୍ଦ

ଇମ୍ଫାଲ,୧୦।୨

ମଣିପୁରରେ ନାଗା ଏବଂ କୁକି ସମ୍ପ୍ରଦାୟ ମଧ୍ୟରେ ସଂଘର୍ଷକୁ ନେଇ ଉଖ୍ରୁଲ୍ ଜିଲା ଅନ୍ତର୍ଗତ ଲିଟାନ ବ୍ୟବସାୟିକ ସହରରେ ଉତ୍ତେଜନା ଜାରି ରହିଥିଲାବେଳେ ସାନି ହିଂସାକାଣ୍ଡ ଘଟିବାରୁ ମଙ୍ଗଳବାର ପ୍ରଶାସନ ପକ୍ଷରୁ କର୍ଫ୍ୟୁ ଜାରି ହେବା ସହ ୫ ଦିନ ପାଇଁ ଇଣ୍ଟରନେଟ୍ ସେବା ବନ୍ଦ କରିଦିଆଯାଇଛି। ସଶସ୍ତ୍ର ଆକ୍ରମଣକାରୀମାନେ ସୋମବାର ରାତିରେ ଲିଟନ ସାରେଇଖୋଙ୍ଗ ଗ୍ରାମରେ ପଶି ଅନେକ ଘରେ ନିଆଁ ଲଗାଇଦେବାରୁ ଲୋକେ ରାତାରାତି ଘରଦ୍ୱାର ଛାଡ଼ି ପଳାଇବାକୁ ବାଧ୍ୟ ହୋଇଛନ୍ତି। ସେମାନେ ଅନେକ ରାଉଣ୍ଡ ଫାଙ୍କା ଗୁଳିଚାଳନା କରିବାରୁ ସମଗ୍ର ପାର୍ବତ୍ୟାଞ୍ଚଳ ଜିଲାରେ ଆତଙ୍କ ଖେଳିଯାଇଥିଲା। ଅଧିକ ହିଂସାକାଣ୍ଡ ଘଟିବା ଆଶଙ୍କାରେ ଅନେକେ ଘରଦ୍ୱାର ଛାଡ଼ି କାଙ୍ଗପୋକ୍‌ପି ଜିଲାର ସୁରକ୍ଷିତ ସ୍ଥାନକୁ ଚାଲିଯାଇଛନ୍ତି।

ଉତ୍ତେଜନା ବଢ଼ିବାରୁ ମଣିପୁର ସରକାର ସମଗ୍ର ଉଖ୍ରୁଲ ଜିଲାରେ ତୁରନ୍ତ ଇଣ୍ଟରନେଟ୍ ସେବା ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜନସାଧାରଣଙ୍କ ସୁରକ୍ଷା ଓ ଶାନ୍ତି ପ୍ରତି ବିପଦ ସୃଷ୍ଟି ହୋଇଥିବା ଗୃହ ବିଭାଗ କମିଶନରଙ୍କ ପକ୍ଷରୁ ଜାରି ନିର୍ଦ୍ଦେଶନାମାରେ କୁହାଯାଇଛି। ୫ ଦିନ ପାଇଁ ଇଣ୍ଟରନେଟ ବନ୍ଦ ରହିବାକୁ ଥିବାବେଳେ ପୋଡ଼ାଜଳା ଘଟଣା ପରେ ଜିଲାରେ କର୍ଫ୍ୟୁ ଜାରି ହେବା ସହ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି। କୋନ୍‌ସାରାମ ଗ୍ରାମ କର୍ତ୍ତୃପକ୍ଷ ହିଂସାକାଣ୍ଡକୁ ନିନ୍ଦା କରିବା ସହ ରାଜ୍ୟ ଓ କେନ୍ଦ୍ର ସରକାର ତୁରନ୍ତ ହସ୍ତକ୍ଷେପ କରିବାକୁ ଏବଂ ଅତିରିକ୍ତ ସୁରକ୍ଷା ବଳ ମୁତୟନ କରିବାକୁ ନିବେଦନ କରିଛନ୍ତି। କ୍ଷତିଗ୍ରସ୍ତ ପରିବାରଗୁଡ଼ିକୁ ସହାୟତା ପ୍ରଦାନ ସହ ଆଇନ ଶୃଙ୍ଖଳା ରକ୍ଷା ଲାଗି କଠୋର ପଦକ୍ଷେପ ନେବାକୁ ଆହ୍ୱାନ ଦିଆଯାଇଛି।

## ବାଂଲାଦେଶରେ ଆଉ ଜଣେ ହିନ୍ଦୁଙ୍କୁ ହତ୍ୟା

ଢାକା,୧୦।୨(ପି.ଟି.)

ବାଂଲାଦେଶ ପାର୍ଲାମେଣ୍ଟ ନିର୍ବାଚନର ମାତ୍ର ୨ ଦିନ ପୂର୍ବରୁ ସୋମବାର ରାତିରେ ଜଣେ ହିନ୍ଦୁ ବ୍ୟବସାୟୀଙ୍କୁ ଦୁର୍ବୃତ୍ତମାନେ ହତ୍ୟା କରିଛନ୍ତି। ମିମେନସିଂ ଜିଲାରେ ଏହି ହତ୍ୟାକାଣ୍ଡ ଘଟିଛି, ଯେଉଁଠି ପୂର୍ବରୁ ଅନ୍ୟ ଜଣେ ହିନ୍ଦୁ ଦିପୁ ଚନ୍ଦ୍ର ଦାସଙ୍କୁ ପିଟି ହତ୍ୟା କରାଯିବା ସହ ଜାଳିଦିଆଯାଇଥିଲା। ସୋମବାର ହତ୍ୟାର ଶିକାର ହୋଇଥିବା ୬୨ ବର୍ଷୀୟ ସୁଶେନ ଚନ୍ଦ୍ର ସର୍କାର ଜଣେ ଚାଉଳ ବ୍ୟବସାୟୀ ଏବଂ ଦକ୍ଷିଣକାଣ୍ଡ ଗ୍ରାମର ବାସିନ୍ଦା। ବୋଗର ବଜାର ଛକଠାରେ ତାଙ୍କର 'ଭାଇ ଭାଇ ଏଣ୍ଟରପ୍ରାଇଜ୍' ରହିଛି। ଦୁର୍ବୃତ୍ତମାନେ ଦୋକାନରେ ପଶି ସର୍କାରଙ୍କୁ ଧାରୁଆ ଅସ୍ତ୍ରରେ ହତ୍ୟା କରିବା ସହ ଦୋକାନରୁ ଅନେକ ଲକ୍ଷ ଟାକା ଚୋରି କରିନେଇଛନ୍ତି। ପରିବାର ଲୋକେ ତାଙ୍କୁ ହସ୍ପିଟାଲ ନେଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ୨୦୨୪ ଅଗଷ୍ଟରେ ବାଂଲାଦେଶରେ ଛାତ୍ର ଆନ୍ଦୋଳନ ତୀବ୍ର ହେବାରୁ ତତ୍କାଳୀନ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା କ୍ଷମତାଚ୍ୟୁତ ହୋଇଥିଲେ। ଏହାପରେ ସେଠାରେ ହିନ୍ଦୁମାନେ ଆକ୍ରମଣର ଶିକାର ହୋଇଆସୁଛନ୍ତି।

# ଦୁର୍ନୀତି ସୂଚକାଙ୍କ: ୯୧ତମ ସ୍ଥାନରେ ଭାରତ

ନୂଆଦିଲ୍ଲୀ,୧୦।୨(ପି.ଟି.)

୧୮୨ଟି ଦେଶ ଓ ଅଞ୍ଚଳକୁ ନେଇ ହୋଇଥିବା ଦୁର୍ନୀତି ଧାରଣା ସୂଚକାଙ୍କ (ସିପିଆଇ) ୨୦୨୫ ସର୍ଭେରେ ଭାରତ ୫ ସ୍ଥାନ ଉପରକୁ ଉଠି ୯୧ତମ ସ୍ଥାନରେ ରହିଛି। ପୂର୍ବବର୍ଷ ତୁଳନାରେ ଭାରତର ସ୍କୋର ୧ ପଏଣ୍ଟ ବଢ଼ିଛି। ଗତବର୍ଷ ଭାରତ ଦୁର୍ନୀତି ସୂଚକାଙ୍କର ୯୬ତମ ସ୍ଥାନରେ ରହିଥିଲା ବୋଲି ବୈଶ୍ୱିକ ଏନ୍‌ଜିଓ ଟ୍ରାନ୍ସପରେନ୍ସି ଇଣ୍ଟରନ୍ୟାଶନାଲର ସଦ୍ୟ ପ୍ରକାଶିତ ସିପିଆଇରୁ ଜଣାପଡ଼ିଛି। ୨୦୨୫ର ଦୁର୍ନୀତି ଧାରଣା ସୂଚକାଙ୍କ ଅନୁଯାୟୀ, ଦୁର୍ନୀତି ବିଶ୍ୱର ପ୍ରତ୍ୟେକ ଭାଗରେ ଏକ ଗମ୍ଭୀର ବିପଦ ହୋଇ ରହିଛି, ଯଦିଓ ସେଥିରେ ଅଗ୍ରଗତିର ସୀମିତ ସଙ୍କେତ ଦେଖିବାକୁ ମିଳିଛି। ନେତାମାନେ କ୍ଷମତାର ଦୁରୁପଯୋଗକୁ ରୋକିବା ଦିଗରେ କାର୍ଯ୍ୟ କରିବାକୁ ହେବ। ବିଶ୍ୱର ବିଭିନ୍ନ ଭାଗରେ ସରକାର ବିରୋଧୀ ବିକ୍ଷୋଭରୁ ଜଣାପଡୁଛି ଲୋକେ ଉତ୍ତରଦାୟିତ୍ୱହୀନ ନେତୃତ୍ୱକୁ ନେଇ ଅତିଷ୍ଠ ହେବା ସହ ସଂସ୍କାର ଦାବି କରୁଛନ୍ତି।

ରିପୋର୍ଟରେ ଆହୁରି କୁହାଯାଇଛି, ଦୁର୍ନୀତି ଉପରେ ଖବର କରୁଥିବା ସାମ୍ବାଦିକମାନଙ୍କ ପ୍ରତି ବିପଦ ଥିବା ଦେଶଗୁଡ଼ିକ ମଧ୍ୟରେ ଭାରତ ରହିଛି। ଦୁର୍ନୀତି ଉପରେ ଅନୁସନ୍ଧାନମୂଳକ ଖବର ସଂଗ୍ରହ କରୁଥିବା ଖବରଦାତା ଆକ୍ରମଣ କିମ୍ବା ହତ୍ୟାର ସମ୍ମୁଖୀନ ହେଉଥିଲାବେଳେ ସରକାରଙ୍କୁ ଏଥିପାଇଁ ଉତ୍ତରଦାୟୀ କରାଯାଇପାରୁ ନାହିଁ। ଯୁଦ୍ଧ ହେଉ ନ ଥିବା ଅଞ୍ଚଳରେ ୨୦୧୨ରୁ ୮୨୯ ଜଣ ଖବରଦାତାଙ୍କୁ ହତ୍ୟା କରାଗଲାଣି। ୫୦%ରୁ କମ୍ ସିପିଆଇ ସ୍କୋର ଥିବା ଦେଶଗୁଡ଼ିକରେ ୯୦%ରୁ ଊର୍ଦ୍ଧ୍ୱ ଏଭଳି ହତ୍ୟାକାଣ୍ଡ ଘଟୁଛି। ବ୍ରାଜିଲ, ଭାରତ, ମେକ୍ସିକୋ, ପାକିସ୍ତାନ ଏବଂ ଇରାକ ଆଦି ଦେଶରେ ଦୁର୍ନୀତି ଉପରେ ରିପୋର୍ଟିଂ କରୁଥିବା ଖବରଦାତାମାନଙ୍କ ପାଇଁ ବିପଦ ରହିଥିବା ରିପୋର୍ଟରେ କୁହାଯାଇଛି।

୨୦୧୨ରୁ ୩୧ଟି ଦେଶରେ ଦୁର୍ନୀତି ହ୍ରାସ ପାଇଥିବାବେଳେ ଅନ୍ୟମାନେ ଏହି ସମସ୍ୟାର ମୁକାବିଲା କରିବାରେ ବିଫଳ ହୋଇଛନ୍ତି। ଡେନ୍‌ମାର୍କ ୮୯ ପଏଣ୍ଟ ସ୍କୋର ସହ ସୂଚକାଙ୍କର ଶୀର୍ଷସ୍ଥାନ ବଜାୟ ରଖିଥିବାବେଳେ ଏହା ପଛକୁ ଫିନ୍‌ଲାଣ୍ଡ ଏବଂ ସିଙ୍ଗାପୁର ରହିଛି। ଅନ୍ୟପକ୍ଷରେ ଦକ୍ଷିଣ ସୁଦାନ ଏବଂ ସୋମାଲିଆ ୯ ପଏଣ୍ଟ ସହ ଦୁର୍ନୀତି ତାଲିକାର ସବାତଳେ ରହିଛି। ଆମେରିକା ୨୯ ନମ୍ବର ଏବଂ ବ୍ରିଟେନ୍ ୨୦ତମ ସ୍ଥାନରେ ଥିବା ଜଣାପଡ଼ିଛି।

# ପାରାକୁ ଖାଇବାକୁ ଦେଇ ୨ ଲକ୍ଷ ଜରିମାନା ଗଣିଲେ

**ସା**ଧାରଣତଃ ପଶୁ ପକ୍ଷୀଙ୍କୁ ଖାଇବାକୁ ଦେବା ଭଲ କାମ ବୋଲି ବିବେଚନା କରାଯାଏ। କିନ୍ତୁ ଯଦି ଏଥିପାଇଁ ଜଣଙ୍କ ଉପରେ ଜରିମାନା ଲାଗିଯିବ, ତେବେ ଏହା ନିହାତି ଆଶ୍ଚର୍ଯ୍ୟର ବିଷୟ। ସିଙ୍ଗାପୁରର ଜଣେ ମହିଳାଙ୍କ ସହିତ ଏଭଳି ଘଟଣା ଘଟିଛି। ସେଠାରେ ଜଣେ ୭୧ ବର୍ଷୀୟା ମହିଳାଙ୍କ ବିରୋଧରେ ବାରମ୍ବାର ବନ୍ୟ ପକ୍ଷୀମାନଙ୍କୁ ଖାଇବାକୁ ଦେବା ଅଭିଯୋଗରେ ୩,୨୦୦ ସିଙ୍ଗାପୁର ଡଲାର ବା ୨୨୭,୮୪୫ ଟଙ୍କା ଜରିମାନା କରାଯାଇଛି। ମହିଳା ଜଣକ ବନ୍ୟପ୍ରାଣୀ ଆଇନ ଅନୁଯାୟୀ ଚାରୋଟି ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ପକ୍ଷୀମାନଙ୍କୁ ଖାଇବାକୁ ଦେବା



ପାଇଁ ମହିଳା ଆଇନଗତ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବା ଏହା ପ୍ରଥମ ଥର ନୁହେଁ। ଗତ ବର୍ଷ ମେ'ରେ, ସମାନ ଅପରାଧ ଏବଂ ପକ୍ଷୀ ଧରିବାରେ ବାଧା ସୃଷ୍ଟି କରିବା ପାଇଁ ତାଙ୍କୁ ୧,୨୦୦ ସିଙ୍ଗାପୁର ଡଲାର ଜରିମାନା କରାଯାଇଥିଲା। ଯଦିଓ ସେ ସେତେବେଳେ କୋର୍ଟକୁ କହିଥିଲେ, ସେ ଏହା ଆଉ କରିବେ ନାହିଁ, କିନ୍ତୁ ଗୋଟିଏ ମାସ ମଧ୍ୟରେ ମହିଳା ପୁଣି ସମାନ କାମ କରିଥିଲେ।

ପବ୍ଲିକ ପ୍ରସିକ୍ୟୁଟର ମାମଲାରେ ପ୍ରମାଣ ଉପସ୍ଥାପନ କରିଥିଲେ ଯେ, ମହିଳା ଜଣକ ଜୁଲାଇ ୨୦୨୫ରୁ ଜାନୁଆରୀ ୨୦୨୬ ମଧ୍ୟରେ ୯ଟି ପୃଥକ ସମୟରେ ପାରାକୁ ଶସ୍ୟ ଏବଂ ରୁଟି ଖୁଆଇଥିଲେ। କୋର୍ଟରେ ପ୍ରଦର୍ଶିତ ଭିଡିଓ ଫୁଟେଜରେ ମହିଳା ଜଣକୁ ତାଙ୍କ ଫ୍ଲାଟ ନିକଟରେ ପାରା ଘେରି ରହିଥିବା ଦେଖାଯାଇଥିଲା।

# ଧରିତ୍ରୀ DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ବୁଧବାର, ଫେବୃଆରୀ ୧୧/୨୦୨୬ | Bhubaneswar, Wednesday, February 11/2026 | ପୃଷ୍ଠା-୧









ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପତାକା ଦେଖାଇ ନୂଆ ଆମ୍ବୁଲାନ୍ସଗୁଡ଼ିକର ଲୋକାର୍ପଣ କରୁଛନ୍ତି।

# ବକେୟା ଚାଲାଣ ଥିଲେ ମିଳିବନି ପିୟୁସିସି: ହାଇକୋର୍ଟ

## ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର ନ ଥିଲେ ଟାଙ୍କିରେ ତେଲ ନ ମିଳିବା ମାମଲା

କଟକ,୧୦।୨(କାର୍ତ୍ତିକ ସାହୁ)

ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର (ପିୟୁସିସି)କୁ ନେଇ ଗତ କିଛି ମାସ ଧରି ଦେଖାଦେଇଥିବା ବିବାଦରେ ଓଡ଼ିଶା ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ୯୦ ଦିନରୁ ଊର୍ଦ୍ଧ୍ୱ ଧରି ମୋଟରଯାନର ବକେୟା ଚାଲାଣ ରହିଥିଲେ ପିୟୁସିସି କରିହେବ ନାହିଁ। ପିୟୁସିସି କରିବାକୁ ହେଲେ ମୋଟରଯାନ ମାଲିକ ସମ୍ପୃକ୍ତ ଯାନର ୯୦ ଦିନରୁ ଊର୍ଦ୍ଧ୍ୱ ସମସ୍ତ ଚାଲାଣ ପୈଠ କରିବାକୁ ବାଧ ବୋଲି ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଓ ବିଚାରପତି ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି। ଚାଲାଣ ଥିଲେ ପ୍ରଦୂଷଣ ନିୟନ୍ତ୍ରଣ ସାର୍ଟିଫିକେଟ କରିହେବ ନାହିଁ ବୋଲି ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକୁ ବିରୋଧ କରି ଉଚ୍ଚ ଅଦାଲତରେ ଆଗତ ଏକ ମାମଲାର ଶୁଣାଣିରେ ସରକାରଙ୍କ ପକ୍ଷରୁ ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ମାମଲା ଯୁକ୍ତି ଉପସ୍ଥାପନ କରି କେନ୍ଦ୍ରୀୟ ମୋଟରଯାନ ଆଇନ ଆଧାରରେ ସରକାରଙ୍କ ନିଷ୍ପତ୍ତି ସମ୍ପୂର୍ଣ୍ଣ ଆଇନସମ୍ମତ ବୋଲି କହିଥିଲେ। କେନ୍ଦ୍ର ମୋଟରଯାନ ଆଇନ ଧାରା ୧୬୭, ଉପଧାରା ୧୨ ଅନୁଯାୟୀ ବକେୟା ଚାଲାଣ ଥିଲେ ପିୟୁସିସି ଆବେଦନ ହୋଇପାରିବନାହିଁ ବୋଲି ହାଇକୋର୍ଟଙ୍କୁ ସେ ଅବଗତ କରିବା ପରେ ହାଇକୋର୍ଟ ଉପରୋକ୍ତ ନିର୍ଦ୍ଦେଶ ଦେବା ସହ ମାମଲାର ଅନ୍ତ ଘଟାଇଛନ୍ତି।

ଆବେଦନକାରୀ ସ୍ନିଗ୍ଧା ପାତ୍ରଙ୍କ ପକ୍ଷରୁ ରୁଜୁ ଜନସ୍ୱାର୍ଥ ମାମଲାରେ ଦର୍ଶାଯାଇଥିଲା ଯେ, ପରିବହନ କମିଶନରଙ୍କ ପକ୍ଷରୁ ୨୦୨୫ ଡିସେମ୍ବର ୨୦ରେ ପେଟ୍ରୋଲ, ଡିଜେଲ ବିକ୍ରି କରୁଥିବା ସମସ୍ତ ତୈଳ କମ୍ପାନୀକୁ ଲେଖାଯାଇଥିବା ଚିଠି ଆଇନ ଅନୁସାରେ ଗ୍ରହଣୀୟ ନୁହେଁ। ଏଥିରେ ମୋଟର ଯାନ ଆଇନ, ୧୯୮୮ ଓ କେନ୍ଦ୍ରୀୟ ମୋଟରଯାନ ନିୟମାବଳୀ, ୧୯୮୯ର ଉଲ୍ଲଂଘନ କରାଯାଇଛି। ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର ନ ଥିଲେ ଟାଙ୍କିରେ ପେଟ୍ରୋଲ ଓ ଡିଜେଲ ଦିଆ ନ ଯିବା ନିଷ୍ପତ୍ତି ଜନସାଧାରଣ ତଥା ଗାଡ଼ି ମାଲିକଙ୍କ ମୌଳିକ ଅଧିକାରର ଉଲ୍ଲଂଘନ କରୁଛି। ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର କରିବାବେଳେ ସମ୍ପୃକ୍ତ ମୋଟରଯାନର ଇ-ଚାଲାଣ ଦେୟ ପ୍ରଦାନ ପାଇଁ ବାଧ କରାଯାଉଛି। ତେଣୁ ଡିସେମ୍ବର ୨୦ର ଚିଠିକୁ ରଦ୍ଦ କରାଯାଉ। ପିୟୁସି ପ୍ରମାଣପତ୍ର ନ ଥିବା ଗାଡ଼ି ମାଲିକଙ୍କୁ ପେଟ୍ରୋଲ କିମ୍ବା ଡିଜେଲ ବିକ୍ରି ନ କରିବା ନିୟମ ସମ୍ପୂର୍ଣ୍ଣ ରୂପେ ଓଡ଼ିଶାର ପ୍ରତ୍ୟେକ ଗାଡ଼ି ମାଲିକଙ୍କ ମୌଳିକ ଅଧିକାରକୁ ଉଲ୍ଲଂଘନ କରୁଥିବା ଆବେଦନକାରୀଙ୍କ ଓକିଲ ଦର୍ଶାଇଥିଲେ। ଏଥିସହିତ ମୋଟର ଯାନ ଆଇନ ସମ୍ବନ୍ଧିତ କୌଣସି ବକେୟା ଚାଲାଣ ଥିଲେ ଗାଡ଼ିର ପ୍ରଦୂଷଣ ନିୟନ୍ତ୍ରଣ ପରୀକ୍ଷା କରାଯାଇପାରିବ ନାହିଁ ବୋଲି ସରକାର ଦେଇଥିବା ନିର୍ଦ୍ଦେଶକୁ ବାଧ୍ୟତାମୂଳକ କରା ନ ଯିବାକୁ ଆବେଦନକାରୀ କୋର୍ଟରେ ଯୁକ୍ତି ବାଢ଼ିଥିଲେ। ଏହି ମାମଲାରେ ବାଣିଜ୍ୟ ଓ ପରିବହନ ସଚିବ, ପରିବହନ କମିଶନର, ଉତ୍କଳ ପେଟ୍ରୋଲିୟମ ଡିଲର ଆସୋସିଏଶନ ଓ ବିଭିନ୍ନ ତୈଳ କମ୍ପାନୀର ଓଡ଼ିଶା ମୁଖ୍ୟଙ୍କୁ ପକ୍ଷଭୁକ୍ତ କରାଯାଇଥିଲା। ☞ପୃଷ୍ଠା-୨


ଆଜିର ସମ୍ପାଦକୀୟ

ପିଲା ଏବେ ଭାବପ୍ରବଣ


# ସ୍ୱାସ୍ଥ୍ୟସେବାରେ ଆଉ ୨୫୦ ଆମ୍ବୁଲାନ୍ସ

## ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

- ଜିଲା ମୁଖ୍ୟ ଚିକିତ୍ସାଳୟରୁ କଟକ ମେଡିକାଲକୁ ନିରନ୍ତର ଆମ୍ବୁଲାନ୍ସ ସେବା ମିଳିବ
- ବିମାନ ଯୋଜନାରେ ଏୟାରଷ୍ଟ୍ରିପ୍‌ରେ ଆମ୍ବୁଲାନ୍ସ ସେବା ବଢ଼ିବ

ଭୁବନେଶ୍ୱର,୧୦।୨(ବନ୍ଦନା ସେଠୀ)

ରାଜ୍ୟ ସ୍ୱାସ୍ଥ୍ୟସେବାରେ ଯୋଡ଼ିହେଲା ଆଉ ୨୫୦ଟି ଆମ୍ବୁଲାନ୍ସ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର କଳିଙ୍ଗ ଷ୍ଟାଡିୟମଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏସବୁ ନୂଆ '୧୦୮ ଆମ୍ବୁଲାନ୍ସ'ର ଲୋକାର୍ପଣ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଲେ, କମ୍ ସମୟରେ ରୋଗୀଙ୍କୁ ହସ୍ପିଟାଲରେ ପହଞ୍ଚାଇ ମୃତ୍ୟୁହାର କମାଇବା ରାଜ୍ୟ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ। ସେଥିପାଇଁ ଆମ୍ବୁଲାନ୍ସ ସେବାକୁ ଅଧିକ ସୁଦୃଢ଼ ଏବଂ କାର୍ଯ୍ୟକ୍ଷମ କରିବା ଦିଗରେ ଲଗାତର ପଦକ୍ଷେପ ନିଆଯାଉଛି। ରାଜ୍ୟର ସବୁ ବ୍ଲକ୍‌ରୁ ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟରୁ କଟକ ବଡ଼ ମେଡିକାଲ ପର୍ଯ୍ୟନ୍ତ ନିରନ୍ତର ଆମ୍ବୁଲାନ୍ସ ସେବା ଜାରି ରଖିବାକୁ ଦ୍ୱିତୀୟ ପର୍ଯ୍ୟାୟରେ ୨୫୦ ଆମ୍ବୁଲାନ୍ସ ସ୍ୱାସ୍ଥ୍ୟ ସେବାରେ ସାମିଲ କରାଯାଇଛି। ଏହାସହିତ ବିମାନବନ୍ଦରରେ ଆମ୍ବୁଲାନ୍ସ ସେବାକୁ ଆହୁରି ବୃଦ୍ଧି କରାଯିବ। ବିମାନ ଯୋଜନା ମାଧ୍ୟମରେ ରାଉରକେଲା ଓ ଜୟପୁର ପରି ଏୟାରଷ୍ଟ୍ରିପ୍‌ରେ ମଧ୍ୟ ଆମ୍ବୁଲାନ୍ସ ସେବା ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

'୧୦୮ ଆମ୍ବୁଲାନ୍ସ ସେବା'ରେ ଉନ୍ନତି ଆଣିବା ସହ କମ୍ ସମୟରେ ରୋଗୀଙ୍କୁ ହସ୍ପିଟାଲ ପହଞ୍ଚାଇବା ଲକ୍ଷ୍ୟରେ ରାଜ୍ୟ ସରକାର ୪୨୮ଟି ନୂଆ ଆମ୍ବୁଲାନ୍ସ କିଣିଛନ୍ତି। ପୂର୍ବରୁ ପ୍ରଥମ ପର୍ଯ୍ୟାୟ ଡିସେମ୍ବର ୨୩ରେ ୧୫୦ଟି ଆମ୍ବୁଲାନ୍ସ ସ୍ୱାସ୍ଥ୍ୟସେବାରେ ନିୟୋଜିତ ହୋଇଥିଲା। ଏହି ସମସ୍ତ ଆମ୍ବୁଲାନ୍ସ ପାଇଁ ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ପ୍ରାୟ ୧୧୧ କୋଟି ଟଙ୍କା ବିନିଯୋଗ କରିଛନ୍ତି। ଏହାକୁ ମିଶାଇ ବର୍ତ୍ତମାନ ଜରୁରିକାଳୀନ ସେବାରେ ସାରା ରାଜ୍ୟରେ ୮୬୬ଟି ଆମ୍ବୁଲାନ୍ସ ନିୟୋଜିତ ହୋଇଛି। ସେହିପରି ଗର୍ଭବତୀ ଏବଂ ଅସୁସ୍ଥ ଶିଶୁଙ୍କ ପାଇଁ 'ଜନନୀ ଏକ୍ସପ୍ରେସ୍' ନାମରେ ଆଉ ୫୦୦ଟି ସ୍ୱତନ୍ତ୍ର ଆମ୍ବୁଲାନ୍ସ ଯୋଗାଇ ଦିଆଯାଉଛି। ବର୍ତ୍ତମାନ ରାଜ୍ୟର ବିଭିନ୍ନ ବିମାନବନ୍ଦର ନିମନ୍ତେ ୫ଟି ଆଡ୍‌ଭାନ୍ସଡ୍ ଲାଇଫ୍ ସପୋର୍ଟ ବା ଏଏଲ୍‌ଏସ୍ ଆମ୍ବୁଲାନ୍ସ ଏବଂ ଝାରସୁଗୁଡ଼ାସ୍ଥିତ କ୍ୟାନ୍‌ସର ହସ୍ପିଟାଲ ପାଇଁ ୨ଟି ଏଏଲ୍‌ଏସ୍ ଆମ୍ବୁଲାନ୍ସ ନିୟୋଜିତ ରହିଛି। ରାଜ୍ୟରେ ଆମ୍ବୁଲାନ୍ସ ଜରିଆରେ ଦିନକୁ ହାରାହାରି ୫ ହଜାରରୁ ଅଧିକ ରୋଗୀଙ୍କୁ ସରକାରୀ ହସ୍ପିଟାଲକୁ ନିଆଯାଉଛି ବୋଲି ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଏକାମ୍ର ବିଧାୟକ ବାବୁ ସିଂ, ସ୍ୱାସ୍ଥ୍ୟ ବିଭାଗ କମିଶନର ତଥା ଶାସନ ସଚିବ ଅଶ୍ୱଥି ଏସ୍, ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶକ ଡ. ବୃନ୍ଦା ଡି ପ୍ରମୁଖ ଉପସ୍ଥିତ ଥିଲେ।

# ୧୩ରେ ରାଜ୍ୟ କ୍ୟାବିନେଟ୍

ଭୁବନେଶ୍ୱର,୧୦।୨(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୨୬-୨୭ ଆର୍ଥିକବର୍ଷ ପାଇଁ ବିଧାନସଭାରେ ବଜେଟ ଅଧିବେଶନ ୧୭ରୁ ଆରମ୍ଭ ହେବ। ଏଥିପାଇଁ ସରକାରଙ୍କ ପକ୍ଷରୁ ବ୍ୟାପକ କସରତ ଗତ ଦେଢ଼ମାସ ଧରି ଚାଲିଛି। ଏହି ପରିପ୍ରେକ୍ଷୀରେ ରାଜ୍ୟବାସୀଙ୍କୁ କିଭଳି ମୌଳିକ ସୁବିଧା ସୁଯୋଗ ହାତପାଆନ୍ତାରେ ମିଳିବ ଏବଂ ଲୋକେ ବିଶେଷ ଭାବେ ଉପକୃତ ହୋଇପାରିବେ ତାହାକୁ ନେଇ ଫେବୃଆରୀ ୧୩ ଅପରାହ୍ନ ୫ଟାରେ ରାଜ୍ୟ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହେବାକୁ ରହିଛି।

ଲୋକସେବା ଭବନର ତୃତୀୟ ମହଲାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁଥିବା ୩୬ତମ ମନ୍ତ୍ରିମଣ୍ଡଳ ବୈଠକ ତଥା ରାଜ୍ୟ କ୍ୟାବିନେଟ ବୈଠକରେ ରାଜସ୍ୱ ବିଭାଗ, ପୂର୍ତ୍ତ ବିଭାଗ, ସ୍ୱାସ୍ଥ୍ୟ ସମେତ ପ୍ରାୟ ୭ ବିଭାଗର ୯ଟି ପ୍ରସ୍ତାବ ଆସିବ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

ସୂଚନା ଅନୁଯାୟୀ, ରାଜ୍ୟ ସରକାରଙ୍କ ପକ୍ଷରୁ ଏଥର ସମସ୍ତ ବିଭାଗର ସଚିବଙ୍କଠାରୁ ଓଡ଼ିଶା ବିକାଶ-୨୦୩୬ ଏବଂ ଭାରତ ବିକାଶ-୨୦୪୭ ଲାଗି ୫ଟି ଲେଖାଏ ପ୍ରସ୍ତାବ ଲୋଡ଼ାଯାଇଥିଲା, ଯେଉଁଥିରେ କି ବିଭାଗୀୟ ସଚିବମାନେ ସରକାରଙ୍କ ଲକ୍ଷ୍ୟ ପୂରଣକୁ ଦୃଷ୍ଟିରେ ☞ପୃଷ୍ଠା-୨

# ଆୟୁଷ ଡାକ୍ତରଙ୍କ ଦରମା ୨୦ରୁ ୪୦ ହଜାର ବଢ଼ିଲା

ଭୁବନେଶ୍ୱର,୧୦।୨(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ କାର୍ଯ୍ୟରତ ଚୁକ୍ତିଭିତ୍ତିକ ଆୟୁଷ ଡାକ୍ତରଙ୍କ ଦରମା ବୃଦ୍ଧି ପାଇଁ ନିଷ୍ପତ୍ତି ନେଇଛନ୍ତି। ରାଜ୍ୟର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆୟୁଷ ଡାକ୍ତରଙ୍କ ଅବଦାନ ପ୍ରତି ଗୁରୁତ୍ୱଦେଇ ତଥା ସେମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଏଭଳି ନିଷ୍ପତ୍ତି ନେଇଥିବା ସୂଚନା ଦିଆଯାଇଛି। ମୁଖ୍ୟମନ୍ତ୍ରୀ ନେଇଥିବା ନିଷ୍ପତ୍ତି ଅନୁଯାୟୀ, ଏନ୍‌ଏଚ୍‌ଏମ୍(ନ୍ୟାଶନାଲ ହେଲ୍‌ଥ ମିଶନ)ରେ କାର୍ଯ୍ୟରତ ଚୁକ୍ତିଭିତ୍ତିକ ଆୟୁଷ ଡାକ୍ତରଙ୍କ ଦରମା ବରିଷ୍ଠତା ଭିତ୍ତିରେ ମାସକୁ ୨୦ ହଜାର ଟଙ୍କାରୁ ୪୦ ହଜାର ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି।

୫ ବର୍ଷରୁ କମ୍ ସମୟ ଅବଧିରେ ସେବାରତ ଆୟୁଷ ଡାକ୍ତରଙ୍କ ଦରମା ମାସକୁ ୨୦ ହଜାର ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ଏହାଦ୍ୱାରା ସେମାନଙ୍କ ସର୍ବନିମ୍ନ ଦରମା ୫୬ ହଜାର ୯୪୮ ଟଙ୍କା ହୋଇଛି। ସେହିପରି ୫ରୁ ୧୦ ବର୍ଷ ମଧ୍ୟରେ ସେବା କରିଥିବା ଡାକ୍ତରଙ୍କ ଦରମା ମାସିକ ୨୫ ହଜାର ଟଙ୍କା ବୃଦ୍ଧି ପାଇଛି। ଏବେ ସେମାନଙ୍କ ଦରମା ୭୪ ହଜାର ୪୬୭ ଟଙ୍କାରେ ପହଞ୍ଚିଛି। ୧୦ରୁ ୧୫ ବର୍ଷ ସେବା ପାଇଁ ମାସକୁ ୩୦ ହଜାର ଟଙ୍କା ପାଉଥିବା ଡାକ୍ତରଙ୍କ ଦରମା ୮୦ ହଜାର ୪୬୭ ଟଙ୍କାରେ ପହଞ୍ଚିଛି। ଯେଉଁମାନେ ୧୫ ବର୍ଷରୁ ଅଧିକ ଦିନ କାମ କଲେଣି ସେମାନଙ୍କ ଦରମା ୪୦ ହଜାର ଟଙ୍କା ବଢ଼ି ୯୧ ହଜାର ୪୬୭ ଟଙ୍କାରେ ପହଞ୍ଚିଛି। ସୂଚନାଯୋଗ୍ୟ, ରାଜ୍ୟରେ ବର୍ତ୍ତମାନ ୨୯୧୨ ଜଣ ଆୟୁଷ ଡାକ୍ତର ସ୍ୱାସ୍ଥ୍ୟସେବାରେ ନିୟୋଜିତ ଅଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏହି ନିଷ୍ପତ୍ତି ଦ୍ୱାରା ସରକାର ବାର୍ଷିକ ପ୍ରାୟ ୧ କୋଟି ଟଙ୍କା ଅଧିକ ବ୍ୟୟ କରିବେ। ଏହି ନିଷ୍ପତ୍ତି ଦ୍ୱାରା ରାଜ୍ୟରେ ଆୟୁଷ ସ୍ୱାସ୍ଥ୍ୟସେବାରେ ଅଧିକ ଉନ୍ନତି ଆସିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକଟ କରିଛନ୍ତି।

ଉଲ୍ଲେଖଯୋଗ୍ୟ, କିଛିଦିନ ତଳେ ୭ ଦଫା ଦାବି ନେଇ ଅଲ୍ ଓଡ଼ିଶା ଆୟୁଷ ଷ୍ଟୁଡେଣ୍ଟ ଆସୋସିଏଶନ ପକ୍ଷରୁ ପ୍ରତିବାଦ କରାଯାଇଥିଲା। ଏପରିକି ଅହୋରାତ୍ର ଧାରଣା ମଧ୍ୟ ଦିଆଯାଇଥିଲା। ଶେଷରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ବସିବା ସହ ଦାବି ପୂରଣର ପ୍ରତିଶ୍ରୁତି ଦିଆଯାଇଥିଲା। ସ୍ୱାସ୍ଥ୍ୟମନ୍ତ୍ରୀ ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନାକରି ଖୁବ୍‌ଶୀଘ୍ର ନିଷ୍ପତ୍ତି ନେବେ ବୋଲି କହିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ମଙ୍ଗଳବାର ମୁଖ୍ୟମନ୍ତ୍ରୀ ଆୟୁଷ ଡାକ୍ତରମାନଙ୍କ ଦରମା ବୃଦ୍ଧି ସମ୍ପର୍କିତ ନିଷ୍ପତ୍ତି ନେଇ ଘୋଷଣା କରିଛନ୍ତି।

# ୩ ଘଣ୍ଟା ମଧ୍ୟରେ ହଟିବ ଆପତ୍ତିଜନକ କଣ୍ଟେଣ୍ଟ

## ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ପାଇଁ ନୂଆ ନିୟମ

ନୂଆଦିଲ୍ଲୀ,୧୦।୨

ସୋସିଆଲ ମିଡିଆ ଏବଂ ଅନ୍ୟାନ୍ୟ ଡିଜିଟାଲ୍ ପ୍ଲାଟ୍‌ଫର୍ମରେ ପୋଷ୍ଟ କରାଯାଉଥିବା ଏଆଇ( କୃତ୍ରିମ ବୁଦ୍ଧିମତ୍ତା) ଆଧାରିତ କଣ୍ଟେଣ୍ଟ ଏବଂ ଭିଜୁଆଲ୍ ଓ ଅଡିଓ ଆଦିକୁ ସୁନିୟନ୍ତ୍ରିତ କରିବା ଲାଗି କେନ୍ଦ୍ର ସରକାର ନୂଆ ନିୟମ ଆଣିଛନ୍ତି। ଇନ୍‌ଷ୍ଟାଗ୍ରାମ୍, ୟୁଟ୍ୟୁବ୍, ଫେସ୍‌ବୁକ୍ ଭଳି ସୋସିଆଲ ମିଡିଆ ସମେତ ଅନ୍ୟାନ୍ୟ ଡିଜିଟାଲ ମିଡିଆ ପ୍ଲାଟ୍‌ଫର୍ମ ପାଇଁ ରହିଥିବା



ନିୟମରେ ସଂଶୋଧନ ଆଣି ଆଇଟି (ଇଣ୍ଟରମିଡିଆରି ଗାଇଡ୍‌ଲାଇନ୍ସ ଆଣ୍ଡ ଡିଜିଟାଲ ମିଡିଆ ଏଥିକ୍ସ କୋଡ୍) ସଂଶୋଧନ ନିୟମ, ୨୦୨୬ ଚଳିତ ମାସ ୨୦ ତାରିଖରୁ ଲାଗୁ କରିବାକୁ କେନ୍ଦ୍ର ସରକାର ସୋମବାର ଘୋଷଣା କରିଛନ୍ତି। ଏହି ନୂଆ ନିୟମ ଅନୁସାରେ ପ୍ରଥମଥର ଲାଗି ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ ☞ପୃଷ୍ଠା-୨




# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଘୁମୁସର ଉତ୍ସବ-୨୦୨୬, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଷ୍ଟେଟ୍ ୟୁନିଅନ୍ ଅଫ୍ ଜର୍ଣ୍ଣାଲିଷ୍ଟସ୍ ଓଡ଼ିଶା' ର ୬ଷ୍ଠ ବାର୍ଷିକ ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୧ଟା।

**କଟକ**
- ୧୭ ତମ ଫଗୁଲ ସ୍ମାରକୀ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ, ସ୍ଥାନ: ଇନ୍ଦିରାଗାନ୍ଧୀ ମିନି ଷ୍ଟାଡିୟମ,ପଙ୍କାଳ, ତିଗିରିଆ, ସମୟ: ଅପରାହ୍ନ ୩ଟା।

**ବାଲେଶ୍ୱର**
- ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦ୍‌ଘାଟନୀ ଦିବସ, ସ୍ଥାନ: ନୀଳମଣି ମହାବିଦ୍ୟାଳୟ, ରୂପ୍‌ସା, ସମୟ: ସକାଳ ୯ଟା।
- ବାଟି ହାଇସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ବାଟି, ସିମୁଳିଆ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ, ସ୍ଥାନ: ପଦ୍ମାବତୀ ପାର୍କ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଆଇନ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ନ୍ୟୁ କ୍ୟାମ୍ପସ, ବଣପାରିଆ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଦକ୍ଷତା ବିକାଶ କାର୍ଯ୍ୟକ୍ରମ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ମହିଳା ସୁରକ୍ଷା ଆଇନ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଗେଟେଶ୍ୱର ସଂସ୍କୃତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ମହାବିଦ୍ୟାଳୟ ପରିସର, ଔପଦା, ସମୟ: ମଧ୍ୟାହ୍ନ ୧୨ଟା।
- ଭାଗବତ କଥାମୃତ ପ୍ରବଚନ ସଭା, ସ୍ଥାନ: ଗୋଚ୍ଛାୟତ କମ୍ପ୍ଲେକ୍ସ, ରୂପ୍‌ସା, ସମୟ: ସନ୍ଧ୍ୟା ୬ଟା।
- ରୂପ୍‌ସା ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ପୋଡାଡିହା ମହୋତ୍ସବ ପଡିଆ, ରୂପସା, ସମୟ: ସନ୍ଧ୍ୟା ୬ଟା।

**ଭଦ୍ରକ**
- ୟୁଜିଏମ୍‌ଇ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ଓଡ଼ାପାଟଣା, ବନ୍ତ, ସମୟ: ପୂର୍ବାହ୍ନ ୧୧ଟା।
- ପଞ୍ଚାୟତ ସମିତି ବୈଠକ, ସ୍ଥାନ: ବ୍ଲକ୍ କାର୍ଯ୍ୟାଳୟ ପରିସର ନୀଳମଣି ସଭାଗୃହ, ତିହିଡ଼ି, ସମୟ: ପୂର୍ବାହ୍ନ ୧୧ଟା।
- ଭାଜପା ପକ୍ଷରୁ କେନ୍ଦ୍ରୀୟ ବଜେଟ୍-୨୦୨୬ କୃଷକ ସମ୍ବାଦ କାର୍ଯ୍ୟକ୍ରମ, ସ୍ଥାନ: ଦୁର୍ଗାପଡ଼ିଆ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୧ଟା।
- ତିହିଡ଼ି ମହୋତ୍ସବର ୪ର୍ଥ ସନ୍ଧ୍ୟା, ସ୍ଥାନ: କାଳୀପଡ଼ିଆ, ତିହିଡ଼ି, ସମୟ: ଅପରାହ୍ନ ୫ଟା।

**କେନ୍ଦୁଝର**
- ୱାନ ଡେ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ, ସ୍ଥାନ : ନାହା, ହାଟଡ଼ିହୀ, ସମୟ : ପୂର୍ବାହ୍ନ ୧୦ ଟା।
- କୃଷି ଯନ୍ତ୍ରପାତି ମେଳା, ସ୍ଥାନ: କୃଷି ବିଭାଗ, ଚମ୍ପୁଆ, ସମୟ: ମଧ୍ୟାହ୍ନ ୧୧ଟା।
- ୫ମ ବାର୍ଷିକୀ ବ୍ଲକ୍‌ସ୍ତରୀୟ କଳାକାର ସମ୍ମିଳନୀ, ସ୍ଥାନ: ହାଟଡ଼ିହୀ, ଚମାରତିରା, ସମୟ: ପୂର୍ବାହ୍ନ ୧୧ଟା।
- ୮୦୦ ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କୁ ନେଇ ପୁରୀ ଗସ୍ତ, ସ୍ଥାନ: ଯୋଡ଼ା, ସମୟ: ମଧ୍ୟାହ୍ନ ୧୨ଟା।

**ମୟୂରଭଞ୍ଜ**
- ମେଘାସନୀ ମହୋତ୍ସବ ଓ ସୁଭଦ୍ରା ଶକ୍ତି ମେଳା, ସ୍ଥାନ: କଲେଜ ପଡ଼ିଆ ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ସ୍ୱାଧୀନତା ସଂଗ୍ରାମୀ ବାବା ତିଲିକା ମାଝୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ,ସ୍ଥାନ: ସିନ୍ଦୁରକୁଇଲି, ଉଦଳା, ସମୟ:ଅପରାହ୍ନ ୩ଟା।
- ସ୍ୱାମୀ ମୁକୁନ୍ଦାନନ୍ଦଙ୍କ ଆଧ୍ୟାତ୍ମିକ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ରାଇରଙ୍ଗପୁର ମହତାବ ଭବନ,ସମୟ: ଅପରାହ୍ନ ୫ଟା୩୦।

**ବ୍ରହ୍ମପୁର**
- ୩ୟ ଜିଲା ସ୍ୱାସ୍ଥ୍ୟ ମହୋତ୍ସବ,ସ୍ଥାନ: ଖଲ୍ଲିକୋଟ କଲେଜ ପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ସିଟି ହାଇସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ସିଟି ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୧ଟା।

**ଢେଙ୍କାନାଳ**
- ଶରଣ ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିରର ପ୍ରତିଷ୍ଠା ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଏକଘରିଆ, ଓଡ଼ାପଡ଼ା ବ୍ଲକ, ସମୟ: ଅପରାହ୍ନ ୩ଟା ୩୦ମିନିଟ।

**ଅନୁଗୋଳ**
- ବୁଢା ଠାକୁରଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଛେଣ୍ଡିପଦା ବ୍ଲକର ପରା, ସମୟ: ସକାଳ ୭ଟା।

**ଜଗତ୍‌ସିଂହପୁର**
- ପାରାଦୀପ କଲେଜ ଏନ୍‌ସିସି ଛାତ୍ରୀମାନଙ୍କୁ ନେଇ ଜାତୀୟ ସେବା ଦିବସ କାର୍ଯ୍ୟକ୍ରମ, ସ୍ଥାନ: କଲେଜ ଛକ, ନୂଆବଜାର, ପାରାଦୀପ, ସମୟ: ସକାଳ ୯ଟା।

**ଯାଜପୁର**
- ଜିଲାସ୍ତରୀୟ ରାଜସ୍ୱ ଅଧିକାରୀଙ୍କ ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

**ନୟାଗଡ଼**
- ଦ୍ୱାଦଶ ବାର୍ଷିକ ନବାହ୍ନ ପାରାୟଣ ମାନସ ପ୍ରବଚନ ଓ ଜ୍ଞାନଯଜ୍ଞର ନବମ ଦିବସରେ ଲକ୍ଷ୍ମଣ ଶକ୍ତିଭେଦ, ରାବଣ ବଧ, ଭରତ ଓ ହନୁମାନ ମିଳନ ଉପରେ ପ୍ରବଚନ, ସ୍ଥାନ:ଖଣ୍ଡପଡା ବ୍ଲକ ମର୍ଦ୍ଧରାଜପୁର ଶ୍ରୀ ଶ୍ରୀ ମୁଣ୍ଡିଆ ହନୁମାନ ପୀଠ ମୁକ୍ତିକ୍ଷେତ୍ର, ଭୋର ୬ଟାରୁ ରାତି ୯ଟା।
- ଭୈମୀ ଏକାଦଶୀ ମେଳାର ୧୪ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ, ସମୟ: ସକାଳ ୭ଟା।
- ଜାମାଲାଗି ବେଶର ୨୦ ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ:ସକାଳ ୭ଟା।
- ମଣ୍ଡଳସ୍ତରୀୟ ଶିକ୍ଷକ ପ୍ରଶିକ୍ଷଣ ଶିବିର ପ୍ରବୋଧନର ୨ୟ ପର୍ଯ୍ୟାୟର ୩ୟ ଦିବସ, ସ୍ଥାନ: ନୟାଗଡ଼ ପିଏମ୍‌ଶ୍ରୀ ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟ,ସମୟ: ପୂର୍ବାହ୍ନ :୧୦ଟା।
- ମଣ୍ଡଳସ୍ତରୀୟ ଶିକ୍ଷକ ପ୍ରଶିକ୍ଷଣ ଶିବିର ପ୍ରବୋଧନର ୨ୟ ପର୍ଯ୍ୟାୟର ୩ୟ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକ ଖଳିସାହି ଲିଙ୍ଗରାଜ ହାଇସ୍କୁଲ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- କୃଷକଙ୍କ ସମସ୍ୟା ଓ ରାଜ୍ୟରେ ସୃଷ୍ଟି ହେଉଥିବା ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ବିରୋଧରେ ବିଜେଡିର ଶୋଭାଯାତ୍ରା ଓ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ, ସ୍ଥାନ:ନୟାଗଡ଼ ଖେଳ ପଡିଆରୁ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବାଲ୍ୟ ବିବାହ ମୁକ୍ତିରଥର ଉଦ୍‌ଘାଟନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ମହିଳା ମହାବିଦ୍ୟାଳୟର ୪୫ତମ ବାର୍ଷିକ ଉତ୍ସବ , ସ୍ଥାନ: ନୟାଗଡ଼ ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟ, ସମୟ:ଅପରାହ୍ନ ୪ଟା।

**ରାୟଗଡ଼ା**
- ବଜେଟକୁ ନେଇ ଜିଲା ଭାଜପାର ଖବରଦାତା ସମ୍ମିଳନୀ, ସ୍ଥାନ: ଜିଲା ଭାଜପା କାର୍ଯ୍ୟାଳୟ, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୧ଟା ।
- ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ଟିଟିମିରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗୁଣପୁର ବ୍ଲକ, ସମୟ: ମଧ୍ୟାହ୍ନ ୧୨ ଟା।
- ପିଏମ୍‌ଶ୍ରୀ ବାଳିକା ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ଉମ୍ବସରା, ଗୁଣପୁର ବ୍ଲକ୍, ସମୟ: ଅପରାହ୍ନ ୫ଟା।

**ନବରଙ୍ଗପୁର**
- ସରକାରୀ ନୋଡାଲ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ବାର୍ଷିକ ମହୋତ୍ସବ, ସ୍ଥାନ: ଝରିଗାଁ ସରକାରୀ ନୋଡାଲ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ସମୟ: ସକାଳ ୯ଟା ୪୫।
- ପଣ୍ଡିତ ଦିନଦୟାଲ ଉପାଧ୍ୟାୟଙ୍କ ପୁଣ୍ୟତିଥି ଅବସରରେ ସମର୍ପଣ ଦିବସ, ସ୍ଥାନ: ଉମରକୋଟ ଭାଜପା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଶହୀଦ ବଗା ପୂଜାରୀଙ୍କ ଆତ୍ମ ବଳିଦାନ ଦିବସ, ସ୍ଥାନ: ଉମରକୋଟ ବଡ଼ଭରଣ୍ଡୀ, ସମୟ: ପୂର୍ବାହ୍ନ ୧୧ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ, ସ୍ଥାନ: ଉମରକୋଟସ୍ଥିତ ସ୍କୁଲ ପରିସର, ସମୟ: ସନ୍ଧ୍ୟା ୬ଟା।

**କୋରାପୁଟ**
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: କୁନ୍ଦୁରା ବ୍ଲକ୍ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଭାଜପାର ଦିନ ଦୟାଲ ଉପାଧ୍ୟାୟଙ୍କୁ ସମର୍ପଣ ଦିବସ ପାଳନ, ସ୍ଥାନ: ଭାଜପା କାର୍ଯ୍ୟାଳୟ, କୁନ୍ଦୁରା, ସମୟ: ପୂର୍ବାହ୍ନ ୧୧ଟା।
- ବିଜୁ ପଟ୍ଟନାୟକ ସ୍ନାତକ ମହାବିଦ୍ୟାଳୟ ରଜତ ଜୟନ୍ତୀ ଉଦ୍‌ଯାପନୀ, ସ୍ଥାନ: କୁନ୍ଦୁରା, ସମୟ: ଅପରାହ୍ନ ୫ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ, ସ୍ଥାନ: ବୈପାରୀଗୁଡ଼ା, ସମୟ: ଅପରାହ୍ନ ୫ଟା ୪୫।

**ସମ୍ବଲପୁର**
- ବୁଢ଼ାରାଜା ବାଳିକା ଉଚ୍ଚବିଦ୍ୟାଳୟ ପକ୍ଷରୁ ମାଟ୍ରିକ ପରୀକ୍ଷାର୍ଥୀଙ୍କ ସକାଶେ ସ୍ୱତନ୍ତ୍ର ଆଶୀର୍ବାଦ ସମାରୋହ, ସ୍ଥାନ: ଦେହେରିପାଲି ସ୍ଥିତ ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ସମ୍ବଲପୁର ଜିଲା ବରିଷ୍ଠ କ୍ରୀଡା ସଂଘ ପକ୍ଷରୁ ତୃତୀୟ ଆନ୍ତଃଜିଲା ଫୁଟବଲ ଟୁର୍ଣ୍ଣାମେଣ୍ଟରେ ବଲାଙ୍ଗୀର ଜିଲା ଓ ବରଗଡ ଜିଲାର ମ୍ୟାଚ, ସ୍ଥାନ: ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା।
- ହୀରାକୁଦ କ୍ରୀଡାସଂଘ ପକ୍ଷରୁ ସମ୍ବଲପୁର ଓ ସୁନ୍ଦରଗଡ଼ ମହିଳା ପ୍ରଦର୍ଶନୀ ଫୁଟବଲ ମ୍ୟାଚ, ସ୍ଥାନ: ହୀରାକୁଦ ସ୍ଥିତ ସୁଭାଷ ମଇଦାନ, ସମୟ: ଅପରାହ୍ନ ୩ଟା।
- ସମ୍ବଲପୁର ଶ୍ରମିକ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଧର୍ମଘଟ ସକାଶେ ଶୋଭାଯାତ୍ରା, ସ୍ଥାନ: ବୀରସୁରେନ୍ଦ୍ର ସାଏ ମାର୍ଗ, ସମୟ: ଅପରାହ୍ନ ୪ଟା।

**ରାଉରକେଲା**
- ଟିପିଡବ୍ଲୁଓଡିଏଲ ପକ୍ଷରୁ ପୁରସ୍କାର ବିତରଣୀ ଉତ୍ସବ, ସ୍ଥାନ: ଉଦିତ ନଗର ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ରାଉରକେଲା ଆଇନ ମହାବିଦ୍ୟାଳୟର କ୍ରୀଡା ଉତ୍ସବର ଉଦଯାପନୀ ସମାରୋହ, ସ୍ଥାନ: ସେକ୍ଟର-୨୧, ସମୟ: ପୂର୍ବାହ୍ନ ୧୧ଟା।
- ଆର୍‌ଏସ୍‌ପି ପ୍ରାୟୋଜିତ ପୁସ୍ତକ ମହୋତ୍ସବର ୯ମ ସନ୍ଧ୍ୟା କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୫ ଭଞ୍ଜ ଭବନ ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା।

**ସୁନ୍ଦରଗଡ଼**
- ଜିଲା ମହୋତ୍ସବ ଯତ୍‌ରା ଓ ସୁଭଦ୍ରା ଶକ୍ତି ମେଳାର ଚତୁର୍ଥ ଦିବସ, ସ୍ଥାନ: ସୁନ୍ଦରଗଡ଼ ସରକାରୀ କଲେଜ ସମ୍ମୁଖ ଯତ୍‌ରା ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

**ବରଗଡ଼**
- ଶିକ୍ଷକ ଦକ୍ଷତା ତାଲିମ ଶିବିର, ସ୍ଥାନ: ସମଲେଶ୍ୱରୀ ଉଚ୍ଚ ବିଦ୍ୟାଳୟ, ଅମ୍ବାପାଲି, ବରଗଡ଼,ସମୟ:ପୂର୍ବାହ୍ନ ୧୦ଟା।
- ଶିକ୍ଷକ ପ୍ରଶିକ୍ଷଣ ଶିବିର, ସ୍ଥାନ:ବ୍ଲକ ଶିକ୍ଷା ଅଧିକାରୀଙ୍କ ସଭାକକ୍ଷ, ଅମ୍ବାଭୋନା, ସମୟ:ପୂର୍ବାହ୍ନ ୧୦ଟା।

**କଳାହାଣ୍ଡି**
- ଭିବି ଜି ରାମ ଜି ସଚେତନତା କର୍ମଶାଳା, ସ୍ଥାନ: କଳାହାଣ୍ଡି ଜିଲା କର୍ଲାମୁଣ୍ଡା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୧ତମ ବାର୍ଷିକ ଉତ୍ସବ, ସ୍ଥାନ: କର୍ଲାମୁଣ୍ଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସମୟ: ଅପରାହ୍ନ ୨ଟା।

**ସୁବର୍ଣ୍ଣପୁର**
- ସୋନପୁର କଲେଜର ବାର୍ଷିକ ଉତ୍ସବ ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ:କଲେଜ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ତରଭା ଏଇଏସ କଲେଜର ବାର୍ଷିକ ଉତ୍ସବ, ସ୍ଥାନ: କଲେଜ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ମା' ମଉଳି କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଅଡାଲ, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୧ଟା।
- ତରଭା ବ୍ଲକସ୍ତରୀୟ ଦିବ୍ୟାଙ୍ଗ କ୍ରୀଡା ପ୍ରତିଯୋଗିତା, ସ୍ଥାନ: ଶିବତୁଲା ଭିନ୍ନକ୍ଷମ ବିଦ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା।

**ନୂଆପଡ଼ା**
- ୧୯ତମ ଆର୍‌ଏସ୍‌ସିସି କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପନ, ସ୍ଥାନ: କୋମନା ବ୍ଲକ ତରବୋଡ ସମ୍ଭବ ଖେଳପଡିଆ, ସମୟ: ପୂର୍ବାହ୍ନ ୧୦ଟା।

**ଝାରସୁଗୁଡ଼ା**
- ଭାଗବତ ପଠନ କାର୍ଯ୍ୟକ୍ରମ, ସ୍ଥାନ: ଶିବ ମନ୍ଦିର, ବାଗଡ଼ିହି, ସମୟ: ସକାଳ ୮ଟା।
- ବିଧାନସଭା ଷ୍ଟାଣ୍ଡିଂ କମିଟିର ବୈଠକ, ସ୍ଥାନ: ଜିଲାପାଳଙ୍କ ବୈଠକ ଗୃହ, ବେହେରାମାଳ, ସମୟ: ଅପରାହ୍ନ ୩ଟା।

# ୨୭ ପରେ ଅନୁଦାନ ମନା

### ଅର୍ଥ ବିଭାଗର ଲକ୍ଷ୍ମଣରେଖା

ଭୁବନେଶ୍ୱର,୧୦।୨(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ଚଳିତ ମାସ ୧୭ରୁ ଆରମ୍ଭ ହେବାକୁଥିବା ବଜେଟ ଅଧିବେଶନକୁ ଦୃଷ୍ଟିରେ ରଖି ଅର୍ଥ ବିଭାଗ ପକ୍ଷରୁ ସବୁ ବିଭାଗ ପାଇଁ ଅର୍ଥ ଖର୍ଚ୍ଚାନ୍ତ ସଂକ୍ରାନ୍ତରେ ଏକ ଲକ୍ଷ୍ମଣରେଖା(ଡେଡ୍‌ଲାଇନ୍) ଟଣାଯାଇଛି। ଏନେଇ ମଙ୍ଗଳବାର ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର ଏକ ନିର୍ଦ୍ଦେଶନାମା ସବୁ ବିଭାଗର ସଚିବଙ୍କୁ ପ୍ରଦାନ କରିଛନ୍ତି। ସେଥିରେ ସେ ଦର୍ଶାଇଛନ୍ତି, ବିଭାଗ ପକ୍ଷରୁ ଜାନୁଆରୀ ୧୭ରେ ଏକ ନିର୍ଦ୍ଦେଶନାମା ଜାରି ହୋଇଥିଲା। ନିର୍ଦ୍ଦେଶନାମାରେ ଜାନୁଆରୀ ୩୧ ମଧ୍ୟରେ ଅନୁଦାନ ଆଦେଶ(ସାଙ୍କଶନ ଅର୍ଡର) ଦେବାକୁ କୁହାଯାଇଥିଲା। କାରଣ ଅନୁଦାନ ନିର୍ଦ୍ଦେଶ ଯଦି ଏକ ସମୟରେ ସବୁ ବିଭାଗର ବିଭିନ୍ନ ପ୍ରକଳ୍ପରୁ ଆସିବ ତେବେ ଅର୍ଥ ବିଭାଗ ଏବଂ ରାଜକୋଷ ଉପରେ ଚାପ ପଡ଼ିବ। ଏସବୁକୁ ଦୃଷ୍ଟିରେ ରଖି ବିଭାଗ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଥିଲା। ମାତ୍ର ସରକାରଙ୍କ ନିଷ୍ପତ୍ତିକ୍ରମେ ଏହି ଅବଧିକୁ ବୃଦ୍ଧି କରାଯାଇଛି। ଜାନୁଆରୀ ୩୧ ବଦଳରେ ଫେବୃଆରୀ ୨୭କୁ ବୃଦ୍ଧି କରାଯାଇଛି। ତେବେ ୨୭ ପରେ କୌଣସି ଅନୁଦାନ ଆଦେଶକୁ ବିଚାରକୁ ନିଆଯିବନାହିଁ। ସେହିପରି ଉକ୍ତ ଅବଧି ମଧ୍ୟରେ ସବୁ ବିଭାଗର ଆଲଟମେଣ୍ଟ କାର୍ଯ୍ୟ ଓ ବଳକା ଅର୍ଥ ସମର୍ପଣ(ସରେଣ୍ଡର) କରିବାକୁ ପ୍ରମୁଖ ସଚିବ ପତ୍ରରେ ଦର୍ଶାଇଛନ୍ତି। ସେ ଆହୁରି ଦର୍ଶାଇଛନ୍ତି, କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା ବାବଦରେ ବଜେଟରେ ବ୍ୟବସ୍ଥା ହୋଇଥିବା ଅର୍ଥକୁ ରସିଦ୍ ଜରିଆରେ ସମର୍ପଣ କରିବାର ଆବଶ୍ୟକତା ରହିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଆଲୋ ମୁତୁରୀ ଶୋଇବା,
ତୁ ତ ମୁତୁରୀ, ମୁଁ ତ ମୁତୁରୀ
ହେଁସ କାହିଁପାଇଁ ଧୋଇବା।**

ଯେଉଁଠାରେ ଉଭୟ ପକ୍ଷ ଦୋଷଯୁକ୍ତ ହୋଇଥା'ନ୍ତି, ସେଠାରେ କେହି କାହାର ଦୋଷ ଦୁର୍ବଳତା ଦେଖିବା ଉଚିତ ହୋଇନଥାଏ। ଦୁଇ ସମଭାବାପନ୍ନ ବା ସମସ୍ୱଭାବ ବିଶିଷ୍ଟ ବ୍ୟକ୍ତି ପରସ୍ପର ପ୍ରତି ଆନୁଗତ୍ୟ ପ୍ରଦର୍ଶନ କରୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆଉଁଶିଲା କୁକୁର ମୁହଁରେ ବୋକା।**

ଛୋଟ ଲୋକକୁ ମୁହଁ ଦେଲେ ସିଏ ମୋଟେ କାହାକୁ ଖାତିର କରୁ ନ ଥିବାର ଦେଖିବାକୁ ମିଳିଥାଏ। ଆବଶ୍ୟକତାଠାରୁ ଅଧିକ ଆଦର କଲେ ଧରାକୁ ସରା ମଣିବାରେ ହେଳା କରି ନ ଥାନ୍ତି। ତେଣୁ ଛୋଟ ଲୋକକୁ ପ୍ରଶ୍ରୟ ଦେବା ଅନୁଚିତ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ୨୩,୩୮୭ କନିଷ୍ଠ ଶିକ୍ଷକଙ୍କୁ ପଦୋନ୍ନତି

### ଖୁବ୍‌ଶୀଘ୍ର ପ୍ରଧାନଶିକ୍ଷକ ଭାବେ ନିଯୁକ୍ତି ଦିଆଯିବ

ଭୁବନେଶ୍ୱର,୧୦।୨(ସୁଚିସ୍ମିତା ସାହୁ)

ରାଜ୍ୟ ସରକାରଙ୍କ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ୨୩,୩୮୭ଜଣ କନିଷ୍ଠ ଶିକ୍ଷକଙ୍କୁ ବରିଷ୍ଠ(ଏସ୍‌ଇଏସ୍) ପାହ୍ୟାକୁ ପଦୋନ୍ନତି ଦିଆଯାଇଛି। ସୋମବାର ପ୍ରକାଶ ପାଇଥିବା ଏହି ଚୂଡ଼ାନ୍ତ ତାଲିକାରେ ସମ୍ପୃକ୍ତ ଶିକ୍ଷକଙ୍କ ନାମ ଉଲ୍ଲେଖ କରାଯାଇଛି। ଏ ସଂକ୍ରାନ୍ତରେ ସୂଚନା ଦେଇ ଶିକ୍ଷା ନିର୍ଦ୍ଦେଶକ ବୀରେନ୍ଦ୍ର କୋରକୋରା ପ୍ରକାଶ କରିଛନ୍ତି, ୧୯୯୩ ମସିହା ନିଯୁକ୍ତି ନିୟମ ଅନୁଯାୟୀ ଜୁନିଅର ଏସ୍‌ଇଏସ୍‌ମାନଙ୍କୁ ପଦୋନ୍ନତି ଦିଆଯାଇଛି। ୩୦ଜିଲା ଶିକ୍ଷା ଅଧିକାରୀ(ଡିଇଓ)ଙ୍କଠାରୁ ପଦୋନ୍ନତିପ୍ରାପ୍ତ ଶିକ୍ଷକଙ୍କ ଚରିତ୍ର ପଞ୍ଜିକା ପ୍ରମାଣପତ୍ର(ସିସିଆର୍) ଏବଂ ସମ୍ପତ୍ତି ତାଲିକା ଆସିବା ପରେ ଏମାନଙ୍କୁ ଖାଲିଥିବା ପ୍ରଧାନଶିକ୍ଷକ ପଦବୀରେ ନିଯୁକ୍ତ କରାଯିବ। ଏହି ପ୍ରକ୍ରିୟା ସମ୍ପୂର୍ଣ୍ଣ ସ୍ୱଚ୍ଛ ରହିବ। କନିଷ୍ଠ ଶିକ୍ଷକଙ୍କ ପଦୋନ୍ନତି ନେଇ ବିଭାଗୀୟ ମନ୍ତ୍ରୀ ଓ ସଚିବଙ୍କ ମଧ୍ୟରେ ବିଭିନ୍ନ ପର୍ଯ୍ୟାୟରେ ବୈଠକ ଅନୁଷ୍ଠିତ ହୋଇଥିଲା। ବାରମ୍ବାର ଯାଞ୍ଚ ପରେ ନିର୍ଦ୍ଦେଶାଳୟ ପକ୍ଷରୁ ତାଲିକା ଜାରି କରାଯାଇଛି। ଆଗାମୀ ଦିନରେ ରାଜ୍ୟରେ ଖାଲିଥିବା ଶତାଧିକ ପ୍ରଧାନ ଶିକ୍ଷକ ପଦ ପୂରଣ କରାଯିବ ବୋଲି ସେ କହିଛନ୍ତି। ଉଲ୍ଲେଖଯୋଗ୍ୟ, ବାଲେଶ୍ୱର, ବରଗଡ଼, କଳାହାଣ୍ଡି, କୋରାପୁଟ, ବରଗଡ଼ ଓ ମାଲକାନଗିରି ଜିଲା ଶିକ୍ଷା ଅଧିକାରୀମାନେ ସେମାନଙ୍କ ଜିଲାର ଯୋଗ୍ୟ କନିଷ୍ଠ ଶିକ୍ଷକଙ୍କ ତାଲିକା ଦେବାରେ ବିଳମ୍ବ କରିବାରୁ ପଦୋନ୍ନତି ପ୍ରକ୍ରିୟା ବିଳମ୍ବିତ ହୋଇଥିଲା। ଏହାକୁ ନେଇ କନିଷ୍ଠ ଶିକ୍ଷକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏ ସଂକ୍ରାନ୍ତରେ 'ଧରିତ୍ରୀ'ରେ ବିସ୍ତୃତ ରିପୋର୍ଟ ପ୍ରକାଶ ପାଇବା ପରେ ନିର୍ଦ୍ଦେଶାଳୟ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ତେବେ ତାଲିକା ପ୍ରକାଶ ପାଇଥିବାରୁ କନିଷ୍ଠ ଶିକ୍ଷକ ମହଲରେ ଖୁସିର ଲହରି ଖେଳିଯାଇଛି। ଏଥିପାଇଁ 'ଓଷ୍ଟା' ପକ୍ଷରୁ ସମ୍ପାଦକ ରଞ୍ଜନ ଦାସ ଓ ଅନ୍ୟମାନେ ନିର୍ଦ୍ଦେଶକ କୋରକୋରାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି।




## ପ୍ରଥମ ପୃଷ୍ଠାରୁ...

### ବକେୟା ଚାଲାଣ...

ରାଜ୍ୟ ସରକାରଙ୍କ ପରିବହନ ବିଭାଗ ପକ୍ଷରୁ ସତ୍ୟପାଠ ଦାଖଲ କରାଯାଇଥିଲା। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ରଞ୍ଜନ କୁମାର ରାଉତ ମାମଲା ପରିଚାଳନା କରୁଥିଲେ।

ପ୍ରକାଶ ଯେ, ରାଜ୍ୟ ସରକାର ପ୍ରତ୍ୟେକ ଗାଡ଼ିର ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ରକୁ ବାଧ୍ୟତାମୂଳକ କରିଥିବାବେଳେ ବକେୟା ଚାଲାଣ ଥିଲେ ପିୟୁସି ପ୍ରମାଣ ପତ୍ର ମିଳିପାରିବ ନାହିଁ ବୋଲି ଗତ ଡିସେମ୍ବରରେ ନିର୍ଦ୍ଦେଶନାମା ଜାରି କରିଥିଲେ। ଏପରି କି ପିୟୁସି ପ୍ରମାଣ ପତ୍ର ନ ଥିଲେ ପେଟ୍ରୋଲ ଓ ଡିଜେଲ ମିଳିପାରିବ ନାହିଁ ବୋଲି ପରିବହନ କମିଶନର ତୈଳ କମ୍ପାନୀକୁ ଚିଠି ଲେଖିଥିଲେ। ଏହା ପରେ ସାଧାରଣ ଲୋକମାନେ ପିୟୁସି ପ୍ରମାଣପତ୍ର କରିବା ପାଇଁ ବିଭିନ୍ନ ପ୍ରକାର ଅସୁବିଧାରେ ସମ୍ମୁଖୀନ ହୋଇଥିଲେ। ବିଭିନ୍ନ ବର୍ଗରୁ ଅସନ୍ତୋଷ ଦେଖା ଦେବା ପରେ ରାଜ୍ୟ ସରକାର ଏହାକୁ ପର୍ଯ୍ୟାୟକ୍ରମେ ୨୦୨୬ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ କୋହଳ କରିଥିଲେ। ପରେ ହାଇକୋର୍ଟରେ ଏସମ୍ପର୍କରେ ଜନସ୍ୱାର୍ଥ ମାମଲା ରୁଜୁ ହେବା ପରେ ସରକାର ସାମୟିକ ସମୟ ପାଇଁ ବକେୟା ଚାଲାଣ ଥିଲେ ସୁଦ୍ଧା ପିୟୁସିସି କରିହେବ ବୋଲି ନିର୍ଦ୍ଦେଶ ଦେଇଥିଲେ।

### ୧୩ରେ ରାଜ୍ୟ...

ରଖି ତାଙ୍କର ସୁଚିନ୍ତିତ ପ୍ରସ୍ତାବ ଦେବାକୁ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଜାନୁଆରୀ ପହିଲାରେ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ନେଇ ବିଭାଗୀୟ ସଚିବମାନେ ସେମାନଙ୍କର ସୁଚିନ୍ତିତ ପ୍ରସ୍ତାବମାନ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୨୬ ଜୁନ୍‌ରେ ରାଜ୍ୟର ୨୮ ନୂତନ ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନ୍‌ଏସି) ଏବଂ ୭ଟି ପୌରପାଳିକାର ନିର୍ବାଚନ କରାଯିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିସହ ୨୦୨୭ରେ ପଞ୍ଚାୟତ ନିର୍ବାଚନ ରହିଛି। ଏସବୁ ଦୃଷ୍ଟିରୁ ଆସନ୍ତା ବଜେଟ ଅଧିବେଶନର ବହୁ ଗୁରୁତ୍ୱ ରହିଛି। କେନ୍ଦ୍ର ବଜେଟର ଝଲକ ରାଜ୍ୟ କ୍ୟାବିନେଟରେ ମଧ୍ୟ ଦେଖିବାକୁ ମିଳିବ ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

### ୩ ଘଣ୍ଟା ମଧ୍ୟରେ...

ପୋଷ୍ଟ କରାଯାଉଥିବା ଏଆଇ(କୃତ୍ରିମ ବୁଦ୍ଧିମତ୍ତା) ଦ୍ୱାରା ପ୍ରସ୍ତୁତ କଣ୍ଟେଣ୍ଟ, ଡିପ୍‌ଫେକ୍ ଭିଡିଓ, ସିନ୍ଥେଟିକ୍ ଅଡିଓ ଏବଂ ପରିବର୍ତ୍ତିତ ଭିଜୁଆଲ୍ ଆଦିକୁ ଗୋଟିଏ ଫ୍ରେମ୍‌ୱାର୍କରେ ରଖାଯାଇ ନିୟନ୍ତ୍ରଣ କରାଯିବ। କେନ୍ଦ୍ର ସରକାରଙ୍କ ଏହି ପରିବର୍ତ୍ତିତ ଏବଂ ସଂଶୋଧିତ କାର୍ଯ୍ୟଧାରାରେ ସମସ୍ତ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଏବଂ ଡିଜିଟାଲ୍ ବ୍ୟବସ୍ଥାରେ କାର୍ଯ୍ୟ କରୁଥିବା ସଂସ୍ଥା ଏସ୍‌ଜିଆଇ(ସିନ୍ଥେଟିକାଲି ଜେନେରେଟେଡ୍ ଇନ୍‌ଫର୍ମେସନ)କୁ ଲେବୁଲଯୁକ୍ତ କରିବେ ଏବଂ ୩ ଘଣ୍ଟା ମଧ୍ୟରେ ଆପତ୍ତିଜନକ ପୋଷ୍ଟ ହଟାଇବାକୁ ବାଧ୍ୟ ହେବେ। ସମସ୍ତ ସୋସିଆଲ୍ ମିଡିଆ ପ୍ଲାଟ୍‌ଫର୍ମ ନିୟମିତ ଏବଂ ସ୍ଥାୟୀ ଭାବେ ମେଟା ସମ୍ପର୍କରେ ତଥ୍ୟ ଦେବେ , ଯଦ୍ୱାରା ଯେକୌଣସି କଣ୍ଟେଣ୍ଟର ମୂଳଉତ୍ସକୁ ଖୋଜିବାରେ ସହଜ ହେବ। ମଧ୍ୟସ୍ଥ ସହଯୋଗୀ ଭାବେ କାର୍ଯ୍ୟ କରୁଥିବା ସଂସ୍ଥା ପ୍ରାଥମିକ ଲେବୁଲ କିମ୍ବା ମେଟା ଡାଟାକୁ ହଟାଇପାରିବେ ନାହିଁ କି ଏହାକୁ ଗୋପନ ରଖିପାରିବେ ନାହିଁ। ସେହିପରି ସମସ୍ତ ପ୍ଲାଟଫର୍ମ କୌଣସି ପୋଷ୍ଟ ଅପ୍‌ଲୋଡ୍ କରିବା ପୂର୍ବରୁ ୟୁଜରଙ୍କଠାରୁ ଘୋଷଣାପତ୍ର ଗ୍ରହଣ କରିବେ। ପୋଷ୍ଟ କରାଯାଉଥିବା କଣ୍ଟେଣ୍ଟ ସିନ୍ଥେଟିକ୍ ବ୍ୟବସ୍ଥାରେ ପ୍ରସ୍ତୁତ ହୋଇଛି କି ଏଆଇ ଦ୍ୱାରା ପ୍ରସ୍ତୁତ ହୋଇଛି ତାହାକୁ ନିଶ୍ଚିତ କରିବେ ବୋଲି ନୂଆ ନିୟମରେ ଉଲ୍ଲେଖ ରହିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ରବିଙ୍କ ସହ ମଙ୍ଗଳଙ୍କ ସଂଯୋଗ ଦୈହିକ ସୁସ୍ଥତା, ପାରିବାରିକ ଶାନ୍ତି ଏବଂ ଆଲୋଚନା ସକାଶେ ଅନୁକୂଳ ରହିବ। ବିଶିଷ୍ଟବ୍ୟକ୍ତିଙ୍କ ଗହଣରେ ସମ୍ବର୍ଦ୍ଧିତ ହେବାର ସୌଭାଗ୍ୟ ପାଇବେ। ସ୍ଥଗିତ କର୍ମାରମ୍ଭ, ବ୍ୟବସାୟିକ ସଫଳତା, ମାଙ୍ଗଳିକ କାର୍ଯ୍ୟର ପ୍ରସ୍ତୁତି କରିପାରନ୍ତି। ପଡ଼ୋଶୀଙ୍କ ସହ ସମ୍ପର୍କହାନି ଯୋଗୁ ମନ ଭାରାକ୍ରାନ୍ତ ରହିବ।

**ବୃଷ** ଆଜିର ଯାତ୍ରା, ବାଣିଜ୍ୟ, ବନ୍ଧୁସମ୍ପର୍କ, ଆଲୋଚନାଦି ପ୍ରୀତିପ୍ରଦ ରହିବ। କିନ୍ତୁ ରୋହିଣୀ କାମଗୁଡ଼ିକ ସମ୍ପନ୍ନ କରିବାରେ ବହୁତ ତକଲିଫି ଭୋଗ କରିବାକୁ ପଡ଼ିପାରେ। ଅବଶ୍ୟ ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟ କ୍ଷେତ୍ରରେ ଲାଭବାନ ହେବେ। ଭଲ ସମ୍ପର୍କ ନ ଥିବା ବ୍ୟକ୍ତିଙ୍କ ଆକ୍ଷେପୋକ୍ତିକୁ ଠିକ୍ ଭାବେ ବୁଝିପାରିବେ ନାହିଁ।

**ମିଥୁନ** ଯେକୌଣସି ପରିସ୍ଥିତି ହେଉନା କାହିଁକି ଲକ୍ଷ୍ୟ ହାସଲରେ ଅସୁବିଧା ହେବନାହିଁ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରି ସ୍ଥଗିତ କାର୍ଯ୍ୟକୁ ପୂରା କରିପାରନ୍ତି। ପୁନର୍ବସୁ ନକ୍ଷତ୍ର ଯେତେ ଭଲ କାମ କଲେ ମଧ୍ୟ ଅଭିଯୋଗ ପାଇବେ। ପ୍ରଶାସନିକ, ପରିବହନ, ବ୍ୟବସାୟ, ନିର୍ମାଣ କ୍ଷେତ୍ରରେ ଦୁଃସାହସିକ ପଦକ୍ଷେପ ନେଇପାରନ୍ତି।

**କର୍କଟ** ଆଜି ଉନ୍ନତ ଚିନ୍ତାଧାରାସମ୍ପନ୍ନ ବିଶିଷ୍ଟ ବ୍ୟକ୍ତିଙ୍କ ସହ ଯୋଗସୂତ୍ର ସ୍ଥାପନର ସୁଯୋଗ ପ୍ରାପ୍ତ ହେବ। ଶତ୍ରୁମାନଙ୍କର ସମସ୍ୟା ସୃଷ୍ଟି ମନକୁ ଭାରାକ୍ରାନ୍ତ କରିପାରେ। ଅଶ୍ଳେଷା ନକ୍ଷତ୍ର ସକାଶେ କର୍ମକ୍ଷେତ୍ରରେ ଦାୟିତ୍ୱ ବୃଦ୍ଧି ଯୋଗୁ ବ୍ୟସ୍ତତା ଅନୁଭବ କରିପାରନ୍ତି। ବନ୍ଧୁଙ୍କ ନିକଟରେ ଦୀର୍ଘଦିନରୁ ରହିଯାଇଥିବା ବକେୟା ପାଇପାରନ୍ତି।

**ସିଂହ** ଚତୁର୍ଥସ୍ଥ ଚନ୍ଦ୍ର ପାରିବାରିକ ସମ୍ପର୍କକୁ ନଷ୍ଟକଲେ ମଧ୍ୟ କର୍ମକ୍ଷେତ୍ର ସକାଶେ ଉନ୍ନତ ସ୍ଥିତି ପ୍ରଦାନ କରିବ। ପାରିପାର୍ଶ୍ୱିକ କ୍ଷେତ୍ରରେ ବ୍ୟତିକ୍ରମ ଦେଖିବା ପରେ ଅନ୍ୟମାନଙ୍କ ପ୍ରତି ଭଲ ଧାରଣା ହ୍ରାସ ପାଇପାରେ। ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ରର ବିଭିନ୍ନ ଯୋଜନା କରିବାର ଚେଷ୍ଟା ସଫଳ ହେବ। ଯାତ୍ରା, ବାଣିଜ୍ୟ ଓ ବ୍ୟବସାୟିକ ସ୍ଥିତି ଭଲ ରହିବ।

**କନ୍ୟା** ଚନ୍ଦ୍ର ସହ ବୃହସ୍ପତିଙ୍କ ଷଡାଷ୍ଟକ ସ୍ଥିତି ଲୋକସମ୍ପର୍କ ହ୍ରାସ କରିପାରେ। ସାମାଜିକ ସ୍ତରରେ କିଛିଟା ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ। ସମସ୍ୟା ରହିଥିଲେ ମଧ୍ୟ ବୁଝିବିଚାରି କାମ କରିବା ସଙ୍ଗକୁ ଅବସ୍ଥା ଦେଖି ବ୍ୟବସ୍ଥା କରିବା ଭଲ ହେବ। ଉତ୍ତରାଫାଲଗୁନୀ ନକ୍ଷତ୍ର ସକାଶେ ଅନ୍ୟମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ବନ୍ଧୁ ଈର୍ଷା କରିପାରନ୍ତି।

**ତୁଳା** କର୍ମାଧିପତିଙ୍କ ଧନାଧିପତିଙ୍କ ସହ କେନ୍ଦ୍ରାବସ୍ଥାନ ଅର୍ଥପ୍ରାପ୍ତି ସହ ପଦାଧିକାରୀଙ୍କ ପ୍ରୀତିଭାଜନ କରାଇବ। ବିଶାଖା ନକ୍ଷତ୍ର ସକାଶେ ନିଜ ଲୋକଙ୍କ ବିରୁଦ୍ଧାଚରଣ ପରିବେଶକୁ ସରଗରମ କରିବ। ବ୍ୟବସାୟିକ, ସାମାଜିକ, ଅଭିବୃଦ୍ଧି ବଢ଼ିବାରୁ ଖୁସି ରହିବେ। ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି କାରଣରୁ ଶିଳ୍ପ ଓ ବାଣିଜ୍ୟରେ ପ୍ରତିବନ୍ଧକର ସମ୍ମୁଖୀନ ହେବାକୁ ପଡ଼ିବ।

**ବିଛା** ମଙ୍ଗଳ କର୍ମାଧିପତିଙ୍କ ସହ ଅବସ୍ଥାନ କରିଥିବାରୁ ଦୃଢ଼ ପଦକ୍ଷେପ ନେଇ ସ୍ଥଗିତକାର୍ଯ୍ୟ ସମ୍ପନ୍ନ କରିପାରନ୍ତି। ଅନୁରାଧା ନକ୍ଷତ୍ରର କର୍ମକ୍ଷେତ୍ର ସମସ୍ୟାବହୁଳ ହେବ। ସହକର୍ମୀ ସମସ୍ୟା ସୃଷ୍ଟି କଲେ ମଧ୍ୟ କିଛି ଅସୁବିଧା ହେବନି। ଚେଷ୍ଟା କରୁଥିବା କାର୍ଯ୍ୟ, ସାହିତ୍ୟ, ସଙ୍ଗୀତ, ବ୍ୟବସାୟ କ୍ଷେତ୍ରରେ ସମସ୍ୟାଜନିତ କେତେକ ପରିସ୍ଥିତିରୁ ଚିନ୍ତିତ ରହିବେ।

**ଧନୁ** ଅସଜଡ଼ା ପାରିବାରିକ ପରିସ୍ଥିତି ସହ କର୍ମକ୍ଷେତ୍ରରେ କଳହକୁ ନେଇ ଅଶାନ୍ତି ଲାଗିରହିପାରେ। ଜମିଜମା, କଚେରି ମାମଲା, ରାଜନୈତିକ କ୍ଷେତ୍ର ପ୍ରଭୃତିରେ ସମସ୍ୟା ସମାଧାନ ହେବ। ଉତ୍ତରାଷାଢ଼ା ନକ୍ଷତ୍ରର ଶିକ୍ଷା, ଅଧ୍ୟାପନା କ୍ଷେତ୍ରରେ ସମସ୍ୟା ଦୂର ହେବ। ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହୋଇପାରନ୍ତି।

**ମକର** ବନ୍ଧୁମିଳନ ସହ ବୈବାହିକ ସମ୍ପର୍କସ୍ଥାପନର ଶୁଭସୂଚନା ଖୁସି କରାଇବ। ଆନୁଷ୍ଠାନିକ କ୍ଷେତ୍ରରେ କିମ୍ବା ଚେଷ୍ଟା କରୁଥିବା କାମରେ ସଫଳତା ମିଳିପାରେ। ବ୍ୟବସାୟୀମାନେ ପ୍ରତିଦ୍ୱନ୍ଦ୍ୱିତା ମଧ୍ୟରେ ନିଜର ଲକ୍ଷ୍ୟ ହାସଲ କରିପାରିବେ। ସାମାଜିକ ସ୍ତରରେ ଶ୍ରବଣା ନକ୍ଷତ୍ର ମନର ଦୁଃଖକୁ ଲୁଚାଇ ରଖି ଉପର ମନରେ ହସି ହସି କଥା କହିବେ।

**କୁମ୍ଭ** ଷଷ୍ଠାଧିପତି କର୍ମକ୍ଷେତ୍ରରେ ଅବସ୍ଥାନ କରିଥିବାରୁ କଳହଜନିତ ମନ ଅଶାନ୍ତ ରହିବ। ଶତଭିଷା ନକ୍ଷତ୍ରର ପ୍ରତ୍ୟୁଷ ଯାତ୍ରା ପ୍ରୀତିପ୍ରଦ ରହିବ ଓ ଲକ୍ଷ୍ୟ ହାସଲ କରିବେ। ଯୋଜନା ମୁତାବକ କାମରେ ଲାଗିପଡନ୍ତୁ, ସୁବିଧା ସୁଯୋଗ ଆପଣାଛାଏଁ ଜୁଟିଯିବ। ଅପେକ୍ଷା କରିବାକୁ କହିଥିବା ବନ୍ଧୁଙ୍କୁ ନିର୍ଦ୍ଦିଷ୍ଟ ସ୍ଥାନରେ ନ ପାଇ ବ୍ୟସ୍ତ ହୋଇ ପାରନ୍ତି।

**ମୀନ** ନୀଚରାଶିରେ ଚନ୍ଦ୍ରଙ୍କ ସ୍ଥିତି ସନ୍ତାନଙ୍କ ଦାୟିତ୍ୱହୀନ କାର୍ଯ୍ୟକଳାପରୁ ଅସନ୍ତୁଷ୍ଟ କରାଇପାରେ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ସହଯୋଗ ଆଶାକରି ନିରାଶ ହେବେ। ଉତ୍ତରଭାଦ୍ର ନକ୍ଷତ୍ର ସକାଶେ ଗବେଷଣା, ଅଧ୍ୟୟନ, ଅଧ୍ୟାପନା ସଙ୍ଗକୁ ସାହିତ୍ୟ କ୍ଷେତ୍ରରୁ ସମ୍ମାନ ମିଳିବ। ପାରିବାରିକ ସମସ୍ୟା ସମାଧାନ ରାସ୍ତା ଉନ୍ମୁକ୍ତ ହୋଇପାରେ।

ଆଜି ଫେବୃୟାରୀ ୧୧ ତାରିଖ। ଫାଲ୍‌ଗୁନ କୃଷ୍ଣ ନବମୀ ଯୁକ୍ତ ଦଶମୀ ବୁଧବାର। ରାଶିନକ୍ଷତ୍ର-ଅନୁରାଧା/ବିଛା, ଦିବା ଘ.୧୦।୫୨ମି.ଗତେ ଜ୍ୟେଷ୍ଠା ନକ୍ଷତ୍ର, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୧୦।୩୬ମି. ଗତେ ଘ.୧୧।୩୮ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୨।୦୦ମି. ଗତେ ଘ.୦୧।୨୫ମି. ମଧ୍ୟେ ରାହୁ କାଳ।



ବରଗଡ଼ ଜିଲାରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇ ପଡ଼ିଥିବା ପ୍ରତିବାଦରେ ମଙ୍ଗଳବାର ଏସ୍‌ପିଙ୍କ ବଦଳି ଦାବିରେ ଓକିଲ ସଂଘର କର୍ମକର୍ତ୍ତା, ସଭ୍ୟବୃନ୍ଦ ଏକ ଶୋଭାଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ବିକ୍ଷୋଭ କରୁଛନ୍ତି।

# ଉମରକୋଟ, ଝରିଗାଁ ନିର୍ବାଚନମଣ୍ଡଳୀ ୧୨ ଘଣ୍ଟା ବନ୍ଦ

## ଗଡ଼ିଲାନି ଗାଡ଼, ଖୋଲିଲାନି ସ୍କୁଲ, କଲେଜ, ଦୋକାନବଜାର ସହ ବ୍ୟାଙ୍କ

**ଉମରକୋଟ/ରାଇଘର, ୧୦।୨ (ସନ୍ତୋଷ ଶତପଥୀ/ କିରଣ ପଟ୍ଟନାୟକ)**

ନବରଙ୍ଗପୁର ଜିଲାର ଉମରକୋଟ ଓ ଝରିଗାଁ ନିର୍ବାଚନମଣ୍ଡଳୀରେ ମଙ୍ଗଳବାର ବିଭିନ୍ନ ଦାବିରେ ସଂଗ୍ରାମ ମଞ୍ଚ ପକ୍ଷରୁ ୧୨ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଥିଲା। ଫଳରେ ଉମରକୋଟ, ରାଇଘର, ଝରିଗାଁ ଓ ଚନ୍ଦାହାଣ୍ଡିରେ ଚକଅଖ ସହ ଦୋକାନବଜାର ଆଦି ବନ୍ଦ ଥିଲା। ଉମରକୋଟକୁ ସବ୍‌ଡିଭିଜନ ମାନ୍ୟତା, ଭୂବନ୍ଦୋବସ୍ତ ବ୍ୟବସ୍ଥା, ଉମରକୋଟରେ ମେଡିକାଲ କଲେଜ ପ୍ରତିଷ୍ଠା, ଧାନମଣ୍ଡି ସମସ୍ୟା ସମାଧାନ ଓ ମକା ପ୍ରକ୍ରିୟାକରଣ ୟୁନିଟ୍ ପ୍ରତିଷ୍ଠା, ମକାମଣ୍ଡି ଦାବି ନେଇ ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବନ୍ଦ ପାଳନ କରାଯାଇଥିଲା। କଂଗ୍ରେସ ଏହାକୁ ସମର୍ଥନ କରୁଥିଲା। ଦଳୀୟ ନେତାମାନେ ରାଇଘର ମୁଖ୍ୟ ବଜାର ଛକ ଉପରେ ଟେଣ୍ଟ ମାରି ଧାରଣା ଦେଇଥିଲେ। ସନ୍ଧ୍ୟା ୫ଟାରେ ସଂଗ୍ରାମ ମଞ୍ଚ ଆବାହକ ତଥା କଂଗ୍ରେସ ନେତା ସନରାଜ ଗଣ୍ଡଙ୍କ ନେତୃତ୍ୱରେ ପୁରୁଣା ବସ୍‌ଷ୍ଟାଣ୍ଡରୁ ଉମରକୋଟ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଶୋଭାଯାତ୍ରା ଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କ ଜରିଆରେ ଦାବିପତ୍ର ଦିଆଯାଇଥିଲା। ବିଡିଓଙ୍କ ଅନୁପସ୍ଥିତିରେ ପଞ୍ଚାୟତ ଉନ୍ନୟନ ଅଧିକାରୀ ପାଣ୍ଡିଆ ପପୁଲୁ ଦାବିପତ୍ର ଗ୍ରହଣ କରିଛନ୍ତି। ଲୋକଙ୍କ ମୌଳିକ ସୁବିଧା ଯଦି ସରକାର ଶୀଘ୍ର ପୂରଣ ନ କରନ୍ତି ତା'ହେଲେ ଆଗାମୀ ଦିନରେ ପୁଣି ଆନ୍ଦୋଳନ କରାଯିବ ବୋଲି ମଞ୍ଚ ପକ୍ଷରୁ ଚେତାବନୀ ଦଆଯାଇଛି।

ମଙ୍ଗଳବାର ସକାଳ ୬ ଟାରୁ ଆନ୍ଦୋଳନକାରୀମାନେ ଉମରକୋଟ ସହର ପୁରୁଣା ବସ୍‌ଷ୍ଟାଣ୍ଡରେ ଯାନବାହନ ଚଳାଚଳକୁ ବନ୍ଦ କରିଦେଇଥିଲେ। ସମସ୍ତ ଦୋକାନ ବଜାର, ସରକାରୀ ବେସରକାରୀ ସ୍କୁଲ କଲେଜ ଓ ବ୍ୟାଙ୍କ ବନ୍ଦ ଥିଲା। ଦୂରଗାମୀ ବସ୍ ସବୁ ଉମରକୋଟରୁ ୫ କି.ମି. ଦୂର ବଡ଼ଭରଣ୍ଡିରେ ଅଟକି ରହିଥିଲା। ବସ ଚଳାଚଳ ଓ ବଜାର ବନ୍ଦ ଯୋଗୁ ଦୂରଦୂରାନ୍ତରୁ ଆସିଥିବା ଲୋକେ ବହୁ ଅସୁବିଧାର ସମ୍ମୁଖୀନ ମଧ୍ୟ ହୋଇଥିଲେ। ପୁରୁଣା ବସ୍‌ଷ୍ଟାଣ୍ଡରେ ଆନ୍ଦୋଳନକାରୀମାନେ ଛକ ରାସ୍ତା ଅବରୋଧ କରିଦେବାରୁ ବାଇକ୍‌ଚାଳକମାନେ ମଧ୍ୟ ଅସୁବିଧାର ସମ୍ମୁଖୀନ ହୋଇଥିଲେ। କଂଗ୍ରେସର ଅଳ୍ପ କେତେଜଣ ନେତା ଓ କର୍ମୀ ଏହି ବନ୍ଦରେ ସାମିଲ ହୋଇଥିଲେ। ବନ୍ଦ ବେଳେ ରାଇଘର ହନୁମାନ ମନ୍ଦିର ମୁଖ୍ୟ ବଜାର ଉଭୟ ପାର୍ଶ୍ୱରେ ଗାଡ଼ି ଅଟକି ରହିଥିଲା। ୧୯୫୬ ପରଠାରୁ ଉମରକୋଟ ଅଞ୍ଚଳରେ ଭୂବନ୍ଦୋବସ୍ତ ହୋଇନାହିଁ। ଯାହାକୁ ନେଇ ଉମରକୋଟ ଅଞ୍ଚଳବାସୀଙ୍କ ମନରେ ଅସନ୍ତୋଷ ଲାଗିରହିଛି। ଫଳରେ ସ୍ୱାଧୀନତା ୭୮ ବର୍ଷ ପରେ ମଧ୍ୟ ଲୋକେ ନିଜ ଜମିର ପଟ୍ଟା ପାଇବାରୁ ବଞ୍ଚିତ ହେଉଛନ୍ତି ବୋଲି ଆନ୍ଦୋଳନକାରୀ ଅଭିଯୋଗ କରିଥିଲେ। ଉମରକୋଟ ବନ୍ଦରେ ସନରାଜ ଗଣ୍ଡ, ବାବୁଲା ପଟ୍ଟନାୟକ, କଂଗ୍ରେସ କାଉନସିଲର ମୁନା ପାଢ଼ୀ, ପର୍ଶୁ ନାୟକ, ସୁରେନ୍ଦ୍ର ନାୟକ ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ। ରାଇଘର ବନ୍ଦ ବେଳେ ସନରାଜ ଗଣ୍ଡ, ମହେଶ ଗଣ୍ଡଙ୍କ ସମେତ ଶତାଧିକ ଲୋକ ସାମିଲ ଥିଲେ। ପୋଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଫୋର୍ସ ମୁତୟନ କରାଯାଇଥିଲା। ବନ୍ଦ ସମୟରେ ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ ଉମରକୋଟ ଏସ୍‌ଡିପିଓ ଶୁଭେନ୍ଦୁ ଶବର, ଥାନାଧିକାରୀ ବିପିନ ବାଗ, ଏସ୍‌ଆଇ ସଞ୍ଜୟ ମଣ୍ଡଳ, ନରେନ୍ଦ୍ର ଗୋଲାପୀ ସ୍ଥିତି ଉପରେ ନଜର ରଖିଥିଲେ।

# ୩ ମହିଳାଙ୍କୁ ମାରିଦେଲା ହାତୀ

## ୪ ଗୁରୁତର, ଗୋଠଛଡ଼ା ଦନ୍ତାହାତୀକୁ ନେଇ ଆତଙ୍କ

**କ୍ରମାଗତ ଜଙ୍ଗଲ ଉଜୁଡୁଥିବାରୁ ହାତୀ ବାସ ଓ ଆହାର ସଙ୍କଟର ସମ୍ମୁଖୀନ ହୋଇ ଜନପଦକୁ ଆସୁଛନ୍ତି। ଫଳରେ ହାତୀ-ମଣିଷ ସଂଘର୍ଷ ଘଟୁଛି। କେଉଁଠି ହାତୀ ଆକ୍ରମଣରେ ସାଧାରଣ ଲୋକଙ୍କ ଜୀବନ ଯାଉଛି ତ, କେଉଁଠି ଏହି ବିଶାଳକାୟ ପ୍ରାଣୀର ଜୀବନ ନେଉଛନ୍ତି ଲୋକେ। ମଙ୍ଗଳବାର ଢେଙ୍କାନାଳରେ ଦନ୍ତା ଆକ୍ରମଣରେ ୩ ମହିଳାଙ୍କ ମୃତ୍ୟୁ ଘଟିଥିବାବେଳେ ୪ ଗୁରୁତର ଆହତ ହୋଇଛନ୍ତି।**

**ଢେଙ୍କାନାଳ, ୧୦।୨ (ରତନ ନାୟାର)**

ଜଙ୍ଗଲକୁ ଜାଳେଣି ସଂଗ୍ରହ ପାଇଁ ଯାଇଥିବା ବେଳେ ମଙ୍ଗଳବାର ଏକ ଗୋଠଛଡ଼ା ଦନ୍ତାହାତୀ ଆକ୍ରମଣରେ ୩ଜଣ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ୪ଜଣ ମହିଳା ଆହତ ହୋଇଛନ୍ତି। ଏଭଳି ଘଟଣା ଘଟିଛି ଢେଙ୍କାନାଳ ଜିଲା ସଦର ଥାନା ସଦର ରେଞ୍ଜ୍ କାଇମାଟି ଗ୍ରାମପଞ୍ଚାୟତର ଲୋଚାପଲି ଗ୍ରାମରେ। ଆହତମାନଙ୍କୁ ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ଘଟଣାରୁ ଜଣାପଡ଼ିଛି ଯେ, ଲୋଚାପଲି ଗ୍ରାମର ୧୦ରୁ ୧୫ ମହିଳା ଓ ପୁରୁଷ ପ୍ରତିଦିନ ଭଳି ମଙ୍ଗଳବାର ପୂର୍ବାହ୍ନ ୧୦ଟା ସମୟରେ ଚାଲିଚାଲି ଜାଳେଣି କାଠ ସଂଗ୍ରହ କରିବା ପାଇଁ ନିକଟସ୍ଥ ପାଟପୁରା ଜଙ୍ଗଲକୁ ଯାଇଥିଲେ। ରାସ୍ତାରେ ଗୋଟିଏ ଗୋଠଛଡ଼ା ଦନ୍ତାହାତୀ ଛିଡ଼ା ହୋଇଥିଲା। ହାତୀଟି ସେମାନଙ୍କୁ ଦେଖି ଗର୍ଜନ କରି ଗୋଡ଼ାଇବା ସହିତ ଆକ୍ରମଣ କରିଥିଲା। ଫଳରେ ୭ଜଣ ମହିଳା ଗୁରୁତର ଆହତ ହୋଇଥିବା ବେଳେ ପାଟ୍ରୋଲିଂ କରୁଥିବା ବନ କର୍ମଚାରୀଙ୍କ ସହାୟତାରେ ଅଞ୍ଚଳବାସୀ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ଜିଲା ମୁଖ୍ୟ ଚିକିତ୍ସାଳୟରେ ୩ଜଣଙ୍କର ମୃତ୍ୟୁ ଘଟିଥିଲା। ଅନ୍ୟ ୪ଜଣ ଗୁରୁତର ଆହତ ହୋଇଥିଲେ। ମୃତ ମହିଳାମାନେ ହେଲେ ଇନ୍ଦୁମତି ପଧାନ (୬୦), ଟୁନି ବେହେରା (୫୦) ଓ କୁନ୍ତଳା ପଧାନ (୫୦) । ଆହତମାନେ ହେଲେ ରମା ଦେହୁରୀ (୪୦), ରଶ୍ମିତା ପଧାନ (୩୫), ଝିଲି ପଧାନ (୩୫) । ଅନ୍ୟ ଜଣଙ୍କର ପରିଚୟ ମିଳିନାହିଁ। ଏହି ଘଟଣାକୁ ନେଇ ଗ୍ରାମବାସୀ ଆତଙ୍କିତ ହୋଇପଡିଥିବା ବେଳେ ବନ କର୍ମଚାରୀ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲେ । ଗୋଠଛଡ଼ା ଦନ୍ତାହାତୀକୁ ନେଇ ଲୋଚାପଲି ଓ ☞ପୃଷ୍ଠା-୯



ଇନ୍ଦ୍ରିୟ ସୁଖ ପାଇଁ ମଣିଷ ସର୍ବଦା ଆତୁର ହୁଏ। ସେଥିପାଇଁ ତାକୁ ଦୁଃଖ ଓ ଯନ୍ତ୍ରଣାର ଜୁଆଳି କାନ୍ଧରେ ବହନ କରିବାକୁ ପଡ଼େ। କାରଣ, ଅବିମିଶ୍ର ଆନନ୍ଦ ଭୋଗ କରନ୍ତି କେବଳ ଯେଉଁମାନେ ମୁକ୍ତ ଓ ନିଷ୍କାମ ଆତ୍ମା। କିନ୍ତୁ ମଣିଷ ଭିତରେ ଯେଉଁ ସତ୍ତା କେବଳ ଇନ୍ଦ୍ରିୟ ସୁଖ ଖୋଜୁଥାଏ- ତାହା ହେଲା ଏକ ଯନ୍ତ୍ରଣାଦଗ୍ଧ- କଷ୍ଟଭୋଗୀ ସତ୍ତା। -ଶ୍ରୀଅରବିନ୍ଦ



# ପିଲା ଏବେ ଭାବପ୍ରବଣ

ଗୋଟିଏ ସପ୍ତାହ ଭିତରେ ଦୁଇଟି ଆତ୍ମହତ୍ୟାଜନିତ ଘଟଣା ଏବେ ଦେଶର ବିବେକକୁ ଦୋହଲାଇ ଦେଇଛି। ୪ ଫେବୃଆରୀରେ ଉତ୍ତରପ୍ରଦେଶର ଗାଜିଆବାଦରେ ଏକ ବହୁତଳ ପ୍ରାସାଦର ୯ମ ମହଲାରୁ ୩ ଭଉଣୀ ତଳକୁ ଡେଇଁ ଆତ୍ମହତ୍ୟା କରିଥିଲେ। ୧୨, ୧୪ ଓ ୧୬ ବର୍ଷ ବୟସର ଏହି ତିନି ଭଉଣୀ ସ୍ମାର୍ଟଫୋନ୍‌ରେ ଗେମ୍ ଖେଳୁଥିଲେ। ସେମାନଙ୍କ ଆସକ୍ତି ଏତେ ମାତ୍ରାରେ ବଢ଼ିଯାଇଥିଲା ଯେ, ଅଭିଭାବକ ତାହାକୁ ଛଡ଼ାଇ ନେଇଥିଲେ। ଏହି କ୍ରୋଧରେ ୩ ଭଉଣୀ ଆତ୍ମହତ୍ୟା କରିଥିବା କୁହାଯାଉଛି। ଦ୍ୱିତୀୟ ଦୁଃଖଦ ଖବରଟି ବିହାରର ଔରଙ୍ଗାବାଦରେ ଘଟିଛି। ପୁଅମାନଙ୍କ ସହ ମିଳାମିଶା କରୁଥିବାରୁ ନାବାଳିକାଙ୍କୁ ସେମାନଙ୍କ ମା'ବାପା ଗାଳି କରିବାରୁ ୫ ନାବାଳିକା ଏକାଠି ବିଷ ପିଇ ଦେଇଥିଲେ। ପରିଣତି ୪ ଜଣଙ୍କ ଜୀବନ ନେବାରେ ଶେଷ ହୋଇଥିବା ବେଳେ ଜଣେ ବଞ୍ଚିଯାଇଛନ୍ତି। ୨୯ ଜାନୁଆରୀରେ ଏହି ଘଟଣା ଘଟିଥିଲେ ମଧ୍ୟ ୯ ଫେବୃଆରୀରେ ତାହା ଲୋକଲୋଚନକୁ ଆସିଛି। ଜୀବିତ ନାବାଳିକା ସବୁ କଥା ବଖାଣିଛନ୍ତି। ଶୁଣିଲେ ଆଶ୍ଚର୍ଯ୍ୟ ହେବାକୁ ପଡ଼େ ଯେ, ଆତ୍ମହତ୍ୟା କରିଥିବା ନାବାଳିକାଙ୍କ ବୟସ ୧୦ରୁ ୧୪ ବର୍ଷ ମଧ୍ୟରେ।

ପ୍ରଥମ ଘଟଣାର ପୁନରାବୃତ୍ତି ଓଡ଼ିଶା ସମେତ ଦେଶର ବିଭିନ୍ନ ଭାଗରେ ବାରମ୍ବାର ଘଟୁଛି। ଗଣମାଧ୍ୟମ ଆଢୁଆଳରେ ରହିଯାଉଥିବା ଘଟଣା ସମ୍ପୃକ୍ତ ଅଞ୍ଚଳରେ ଚପିଯାଉଛି। ଏହି ବିଷୟ ପ୍ରଘଟ ହେବା ପରେ ମାତାପିତା, ଅଭିଭାବକ ଓ ଶିକ୍ଷୟିତ୍ରୀଶିକ୍ଷକମାନେ ଚିନ୍ତାରେ ପଡ଼ିଯିବା ସ୍ୱାଭାବିକ। ଘରେ କେଉଁଭଳି ସଂସ୍କାରର ଅଭାବ ଓ ସ୍କୁଲରେ କେଉଁ ଧରଣ ଶିକ୍ଷାରୁ ବଞ୍ଚିତ ହେଲେ ଏଭଳି ଘଟଣା ଘଟିପାରେ, ଭାବିଲା ବେଳକୁ ଅନେକଙ୍କ ମୁଣ୍ଡ ଝାଇଁଝାଇଁ ହେଉଥିବ। ସ୍ମାର୍ଟଫୋନ୍‌ର ପ୍ରାବଲ୍ୟ ପିଲାଙ୍କ ପାଇଁ କୋଭିଡ୍ ସମୟରୁ ବଢ଼ିଯାଇଛି। ସ୍କୁଲ ବନ୍ଦ ହୋଇଯିବା ପରେ ଅନ୍‌ଲାଇନ୍ କ୍ଲାସ ହୋଇଥିଲା ଶିକ୍ଷା ପ୍ରଦାନର ବିକଳ୍ପ ଧାରା। କିନ୍ତୁ ତାହା ଆସକ୍ତି ପାଲଟିଯିବାରୁ ବିଡ଼ମ୍ବନା ଆରମ୍ଭ ହେଲା। ସ୍ମାର୍ଟଫୋନ୍ ପଢ଼ା ପାଇଁ ବିଶେଷ ଉପଯୋଗୀ। କିନ୍ତୁ ପଢ଼ା ବ୍ୟତିରେକେ ତାହାକୁ ଅପବ୍ୟବହାର କରାଗଲେ ଫଳ ମୃତ୍ୟୁକୁ ଡାକିଆଣୁଛି। ସମ୍ଭବତଃ ଭୟଙ୍କର ସ୍ଥିତିକୁ ଉପଲବ୍ଧି କରିବା ପରେ ବିଶ୍ୱର ପ୍ରଥମ ଦେଶ ଭାବେ ଅଷ୍ଟ୍ରେଲିଆ ଏକ ଆଇନ ଆଣି ୧୬ ବର୍ଷ ବୟସରୁ କମ୍ ପିଲାଙ୍କ ପାଇଁ ସାମାଜିକ ଗଣମାଧ୍ୟମ ବ୍ୟବହାରକୁ ନିଷିଦ୍ଧ କରିଛି। ତାହା ଦେଖାଦେଖି କେତେକ ୟୁରୋପୀୟ ରାଷ୍ଟ୍ର ମଧ୍ୟ ସମାନ ଆଇନ ଆଣିବା ଲାଗି ଚିନ୍ତା କଲେଣି। ଭାରତ ଏ ଦିଗରେ ପଦକ୍ଷେପ ନେବା ଉଚିତ ବୋଲି ଗୋଟେ ଚାପ ସୃଷ୍ଟି ହେଲାଣି। ସୂଚନା ବା ଶିକ୍ଷା ପାଇବା ପାଇଁ ସର୍ଚ୍ଚ ଇଞ୍ଜିନ୍‌ଗୁଡ଼ିକ ସକ୍ରିୟ ଥିଲେ ମଧ୍ୟ ସାମାଜିକ ଗଣମାଧ୍ୟମରେ ଅଶ୍ଳୀଳ କଣ୍ଟେଣ୍ଟ୍ ଏବଂ ପିଲାଙ୍କୁ ଆକୃଷ୍ଟ କଲା ଭଳି ଗେମ୍ ହାଉଯାଉ ହେଉଥିବାରୁ ପିଲେ ବାୟା। ପିଲାମାନଙ୍କ ମନ ସର୍ବଦା ଚଞ୍ଚଳ। ଏମିତି ବି ମଣିଷର ଚରିତ୍ର ନକାରାତ୍ମକତାକୁ ଶୀଘ୍ର ଗ୍ରହଣ କରି ନେଇଥାଏ। ସେହି ଦୃଷ୍ଟିରୁ ଦେଖିଲେ, ଲୋଭାତୁର ବିଷୟ ଆଖିରେ ପଡ଼ିଗଲେ ସେଥିରୁ ଦୃଷ୍ଟି ହଟାଇବା କଷ୍ଟକର। ସମ୍ଭ୍ରମ ହେଉ ବା ଲୋକଲଜ୍ଜାକୁ ଡରି ବୟସ୍କ ବ୍ୟକ୍ତି ନିଜେ ଜାକିଜୁକି ହୋଇପାରେ, କିନ୍ତୁ ପିଲାକୁ ତାହା କବଳିତ କରିଦେଲେ ଆସକ୍ତିରେ ଶୀଘ୍ର ଅନ୍ତ ଘଟେନି। ଏଇଠି କୁହାଯାଇପାରେ ଯେ, ପିଲା ଏକୁଟିଆ ରହିଲେ କିମ୍ବା ତା' ପ୍ରତି ମାତାପିତାଙ୍କ ଆବେଗିକ ସମ୍ପର୍କ ଊଣା ହେଲେ କିମ୍ବା ଦୁର୍ବଳ ପାରିବାରିକ ସମ୍ପର୍କ ସେମାନଙ୍କୁ ସ୍ମାର୍ଟଫୋନ୍‌ସର୍ବସ୍ୱ କରିଦିଏ। ଏଥିପାଇଁ ମାତାପିତା ଓ ବୟସ୍କମାନେ ବେଶି ଦାୟୀ। ପିଲାମାନଙ୍କୁ ଶାରୀରିକ ଖେଳକୁଦରେ ନ ମିଶାଇଲେ, ଭ୍ରମଣପ୍ରିୟ କରିବାର ଅବସର ସୃଷ୍ଟି ନ କଲେ ଏବଂ ସର୍ବୋପରେ ପାରିବାରିକ ହସଖୁସି ପାଇଁ ସମୟ ନ ଦେଲେ ସେମାନେ ବିଗିଡ଼ିଯିବା ଥୟ। ଗାଜିଆବାଦ ଘଟଣାରେ ସ୍ଥିତି କ'ଣ ଥିଲା ତାହା ଦୂରରୁ କହିବା ସମ୍ଭବ ନୁହେଁ। କିନ୍ତୁ ସ୍ମାର୍ଟଫୋନ୍ ବ୍ୟବହାର କରିବା ସଂକ୍ରାନ୍ତରେ ମାତାପିତା କେଉଁଭଳି ପରାମର୍ଶ ଦେଇ ସେମାନଙ୍କୁ ନିୟନ୍ତ୍ରଣ ଭିତରେ ରଖିଥିଲେ ଭଲ ହୋଇଥାଆନ୍ତା, ତାହା ମନସ୍ତାତ୍ତ୍ୱିକ ପ୍ରଶ୍ନର ଉତ୍ତର ଅପେକ୍ଷା କରେ। ଖୁବ୍ କମ୍ ବୟସର ୩ ଭଉଣୀ ଜଣକ ପରେ ଜଣେ ୯ ମହଲାରୁ ଡେଇଁ ଆତ୍ମହତ୍ୟା କରିଛନ୍ତି କି ଅନ୍ୟ କୌଣସି ଆପରାଧିକ ଘଟଣା ଘଟିଛି, ତାହା ତଦନ୍ତସାପେକ୍ଷ। ଯଦି ସ୍ମାର୍ଟଫୋନ୍ ଆସକ୍ତି ଯୋଗୁ ସେଥିରୁ ନିବୃତ୍ତ ରହିବା ପାଇଁ ପାରିବାରିକ ଚାପ ପଡ଼ିଥାଏ, ତେବେ ସମଗ୍ର ବୟସ୍କ ବର୍ଗଙ୍କ ପାଇଁ ଏହା ଏକ ସତର୍କଘଣ୍ଟି ବୋଲି କୁହାଯାଇପାରେ।

> ଏବେକାର ପିଲାମାନେ ଅତ୍ୟଧିକମାତ୍ରାରେ ଭାବପ୍ରବଣ ହୋଇପଡ଼ୁଛନ୍ତି। ଏଥିପାଇଁକି ସାମାଜିକ ଚାପ ଓ ବିଶେଷକରି ସାମାଜିକ ଗଣମାଧ୍ୟମର ଭୂମିକା ରହୁଛି। ଏହାର ଏକମାତ୍ର ଔଷଧ ହୋଇପାରେ ପିଲାଙ୍କ ସହିତ ଅଭିଭାବକମାନେ ଅଧିକ ସମୟ ବିତାଇବା ଏବଂ ସେମାନଙ୍କ କଥା ଶୁଣି ତାଙ୍କ ମାନସିକତାକୁ ଠଉରାଇବା । ଏହାବ୍ୟତୀତ, ବୋଧହୁଏ, ଅନ୍ୟ କୌଣସି ସମାଧାନ ନ ଥାଇପାରେ।

ପ୍ରଥମ ଘଟଣା ସହ ଦ୍ୱିତୀୟ ଘଟଣାର ସାମଞ୍ଜସ୍ୟ ପିଲାମାନଙ୍କ ବୟସକୁ ନେଇ ହୋଇପାରେ। କିନ୍ତୁ ସ୍ଥିତି ଭିନ୍ନ। ୧୦ରୁ ୧୪ ବର୍ଷ ବୟସର ନାବାଳିକାମାନେ ପୁଅମାନଙ୍କ ସହ ଏମିତି କିଭଳି ମିଳାମିଶା କରୁଥିଲେ ଯେ, ସାମାନ୍ୟ ମା'ବାପାଙ୍କ ଗାଳି ସେମାନଙ୍କୁ ମରିବାକୁ ବାଧ୍ୟ କଲା ଭାବିଲେ ଆଶ୍ଚର୍ଯ୍ୟ ଲାଗୁଛି। ପିଲାମାନେ ଅବାଟରେ ଗଲେ ମାତାପିତା ଓ ଅଭିଭାବକ ଆକଟ କରିଥାଆନ୍ତି। ପିଲାଙ୍କୁ ନିୟନ୍ତ୍ରଣରେ ରଖିବା ମଧ୍ୟ ବଡ଼ଙ୍କ କର୍ତ୍ତବ୍ୟ। ସ୍ୱଳ୍ପ ବୟସରେ ସେମାନେ ପ୍ରିଭେସି ବିଷୟରେ ଯଦି ସଚେତନ ହୋଇଥିବେ, ତେବେ ସେମାନଙ୍କ ବିଚାରଶୀଳତାକୁ ମଧ୍ୟ ପରଖିବା ଦରକାର। ଯଦି ସେମାନେ ମାତାପିତାଙ୍କ ଗାଳିରେ ଭୟଭୀତ ହୋଇଯାଇଥିବେ, ତାହା ହେଲେ ଚରମ ପଦକ୍ଷେପ ନେବାକୁ ମନସ୍ଥ କରିଥାଇପାରନ୍ତି। ଏଥିରୁ ବୁଝାପଡ଼ୁଛି ଯେ, ଏବେକାର ପିଲାମାନେ ଅତ୍ୟଧିକମାତ୍ରାରେ ଭାବପ୍ରବଣ ହୋଇପଡ଼ୁଛନ୍ତି। ଏଥିପାଇଁକି ସାମାଜିକ ଚାପ ଓ ବିଶେଷକରି ସାମାଜିକ ଗଣମାଧ୍ୟମର ଭୂମିକା ରହୁଛି। ଏହାର ଏକମାତ୍ର ଔଷଧ ହୋଇପାରେ ପିଲାଙ୍କ ସହିତ ଅଭିଭାବକମାନେ ଅଧିକ ସମୟ ବିତାଇବା ଏବଂ ସେମାନଙ୍କ କଥା ଶୁଣି ତାଙ୍କ ମାନସିକତାକୁ ଠଉରାଇବା । ଏହାବ୍ୟତୀତ, ବୋଧହୁଏ, ଅନ୍ୟ କୌଣସି ସମାଧାନ ନ ଥାଇପାରେ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 1 | | 2 | 8 | | |
| 2 | 1 | 8 | | | 9 | | | |
| 7 | | 4 | | | 3 | | 2 | 6 |
| | 7 | | | 2 | | 5 | | |
| 5 | | | 6 | | | | | |
| 1 | | 2 | 8 | 9 | | | | |
| | | | 9 | | | | | |
| 8 | 3 | | | | 1 | 9 | | 7 |
| 9 | 5 | 1 | 4 | 7 | | 2 | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 6 | 8 | 9 | 4 | 5 | 2 | 3 | 7 |
| 3 | 7 | 9 | 2 | 6 | 8 | 5 | 4 | 1 |
| 5 | 4 | 2 | 1 | 3 | 7 | 8 | 6 | 9 |
| 2 | 5 | 6 | 8 | 7 | 4 | 1 | 9 | 3 |
| 7 | 8 | 4 | 3 | 1 | 9 | 6 | 5 | 2 |
| 9 | 3 | 1 | 6 | 5 | 2 | 7 | 8 | 4 |
| 4 | 1 | 5 | 7 | 8 | 3 | 9 | 2 | 6 |
| 6 | 2 | 3 | 5 | 9 | 1 | 4 | 7 | 8 |
| 8 | 9 | 7 | 4 | 2 | 6 | 3 | 1 | 5 |

ଗତକାଲିର ଉତ୍ତର

# ସମ୍ବଳ ପାଇଁ ଅଧିକ ଋଣ



ଡ. ସନ୍ତୋଷ କୁମାର ମହାପାତ୍ର

ଫେବୃଆରୀ ୧ରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଲୋକ ସଭାରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରିଛନ୍ତି। ଏହି ବଜେଟକୁ ନେଇ ମିଶ୍ରିତ ପ୍ରତିକ୍ରିୟା ଦେଖାଦେଇଛି। ବାସ୍ତବ କଥା ହେଉଛି, ଯେଉଁ ଦଳ ଶାସନ କରୁ ବା ଯିଏ ପ୍ରଧାନମନ୍ତ୍ରୀ ବା ଅର୍ଥମନ୍ତ୍ରୀ ହୁଅନ୍ତୁନା କାହିଁକି, ପ୍ରତ୍ୟେକ ବର୍ଷ ଆପେଆପେ ନାମାଙ୍କନ ମୂଲ୍ୟରେ ଅଧିକ ଟିକସ ଆଦାୟ ବୃଦ୍ଧି ଘଟିବ ଏବଂ ବଜେଟର ଆକାର ମଧ୍ୟ ବୃଦ୍ଧିପାଇବ। ନାମାଙ୍କନ ଜିଡିପି ମଧ୍ୟ ବୃଦ୍ଧି ପାଇବ। କେବଳ କରୋନା ପରି ଦୁଃସମୟ ବା ବିଶ୍ୱ ଆର୍ଥିକ ସଙ୍କଟ ଭଳି ବିଭିନ୍ନ ଖରାପ ପରିସ୍ଥିତିକୁ ଛାଡ଼ିଦେଲେ ଏସବୁ ସର୍ବଦା ବୃଦ୍ଧି ପାଇଥାଏ। ମୁଦ୍ରାସ୍ଫୀତି ମଧ୍ୟ ସମ୍ପୂର୍ଣ୍ଣ ମୂଲ୍ୟକୁ ବୃଦ୍ଧିକରେ। ଏଣୁ ବଜେଟକୁ ସମୀକ୍ଷା କଲାବେଳେ ନାମାଙ୍କନ ଜିଡିପି ଅନୁସାରେ ବିଭିନ୍ନ ବ୍ୟୟ, ବିତ୍ତୀୟ ସୂଚକାଙ୍କ ମୂଲ୍ୟକୁ ବିଚାରକୁ ନିଆଯାଇଥାଏ।

୨୦୨୫-୨୬ ବର୍ଷ ପାଇଁ ନାମାଙ୍କନ ଜିଡିପି ୧୦.୧% ଏବଂ ପ୍ରାୟସ ଦ୍ୱାରା ଆକଳିତ ମୁଦ୍ରାସ୍ଫୀତିକୁ (୨.୩ ରୁ ୩.୮%) ବିଚାରକୁ ବାସ୍ତବ ଜିଡିପି ୬.୩ରୁ ୬.୮ % ହେବ ବୋଲି ଆକଳନ କରାଯାଇ ବଜେଟ ଉପସ୍ଥାପନ କରାଯାଇଥିଲା। ତଥାପି ବାସ୍ତବ ଜିଡିପି ଅଭିବୃଦ୍ଧି ବର୍ତ୍ତମାନ ୭.୪% ହେବ ବୋଲି ଆକଳନ କରାଯାଇଥିବା ବେଳେ ନାମାଙ୍କନ ଜିଡିପି ଅଭିବୃଦ୍ଧି ୮% କୁ ହ୍ରାସ ପାଇବ ବୋଲି ଆକଳନ କରାଯାଇଛି, ଯାହା ଆର୍ଥିକ ଗଣିତକୁ ବିଚଳିତ କରୁଛି। ବିଶେଷକରି ପାଇକାରୀ ମୂଲ୍ୟ ସୂଚକାଙ୍କ ଉପରେ ନିର୍ଭରଶୀଳତା ଯୋଗୁ ଜିଡିପି ଆକଳନରେ ତ୍ରୁଟି ରହୁଛି ଏବଂ ମୁଦ୍ରାସ୍ଫୀତିର ପ୍ରଭାବ ଠିକ୍ ଭାବେ ମୂଲ୍ୟାୟନ ହୋଇପାରୁନାହିଁ। ଏହି ୨୦୨୬-୨୭ ବଜେଟରେ ନାମାଙ୍କନ ଜିଡିପି ୧୦% ଏବଂ ପ୍ରାୟସ ଦ୍ୱାରା ଆକଳିତ ମୁଦ୍ରାସ୍ଫୀତିକୁ (୨.୮ ରୁ ୩.୨%) ବିଚାରକୁ ନେଇ ବାସ୍ତବ ଜିଡିପି ୬.୮ ରୁ ୭.୨% ହେବ ବୋଲି ଆକଳନ କରାଯାଇଛି। ୨୦୨୫-୨୬ ଆର୍ଥିକ ବର୍ଷରେ ବଜେଟରେ ମୋଟ ବ୍ୟୟବରାଦ ୫୦,୬୫,୩୪୫ କୋଟି ଟଙ୍କା ଧାର୍ଯ୍ୟ କରାଯାଇଥିଲା ବେଳେ ୨୦୨୬-୨୭ରେ ୫୩,୪୭,୩୧୫ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଅର୍ଥାତ୍ ମାତ୍ର ୫.୫% ବୃଦ୍ଧି। ଗତବର୍ଷର ସଂଶୋଧିତ ଅଟକଳ ଉପରେ ମାତ୍ର ୭.୭୦% ବୃଦ୍ଧି। ଏହାର ଅର୍ଥ ବଜେଟର ଆକାର ବୃଦ୍ଧି ଧାର୍ଯ୍ୟ ନାମାଙ୍କନ ଜିଡିପି ବୃଦ୍ଧି ହାର ୧୦%ଠାରୁ କମ୍। ଏହାର ଅର୍ଥ ବଜେଟ ଏକ ସଙ୍କୁଚିତ ବଜେଟ। ଚିନ୍ତାଜନକ ବିଷୟ ହେଉଛି ୨୦୨୫-୨୬ ବଜେଟର ସଂଶୋଧିତ ଆକଳନରେ ମୋଟ ବ୍ୟୟବରାଦ ପ୍ରାୟ ୧ ଲକ୍ଷ କୋଟି ଟଙ୍କା ହ୍ରାସ ପାଇ ୪୯,୬୪,୮୪୨ କୋଟି ଟଙ୍କା ହୋଇଛି। ଫଳରେ ଶିକ୍ଷା, ସ୍ୱାସ୍ଥ୍ୟ , ଗ୍ରାମୀଣ ବିକାଶ ଆଦି ଗୁରୁତ୍ୱପୂର୍ଣ୍ଣ



କ୍ଷେତ୍ରରେ ଧାର୍ଯ୍ୟ ବ୍ୟୟବରାଦ ହ୍ରାସ ପାଇଛି। ନାମାଙ୍କନ ଅଭିବୃଦ୍ଧି କମ୍ ହେବା ଏବଂ ସଂଶୋଧିତ ଆକଳନରେ ମୋଟ ବ୍ୟୟବରାଦ ହ୍ରାସ ପାଇବା କିଛି ବର୍ଷହେବ ଦେଖିବାକୁ ମିଳୁଛି, ଯାହା ଚିନ୍ତାଜନକ। ୨୦୨୪-୨୫ ରେ ସଂଶୋଧିତ ବଜେଟ ଆକଳନ ୧,୦୪,୦୨୫କୋଟି ଟଙ୍କା ହ୍ରାସ ପାଇ ନ ଥିଲା।

ଅତ୍ୟନ୍ତ ଚିନ୍ତାଜନକ ହେଉଛି ଜିଡିପି ଅନୁସାରେ ଭାରତରେ ମୋଟ ବ୍ୟୟ ବରାଦ ବହୁତ କମ୍। ୧୯୭୦ରୁ ୨୦୨୩ ମଧ୍ୟରେ ଭାରତରେ ଏହା ହାରାହାରି ୧୫.୧୧% ହୋଇଥିଲା। ୨୦୨୦-୨୧ରେ ମୋଟ ବ୍ୟୟବରାଦ ଜିଡିପିର ୧୭.୭% ଥିଲାବେଳେ ୨୦୨୪-୨୫ ରେ ୧୪.୬ % କୁ ହ୍ରାସ ପାଇଥିଲା ଏବଂ ୨୦୨୫-୨୬ରେ ୧୪.୨%କୁ ହ୍ରାସ ପାଇବ ବୋଲି ଧାର୍ଯ୍ୟ କରାଯାଇଥିଲା। କିନ୍ତୁ ୨୦୨୬-୨୭ରେ ଏହା ପୁନଶ୍ଚ ୧୩.୬% କୁ ହ୍ରାସ ପାଇବ। ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି ଅନୁସାରେ ଭାରତରେ ଉଭୟ କେନ୍ଦ୍ର ଓ ରାଜ୍ୟର ବ୍ୟୟ ମିଶି ୨୦୨୪ରେ ଜିଡିପିର୨୮.୩୮ % ହୋଇଥିଲାବେଳେ ଏହା ଫ୍ରାନ୍ସରେ ୫୭.୧୭% , ଇଟାଲୀ ୫୦.୫୬ % ,ୟୁରୋ ଏରିଆ ୪୯.୫% , ଜର୍ମାନୀ ୪୮.୪%, ସ୍ପେନ୍ ୪୫.୩୪%, ଜାପାନ ଏବଂ ଗ୍ରେଟ୍ ବ୍ରିଟେନ ୩୯.୧% , ଆମେରିକାରେ ୩୭.୯୨% ଓ ସୁଇଜରଲାଣ୍ଡ ୩୨% ରହିଛି। ସବୁଠାରୁ ଚିନ୍ତାଜନକ ଘଟଣା ହେଉଛି ରିଜର୍ଭ ବ୍ୟାଙ୍କ ଓ ରାଷ୍ଟ୍ରାୟତ୍ତ କ୍ଷେତ୍ରରୁ ପ୍ରଚୁର ଲାଭାଂଶ ଓ ରାଷ୍ଟ୍ରାୟତ୍ତ ଶିଳ୍ପରୁ ପୁଞ୍ଜି ପ୍ରତ୍ୟାହାର ବାବଦରେ ପ୍ରଚୁର ସମ୍ବଳ (ଏ ବର୍ଷ ୮୦,୦୦୦ କୋଟି ଟଙ୍କା) ପ୍ରାପ୍ତ ସତ୍ତ୍ୱେ ଆଶାନୁରୂପ ଭାବେ ମୋଟ ରାଜସ୍ୱ ବୃଦ୍ଧି ପାଉନାହିଁ।

୨୦୨୫-୨୬ରେ ମୋଟ ରାଜସ୍ୱ ପ୍ରାପ୍ତି ୩୪.୨୦ଲକ୍ଷ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଥିଲାବେଳେ ଏହା ସଂଶୋଧିତ ଅଟକଳରେ ୩୩.୪୨ ଲକ୍ଷ କୋଟି ଟଙ୍କାକୁ ହ୍ରାସ ପାଇଛି। ୨୦୨୨-୨୩ ପରଠାରୁ ଏହି ହ୍ରାସ ପ୍ରକ୍ରିୟା ବେଶି ଦେଖା ଦେଇଛି। ୨୦୨୬-୨୭ରେ ୩୫.୩୩ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇବାର ଆକଳନ କରାଯାଇଛି। ଏହି ବୃଦ୍ଧି ଆଶାନୁରୂପ ନୁହେଁ। ବେଶି ଚିନ୍ତାର ବିଷୟ ହେଉଛି ଟିକସ ଫାଙ୍କି ରୋକିବାରେ ବିଫଳ ହେବା ଏବଂ ଧନୀ ଓ କର୍ପୋରେଟମାନଙ୍କୁ ଅଧିକ ରିହାତି ଦେବା ଯୋଗୁ ଜିଡିପି ଅନୁସାରେ ଟିକସ ଅନୁପାତ ହ୍ରାସ ପାଇଚାଲିଛି। ଏହା ୨୦୧୩-୧୪ରେ ୧୧.୫% ଥିଲାବେଳେ ୨୦୨୫-୨୬ରେ ୧୧.୪%କୁ ହ୍ରାସ ପାଇଥିଲା ଏବଂ ୨୦୨୬-୨୭ରେ ଆହୁରି ୧୧.୨% କୁ ହ୍ରାସ ପାଇବ। ଭାରତରେ ଉଭୟ କେନ୍ଦ୍ର ଓ ରାଜ୍ୟ ର ଟିକସ ମିଶି ୧୭ ରୁ ୧୮% ହେଲା ବେଳେ ଓଇସି ଦେଶରେ ଏହା ହାରାହାରି ୩୫%। ଯେତେବେଳେ ଧନୀଙ୍କ ଉପରେ ସମ୍ପଦ କର ଓ କର୍ପୋରେଟ ଟିକସ ହାର ବୃଦ୍ଧିକରି ଅଧିକ ସମ୍ବଳ ସଂଗ୍ରହ କରି ଜନହିତକର କାର୍ଯ୍ୟରେ ବ୍ୟୟ କରିବାର ଥିଲା, ସେତେବେଳେ କର୍ପୋରେଟଙ୍କ ସ୍ୱାର୍ଥ ସାଧନ ପାଇଁ ସର୍ବନିମ୍ନ ବିକଳ୍ପ ଟିକସକୁ ୧୫% ରୁ ୧୪%କୁ ହ୍ରାସ କରିଛନ୍ତି। ଏହା ଅଯୌକ୍ତିକ ଏବଂ ନିନ୍ଦନୀୟ, ବିଶେଷକରି ଯେତେବେଳେ ଗରିବମାନେ ପରୋକ୍ଷ ଟିକସ ଦ୍ୱାରା ଅସମାନୁପାତିକ ଭାବରେ ବୋଝ ହୁଅନ୍ତି।

ଅର୍ଥମନ୍ତ୍ରୀ ଦୃଢ଼ ଭାବରେ କହିଛନ୍ତି, ଗତ ୧୨ବର୍ଷ ଧରି ଭାରତର ଅର୍ଥନୈତିକ ଗତିପଥ ସ୍ଥିରତା, ଆର୍ଥିକ ଶୃଙ୍ଖଳା, ନିରନ୍ତର ଅଭିବୃଦ୍ଧି ଏବଂ ମଧ୍ୟମ ମୁଦ୍ରାସ୍ଫୀତି ଦ୍ୱାରା ଚିହ୍ନିତ ହୋଇଛି। ବିତ୍ତୀୟ ନିଅଣ୍ଟ ଜିଡିପି ଅନୁସାରେ ୨୦୨୫-୨୬ରେ ୪.୪% ଥିଲାବେଳେ ୨୦୨୬-୨୭ରେ ୪.୩%କୁ ହ୍ରାସ ପାଇବ ଏବଂ କେନ୍ଦ୍ର ଋଣ-ଜିଡିପି ଅନୁପାତ ୫୬.୧ %ରୁ ୫୫.୬ % ହ୍ରାସ ପାଇବ। କିନ୍ତୁ ସରକାର ୨୦୨୬-୨୭ରେ ୧୬,୯୫,୭୬୮ କୋଟି ଟଙ୍କା ଋଣ କରିବେ ଯାହା ପୂର୍ବବର୍ଷ ୧୫,୫୮,୪୯୨ କୋଟି ଟଙ୍କା ତୁଳନାରେ ଅଧିକ। କେବଳ ଡେଟେଡ୍ ସିକ୍ୟୁରିଟିଜ ମାଧ୍ୟମରେ ବଜାରରୁ ୧୧.୭ ଲକ୍ଷ କୋଟି ଟଙ୍କା ଋଣ କରିବେ। କିନ୍ତୁ ଅସଲ କଥା ହେଉଛି ବହୁ ଆଗରୁ ପ୍ରଚଳିତ ବିତ୍ତୀୟ ଦାୟିତ୍ୱ ଓ ବଜେଟ ପରିଚାଳନା ଆଇନ (ଏଫ୍‌ଆର୍‌ବିଏମ୍)ଅନୁସାରେ ବିତ୍ତୀୟ ନିଅଣ୍ଟ ଓ କେନ୍ଦ୍ର ଋଣ ଜିଡିପି ଅନୁସାରେ ଯଥାକ୍ରମେ ୩% ଓ ୪୦% ରହିବା ଆବଶ୍ୟକ। କିନ୍ତୁ କରୋନା ମହାମାରୀ ଯୋଗୁ ୨୦୨୦-୨୧ରେ ବିତ୍ତୀୟ ନିଅଣ୍ଟ ୯.୩% ଏବଂ ଋଣ ୬୧.୫% କୁ ବୃଦ୍ଧି ପାଇଥିଲା। ସରକାର ଏ ପର୍ଯ୍ୟନ୍ତ ସେହି ସମସ୍ୟାରୁ ମୁକୁଳିପାରିନାହାନ୍ତି। ଏଥିପାଇଁ ଏକ କୋହଳ ନିୟମ କରିଛନ୍ତି। ବର୍ତ୍ତମାନ ଉଭୟ କେନ୍ଦ୍ର ଓ ରାଜ୍ୟ ଋଣ ମିଶି ଜିଡିପିର ୮୨% ପାଖାପାଖିରେ ଅଛି, ଯାହା ୬୫%ରେ ସୀମିତ ରହିବା ଉଚିତ। କିନ୍ତୁ ବେଶି ଚିନ୍ତାର ବିଷୟ ହେଉଛି ସୁଧ ବାବଦରେ ସରକାର ବଜେଟର ୨୦% ବ୍ୟୟ କରୁଛନ୍ତି। ସୁଧ ବାବଦ ଦେୟ ମୋଟ ରାଜସ୍ୱ ପ୍ରାପ୍ତିର ୨୫%ରେ ରହିବା କଥା , କିନ୍ତୁ ଗତବର୍ଷ ୩୭% ଧାର୍ଯ୍ୟ କରାଯାଇଥିଲାବେଳେ ସଂଶୋଧିତ ଅଟକଳରେ ୩୮.୧୨% କୁ ବୃଦ୍ଧି ପାଇଛି ଏବଂ ୨୦୨୫-୨୬ରେ ଏହା ୩୯.୭୩%କୁ ବୃଦ୍ଧିପାଇବ। ଗୋଟିଏ ପଟେ ଋଣ ବୃଦ୍ଧି ପାଇବା ଓ ଅନ୍ୟ ପଟେ ସୁଧ ବାବଦ ଦେୟ ବୃଦ୍ଧି ପାଇବା ଦର୍ଶାଉଛି ଯେ ଆର୍ଥିକ ସ୍ଥିତି ଭଲ ନାହିଁ ।

ମୋ: ୯୪୩୭୨୦୮୭୬୨

# ପ୍ରକୃତି ଭୋଗ୍ୟ ନୁହେଁ, ସୁରକ୍ଷାଯୋଗ୍ୟ



ଶ୍ରୁତକୀର୍ତ୍ତି ତ୍ରିପାଠୀ

ବିକାଶର ଦୌଡ଼ରେ ଆମେ ପ୍ରାୟ ଭୁଲିଯାଉଛୁ ଯେ ନୀରବଥିବା ଏହି ପ୍ରକୃତି ଅସୀମ ନୁହେଁ। ଆମେ ଭାବୁଛୁ ପ୍ରକୃତିରେ ଯାହା କିଛି ନଷ୍ଟ ହେଉଛି, ସେସବୁ ଧୀରେ ଧୀରେ ପୁଣି ଥରେ ଫେରିଆସିବ। କିନ୍ତୁ ଏହି ଭାବନା ହିଁ ସବୁଠାରୁ ବଡ଼ ଭ୍ରମ। ପ୍ରକୃତି କୌଣସି ପୁନର୍ନବୀକରଣୀୟ ସାଧନ ନୁହେଁ, ଯାହାକୁ ଆମେ ବାରମ୍ବାର ଅବହେଳା କରିବା ଏବଂ ଆଶା ରଖିବା ଯେ ସେ ଆମକୁ କ୍ଷମା କରିଦେବ ! ବଣଜଙ୍ଗଲ, ଗଛଲତା କାଟି ଦେଲେ ପୁଣି ନୂତନ ଜଙ୍ଗଲ ସୃଷ୍ଟି କରାଯାଇପାରିବ, ନଦୀ ଦୂଷିତ ହେଲେ ବର୍ଷା ଦ୍ୱାରା ଶୁଦ୍ଧ ହୋଇଯିବ, ପାହାଡ଼, ଖଣି ଭାଙ୍ଗିଲେ ପ୍ରକୃତି ପ୍ରତିକ୍ରିୟାହୀନ ହେବେ ; ଏମିତି ଅନେକ ଧାରଣା ଆମକୁ ଚିନ୍ତାମୁକ୍ତ କରିଦେଇଛି। ମାତ୍ର ପ୍ରକୃତ ସତ ଯେତେବେଳେ ଆମ ଆଗକୁ ଆସିବ ଆଉ କିଛି କରିବାକୁ ନ ଥିବ ; ଯାହାର ଆରମ୍ଭ ସ୍ୱରୂପ ଆଜି ଦେଖାଯାଉଛି ଜଳବାୟୁ ପରିବର୍ତ୍ତନ, ଅତ୍ୟଧିକ ଉତ୍ତାପ, ଅନିୟମିତ ବର୍ଷା, ବନ୍ୟା, ସୁନାମି, ଭୂମିକମ୍ପ, ଭୂସ୍ଖଳନ ଆଦି ଅନେକ ବିପର୍ଯ୍ୟୟ। ଏସବୁ ପ୍ରତିକ୍ରିୟା ଦେଖାଇ ପ୍ରକୃତି ପ୍ରତିଶୋଧ ନେଉନାହିଁ, ସେ କେବଳ ଆମ କଳା କର୍ମର ଉତ୍ତର ଫେରାଉଛି ବୋଲି ବୁଝିବାର ସମୟ ଆସିଯାଇଛି।

କିଛି ଉଦାହରଣ ଦେଇ ଏହାକୁ ସ୍ପଷ୍ଟ କରାଯାଇପାରେ ; ଯେପରିକି କ୍ରମେ ହ୍ରାସ ପାଉଥିବା ଆମାଜନ୍‌ଜଙ୍ଗଲ ଯୋଗୁ ସମଗ୍ର ପୃଥିବୀର ଜଳବାୟୁରେ ଆଶ୍ଚର୍ଯ୍ୟଜନକ ପରିବର୍ତ୍ତନ ଘଟିଛି। ଆମାଜନ୍ ଜଙ୍ଗଲକୁ 'ପୃଥିବୀର ଫୁସ୍‌ଫୁସ୍' ବୋଲି କୁହାଯାଏ, କାରଣ ଏହା ବିପୁଳ ପରିମାଣରେ ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳ ଶୋଷଣ କରେ। ଆମାଜନ୍‌ର ଘଞ୍ଚ ଯୋଗୁ ଏହା 'ରେନ୍ ଫ୍ୟାକ୍ଟ୍ରି' ଭଳି ମଧ୍ୟ କାମ କରେ। ଏହା ହ୍ରାସ ହେଲେ କାର୍ବନ ପରିମାଣ ବୃଦ୍ଧିପାଇବା ଯୋଗୁ ବାୟୁମଣ୍ଡଳର ଉଷ୍ମତା ବଢ଼ୁଛି। ଅନିୟମିତ ବର୍ଷା ଯୋଗୁ କେତେବେଳେ ଜଳ ସଙ୍କଟ ତ କେତେବେଳେ ବନ୍ୟା ସମସ୍ୟା ଦେଖାଯାଉଛି। ଜଙ୍ଗଲରେ ବସବାସ କରୁଥିବା ପଶୁପକ୍ଷୀ, କୀଟପତଙ୍ଗ ଏବଂ ଆଦିବାସୀ ସମ୍ପ୍ରଦାୟ କ୍ଷତିଗ୍ରସ୍ତ ହେଉଛନ୍ତି। ପରିବେଶବିତ୍‌ମାନେ ସତର୍କ କରିଛନ୍ତି, ଆମାଜନ ଜଙ୍ଗଲ ଯଦି ଏକ ନିର୍ଦ୍ଦିଷ୍ଟ ସୀମାଠାରୁ ଅଧିକ ନଷ୍ଟ ହୁଏ ତେବେ ତାହା ଜଙ୍ଗଲରୁ ଶୁଷ୍କ ଘାସଭୂମିରେ ପରିଣତ ହେବା ସମ୍ଭାବନା ରହିଛି, ଯାହା ପୃଥିବୀ ପାଇଁ ଭୟାବହ ପରିସ୍ଥିତି ସୃଷ୍ଟିକରିବ। ଜଳବାୟୁ ପରିବର୍ତ୍ତନ ଓ ବର୍ଷାର ଅନିୟମିତତା କୃଷିରେ ଉତ୍ପାଦନ ହ୍ରାସ କରିବ, ଖାଦ୍ୟ ଦରବୃଦ୍ଧି ଏବଂ ଦୁର୍ଭିକ୍ଷର ଆଶଙ୍କା ବୃଦ୍ଧିକରିବ।

ସେହିପରି ଓଡ଼ିଶାର ଚିଲିକା ହ୍ରଦକୁ ମଧ୍ୟ ଏକ ସଜୀବ ଉଦାହରଣ ରୂପେ ନିଆଯାଇପାରେ। କିଛି ଦଶକ ପୂର୍ବେ ଚିଲିକା ହ୍ରଦ ଥିଲା ଏକ ସମୃଦ୍ଧ ପ୍ରାକୃତିକ ପରିବେଶ। ଦେଶ ବିଦେଶର ପକ୍ଷୀ, ମତ୍ସ୍ୟଜୀବୀଙ୍କ ଜୀବିକା ଓ ଜଳଜ ସମ୍ପଦରେ ଭରପୂର ଏହି ହ୍ରଦ ଓଡ଼ିଶାର ଗର୍ବ ଥିଲା। କିନ୍ତୁ ଅତ୍ୟଧିକ



ମାଛଧରା, ଅବୈଧ ଘେରିବାଡ଼, ଶିଳ୍ପଜ ଆବର୍ଜନା ଓ ପର୍ଯ୍ୟଟନର ଅନିୟନ୍ତ୍ରିତ ଚାପ ଚିଲିକାକୁ ଧୀରେ ଧୀରେ ରୋଗାକ୍ରାନ୍ତ କରିଦେଲା। ପ୍ରକୃତିକୁ ନିଜ ସ୍ୱାର୍ଥ ସାଧନ ପାଇଁ ବ୍ୟବହାର କରିବା ଫଳରେ ହ୍ରଦଜଳର ଗୁଣ ନଷ୍ଟହେଲା, ମାଛ ସଂଖ୍ୟା ହ୍ରାସ ପାଇଲା, ପକ୍ଷୀମାନେ ଦୂରେଇଗଲେ।

ଏହି ସମୟରେ ଓଡ଼ିଶାର ବୁଦ୍ଧିଜୀବୀ ଏବଂ ଶୁଭାକାଂକ୍ଷୀମାନେ ଅନୁଭବକଲେ ଯେ ଚିଲିକାକୁ ସୁରକ୍ଷାର ଆବଶ୍ୟକତା ରହିଛି। ସରକାର, ପରିବେଶବିତ୍ ଓ ସ୍ଥାନୀୟ ଲୋକଙ୍କ ସାମୂହିକ ପ୍ରୟାସରେ ଚିଲିକାର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହେଲା। ମୁଖ୍ୟ ନଦୀ ମୁଖ ଖୋଲାଗଲା, ଅବୈଧ ଘେରିବାଡ଼ ହଟାଗଲା, ମାଛଧରାରେ ନିୟମ ଆସିଲା। ଫଳସ୍ୱରୂପ ଆଜି ଚିଲିକା ପୁନର୍ବାର ଜୀବନ୍ତ ହୋଇଉଠିଛି, ପକ୍ଷୀ ଫେରିଛନ୍ତି, ମତ୍ସ୍ୟଜୀବୀଙ୍କ ମୁହଁରେ ହସ ଫୁଟିଛି। ସମୟ ଥାଇ ଚିଲିକା ପାଇଁ ଏହି ପଦକ୍ଷେପ ଆମକୁ ଶିଖାଏ ଯେ, ପ୍ରକୃତି ସହ ସମନ୍ୱୟ ରଖିଲେ ହିଁ ମନୁଷ୍ୟର ଭବିଷ୍ୟତ ସୁରକ୍ଷିତ। ଜଙ୍ଗଲ କାଟି, ନଦୀକୁ ଦୂଷିତକରି , ପାହାଡ଼ ଭାଙ୍ଗି ଆମେ କିଛି ସମୟ ପାଇଁ ଲାଭାନ୍ୱିତ ହୋଇପାରୁ, କିନ୍ତୁ ଭବିଷ୍ୟତରେ ଏହା ଆମ ଅସ୍ତିତ୍ୱକୁ ନଷ୍ଟକରେ।

ଆମେ ଅନେକ ସମୟରେ ଯୁକ୍ତି ବାଢ଼ୁ ଏବଂ ନିଜ ମନକୁ ଏହା କହି ବୁଝାଇଦେଉ ଯେ, ଏକୁଟିଆ ଜଣେ ମଣିଷ କ'ଣ ପରିବର୍ତ୍ତନ ଆଣିପାରିବ ? ଏହି ପ୍ରଶ୍ନ ହିଁ ଅସାବଧାନତାର ସର୍ବଶ୍ରେଷ୍ଠ ନିଦର୍ଶନ। ଗୋଟିଏ ଗଛ, ଛୋଟ ଏକ ଜଳବିନ୍ଦୁ, ଗୋଟିଏ ପ୍ଲାଷ୍ଟିକ୍ ବ୍ୟାଗ୍ ଏସବୁର ସମାହାରରେ ହିଁ ତ ଆଗାମୀ ପୃଥିବୀର ଭବିଷ୍ୟତ ଗଢ଼ିହୁଏ। ଏଣୁ ଜଣେ ଜଣେ ଚାହିଁଲେ ହିଁ ବିରାଟ ପରିବର୍ତ୍ତନ ସମ୍ଭବ ହୋଇପାରିବ। ପ୍ରକୃତି ସହ ଆମ ସମ୍ପର୍କ ମାଲିକାନାର ନୁହେଁ, ସହାବସ୍ଥାନର ହେବା ଉଚିତ। ଆମେ ଯେମିତି ଚାହିଁଲେ ସେମିତି ଏହାକୁ ବ୍ୟବହାର କରିପାରିବା ନାହିଁ! ଭୁଲ୍ ପରେ ଭୁଲ୍ କରି ପ୍ରକୃତିକୁ କ୍ଷମା ମାଗିବାର ସୌଜନ୍ୟ, ପ୍ରତାରଣା ବ୍ୟତୀତ ଆଉ କିଛି ନ ହୋଇପାରେ! ଆସନ୍ତାକାଲି ଅନୁତାପ ନ କରି ଆଜିଠାରୁ ଚିନ୍ତାଧାରାରେ ପରିବର୍ତ୍ତନ, ଆଚରଣରେ ସଂଶୋଧନ ଓ ଦାୟିତ୍ୱବୋଧ ସହ ଦୂରଦୃଷ୍ଟି ରଖିଲେ ହିଁ କିଛି ଉପକାର ମିଳିପାରିବ ବୋଲି ଆଶା କରାଯାଇପାରେ। ବୁଝିବାକୁ ହେବ ଯେ ପ୍ରକୃତିକୁ ରକ୍ଷାକରି ଆମେ କିଛି ଉପକାର କରୁନାହୁଁ, ବରଂ ଏହାର ସୁରକ୍ଷା ଆମର ଦାୟିତ୍ୱ ବୋଲି ଭାବିନେବା ଉଚିତ।

ଶେଷକଥା ହେଉଛି ପ୍ରକୃତି ପୁନର୍ନବୀକରଣୀୟ ନୁହେଁ, ଏହା ଏକ ଏଭଳି ସାଧନ ଯାହାକୁ ଠିକ୍ ଭାବରେ ବ୍ୟବହାର ନ କଲେ ଆମର ଭବିଷ୍ୟତ ଅନ୍ଧକାର ଭିତରକୁ ଠେଲିହୋଇଯିବ। ପ୍ରକୃତି ଅଛି, ତେଣୁ ଆମେ ଅଛୁ। ଏହା ଏକ ସଜୀବ ବ୍ୟବସ୍ଥା, ଯାହାକୁ ସମ୍ମାନ ଓ ସଂଯମ ସହ ବ୍ୟବହାର କରିବା ଆବଶ୍ୟକ। ଏହାକୁ ଅସୀମ ଭାବି ଅବହେଳାକଲେ ଆସନ୍ତା ପିଢ଼ି ପାଇଁ କେବଳ ଅଭାବ ଓ ଅନୁତାପ ଛାଡ଼ିଯିବା ହିଁ ସାର ହେବ।

ଭୁବନେଶ୍ୱର
ମୋ: ୬୩୭୦୫୧୬୪୭୮

## ଏଇ ଭାରତରେ

ସ୍ୱାସ୍ଥ୍ୟସେବାରେ ଆଧୁନିକୀକରଣ ହୋଇଥିଲେ ମଧ୍ୟ ଏବେ ଭାରତର ଗ୍ରାମାଞ୍ଚଳର ବହୁ ମେଡିକାଲରେ ଲୋକଙ୍କୁ ଉନ୍ନତ ଆଇସିୟୁ ସୁବିଧା ମିଳି ପାରୁନାହିଁ। ଫଳରେ ଜଟିଳ ଚିକିତ୍ସା କ୍ଷେତ୍ରରେ ଆବଶ୍ୟକ ସ୍ଥଳେ ଆଇସିୟୁ ପାଇଁ ସହରରେ ଥିବା ବଡ଼ ହସ୍ପିଟାଲକୁ ଆସି ରୋଗୀମାନେ ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି। ଏଣୁ ଗ୍ରାମାଞ୍ଚଳରେ ଟେଲି ଆଇସିୟୁ ସେବା ଯୋଗାଇ ଦେଇ ରୋଗୀଙ୍କ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ଜାରି ରଖିଛନ୍ତି ଡା. ଦିଲୀପ ରମଣ ଏବଂ ଡା. ଧ୍ରୁବ ଯୋଶୀ । ସେମାନଙ୍କ ପଦକ୍ଷେପ ଯୋଗୁ ଏବେ ଗ୍ରାମୀଣ ହସ୍ପିଟାଲଗୁଡ଼ିକରେ ଲୋକେ ଆଇସିୟୁ ସେବା ପାଇ ପାରୁଛନ୍ତି। ଡା. ଯୋଶୀ ଓ ଡା. ରମଣ ଆମେରିକାର କ୍ଲିଭେଲାଣ୍ଡ କ୍ଲିନିକ୍‌ର କ୍ରିଟିକାଲ କେୟାରରୁ ଚାକିରି ଛାଡ଼ି ସେମାନେ ଭାରତ ଫେରି ଆସି 'ଟେଲି ଆଇସିୟୁ ପ୍ଲାଟଫର୍ମ' ଗଠନ କରିଥିଲେ। ଏବେ ସୁଦ୍ଧା ତା' ମାଧ୍ୟମରେ ୧୭ଟି ରାଜ୍ୟରେ ଅନେକ ଗ୍ରାମୀଣ ଡାକ୍ତରଖାନାରେ ଆଇସିୟୁ ବ୍ୟବସ୍ଥା କରାଯାଇ ୪୦,୦୦୦ ରୋଗୀଙ୍କୁ ଚିକିତ୍ସା ଯୋଗାଇ ଦିଆଗଲାଣି। ଟେଲି ଆଇସିୟୁ ପ୍ଲାଟଫର୍ମର କମାଣ୍ଡ ସେଣ୍ଟର(ଯାହାକୁ ରାଡାର କୁହାଯାଉଛି) ତା' ସହ ଅଂଶୀଦାର ହସ୍ପିଟାଲଗୁଡ଼ିକର ଆଇସିୟୁ ସହ ସଂଯୋଗ କରାଯାଇ ଏକ ପ୍ରଶିକ୍ଷଣପ୍ରାପ୍ତ ଡାକ୍ତରୀ ଟିମ୍ ଦ୍ୱାରା ଚିକିତ୍ସା ସଞ୍ଚାଳନ କରାଯାଉଛି।

## ୫୦ ବର୍ଷ ତଳର ଧରିତ୍ରୀ

୧୧ ଫେବୃଆରୀ ୧୯୭୬

- ପୂର୍ବତନ ଲୋକ ସଭା ସଦସ୍ୟ ଶଙ୍କର ଗିରିଙ୍କ ଗଣତାନ୍ତ୍ରିକ କଂଗ୍ରେସ ଦଳରେ ଯୋଗଦାନ।
- ଢାକାରେ ଥିବା ଡେପୁଟି ହାଇକମିଶନର ଅରୁଣକାନ୍ତି ଦାସଙ୍କୁ ହଙ୍ଗେରୀର ଭାରତୀୟ ରାଷ୍ଟ୍ରଦୂତ ଭାବେ ନିଯୁକ୍ତି ପ୍ରଦାନ।

## ପାଠକ ଶ୍ରେଷ୍ଠ ବିଚାରକ

### ମାଲ୍ୟବନ୍ତ ମହୋତ୍ସବକୁ ନେଇ ପ୍ରଶ୍ନ

ମହାଶୟ,

ମାଲକାନଗିରି ଜିଲାରେ ଆୟୋଜିତ 'ମାଲ୍ୟବନ୍ତ ମହୋତ୍ସବ' କେବଳ ଏକ ସାଂସ୍କୃତିକ ଉତ୍ସବ ନୁହେଁ, ବରଂ ସ୍ୱାଭିମାନ ଓ ବିକାଶର ଏକ ଶକ୍ତ ମାଧ୍ୟମ। ମହୋତ୍ସବ ମାଧ୍ୟମରେ ମାଲକାନଗିରିର ଲୋକନୃତ୍ୟ, ଲୋକଗୀତ, ଜନଜାତୀୟ କଳାକୃତି, ହସ୍ତଶିଳ୍ପ ଓ ପାରମ୍ପରିକ ଖାଦ୍ୟର ପ୍ରଦର୍ଶନ କରାଯାଉଛି। ବଣ୍ଡା, ଗୋଣ୍ଡ, ପରଜା, କୋୟା ପରି ଜନଜାତିଙ୍କ ସାଂସ୍କୃତିକ ଅଭିବ୍ୟକ୍ତି ମାଲ୍ୟବନ୍ତକୁ ଏକ ଅନନ୍ୟ ଆକାର ଦେଇଥାଏ। ଏହା ପର୍ଯ୍ୟଟକଙ୍କୁ ମଧ୍ୟ ଆକର୍ଷିତ କରେ। ତଥାପି, ଜିଲାର ଜଣେ ଲୋକ ଭାବେ ମୋ ମନରେ କିଛି ପ୍ରଶ୍ନ ଉଠୁଛି। ମହୋତ୍ସବ କେବଳ ମଞ୍ଚୀୟ କାର୍ଯ୍ୟକ୍ରମ ଓ ଆଡମ୍ବରରେ ସୀମିତ ରହୁନାହିଁ କି? ସ୍ଥାନୀୟ କଳାକାର ଓ ଶିଳ୍ପୀମାନେ କେତେ ମାତ୍ରାରେ ଆର୍ଥିକ ଲାଭ ପାଉଛନ୍ତି? ମହୋତ୍ସବ ପରେ ସେମାନଙ୍କ ଜୀବିକାରେ କିଛି ସ୍ଥାୟୀ ପରିବର୍ତ୍ତନ ଆସୁଛି କି? ଆବଶ୍ୟକ ହେଉଛି ମାଲ୍ୟବନ୍ତ ମହୋତ୍ସବକୁ ଦୀର୍ଘମିଆଦୀ ବିକାଶ ରୂପରେ ଯୋଡ଼ିବା। ସ୍ଥାନୀୟ ଉତ୍ପାଦ ପାଇଁ ବଜାର ସୃଷ୍ଟି, ପର୍ଯ୍ୟଟନ ଢାଞ୍ଚାର ଉନ୍ନତି, ଯୁବପିଢ଼ିଙ୍କୁ କଳା-ସଂସ୍କୃତି ସହ ଯୋଡ଼ିବା ଦିଗରେ ଗୁରୁତ୍ୱ ଦିଆଗଲେ ମହୋତ୍ସବର ମୂଲ୍ୟ ଆଉ ବଢ଼ିପାରିବ। ମାଲ୍ୟବନ୍ତ ମହୋତ୍ସବ ମାଲକାନଗିରି ପାଇଁ ଏକ ସୁଯୋଗ, ନିଜକୁ ରାଜ୍ୟ ଓ ଦେଶ ମାନଚିତ୍ରରେ ଆଉ ଭଲଭାବେ ପରିଚିତ କରାଇବାର। ଆବଶ୍ୟକ କେବଳ ଦୃଢ଼ ଦୃଷ୍ଟିକୋଣ, ସ୍ଥାନୀୟ ଲୋକଙ୍କ ସହଭାଗିତା ଓ ଆଡମ୍ବର ଠାରୁ ଅଧିକ ଅର୍ଥପୂର୍ଣ୍ଣ ଯୋଜନା।

**-ସୁରଜ କୁମାର ବେହେରା, ଏମ୍‌ଭି ୭୯, ମାଲକାନଗିରି**

## ଚିରନ୍ତନୀ

ପୁରୁଷର ମନ ଘୃଣାରେ ଭରେ
ଦେଖି ସେ ଅଖି
ଛଳନା ତିଆଗି ଦେଖାଅ ତୋର
କି ଅଛି ବାକି ।
-(ପ୍ରାଚୀନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ବାଇକ୍ ଧକ୍କାରେ ବ୍ୟକ୍ତିଙ୍କ ମୃତ୍ୟୁ

କାଲିମେଳା,୧୦।୨ (ଜୀବନକୃଷ୍ଣ ଦାସ)

ମାଲକାନଗିରି- ମୋଟୁ ୩୨୬ ନଂ ଜାତୀୟ ରାଜପଥ କାଲିମେଳା ପେଟ୍ରୋଲ ପମ୍ପ ନିକଟରେ ଏକ ଫ୍ୟାକ୍ଟ୍ରି ପାଖରେ ଜଣେ ବ୍ୟକ୍ତିଙ୍କ ବାଇକ୍ ଧକ୍କାରେ ମଙ୍ଗଳବାର ମୃତ୍ୟୁ ହୋଇଛି। ମୃତକ ହେଲେ ଗମ୍ପାକୋଣ୍ଡା ପଞ୍ଚାୟତ ଏମ୍‌ଭି ୬୬ ଗ୍ରାମର ଗୋବିନ୍ଦ ରାୟ(୪୫)। ସୂଚନାନୁଯାୟୀ, ଗୋବିନ୍ଦ କାଲିମେଳା ପେଟ୍ରୋଲ ପମ୍ପ ନିକଟରେ ରାସ୍ତାକଡ଼ରେ ଠିଆ ହୋଇଥିବା ବେଳେ ତାଙ୍କୁ ଏକ ବାଇକ୍ ଧକ୍କା ଦେଇଥିଲା। ଏଥିରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ବାଇକ ଚାଳକ ତେଲରାଇ ଗ୍ରାମର ଭୀମା ସୋଡ଼ୀ ଗୁରୁତର ରହିଛନ୍ତି। ତାଙ୍କୁ କାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରାଥମିକ ଚିକିତ୍ସା ପରେ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ଗୋବିନ୍ଦ ଅଲମୀରା ଫ୍ୟାକ୍ଟ୍ରିରେ ଡ୍ରାଇଭର ଭାବେ କାର୍ଯ୍ୟ କରୁଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ସରପଞ୍ଚଙ୍କୁ ବିରୋଧ କରି ବିଡିଓଙ୍କ ଦ୍ୱାରସ୍ଥ ହେଲେ ଜନପ୍ରତିନିଧି

### ପଞ୍ଚାୟତ ଗୃହ ଆସନାରେ ନିର୍ମାଣ କରିବାକୁ ଦାବି

କୁନ୍ଦୁରା,୧୦।୨(ସନ୍ତୋଷ ପ୍ରହରାଜ) କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଅଧୀନ ଉପାନ୍ତ ଆସନା ପଞ୍ଚାୟତର ୬ ୱାର୍ଡମେମ୍ବର ଓ ନାଏବ ସରପଞ୍ଚ ସରପଞ୍ଚଙ୍କୁ ବିରୋଧ କରି କୁନ୍ଦୁରା ବିଡିଓ ପି.ମନସ୍ୱିତାଙ୍କ ମଙ୍ଗଳବାର ଦ୍ୱାରସ୍ଥ ହୋଇଛନ୍ତି। ଏ ନେଇ ଏକ ଦାବିପତ୍ର ବିଡିଓଙ୍କୁ ପ୍ରଦାନ କରାଯାଇଛି। ଅତିଶୀଘ୍ର ଆସନା ପଞ୍ଚାୟତ ସରପଞ୍ଚ, ସମିତି ଓ ସମସ୍ତ ୱାର୍ଡ ମେମ୍ବରଙ୍କୁ ବ୍ଲକ୍ କାର୍ଯ୍ୟାଳୟକୁ ଡାକି ନିଷ୍କର୍ଷ ବାହାର କରି ସମସ୍ୟାର ସମାଧାନ କରାଯିବ ବୋଲି ବିଡିଓ ପ୍ରତିଶ୍ରୁତି ଦେଇଛନ୍ତି। ପୂର୍ବରୁ ସମସ୍ୟା ସାମାଧାନ ପାଇଁ ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ଡକାଯାଇଥିଲେ ସୁଦ୍ଧା କେହି ଆସୁନାହାନ୍ତି। ପୁଣି ସମସ୍ତଙ୍କୁ ଡକାଇ ସମାଧାନ କରିବାକୁ ଚେଷ୍ଟା କରିବି ବୋଲି ବିଡିଓ କହିଛନ୍ତି। ନିର୍ମାଣ ହେବାକୁ ଥିବା ନୂତନ ପଞ୍ଚାୟତ ଗୃହକୁ ଆସନା ଗ୍ରାମରେ କରିବାକୁ କୁହାଯାଇଛି। ଏହାକୁ ନେଇ ବିଗତ ୨ ମାସ ହେବ ଆସନା ପଞ୍ଚାୟତବାସୀ ଦାବି କରୁଛନ୍ତି। ଆସନା ପଞ୍ଚାୟତର ୮୦ପ୍ରତିଶତ ବାସିନ୍ଦା ଆସନା ଗ୍ରାମରେ ପଞ୍ଚାୟତ ଗୃହ ନିର୍ମାଣ କରିବାକୁ ଦାବି କରୁଛନ୍ତି। ଏଥିଯୋଗୁ ଆସନା ପଞ୍ଚାୟତର ୧୧ ଯାକ ୱାର୍ଡର ବାସିନ୍ଦା ସରକାରୀ ସହାୟତା ସୁବିଧାରେ ପାଇପାରିବେ। କିନ୍ତୁ ଆସନା ସରପଞ୍ଚ ଜୟନ୍ତୀ କୁଶପାରିଆ ପଞ୍ଚାୟତ ବାସିନ୍ଦାଙ୍କ ସୁବିଧା ଓ ମତାମତକୁ ବେଖାତିର କରି ଇଚ୍ଛା ମୁତାବକ ଉଦଲଗୁଡ଼ାରେ କରିବାକୁ ପଞ୍ଚାୟତର ନାଏବ ସରପଞ୍ଚ ଓ ୱାର୍ଡ ମେମ୍ବରଙ୍କୁ ବିନା ସୂଚନାରେ ପଞ୍ଚାୟତ ଗୃହ ନିର୍ମାଣ ପାଇଁ ମସୁଧା କରିଚାଲିଛନ୍ତି। ଆସନା ଗ୍ରାମରେ ନୂତନ ପଞ୍ଚାୟତ ଗୃହ ନିର୍ମାଣ ପାଇଁ ବ୍ଲକ ପ୍ରଶାସନର ସହଯୋଗରେ ରାଜସ୍ୱ ବିଭାଗ ପକ୍ଷରୁ ଜାଗା ଚିହ୍ନଟ ଓ ଟ୍ରେସମେପ ଆଦି ପ୍ରକ୍ରିୟା ଶେଷ ହୋଇଯାଇଛି। ଏହା ସତ୍ତ୍ୱେ ପଞ୍ଚାୟତର ଅନ୍ୟ ଜନ ପ୍ରତିନିଧିଙ୍କୁ ଖାତିର ନ କରି ସରପଞ୍ଚ ନିଜ ଇଚ୍ଛା ଅନୁସାରେ କାର୍ଯ୍ୟ କରିଥିବାରୁ ଏହାକୁ ବିରୋଧ କରୁଥିବା ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଗୃହ ନିର୍ମାଣ ନ କରି ଅର୍ଥ ଫେରସ୍ତ କରାଯାଏ, ଏଥିପାଇଁ ଆସନା ସରପଞ୍ଚ ସମ୍ପୂର୍ଣ୍ଣ ଦାୟୀ ରହିବେ ବୋଲି କୁହାଯାଇଛି।



ଜନପ୍ରତିନିଧିମାନେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

# ୧୩ରେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିଜେଡିର ଧାରଣା

### ଧାନମଣ୍ଡିରେ ଅବ୍ୟବସ୍ଥାକୁ ନେଇ ବିରୋଧ

ମାଲକାନଗିରି,୧୦।୨ (ସୁଚିତ୍ରା ଦାସ)

ମାଲକାନଗିରି ଜିଲା ବିଜୁ ଜନତା ଦଳ ତରଫରୁ ଆସନ୍ତା ୧୩ ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯିବ। ଏ ନେଇ ଏକ ପ୍ରସ୍ତୁତି ବୈଠକ ବିଜେଡି ଜିଲା କାର୍ଯ୍ୟାଳୟ ଲାଠିଆଗୁଡ଼ାଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଚଳିତ ଖରିଫ ଧାନ ସଂଗ୍ରହ ସମୟରେ କୃଷକମାନେ ବ୍ୟବସ୍ଥାଗତ ଶୋଷଣ, ପ୍ରଶାସନିକ ଉଦାସୀନତା ଓ ନିର୍ବାଚନ ପ୍ରତିଶ୍ରୁତି ପାଳନରେ ବିଫଳତାଜନିତ କଷଣର ସମ୍ମୁଖୀନ ହେଉଥିବାରୁ ଏହାକୁ ବିରୋଧ କରି ଧାରଣା ଦିଆଯିବ ବୋଲି ଜିଲା ବିଜେଡି ପକ୍ଷରୁ କୁହାଯାଇଛି।

୨୦୨୪ ନିର୍ବାଚନ ସମୟରେ ଭାଜପାର ନିର୍ବାଚନୀ ଇସ୍ତାହାରର ୨ ନମ୍ବର ପଏଣ୍ଟରେ ଧାନର ସର୍ବାଧିକ ସହାୟକ ମୂଲ୍ୟ ବୃଦ୍ଧି ଓ କଟନୀ-ଛଟନୀ ସମ୍ପୂର୍ଣ୍ଣ ବନ୍ଦ କରିବା ନେଇ ଚାଷୀଙ୍କୁ ପ୍ରତିଶ୍ରୁତି ଦିଆଯାଇଥିଲା। କିନ୍ତୁ ବାସ୍ତବ ସ୍ଥିତି ହେଉଛି, ରାଜ୍ୟରେ ଥିବା ମଣ୍ଡିଗୁଡ଼ିକ ଏବେ ଚାଷୀଙ୍କ ପାଇଁ ନିର୍ଯାତନାର କେନ୍ଦ୍ର ପାଲଟିଛି। ମଣ୍ଡିରେ ଆଦ୍ରତା ଓ ନିମ୍ନମାନର ବାହାନାରେ କ୍ୱିଣ୍ଟାଲ ପିଛା ୫ ରୁ ୭ କେଜି ପର୍ଯ୍ୟନ୍ତ କଟ୍‌ନିଛଟ୍‌ନି କରିବା ପରିତାପର ବିଷୟ। ମିଲର ଓ ସ୍ଥାନୀୟ ଅଧିକାରୀଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁ ଚାଷୀମାନେ ସେମାନଙ୍କ କଠିନ ପରିଶ୍ରମର ମୂଲ୍ୟ ପାଉନାହାନ୍ତି ବୋଲି ବିଜେଡି ଅଭିଯୋଗ କରିଛି। ସେହିପରି ରାଜ୍ୟର ସବୁ ଚାଷୀଙ୍କୁ କୁଇଣ୍ଟାଲ ପିଛା ଇନ୍‌ପୁଟ ସବ୍‌ସିଡି ୮୦୦ ଟଙ୍କା ଲେଖାଏ ଦେବାପାଇଁ ଭାଜପା ସରକାର ଘୋଷଣା କରିଥିଲେ ମଧ ତାହା ପାଳନ କରୁନାହାନ୍ତି। ଚାଷୀଙ୍କୁ ସେମାନଙ୍କ ସମଗ୍ର ଉତ୍ପାଦନ ଉପରେ ୩୧୦୦ ଟଙ୍କା ଇନ୍‌ପୁଟ ସବ୍‌ସିଡି ଦେବା ପାଇଁ ଘୋଷଣାରୁ ସରକାର କାହିଁକି ପଛଘୁଞ୍ଚା ଦେଉଛନ୍ତି ବୋଲି ବିଜେଡି ପ୍ରଶ୍ନ କରିଛି। ମଣ୍ଡିଗୁଡ଼ିକରେ ସର୍ବନିମ୍ନ ସୁବିଧାର ଅଭାବ, ଟୋକନ ବ୍ୟବସ୍ଥାରେ ବିଫଳତା ଏବଂ ପ୍ରାପ୍ୟ ପ୍ରଦାନରେ ଅହେତୁକ ବିଳମ୍ବ ଆଦି ସମସ୍ୟା ଚାଷୀଙ୍କୁ ଆନ୍ଦୋଳନାତ୍ମକ ମାର୍ଗ ବାଛିବାକୁ ବାଧ କରୁଛି। ସେହିପରି ଭାଜପା ନିର୍ବାଚନୀ ଇସ୍ତାହାରର ୨ ନମ୍ବର ପଏଣ୍ଟରେ ୪୮ଘଣ୍ଟା ମଧ୍ୟରେ ଡିବିଟି ଜରିଆରେ ପ୍ରାପ୍ୟ ଦେବା ପାଇଁ କୁହାଯାଇଥିଲେ ମଧ ଚାଷୀମାନଙ୍କୁ ସେମାନଙ୍କ ହକ୍ ପାଇବାକୁ ୧ ସପ୍ତାହରୁ ଅଧିକ ସମୟ ଲାଗୁଛି। କଟ୍‌ନିଛଟ୍‌ନି, ୧୫୦ କୁଇଣ୍ଟାଲ ଶିଳିଂ ଏବଂ ଧାନ ସଂଗ୍ରହ ଓ ପ୍ରାପ୍ୟ ପ୍ରଦାନରେ ଅହେତୁକ ବିଳମ୍ବ ଏକ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି କରିଛି; ଯେଉଁଥିପାଇଁ ଚାଷୀମାନେ ଅସାଧୁ ବ୍ୟବସାୟୀ ଓ ମିଲରଙ୍କ ଶୋଷଣର ଶିକାର ହେଉଛନ୍ତି ବୋଲି ବିଜେଡି କର୍ମକର୍ତ୍ତା ଅଭିଯୋଗ କରିଛନ୍ତି। ପ୍ରସ୍ତୁତି ବୈଠକରେ ମାଲକାନଗିରି ଜିଲା ବିଜେଡି ସଭାପତି ତଥା ପୂର୍ବତନ ବିଧାୟକ ମାନସ ମାଡକାମୀ, ଜିଲା ପରିଷଦ ଅଧ୍ୟକ୍ଷା ସମାରି ତାଙ୍ଗୁଲ, ଜିଲା ଉପସଭାପତି ପ୍ରଫୁଲ୍ଲ ପଣ୍ଡା, ଉପସଭାପତି ଉଦୟନାଥ ମାଡ୍ରି, ଜିଲା ପରିଷଦ ଉପାଧ୍ୟକ୍ଷ ପତିତପାବନ ବୈଦ୍ୟ, ପୌର ପରିଷଦ ଉପାଧ୍ୟକ୍ଷା କବିତା ମହନ୍ତ ପ୍ରମୁଖଙ୍କ ସହ ଜିଲା ବିଜେଡିର ସମସ୍ତ କର୍ମକର୍ତ୍ତା, ସମସ୍ତ ଜିଲା ପରିଷଦ ସଭ୍ୟସଭ୍ୟା,ସମସ୍ତ ବ୍ଲକ/ନଗର ଅଧ୍ୟକ୍ଷ ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ବିଜେଡି କର୍ମକର୍ତ୍ତା।

## ରାଜ୍ୟ, ଜାତୀୟସ୍ତରର ୨୯ କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧନା

କୋରାପୁଟ,୧୦।୨(ଅମିତାଭ ବେହେରା)

ଜାତୀୟସ୍ତରୀୟ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା କୃତୀ ପ୍ରତିଯୋଗୀମାନଙ୍କୁ କୋରାପୁଟ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଜିଲାପାଳ ମନୋଜ ସତ୍ୟବାନ ମହାଜନ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏଥିରେ ଜିଲାର ଯୁବତୀ ଯୁବକମାନେ ଦୌଡ଼, ତୀରନ୍ଦାଜି, କ୍ରିକେଟ ଆଦି ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତି ଜିଲା ପାଇଁ ଗୌରବ ଆଣିଥିବା ଜିଲାପାଳ କହିଛନ୍ତି। ଜିମ୍ନାଷ୍ଟିକ୍ସର କୁନି ପ୍ରତିଯୋଗୀ ଏମ.କେ. ସାଦୀଜା ହୁସେନ, ରାତିକା ଧଳ, ସାନଭି ସରୋ ଓ ସମସ୍ତ କ୍ରୀଡାର ୨୯ କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଜିଲା କ୍ରୀଡ଼ା ଅଧିକାରୀ ତଥା କୋରାପୁଟ ପୌର ପରିଷଦର ନିର୍ବାହୀ ଅଧିକାରୀ ଜ୍ଞାନଜିତ ତ୍ରିପାଠୀ ପରିଚାଳନା କରିଥିଲେ। କ୍ରୀଡ଼ା ବିଭାଗର ରାଜସ୍ୱ ସହାୟକ ଡିଲେଶ୍ୱର ପଣ୍ଡା ସହଯୋଗ କରିଥିଲେ।

## ଋଣମେଳାରେ ସ୍ୱୟଂ ସହାୟକଙ୍କୁ ଆର୍ଥିକ ସହାୟତା

ପଟ୍ଟାଙ୍ଗି,୧୦।୨(ଶରତ କୁମାର ଧଳ)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଋଣ ମେଳାରେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି। ବ୍ଲକରେ କାର୍ଯ୍ୟରତ ମିଶନଶକ୍ତି ପକ୍ଷରୁ ୧୪ ପଞ୍ଚାୟତ ସ୍ତରର ୧୦୨ ସ୍ୱୟଂ ସହାୟକ ଗୋଷ୍ଠୀକୁ ଷ୍ଟେଟ ବ୍ୟାଙ୍କ, ପଟ୍ଟାଙ୍ଗି ଓ ସୁଙ୍କି ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ଦ୍ୱାରା ୩ କୋଟି ୯୧ ଲକ୍ଷ ୪୩ ହଜାର ୫ ଶହ ଟଙ୍କା ଚେକ୍ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ବ୍ଲକ୍ ଅଧ୍ୟକ୍ଷା କଳ୍ପନା ପାଙ୍ଗୀ, ଜୋନ ୧ ଜିଲା ପରିଷଦ ସଭ୍ୟା ଟିକାଇ ଗେମେଲ, ଜୋନ ୨ ଜିଲା ପରିଷଦ ସଭ୍ୟ ଲଇଚନ ଖରା ପ୍ରମୁଖ ଯୋଗଦେଇଥିଲେ। ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ଏହି ସହାୟତା ପ୍ରଦାନ କରାଯାଇଛି। ଋଣକୁ ସମୟ ସୀମା ମଧ୍ୟରେ ପରିଶୋଧ କରି ପୁଣି ନେଇପାରିବେ ବୋଲି ୩ ବ୍ୟାଙ୍କ ପଦାଧିକାରୀ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନଙ୍କୁ ବୁଝାଇଥିଲେ। କାର୍ଯ୍ୟକ୍ରମରେ ବିଡିଓ ରାମକ୍ରିଷ୍ଣା ନାୟକ, ମିଶନଶକ୍ତି ବିଭାଗ ବିପିସି ଶ୍ରୀଧର ଜାନି ଓ ବିପିଏସି ଅଜୟ ପାଙ୍ଗି ଉପସ୍ଥିତ ଥିଲେ।



ଅତିଥି ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ଚେକ୍ ପ୍ରଦାନ କରୁଛନ୍ତି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**ଆବଶ୍ୟକ**
ଚେନ୍ନାଇ (ତାମିଲନାଡୁ)ର ଏକ ଚିକେନ୍ ଦୋକାନ ପାଇଁ ଅଭିଜ୍ଞ ଲୋକ ଆବଶ୍ୟକ।
ଯୋଗାଯୋଗ
86800 00062

**ଆବଶ୍ୟକ**
ଘରୋଇ କାର୍ଯ୍ୟ ନିମନ୍ତେ ସଚ୍ଚୋଟ, ଦାୟିତ୍ୱବାନ ଗୃହ କର୍ମଚାରୀ ଆବଶ୍ୟକ। କାର୍ଯ୍ୟ ସମୟ ସକାଳ ୯ ଟାରୁ ରାତି ୮ଟା ପର୍ଯ୍ୟନ୍ତ। ଅଭିଜ୍ଞତା ଅନୁଯାୟୀ ଦରମା। ମାତୃଭାଷା ଓଡ଼ିଆ ହୋଇଥିବା ଆବଶ୍ୟକ। ରହିବା ସୁବିଧା ଉପଲବ୍ଧ। ତୁରନ୍ତ ଯୋଗାଯୋଗ କରନ୍ତୁ। ସ୍ଥାନ - ଭୁବନେଶ୍ୱର। 9692566745 କୁ ବାୟୋଡାଟା ପଠାନ୍ତୁ।

See Career Appointment on every Wednesday & Saturday

**REQUIRED**
Required 2 Nos. of MARKETING (FEMALE) for a Educational Institute at Unit - 8, Bhubaneswar.
Cont.: 7609065707 (M)
email: msujata82@gmail.com

**WALK-IN-INTERVIEW**
Date: 18th & 19th Feb. 2026 | Time Starts from 11 A.M.
1.GNM: B.Sc. Nursing
2.Lab. Technician: DMLT/B.Sc. MLT
SUN HOSPITAL PVT. LTD.
Jubuli Town, Kantanali Bypass, Dhenkanal
Contact: 8249206554 | 7978091292 | 7735098892

## ODISHA COAL AND POWER LTD.

Odisha Coal and Power Limited (OCPL)

(A GOVT. OF ODISHA COMPANY)
Zone-A, Fourth Floor, Fortune Towers, Chandrasekharpur, Bhubaneswar – 751023, Odisha, Ph. No: 0674-2300654 / 2300664

### NOTICE INVITING TENDER

NIT No.: OCPL/SER-224/2026 Dt.: 11.02.2026

Sealed bids in prescribed format are invited from the Travel Agencies / Tour Operators for the following work:

| Sl. No. | Name of the Work | Cost of Tender Paper | Issue of Tender Document | Start date of Download and Submission of Tender document | Last Date of Submission/ Opening of Bid |
|---|---|---|---|---|---|
| 1 | Hiring of Light Commercial Vehicles for the Site Office of Odisha Coal and Power Limited at Sarbahal, Sundargarh, Odisha | NIL | 11.02.2026 | 11.02.2026 | 03.00 P.M./03.30 P.M. on 24.02.2026 |

For further details, bidders shall visit Tender Odisha Portal (Odisha Govt. e-Procurement System) i.e., **www.tendersodisha.gov.in** or may refer our website i.e. **www.ocpl.org.in**. Any clarification may please be addressed to the undersigned at the above address or by email to: **contracts@ocpl.org.in**.

**Sd./- Chief Operating Officer**

## CENTRE FOR DISTANCE AND ONLINE EDUCATION UNDER FAKIR MOHAN UNIVERSITY

VYASA VIHAR, BALASORE

### CORRIGENDUM

**Advertisement No. Estt.(T)-II-52/2026/1414 Dated: 10.2.26**
**Ref.: Advertisement No. Estt. (T)-II-52/2026/1368, Dated: 09.02.2026**

This is with reference to the Advertisement bearing No. Estt. (T)-II-52/2026/1368, Dated: 09.02.2026, inviting application for the post of Director, Centre for Distance and Online Education (CDOE).

"The complete applications in the prescribed form along with photocopies of two sets of all credential must reach the office of the Registrar, Fakir Mohan University, Balasore, Odisha, India - 756089 latest by 17.02.2026".

Thus the date 13.01.2026 may be read as 17.02.2026.

The inconvenience is regretted.

All other terms and conditions remain unchanged.

**Sd./- Registrar**

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427; ଇମେଲ୍: crpd@sbi.co.in
ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ସର୍କଲ ବେସ୍‌ଡ ଅଫିସରଙ୍କ ନିଯୁକ୍ତି**

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ନିୟମିତ ଆଧାରରେ ସର୍କଲ ବେସ୍‌ଡ ଅଫିସର୍ ଭାବରେ ନିଯୁକ୍ତି ପାଇଁ ଯୋଗ୍ୟ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନଗୁଡ଼ିକ ଆମନ୍ତ୍ରଣ କରାଯାଉଛି

ଖାଲି ପଦବୀ ସଂଖ୍ୟା: 2273
(ବ୍ୟାକଲଗ୍ ଖାଲି ପଦବୀ ସହିତ)

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା ଇତ୍ୟାଦି), ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ସହିତ ଅନଲାଇନ୍ ଆବେଦନ ଦାଖଲ ଓ ଆବେଦନ ଫିସ୍ ର ଅନଲାଇନ୍ ଦେୟ ପାଇଁ ଲିଙ୍କ୍, ବ୍ୟାଙ୍କର ୱେବସାଇଟ https://sbi.bank.in/web/careers/current-openings ରେ ବିଜ୍ଞାପନ ନମ୍ବର CRPD/CBO/2025-26/18 ଅଧୀନରେ ଉପଲବ୍ଧ। ପ୍ରାର୍ଥୀମାନେ ଆବେଦନ କରିବା ଏବଂ ଫିସ୍ ପଠାଇବା ପୂର୍ବରୁ ସେମାନଙ୍କର ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହୋଇ ସବିଶେଷ ବିଜ୍ଞାପନକୁ ଭଲ ଭାବେ ପଢ଼ିବା ପାଇଁ ପରାମର୍ଶ ଦିଆଯାଉଛି।

- ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 29.01.2026 ରୁ 18.02.2026 ପର୍ଯ୍ୟନ୍ତ।

ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟରେ ଉପଲବ୍ଧ https://sbi.bank.in/web/careers/current-openings.

ସ୍ଥାନ: ମୁମ୍ବାଇ
ତାରିଖ: 30.01.2026
ମହା ପ୍ରବନ୍ଧକ (ଆର୍‌ପି ଏବଂ ପିଏମ୍)

## बैंक ऑफ़ बड़ौदा Bank of Baroda

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

**କ୍ଷେତ୍ରୀୟ ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, କଟକ**
ପ୍ଲଟ ନଂ.: ସିଏମ୍-୨ବି, ପ୍ରଥମ ମହଲା, ସେକ୍ଟର-୭, ମର୍କତ ନଗର ଥାନା ନିକଟ, ସିଡ଼ିଏ, କଟକ-୭୫୩୦୧୪, ଓଡ଼ିଶା, ଭାରତ, ଫୋନ୍: ୦୬୭୧-୨୩୬୧୩୭୭, ମୋ.: ୭୦୭୭୭୨୨୭୧୩୩
ଇ-ମେଲ୍: sarcut@bankofbaroda.com

ଆପେଣ୍ଡିକ୍ସ- IV - A (ରୁଲ୍ ୮(୬) ଏବଂ ୯(୧) ଅନୁଯାୟୀ ପ୍ରଦତ୍ତ) ସ୍ଥାବର ସମ୍ପତ୍ତିଗୁଡ଼ିକର ନିଲାମ ନିମନ୍ତେ ବିକ୍ରୟ ବିଜ୍ଞପ୍ତି
ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ରୁଲ୍ ୮(୬) ଏବଂ ୯(୧) ଅନୁଯାୟୀ ସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ନୋଟିସ୍।

ଏତଦ୍ୱାରା ସର୍ବସାଧାରଣ, ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ବ୍ୟାଙ୍କ ଅଫ୍ ବରୋଦାର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା)ଙ୍କ ଦ୍ୱାରା ବ୍ୟାଙ୍କର ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର ସମ୍ପତ୍ତିଗୁଡ଼ିକୁ **ଭୌତିକ ଦଖଲରେ** ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ** ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି। ଋଣଗ୍ରହୀତା / ବନ୍ଧକଦାତା / ଗ୍ୟାରେଣ୍ଟିଦାତା / ସୁରକ୍ଷିତ ସମ୍ପତ୍ତି / ଦେୟ / ସଂରକ୍ଷିତ ମୂଲ୍ୟ / ଅମାନତ ରାଶି, ବିଡ୍ ବର୍ଦ୍ଧିତ ରାଶି, ଇ-ନିଲାମ ତାରିଖ ଏବଂ ସମୟର ବିସ୍ତୃତ ବିବରଣୀ ନିମ୍ନରେ ପ୍ରଦତ୍ତ:

| କ୍ର. ନଂ. | ଋଣଗ୍ରହୀତା/ପରିଚାଳନା ନିର୍ଦ୍ଦେଶକ/ ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିର ସଂକ୍ଷିପ୍ତ ବିବରଣୀ ସହିତ ଜ୍ଞାତ ଥିବା ଏନକମ୍ବ୍ରାନ୍‌ସେସ୍, ଯଦି ଥାଏ | ବକେୟା ଦେୟ | ଇ-ନିଲାମ ତାରିଖ ଓ ସମୟ | ସଂରକ୍ଷିତ ମୂଲ୍ୟ / EMD (ରାଶି) / ବିଡ୍ ବର୍ଦ୍ଧିତ ରାଶି | ଅଧିକୃତ ସମ୍ପତ୍ତିର ସ୍ଥିତି (ସାଙ୍କେତିକ / ଭୌତିକ) | ସମ୍ପତ୍ତି ଯାଞ୍ଚ ତାରିଖ ଏବଂ ସମୟ |
|---|---|---|---|---|---|---|---|
| ୧. | **ଋଣଗ୍ରହୀତା: ମେସର୍ସ ବାଲଗୋପାଳ ମିନେରାଲ୍ସ ପ୍ରା. ଲିଃ., ନିର୍ଦ୍ଦେଶକ: ଶ୍ରୀ ଦିନେଶ ଅଗ୍ରୱାଲ,** ମ୍ୟୁନିସିପାଲଟି ଅଫିସ୍ ନିକଟ, ସା/ପୋ.: ଯୋଡା, କେନ୍ଦୁଝର-୭୫୮୦୩୪, **ପରିଚାଳନା ନିର୍ଦ୍ଦେଶକ: ଶ୍ରୀ ଦିନେଶ ଅଗ୍ରୱାଲ,** ପିତା: ହରିରାମ ଅଗ୍ରୱାଲ, କ୍ରିଷ୍ଣା କୁଞ୍ଜ, ଓଲ୍ଡ ମ୍ୟୁନିସିପାଲ ଅଫିସ୍ ନିକଟ, ଭିଉପଏଣ୍ଟ ହୋଟେଲ ନିକଟ, ବାଂଶପାଣି ରୋଡ, ଯୋଡା, କେନ୍ଦୁଝର-୭୫୮୦୩୪ / **ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ଶୁଭେନ୍ଦୁ ପଟ୍ଟନାଏକ,** ପିତା: ଶ୍ରୀ ସନ୍ତୋଷ ପଟ୍ଟନାଏକ, ଯୋଡା ବସ୍ତି, ଯୋଡା, କେନ୍ଦୁଝର - ୭୫୮୦୩୪, **୨) ଶ୍ରୀ କମଳ କୁମାର ପାତ୍ର,** ସହିଦନଗର, ଯୋଡା, କେନ୍ଦୁଝର - ୭୫୮୦୩୪, **୩) ଶ୍ରୀ ମୁନ୍ନା ବେହେରା,** ପିତା: ଶ୍ରୀ କିର୍ତ୍ତନ ବେହେରା, ସାଗର ଟ୍ରାନ୍ସପୋର୍ଟ କମ୍ପ୍ଲେକ୍ସ, ଟେରେସା ସ୍କୁଲ ନିକଟ, ଯୋଡା, କେନ୍ଦୁଝର - ୭୫୮୦୩୪ | ଆଇନଗତ ବନ୍ଧକପ୍ରାପ୍ତ କାରଖାନା ଜମି ଯାହାର ପ୍ଲଟ୍ ନଂ.: ୪୫, ଖାତା ନଂ.: ୨୯/୧୪, କ୍ଷେତ୍ର: ଏକର ୧.୩୭ ଡିସିମିଲ, ମୌଜା: ଜଳହରି, ତହସିଲ: ବଡବିଲ, ଥାନା: ଯୋଡା, ଜିଲ୍ଲା: କେନ୍ଦୁଝର, ଓଡ଼ିଶା | ଟ.୨,୭୭,୨୩,୧୭୫/- + (ଡିମାଣ୍ଡ ନୋଟିସ୍ ୨୭.୦୪.୨୦୧୨ରିଖ ଅନୁଯାୟୀ ଲାଗୁ ହୋଇନଥିବା ସୁଧ ଓ ଅନ୍ୟାନ୍ୟ ଦେୟ) ଏବଂ **ତା.୦୯.୦୮.୨୦୨୫** ସୁଦ୍ଧା ବକେୟା **ଟ.୧୨,୬୫,୦୭,୬୫୨.୪୨** + ଆଇନଗତ ଖର୍ଚ୍ଚ ଏବଂ ଦେୟ | ୨୭.୦୨.୨୦୨୬ ଅପରାହ୍ନ ୨.୦୦ ଘଟିକାରୁ ଅପରାହ୍ନ ୬.୦୦ ଘଟିକା | ଟ.୨୭,୪୦,୦୦୦/- / ଟ.୨,୭୪,୦୦୦/- / ଟ.୧୫,୦୦୦/- | ଭୌତିକ | ୨୪.୦୨.୨୦୨୬ (କାର୍ଯ୍ୟାଳୟ ସମୟ ପୂର୍ବାହ୍ନ ୧୦.୦୦ଘଟିକା ରୁ ଅପରାହ୍ନ ୪.୦୦ଘଟିକା ମଧ୍ୟରେ) |
| ୨. | **ଋଣଗ୍ରହୀତା: ମେସର୍ସ ଅଭିଷେକ ଟ୍ରେଡର୍ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ କଲ୍ୟାଣବ୍ରତ ମହାନ୍ତି,** ସା/ପୋ.: ଧନେଶ୍ୱର, ଯାଜପୁର ରୋଡ୍, ଜିଲ୍ଲା: ଯାଜପୁର, ପିନ୍-୭୫୫୦୧୯ / **ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ଦେବବ୍ରତ ମହାନ୍ତି,** ପିତା: ରାଇଚରଣ ମହାନ୍ତି, **୨) ଶ୍ରୀମତୀ ମିହିର କୁମାରୀ ମହାନ୍ତି, ୩) ଶ୍ରୀ ସୁବ୍ରତ କୁମାର ମହାନ୍ତି,** ପିତା: ରାଇଚରଣ ମହାନ୍ତି, ସମସ୍ତଙ୍କ ଠିକଣା ସା/ପୋ.: ଧନେଶ୍ୱର, ଯାଜପୁର ରୋଡ୍, ଜିଲ୍ଲା: ଯାଜପୁର, ପିନ୍-୭୫୫୦୧୯ | **ଶ୍ରୀ କଲ୍ୟାଣବ୍ରତ ମହାନ୍ତି, ଶ୍ରୀମତୀ ମିହିର କୁମାରୀ ମହାନ୍ତି, ଶ୍ରୀ ଦେବବ୍ରତ ମହାନ୍ତି ଏବଂ ଶ୍ରୀ ସୁବ୍ରତ କୁମାର ମହାନ୍ତିଙ୍କ** ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଆଦି ସମ୍ପତ୍ତି ଯାହାର ଖାତା ନଂ.: ୪୨୨, ହାଲ ଖାତା ନଂ.: ୫୪୦/୬୪, ପ୍ଲଟ୍ ନଂ.: ୧୦୧୦, କ୍ଷେତ୍ର: ଏକର୦.୦୮ ଡିସିମିଲି, ମୌଜା: ଧନେଶ୍ୱର, ଯାଜପୁର ରୋଡ୍, ଜିଲ୍ଲା: ଯାଜପୁର | ଟ.୧୩,୩୨,୬୬୩/- + (ଡିମାଣ୍ଡ ନୋଟିସ୍ ୦୧.୦୧.୨୦୧୬ରିଖ ଅନୁଯାୟୀ ୦୧.୧୧.୨୦୧୫ରିଖ ଠାରୁ ଲାଗୁ ହୋଇନଥିବା ସୁଧ ଓ ଅନ୍ୟାନ୍ୟ ଦେୟ) ଏବଂ ଚୁକ୍ତିଭିତ୍ତିକ ବକେୟା **ତା.୧୨.୦୭.୨୦୨୫** ସୁଦ୍ଧା **ଟ.୫୯,୦୧,୯୮୧.୮୭**+ ଆଇନଗତ ଖର୍ଚ୍ଚ ଏବଂ ଦେୟ | ୨୭.୦୨.୨୦୨୬ ଅପରାହ୍ନ ୨.୦୦ ଘଟିକାରୁ ଅପରାହ୍ନ ୬.୦୦ ଘଟିକା | ଟ.୨୩,୩୨,୦୦୦/- / ଟ.୨,୩୩,୨୦୦/- / ଟ.୧୫,୦୦୦/- | ଭୌତିକ | ୨୪.୦୨.୨୦୨୬ (କାର୍ଯ୍ୟାଳୟ ସମୟ ପୂର୍ବାହ୍ନ ୧୦.୦୦ଘଟିକା ରୁ ଅପରାହ୍ନ ୪.୦୦ଘଟିକା ମଧ୍ୟରେ) |
| ୩. | **ଋଣଗ୍ରହୀତା: ମେସର୍ସ ସାଇ ମୋଟର୍ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଦୁର୍ଯ୍ୟୋଧନ ଦାସ,** ସା: ସମରାଇପୁର, ଏସ୍‌ବିଡି ଇଣ୍ଟରନ୍ୟାଶନାଲ୍ ସ୍କୁଲ ନିକଟ, ଭଦ୍ରକ - ୭୫୬୧୮୧, **ଶ୍ରୀ ଦୁର୍ଯ୍ୟୋଧନ ଦାସ,** ପିତା: ଶ୍ରୀ ଗଙ୍ଗାଧର ଦାସ, ସା: ଦାଗମୁଣ୍ଡା, ପୋ: ଉପର ବାଗୁରାଇ, ଗ୍ରାମ: ମାଧବନଗର, ଜିଲ୍ଲା: ଭଦ୍ରକ - ୭୫୬୧୮୧ / **ଗ୍ୟାରେଣ୍ଟିଦାତା: ଶ୍ରୀମତୀ ମନୋରମା ଦାସ,** ସ୍ୱାମୀ: ଶ୍ରୀ ଦୁର୍ଯ୍ୟୋଧନ ଦାସ, ସା: ଦାଗମୁଣ୍ଡା, ପୋ: ଉପର ବାଗୁରାଇ, ଗ୍ରାମ: ମାଧବନଗର, ଜିଲ୍ଲା: ଭଦ୍ରକ - ୭୫୬୧୮୧ | ଆଇନଗତ ବନ୍ଧକପ୍ରାପ୍ତ ଜମି ଯାହାର ପ୍ଲଟ୍ ନଂ.: ୩୨୪/୪୬୯୬,ଖାତା ନଂ.: ୭୬୬/୮୪୭, ପରିମିତ ମୋଟ କ୍ଷେତ୍ର: ଏକର ୦.୨୦ ଡିସିମିଲ, ମୌଜା: ଗେଲପୁର, ଥାନା: ଭଦ୍ରକ, ଜିଲ୍ଲା: ଭଦ୍ରକ | ଟ.୨୨,୦୮,୬୮୪/- + (ଡିମାଣ୍ଡ ନୋଟିସ୍ ୦୭.୦୯.୨୦୨୫ରିଖ ଅନୁଯାୟୀ ୦୧.୦୮.୨୦୧୫ରିଖ ଠାରୁ ଲାଗୁ ହୋଇନଥିବା ସୁଧ ଓ ଅନ୍ୟାନ୍ୟ ଦେୟ) ଏବଂ ଚୁକ୍ତିଭିତ୍ତିକ ବକେୟା **ତା.୦୯.୦୨.୨୦୨୬** ସୁଦ୍ଧା **ଟ.୪୪,୨୯,୬୩୦.୪୦**+ ଆଇନଗତ ଖର୍ଚ୍ଚ ଏବଂ ଦେୟ | ୧୫.୦୩.୨୦୨୬ ଅପରାହ୍ନ ୨.୦୦ ଘଟିକାରୁ ଅପରାହ୍ନ ୬.୦୦ ଘଟିକା | ଟ.୭,୦୦,୦୦୦/- / ଟ.୭୦,୦୦୦/- / ଟ.୧୫,୦୦୦/- | ଭୌତିକ | ୧୨.୦୩.୨୦୨୬ (କାର୍ଯ୍ୟାଳୟ ସମୟ ପୂର୍ବାହ୍ନ ୧୦.୦୦ଘଟିକା ରୁ ଅପରାହ୍ନ ୪.୦୦ଘଟିକା ମଧ୍ୟରେ) |

ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ପ୍ରଦତ୍ତ ଲିଙ୍କ୍ : **https://www.bankofbaroda.bank.in/e-auction.htm** ଏବଂ **https://baanknet.com** ଦେଖନ୍ତୁ। ସମସ୍ତ ସମ୍ଭାବ୍ୟ ବିଡରମାନେ ମଧ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଫୋନ୍ ନଂ.: ୦୬୭୧-୨୩୬୧୩୭୭, ମୋ.: ୭୦୭୭୭୨୨୭୧୩୩ ରେ ଯୋଗାଯୋଗ କରିପାରିବେ ଏବଂ ନିମ୍ନଲିଖିତ ବିଷୟ ପ୍ରତି ଦୃଷ୍ଟି ଦେବେ।

ଅଧିକ ବିବରଣୀ ନିମନ୍ତେ ଏହି କୋଡ୍ କୁ ସ୍କାନ୍ କରନ୍ତୁ।

ଅନ୍‌ଲାଇନ ଅମାନତ ରାଶି ଦାଖଲ କରିବାର ଅନ୍ତିମ ତାରିଖ:
କ୍ର.ନଂ.: ୧ ଓ ୨ ନିମନ୍ତେ- ୨୭.୦୨.୨୦୨୬ ଏବଂ କ୍ର.ନଂ.: ୩ ନିମନ୍ତେ- ୧୫.୦୩.୨୦୨୬ ଅପରାହ୍ନ ୫.୦୦ ଘଟିକା ସୁଦ୍ଧା

ସରଫେଶୀ ଆକ୍ଟ ୨୦୦୨ର ସଂଶୋଧନର ରୁଲ ୮(୫), ୮(୬) ଏବଂ ୯(୧) ଅନୁଯାୟୀ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ପରବର୍ତ୍ତୀ ୧୫/୩୦ ଦିନିଆ ବୈଧାନିକ ବିକ୍ରୟ ନୋଟିସ

ସ୍ଥାନ: କଟକ, ତାରିଖ: ୧୦.୦୨.୨୦୨୬ — କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ବରୋଦା

## PUBLIC NOTICE

SAHARA INDIA PARIWAR

It has come to our notice that Mr. Naveen Maurya has issued certain newspaper advertisements, made representations to revenue authorities, and released public statements in relation to properties situated at Berhampur, Odisha, claiming to act for and on behalf of Sahara India Pariwar.

We hereby clarify and place on record that Mr. Naveen Maurya has no authority whatsoever, whether express or implied, actual or ostensible, to represent, act for, or bind Sahara India Pariwar or any of its entities in any manner whatsoever, including but not limited to issuing any notices, making any representations, publishing any statements, or lodging any complaints for or on behalf of Sahara India Pariwar in relation to the Berhampur property or any other property of the Group.

Any publications, representations, statements or communications issued by Mr. Naveen Maurya in this regard are wholly unauthorised, do not represent the Sahara India Pariwar or its position and shall not be binding on Sahara India Pariwar in any manner whatsoever.

Members of the public, government authorities, and all concerned parties are hereby advised to disregard any such unauthorised communications, representations, or claims.

This clarification is being issued in the interest of transparency and to prevent any misunderstanding or misrepresentation.

For Sahara India Pariwar
Authorised Signatory

Date: 10 February 2026
Place: Lucknow

## OFFICE OF THE TAHASILDAR, BALIANTA

e-mail: tahasilbalianta@gmail.com
Nic Mail: tah.balianta-od@nic.in

Letter No. 800 Dt.04.02.2026

### PROCLAMATION

**Sub.:** Auction sale of property with two storyed building over Plot No. 317 of Mouza - Tiranpada arising out of Civil Execution No. 32/2015 of Family Court-II, BBSR.

No. 24001/19/2526: It is hereby proclaimed that the auction sale of the following attached scheduled land along with two storied building standing thereon as per order of the Hon'ble Family court-II, BBSR arising out of Civil Execution No. 32/2015 is required to be held on Dt.06.03.26 at 11.00 A.M. in the Office of the Tahasildar Balianta. The intending candidate who wants to participate in this auction sale has to deposit the security amount in shape of BD. as detailed below. The auction sale will be finalized in favour of the highest bidder and the highest bidder is to deposit the entire bid amount at once. The security deposit of others will be returned back soon after finalization of auction sale. Any default by the participant will lead to forfeiture of security deposit.

**LAND SCHEDULE**

Mouza - Tiranpada, Khata No. 180/6, Plot No. 317, Area - Ac.0.310
Cost of the lands and suilding = Rs.1,40,54,340.00
Security Deposit = Rs. 14,05,434.00

**OIPR-24001/24050/3/25-26/0001** **Sd./- Tahasildar, Balianta**

## झारखण्ड सरकार

**उपायुक्त का कार्यालय (जिला बाल संरक्षण इकाई), धनबाद**
मिश्रित भवन, Ground Floor, कमरा नम्बर - 7
दुरभाष - 7903353045
Email ID - dcps-dhanbad@jharkhandmail.gov.in

### गुमशुदा बच्चे की सूचना

एतद् द्वारा सूचित किया जाता है कि गुमशुदा बच्ची के बारे में पता लगाना है। जिसकी विवरणी निम्नवत है–



| | |
|---|---|
| नाम– | मिरू |
| लिंग– | स्त्री0 |
| पिता का नाम– | अज्ञात |
| माता का नाम– | अज्ञात |
| उम्र– | 12 वर्ष |
| रंग– | काला |
| ऊचाई– | 52 cm |
| वजन– | 29 kg |

बालिका मिरू, माता–पिता– अज्ञात, उम्र–12 वर्ष, रंग–काला। दिनांक–15.12.2025 को राजगंज थाना द्वारा बालिका को बाल कल्याण समिति, धनबाद में प्रस्तुत किया गया है। वर्तमान में बालिका मिशनरीज ऑफ चैरिटी, धनबाद में आवासित है। बालिका माता–पिता का नाम तथा पता बताने में असमर्थ है। बालिका थोड़ा–थोड़ा संथाली बोल पाती है।

आम जनता से अपील है कि इस बालक के संबंध में अगर कोई जानकारी उपलब्ध हो तो जिला बाल संरक्षण पदाधिकारी, धनबाद के संपर्क नम्बर–7903353045 पर जानकारी दे सकते है अथवा जिला बाल संरक्षण इकाई, धनबाद के कार्यालय मिश्रित भवन के कमरा नम्बर–7 में जानकारी दे सकते है।

कार्यालय का पता:–
जिला बाल संरक्षण इकाई, मिश्रित भवन के कमरा नं0–7
धनबाद। संपर्क नं0–7903353045

(साधना कुमारी)
जिला बाल संरक्षण पदाधिकारी, धनबाद

PR 372744 Women, Child Development & Social Security (25-26)_D

# ଚାଷୀଙ୍କ ସମସ୍ୟା ନେଇ ବିକ୍ଷୋଭ, ଦାବିପତ୍ର

## ବିକ୍ଷୋଭ ପ୍ରଦର୍ଶନକଲା ଜିଲା ବିଜେଡି

**ରାୟଗଡ଼ା,୧୦।୨(ଆଶିଷ ରଞ୍ଜନ ପଣ୍ଡା)**

ଚଳିତ ବର୍ଷ ଧାନ ବିକ୍ରି ପାଇଁ ଚାଷୀ ହନ୍ତସନ୍ତ ହେଉଥିବାକୁ ନେଇ ମଙ୍ଗଳବାର ଜିଲା ବିଜେଡି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ତୁରନ୍ତ ଚାଷୀଙ୍କ ସମସ୍ୟାର ସମାଧାନ କରି ଧାନ କିଣିବାକୁ ଦାବି କରିଛି ବିଜେଡି । ସେହିଭଳି ସରକାରୀ ଅନୁଦାନକୁ ହଡ଼ପ ପାଇଁ ଭାଜପା ଜିଲା ସଭାପତି ଉଦ୍ୟମ କରୁଥିବା ନେଇ ଜିଲା ବିଜେଡି ଅଭିଯୋଗ କରିଛି । ସରକାରଙ୍କ ଚାଷୀମାରଣ ନୀତି, ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା, ପ୍ରତିଶ୍ରୁତି ଖିଲାପ ଓ ଭାଜପା ଜିଲା ସଭାପତିଙ୍କ ଦୌରାତ୍ମ୍ୟ ଦର୍ଶାଇ ସରକାରଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିଜେଡି ଜିଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ସାରକାଙ୍କ ସଭାପତିତ୍ୱରେ ଏହି ବିକ୍ଷୋଭ ପ୍ରଦର୍ଶନରେ ଦଳୀୟ ନେତା ଓ କର୍ମୀ ସାମିଲ ହୋଇଥିଲେ ।

ସ୍ଥାନୀୟ ବସ୍‌ଷ୍ଟାଣ୍ଡସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପରେ ବହୁ ସଂଖ୍ୟାରେ ବିଜେଡି କର୍ମୀ ସରକାରଙ୍କ ବିରୋଧରେ ନାରାବାଜି କରି ସହର ପରିକ୍ରମାକରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଜିଲାର ୧୧ଟି ବ୍ଲକ୍ ଓ ୩ ସହରର ନେତା ଓ କର୍ମୀ ସାମିଲହୋଇ ସରକାରଙ୍କ ବିରୋଧରେ ପ୍ରତିବାଦ କରିଥିଲେ। ବିଶେଷକରି ମଣ୍ଡି ସମସ୍ୟାକୁ ଟାର୍ଗେଟ କରିଥିଲା ଜିଲା ବିଜେଡି। ଭାଜପା ସରକାରଙ୍କ ଶାସନରେ ଚାଷୀ ଖୁସି ନ ଥିବା କହି ସରକାରଙ୍କ ଉପରେ ବର୍ଷିଛନ୍ତି ଜିଲା ସଭାପତି ଜଗନ୍ନାଥ ସାରକା । ନାରୀକୁ ସୁରକ୍ଷା ଦେବା ଦିଗରେ ମଧ୍ୟ ସରକାର ବିଫଳ ହୋଇଥିବା ନେଇ ଗୁରୁତର ଅଭିଯୋଗ ଆଣିଛନ୍ତି । ଏ ନେଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ସ୍ମାରକପତ୍ର ପ୍ରଦାନ ସମୟରେ ଗଜପତି ଜିଲା ସଭାପତି ପ୍ରଦୀପ ନାୟକ, ଜିଲା କାର୍ଯ୍ୟକାରୀ ସଭାପତି ପି.ଗୌରୀ ଶଙ୍କର, ଜିଲା ପରଷଦ ଅଧ୍ୟକ୍ଷା ସରସ୍ୱତୀ ମାଝି, ଉପାଧ୍ୟକ୍ଷ ସନ୍ତୋଷ ସୁନା, ବରିଷ୍ଠ ନେତ୍ରୀ ଅନସୂୟା ମାଝୀ, ରାଜ୍ୟ ସାଧାରଣ ସମ୍ପାଦକ ସୁଧୀର ଦାଶ, ପୂର୍ବତନ ବିଧାୟକ ରଘୁନାଥ ଗମାଙ୍ଗ, ବରିଷ୍ଠ ନେତା ଜଗଦୀଶ ପାତ୍ର, ଜ୍ୟୋତି ପ୍ରକାଶ ସାହୁ, ରାୟଗଡ଼ା ପୌର ଉପାଧ୍ୟକ୍ଷା ଶୁଭ୍ର ପଣ୍ଡା, ନଗର ସଭାପତି ସାରଥି ପଟ୍ଟନାୟକ, ବିଜୁ ଯୁବ ଜନତାଦଳ ରାଜ୍ୟ ବରିଷ୍ଠ ଉପସଭାପତି ଦେବାଶିଷ ଖାଡ଼ଙ୍ଗା, ବିଜୁ ଛାତ୍ର ଜନତା ଦଳ ରାଜ୍ୟ କାର୍ଯ୍ୟକାରୀ ସଭାପତି ବିଷ୍ଣୁ ପଣ୍ଡା, ସାଧାରଣ ସମ୍ପାଦକ ବିନାୟକ ପଲେଇ, ଯୁବ ନେତା ଜଗନ୍ନାଥ ଦୋରା ପ୍ରମୁଖ ଉପସ୍ଥିତ ଥିଲେ ।



ବିଜେଡି ନେତା ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

## ଜିଲା କିଷାନ କଂଗ୍ରେସ କମିଟିର ଦାବିପତ୍ର



ଜିଲା କିଷାନ କଂଗ୍ରେସ ନେତା ଦାବିପତ୍ର ଦେଉଛନ୍ତି।

**ରାୟଗଡ଼ା, ୧୦।୨ (ଆଶିଷ ରଞ୍ଜନ ପଣ୍ଡା)**

ସାରା ରାଜ୍ୟରେ ମଣ୍ଡିଅବ୍ୟବସ୍ଥା ବିରୋଧରେ କୃଷକମାନେ ହନ୍ତସନ୍ତ ହେଉଥିବା ବେଳେ ଏବେ ବି କୃଷକମାନେ ରାସ୍ତା ଉପରେ ଧାନବସ୍ତା ରଖି ପ୍ରତିବାଦ କରୁଛନ୍ତି। ହେଲେ ରାଜ୍ୟ ସରକାର ତଥା ଜିଲା ପ୍ରଶାସନର ଆଖି ଖୋଲୁନାହିଁ । ଫଳରେ ଜନ ଅସନ୍ତୋଷ ଦିନକୁ ଦିନ ବୃଦ୍ଧି ପାଉଥିବାରୁ ସରକାରଙ୍କ ଏଭଳି ଅପାରଗତାକୁ ଟାର୍ଗେଟ କରି ମଙ୍ଗଳବାର ରାୟଗଡା ଜିଲା କିଷାନ କଂଗ୍ରେସ କମିଟି ଅଧ୍ୟକ୍ଷ ଏମ୍.ଗଙ୍ଗାଧର ଆଚାରୀଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ ନେତା ମଙ୍ଗଳବାର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ୩ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି । ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ନବୀନ ଚନ୍ଦ୍ର ନାୟକ ଦାବିପତ୍ର ଗ୍ରହଣ କରିଥିଲେ।

ଚାଷୀଙ୍କ ସମସ୍ତ ଅମଳ ଧାନକୁ ମଣ୍ଡିରେ ସଂଗ୍ରହ କରିବା, ଫସଲ ବୀମାରେ ଥିବା ଅସଂଗତିକୁଦୂରକରିଚାଷୀ ପରିବାରଙ୍କ ସ୍ୱାସ୍ଥ୍ୟ ବୀମା ଲାଗୁ କରିବା ଏବଂ ୫୫ବର୍ଷ ପରେ ଚାଷୀ ଓ ଭାଗଚାଷୀଙ୍କୁ ପେନ୍‌ସନ ବିଧେୟକ ପାରିତ କରିବା ଭଳି ୩ଦଫା ମୁଖ୍ୟ ଦାବି ଉପସ୍ଥାପନା କରାଯାଇଛି । ମିଲ୍ ମାଲିକ ଓ ରାଜ୍ୟ ଓ ଜିଲା ପ୍ରଶାସନର ମଧୁଚନ୍ଦ୍ରିକା ଯୋଗୁ ଚାଷୀଙ୍କ ଏଭଳି ପରିସ୍ଥିତି ଉପୁଜୁଛି ବୋଲି ଅଧ୍ୟକ୍ଷ ଆଚାରୀ ପ୍ରକାଶ କରିଛନ୍ତି। ରାଜ୍ୟ ସରକାରଙ୍କ ଟାଳଟୁଳ ନୀତି ଏବଂ ପ୍ରଶାସନିକ ଅବହେଳା ପାଇଁ ମଣ୍ଡିରେ କୌଣସି ପ୍ରକାର ଚାଷୀ ଉପଯୋଗୀ କାର୍ଯ୍ୟ ହେଉନାହିଁ । ଫଳରେ ଚାଷୀକୁଳ ବିଭିନ୍ନ ଯନ୍ତ୍ରଣା ଭୋଗିବାକୁ ବାଧ୍ୟ ହେଉଛନ୍ତି ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି । ଏହାର ସମାଧାନ ନ ହେଲେ ଆଗାମୀ ଦିନରେ କୃଷି ଓ ଯୋଗାଣ ମନ୍ତ୍ରୀଙ୍କ ବିରୋଧରେ ଜନ ଆନ୍ଦୋଳନ କରିବା ପାଇଁ କିଷାନ କଂଗ୍ରେସ କମିଟି ବାଧ୍ୟ ହେବ ବୋଲି କୁହାଯାଇଛି । ଦାବିପତ୍ର ପ୍ରଦାନ ବେଳେ ଜିଲା କଂଗ୍ରେସ କମିଟି ସଭାପତି ତଥା ରାୟଗଡା ବିଧାୟକ ଆପଲସ୍ୱାମୀ କାଡ୍ରାକା, ବିଧାୟକ ପ୍ରତିନିଧି ସତ୍ୟବାନ ମାଣ୍ଡାଙ୍ଗି, ରାୟଗଡ଼ା ବ୍ଲକ କଂଗ୍ରେସ ସଭାପତି ଗାଡିଗା ବାଟେଲି, କଲ୍ୟାଣସିଂହପୁର ବ୍ଲକ କଂଗ୍ରେସ ସଭାପତି ନାଗେଶ୍ୱର ରାଓ, ଏମ୍‌ପି ପ୍ରତିନିଧି କୁମାର ସ୍ୱାମୀ, ବରିଷ୍ଠ କଂଗ୍ରେସ ନେତା ପ୍ରସାଦ ରାଓ, ଜେମାଦେଈପେଣ୍ଠ ସରପଞ୍ଚ ଚନ୍ଦ୍ରଶେଖର ପୁଆଲାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ସରକାରଙ୍କ ଚାଷୀମାରଣ ନୀତି ବିରୋଧରେ ନାରାବାଜି କରିଥିଲେ ।

## ହତ୍ୟା ମାମଲାର ବର୍ଷେ ବିତିଲା, ପୋଲିସ ହାତ ଖାଲି

**ଗୁଣୁପୁର, ୧୦।୨ ( ସଂକେତ ପାତ୍ର)**

ଗୁଣପୁର ସହରର ହଳଦିଆ ନାଳ ନିକଟରେ ଥିବା ଏସ୍‌ବିଆଇ ଏଟିଏମ୍ ସମ୍ମୁଖରେ ଗତ ବର୍ଷ ଫେବୃଆରୀ ୧୨ ତାରିଖ ବିଳମ୍ବିତ ରାତ୍ରିରେ ହୋଇଥିବା ଜଣେ ଯୁବକଙ୍କ ହତ୍ୟା ଘଟଣାର ବର୍ଷେ ପୂରିବାକୁ ବସିଲାଣି, ହେଲେ ପୋଲିସ ଏବେ ସୁଦ୍ଧା ଅଭିଯୁକ୍ତଙ୍କ ଟେର୍ ପାଇପାରିନାହିଁ। ହତ୍ୟାକାଣ୍ଡର ସମସ୍ତ ଦୃଶ୍ୟ ସିସିଟିଭିରେ କଏଦ ହୋଇଥିଲେ ମଧ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବାରେ ଗୁଣପୁର ପୋଲିସ ବିଫଳ ହୋଇଥିବା ଅଭିଯୋଗ ହୋଇଛି।

ସୂଚନାଯୋଗ୍ୟ, ଗତ ବର୍ଷ ଫେବୃଆରୀ ୧୨ ତାରିଖ ବିଳମ୍ବିତ ରାତ୍ରିରେ ୨ଜଣ ଯୁବକ ମୁଖ୍ୟ ରାସ୍ତା ଉପରେ ସାଙ୍ଗ ହୋଇ ଯାଉଥିବା ସମୟରେ କୌଣସି କାରଣକୁ ନେଇ ଜଣେ ଯୁବକ ଆଉ ଜଣେ ଯୁବକଙ୍କ ମୁଣ୍ଡରେ ପଥର ଛେଚିବା ସହ ଲାତ ଓ ଗୋଇଠା ମାରି ଚାଲିଥିଲେ। ଘଟଣାସ୍ଥଳରେ ଯୁବକଙ୍କ ମୃତ୍ୟୁ ହୋଇଥିବା ଭାବି ଅନ୍ୟ ଜଣେ ଯୁବକ ସେଠାରୁ ଚାଲିଯାଇଥିଲେ। ଯୁବକ ଜଣକ ଗୁରୁତର ହୋଇ ଅଚେତ ଅବସ୍ଥାରେ ପଡ଼ିରହିଥିଲେ। ତା' ପରଦିନ ସକାଳେ ସ୍ଥାନୀୟ ଲୋକେ ୧୦୮ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଗୁଣପୁର ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପରେ ଗୁରୁତର ଯୁବକଙ୍କୁ ବ୍ରହ୍ମପୁର ବଡମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଯୁବକଙ୍କ ମୃତ୍ୟୁ ହୋଇଥିଲା। ମୃତକ ଗୁଡାରି ଥାନା ଅନ୍ତର୍ଗତ ଖାରିଗୁଡା ପଞ୍ଚାୟତର ଉପର କ୍ଷେତାଗୁଡ଼ା ଗ୍ରାମର ମୀନ ଶବରଙ୍କ ପୁଅ କୃଷ୍ଣ ଶବର (୩୮) ବୋଲି ଜଣାପଡ଼ିଥିଲା। ହେଲେ ଯିଏ ତାଙ୍କୁ ହତ୍ୟା କରିଥିଲେ ତାଙ୍କ ସମ୍ପର୍କରେ ଏଯାଏଁ ସୂଚନା ମିଳିପାରିନାହିଁ। କିଏ କେଉଁ କାରଣକୁ ନେଇ ଏଭଳି ହତ୍ୟାକାଣ୍ଡ ଘଟାଇଲେ ତାହା ତଦନ୍ତ ସାପେକ୍ଷ ପାଇଁ ସାଧାରଣରେ ଦାବି ହୋଇଥିଲା। ସେହି ସମୟରେ ପୋଲିସ ନିଜ ଆଡୁ ମାମଲା ରୁଜୁ କରିଥିବା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅମୂଲ୍ୟ ଧର କହିଛନ୍ତି। ଏ ସମ୍ପର୍କରେ ଗୁଣପୁର ଆଦର୍ଶ ଥାନା ଆଇଆଇସି କମଳକାନ୍ତ କହଁରକୁ ପଚାରିବାରୁ ବର୍ତ୍ତମାନ ଯାଏଁ ଅଭିଯୁକ୍ତଙ୍କ କୌଣସି ପତ୍ତା ମିଳିନାହିଁ, ତଦନ୍ତ ଚାଲିଥିବା କହିଛନ୍ତି।

## ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ବିଡିଓଙ୍କ ସହ ଆଲୋଚନାକଲେ ବିଧାୟକ



ବିଧାୟକ ସତ୍ୟଜିତ ଗମାଙ୍ଗ ବିଡିଓଙ୍କ ସହ ଆଲୋଚନା କରୁଛନ୍ତି।

**ଗୁଡାରି, ୧୦।୨ (ପ୍ରମୋଦ କୁମାର ପତି)**

ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ ମଙ୍ଗଳବାର ଗୁଡାରି ଗସ୍ତରେ ଆସି ବ୍ଲକ୍ କାର୍ଯ୍ୟାଳୟକୁ ଯାଇ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ବିଡିଓ ସୁଚିସ୍ମିତା ବେହେରାଙ୍କ ସହ ଆଲୋଚନା କରିଛନ୍ତି। ମୁଖ୍ୟତଃ ଆଗକୁ ଗ୍ରୀଷ୍ମଋତୁ ଆସୁଥିବାରୁ ବ୍ଲକର ପ୍ରତ୍ୟେକ ଗ୍ରାମରେ ପାନୀୟ ଜଳ ସୁବ୍ୟବସ୍ଥା କରିବା ସହ ସମସ୍ତ ଶିକ୍ଷାନୁଷ୍ଠାନରେ ପାନୀୟ ଜଳର ବ୍ୟବସ୍ଥା କରିବା ନେଇ ଆଲୋଚନା କରିଥିଲେ। ଏହାବ୍ୟତୀତ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ପଚାରି ବୁଝିଥିଲେ। ବିଭିନ୍ନ ଯୋଜନାରେ ଆସୁଥିବା ଅନୁଦାନ ପାଣ୍ଠିକୁ ପ୍ରତ୍ୟେକ ଗ୍ରାମପଞ୍ଚାୟତରେ ବଣ୍ଟନ କରିବା ନିମନ୍ତେ ବିଡିଓଙ୍କୁ କହିଥିଲେ। ସରକାରଙ୍କ ସମସ୍ତ ଯୋଜନା କିପରି ପ୍ରତ୍ୟେକ ପରିବାର ନିକଟରେ ପହଞ୍ଚିବ ସେ ନେଇ ପରାମର୍ଶ ଦେଇଥିଲେ।

## ଗୁର୍ଜିଆ ରାସ୍ତା ଚିହ୍ନଟ, ନିର୍ମାଣ ନେଇ ଦାବିପତ୍ର



ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

**ଗୁଣପୁର,୧୦।୨(ସଂକେତ ପାତ୍ର)**

ଗୁଣୁପୁର ପୌରପରିଷଦର ମରାଠିଗୁଡ଼ାରୁ କପିଳପୁର ମଧ୍ୟରେ ଥିବା ଏକ ଗୁର୍ଜିଆ ରାସ୍ତା ଜବରଦଖଲରେ ରହିଛି। ଜବରଦଖଲ ହଟାଇ ଉକ୍ତ ରାସ୍ତା ଚିହ୍ନଟ ସହ ନିର୍ମାଣ କରିବାକୁ ସୋମବାର ମରାଠିଗୁଡ଼ା ଗ୍ରାମବାସୀ ଓ ଶାନ୍ତିନଗର ଅଞ୍ଚଳବାସୀ ରାୟଗଡା ଜିଲାପାଳ ଆଶୁତୋଷ କୁଲକର୍ଣ୍ଣି ଓ ଉପଜିଲ୍ଲାପାଳ ଦୁଧାଲ ଅଭିଷେକ ଦିଲିପଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

ତହସିଲ ମ୍ୟାପରେ ଗୁଣପୁର ପୌରପରିଷଦ ୧୮ ନଂ ୱାର୍ଡ ଅଧୀନ ମରାଠିଗୁଡ଼ାରୁ ଭାୟା ଶାନ୍ତି ନଗରା ଦେଇ କପିଳପୁର ପର୍ଯ୍ୟନ୍ତ ଏକ ଗୁର୍ଜୀଆ ରାସ୍ତା ରହିଛି। ଏହି ରାସ୍ତା ଏବେ ଜବରଦଖଲରେ ରହିଛି। ଦଲାଲମାନେ ତାହାକୁ ସଙ୍କୁଚିତ କରିବା ସହ ବିକ୍ରୀ ମଧ୍ୟ କରୁଥିବା ଲୋକେ ଅଭିଯୋଗ କରିଛନ୍ତି। ଗୁଣପୁର ଟେଲିଫୋନ୍ ଏକ୍ସଚେଞ୍ଜ ପଛପଟେ ଏବେ ଅସ୍ଥାୟୀ ପାଚେରି କରି ଗୁର୍ଜିଆ ରାସ୍ତାକୁ ମାଡ଼ି ବସିବା ଓ କେତେଜଣ ଲୋକ ଘର ତିଆରି କରୁଥିବା ଦେଖିବାକୁ ମିଳୁଛି। ଶାନ୍ତି ନଗର ଦେଇ ପ୍ରବାହିତ ହେଉଥିବା ନାଳ ଏବେ ମ୍ୟାପରୁ ନିଖୋଜ ରହିଛି। ଗୁଣପୁର ପୌରପରିଷଦର ବର୍ଦ୍ଧିତ ଜନସଂଖ୍ୟାକୁ ନଜରରେ ରଖି ଲୋକଙ୍କ ହିତପାଇଁ ପୂର୍ତ୍ତ ବିଭାଗ ରାସ୍ତା କରିବା ନେଇ ଏକ ସର୍ଭେ କରିଥିବା ଜଣାପଡ଼ିଛି। ତୁରନ୍ତ ପ୍ରଶାସନ ରାସ୍ତା ନିର୍ମାଣ ପାଇଁ ମରାଠିଗୁଡ଼ା ଓ ଶାନ୍ତିନଗର ଗ୍ରାମବାସୀ ଦାବି କରିଛନ୍ତି। ଜିଲାପାଳ ଦାବିପତ୍ର ଗ୍ରହଣ କରିବା ସହ ସମସ୍ୟା ସମାଧାନ ଦିଗରେ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ପୌରପରିଷଦ ଅଧିକାରୀ ସନ୍ତୋଷ ନାୟକଙ୍କୁ ସମସ୍ୟା ଦିଗରେ ଦୃଷ୍ଟିଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ରାୟଗଡ଼ା ଖେଳାଳିଙ୍କୁ ମିଳିଲା ୫ ସ୍ୱର୍ଣ୍ଣ, ୪ ରୌପ୍ୟ, ୧ କାଂସ୍ୟ ପଦକ

**ରାୟଗଡ଼ା,୧୦।୨(ଆଶିଷ ରଞ୍ଜନ ପଣ୍ଡା)**

**ରାଜ୍ୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତା**

ଓଡ଼ିଶା ଶକ୍ତି ଉତ୍ତୋଳନ ସଂଘ ପକ୍ଷରୁ ଭୁବନେଶ୍ୱରସ୍ଥିତ ଉତ୍କଳ କରାଟେ ବିଦ୍ୟାଳୟଠାରେ ଆୟୋଜିତ ୩୨ତମ ରାଜ୍ୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତାରେ ରାୟଗଡ଼ା ଜିଲା ପ୍ରତିଯୋଗୀ ୫ ସ୍ୱର୍ଣ୍ଣ, ୪ ରୌପ୍ୟ, ୧ କାଂସ୍ୟ ପଦକ ହାସଲ କରିଛନ୍ତି। ୬ରୁ ୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ପ୍ରତିଯୋଗିତାରେ ସାରା ରାଜ୍ୟରୁ ୩୫୨ଜଣ କ୍ରୀଡ଼ାବିତ ଯୋଗଦେଇଥିବାବେଳେ ରାୟଗଡ଼ା ଜିଲାର ୨୨ଜଣ ଅଂଶଗ୍ରହଣ କରିଥିଲେ । ରାୟଗଡ଼ା ଜିଲାର ପ୍ରତିଯୋଗୀଙ୍କ ମଧ୍ୟରୁ କନିଷ୍ଠ ବର୍ଗ ୫୩ କେ.ଜି.ରେ ନିମାଲପୁରୀ ତରୁଣ ସ୍ୱର୍ଣ୍ଣ, ୫୯ କେ.ଜି.ରେ ଅଭିଷେକ ହିମିରିକା ସ୍ୱର୍ଣ୍ଣ, ବରିଷ୍ଠ ବର୍ଗରେ ୫୯ କେ.ଜି.ରେ ତେଜାବ କୁମାର ସୁନା ସ୍ୱର୍ଣ୍ଣ, ମାଷ୍ଟର ବର୍ଗ ୭୪ କେ.ଜି.ରେ ବିଟିବି ରାମନାମୂର୍ତ୍ତି ସ୍ୱର୍ଣ୍ଣ, କନିଷ୍ଠ ବର୍ଗ ୯୩ କେ.ଜି.ରେ ବିଶ୍ୱରଞ୍ଜନ ପାଣି ରୌପ୍ୟ, କନିଷ୍ଠ ବର୍ଗ ୧୦୫କେ.ଜି.ରେ ମୋହିତ ଗିରି ସ୍ୱର୍ଣ୍ଣ ଓ ଦେବଶଙ୍କର ଗାନ୍ଧୀ ରୌପ୍ୟ ପଦକ ପାଇଛନ୍ତି । ସେହିଭଳି କନିଷ୍ଠ ବର୍ଗ ୭୫ କେ.ଜି.ରେ ସୌମ୍ୟରଞ୍ଜନ ସାମଲ କାଂସ୍ୟ, ଉପକନିଷ୍ଠ ୯୩ କେ.ଜି.ରେ ନିଲେଶ ଗୌଡ଼ ରୌପ୍ୟ ଏବଂ ମାଷ୍ଟର ବର୍ଗ ୬୩ କେ.ଜି.ରେ ଦମୟନ୍ତୀ ବାଡ୍ରିଆ ରୌପ୍ୟ ପଦକ ହାସଲ କରିଛନ୍ତି । ଖେଳାଳିମାନେ ରାୟଗଡ଼ା ଶକ୍ତି ଉତ୍ତୋଳନ ସଂଘର ସମ୍ପାଦକ ସଦାଶିବ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଭୁବନେଶ୍ୱରରେ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସଫଳତା ହାସଲ କରିଛନ୍ତି । ଏହି ପ୍ରତିଯୋଗିତାରେ ରାୟଗଡ଼ା ଟିମ୍ ପାଇଁ ତେଜାବ ଟିମ୍ ମ୍ୟାନେଜର ଦାୟିତ୍ୱ ତୁଲାଇଥିବା ବେଳେ ରାମନାମୂର୍ତ୍ତି କୋଚ୍ ହିସାବରେ ଦାୟିତ୍ୱ ତୁଲାଇଥିଲେ । ମୋଟ ୧୦ଟି ପଦକ ହାସଲକରି ରାୟଗଡ଼ା ଜିଲାକୁ ଗୌରାବନ୍ୱିତ କରିଥିବା କାରଣରୁ ସମସ୍ତ କ୍ରୀଡ଼ାବିତ୍‌ଙ୍କୁ ଜିଲା ଶକ୍ତି ଉତ୍ତୋଳନ ସଂଘର ସଭାପତି ଦୁର୍ଗା ପ୍ରସାଦ ପଣ୍ଡା, ସାଧାରଣ ସମ୍ପାଦକ ସଦାଶିବ ତ୍ରିପାଠୀ ଏବଂ ଅନ୍ୟମାନେ ଶୁଭେଚ୍ଛା ଜଣାଇଛନ୍ତି।




ପଦକ ହାସଲ କରିଥିବା ପ୍ରତିଯୋଗୀମାନେ।

## ଖବର ପ୍ରକାଶ ପରେ ଖୋଲିଲା ଶୌଚାଳୟ

**ଗୁଣପୁର, ୧୦।୨ (ସଂକେତ ପାତ୍ର)**



ସାଧାରଣ ଲୋକଙ୍କ ପାଇଁ ଖୋଲାଯାଇଥିବା ଶୌଚାଳୟ।

ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଅଭିଯାନ (ମୁକ୍ତା) ଅଧୀନରେ ଗୁଣପୁର ପୌର ପରିଷଦ ତହସିଲ କାର୍ଯ୍ୟାଳୟ ନିକଟରେ ଲକ୍ଷାଧିକ ଟଙ୍କା ବ୍ୟୟରେ ସାର୍ବଜନିକ ଶୌଚାଳୟ ନିର୍ମାଣ ହେବାର ୩ ବର୍ଷ ପରେ ବି ତାଲା ବନ୍ଦ ଅବସ୍ଥାରେ ରହିଥିଲା। ଏ ନେଇ ୧୮।୧।୨୦୨୬ରେ ଧରିତ୍ରୀରେ 'ଲୋକଙ୍କ କାମରେ ଆସୁନି ନିର୍ମିତ ଶୌଚାଳୟ' ଶୀର୍ଷକ ଖବର ପ୍ରକାଶ ପାଇବା ପରେ ବନ୍ଦ ଥିବା ଶୌଚାଳୟ ସାଧାରଣ ଲୋକଙ୍କ ପାଇଁ ଖୋଲାଯାଇଛି। ଏବେ ଶୌଚାଳୟ ବ୍ୟବହାର ଉପଯୋଗୀ ହେବା ସହ ରକ୍ଷଣାବେକ୍ଷଣ ନିମନ୍ତେ ପୌର ପରିଷଦ କର୍ମଚାରୀ ତଥା ସାନିଟାଇଜେସନ ଏକ୍ସପର୍ଟ ରମଣୀ ରଞ୍ଜନ ପାଢ଼ୀଙ୍କୁ ଦାୟିତ୍ୱ ଦିଆଯାଇଥିବା ଗୁଣପୁର ପୌର ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକ କହିଛନ୍ତି । ସେଠାର ସ୍ୱଚ୍ଛତା ସହ ପାଣିର ବ୍ୟବସ୍ଥା କରାଯାଇଥିବା ରମଣୀରଞ୍ଜନ ପାଢ଼ୀ କହିଛନ୍ତି।

ମୁକ୍ତା ଅଧୀନରେ ପ୍ରାୟ ୩,୦୩,୭୧୫ ଟଙ୍କା ବ୍ୟୟରେ ୧୦।୧୨।୨୦୨୨ରେ ପ୍ରକଳ୍ପର କାର୍ଯ୍ୟ ଆରମ୍ଭ ହୋଇ ୧୩।୧।୨୦୨୩ରେ ଶୌଚାଳୟ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲା। ମା' ଲକ୍ଷ୍ମୀ ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ଏହି ଶୌଚାଳୟ ନିର୍ମାଣ ହୋଇଥିଲା। ପ୍ରକଳ୍ପ ପରିଚାଳନା ଯନ୍ତ୍ରୀ ଭାବେ ଦାୟିତ୍ୱରେ ଥିଲେ ରବୀନ୍ଦ୍ର ନାଥ ଦାସ। ହେଲେ ନିର୍ମାଣ ହେବାର ପ୍ରାୟ ୩ ବର୍ଷ ପର୍ଯ୍ୟନ୍ତ ଏହାକୁ ସାଧାରଣ ଲୋକଙ୍କ ପାଇଁ ଖୋଲାଯାଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା।

## ଶେଫାଳି ପାହାଡ଼ରେ ନିଆଁ

**ଗୁଣପୁର, ୧୦।୨(ସଂକେତ ପାତ୍ର)**

ଗୁଣପୁର ଶେଫାଳି ପାହାଡରେ ମଙ୍ଗଳବାର ସନ୍ଧ୍ୟାରେ ନିଆଁ ଲାଗିଯାଇଥିଲା। ହନୁମାନ ମନ୍ଦିର ନିକଟରେ କେହି ଜଣେ ଅସାଧୁ ବ୍ୟକ୍ତି ଜଙ୍ଗଲରେ ପଡିଥିବା ଶୁଖିଲା ପତ୍ରରେ ନିଆଁ ଲଗାଇ ଦେବାରୁ ଏହି ନିଆଁ ଜଙ୍ଗଲରେ ବ୍ୟାପି ଯାଇଥିଲା। ସ୍ଥାନୀୟ ଲୋକେ ଗୁଣୁପୁର ବନ ବିଭାଗକୁ ସୂଚନା ଦେବାରୁ ଫରେଷ୍ଟର ପୂର୍ଣ୍ଣ ପାତ୍ର ଓ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ଏଠାରେ କିଏ ନିଆଁ ଲଗାଇଲା ତାହାର ତଦନ୍ତ କରାଯିବ ବୋଲି ଫରେଷ୍ଟର କହିଥିଲେ। ଏହି ପାହାଡରେ ରାମେଶ୍ୱରଙ୍କ ଶୈବପୀଠ ରହିଛି। କୋଟି କୋଟି ଟଙ୍କା ଖର୍ଚ୍ଚ କରି ବିଭିନ୍ନ ସୌନ୍ଦର୍ଯ୍ୟକରଣ କାମ ହୋଇଛି। ହେଲେ କେତେଜଣ ଅସାଧୁ ବ୍ୟକ୍ତିଙ୍କ ଏଭଳି ଭୁଲ ଯୋଗୁ ବହୁ ମୂଲ୍ୟବାନ ଗଛ ନଷ୍ଟ ହୋଇଯାଉଥିବା ବୁଦ୍ଧିଜୀବୀ କହିଛନ୍ତି। ପୂର୍ବରୁ ପାହାଡିଆ ଅଞ୍ଚଳର ଚାଷୀମାନେ ପୋଡୁଚାଷ କରିବା ପାଇଁ ଏଭଳି ଜଙ୍ଗଲରେ ନିଆଁ ଲଗାଇ ଦେଉଛନ୍ତି। ତେଣୁ ବନ ବିଭାଗ ଏଥିପ୍ରତି ସଜାଗ ରହିବା ସହ ଲୋକଙ୍କୁ ସଚେତନତା କରାଇବା ନେଇ ପଦକ୍ଷେପ ନେବାକୁ ଦାବି ହୋଇଛି।



ବନ କର୍ମଚାରୀ ନିଆଁ ଲିଭାଉଛନ୍ତି।

## ଏଆଇର ସୁରକ୍ଷିତ, ଦାୟିତ୍ୱପୂର୍ଣ୍ଣ ବ୍ୟବହାର ଉପରେ ଗୁରୁତ୍ୱ

**ରାୟଗଡ଼ା, ୧୦।୨(ଆଶିଷ ରଞ୍ଜନ ପଣ୍ଡା)**

**ସୁରକ୍ଷିତ ଇଣ୍ଟରନେଟ୍ ଦିବସ**

ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ସରକାରୀ ଆଇଟିଆଇରେ ମଙ୍ଗଳବାର ସୁରକ୍ଷିତ ଇଣ୍ଟରନେଟ୍ ଦିବସ ପାଳନ ହୋଇଯାଇଛି। ସ୍ମାର୍ଟ ଟେକ୍, ସୁରକ୍ଷିତ ଚୟନ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ସୁରକ୍ଷିତ ଓ ଦାୟିତ୍ୱପୂର୍ଣ୍ଣ ବ୍ୟବହାର ଥିମ୍ ଉପରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଆଇଟି ଯୁଗ୍ମ ନିର୍ଦ୍ଦେଶକ ଗୁଣ ଶେଖର ନେଥେଟି ଏବଂ ଜିଲା ସୂଚନା ବିଜ୍ଞାନ ଅଧିକାରୀ ଏନ୍‌ଆଇସିଙ୍କ ନେତୃତ୍ୱରେ ଜିଲା ସମନ୍ୱୟକ ସିଏମ୍‌ଜିଆଇ ସହଯୋଗରେ ସକାଳେ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କ ଉପସ୍ଥିତିରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅପରାହ୍ନରେ ରାୟଗଡ଼ା ସରକାରୀ ଆଇଟିଆଇରେ ରାୟଗଡ଼ା ଅତିରିକ୍ତ ଜିଲାପାଳ ନବୀନ ଚନ୍ଦ୍ର ନାଏକଙ୍କ ଉପସ୍ଥିତିରେ ଆଉ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଇଣ୍ଟରନେଟ୍ ସୁବିଧା ଓ ଅସୁବିଧା, ସମ୍ଭାବ୍ୟ ସାଇବର ଆକ୍ରମଣ, ସାଧାରଣ ଅନ୍‌ଲାଇନ ଠକେଇ, ସାଇବର ଠକେଇରୁ ସୁରକ୍ଷା, ମୋବାଇଲ ଆପ୍ ସୁରକ୍ଷା, ସାଇବର ବୁଲିଂ, କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ମୂଳ ଧାରଣା, ଏଆଇର ସୁରକ୍ଷିତ ବ୍ୟବହାର, ସୋସିଆଲ ମିଡିଆ ସଚେତନତା, ସାଇବର ନୀତି ଏବଂ ଅନ୍‌ଲାଇନ ସୁରକ୍ଷା ପାଇଁ ଉତ୍ତମ ପ୍ରଥା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ୨୧୩ ଜଣ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଗୁଣ ଶେଖର ନେଥେଟି ଉଦ୍‌ବୋଧନ ଦେଇ ସାଇବର ସ୍ୱଚ୍ଛତାର ଗୁରୁତ୍ୱ ଉପରେ ଜୋର ଦେଇ ଛାତ୍ରୀଛାତ୍ର ଓ ଅଧିକାରୀଙ୍କୁ ସୁରକ୍ଷିତ ଇଣ୍ଟରନେଟ୍ ବ୍ୟବହାର କରିବାକୁ ଆହ୍ୱାନ କରିଥିଲେ। ଶେଷରେ ଏକ ଆଲୋଚନାଚକ୍ରରେ ସାଇବର ସୁରକ୍ଷା ସମ୍ପର୍କିତ ପ୍ରଶ୍ନ ଓ ଅନୁଭବ ସମ୍ପର୍କରେ କହିଥିଲେ।



ସଚେତନତା କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଉପସ୍ଥିତ ଛାତ୍ରୀଛାତ୍ର।

**ସଂକ୍ଷେପରେ**

## ବ୍ଲକ୍‌ସ୍ତରୀୟ କୃମିନାଶକ ଔଷଧ ସେବନ ଶୁଭାରମ୍ଭ

**ଜୟପୁର, ୧୦ା୨ (ପବନ ପାଣିଗ୍ରାହୀ)**

ଜୟପୁର ବ୍ଲକ କଙ୍ଗାସ୍ଥିତ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟରେ ବ୍ଲକସ୍ତରୀୟ କୃମିନାଶକ ଔଷଧ ସେବନ ମଙ୍ଗଳବାର ଶୁଭାରମ୍ଭ ହୋଇଛି। ଏଥିରେ ରାବଣାଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡା. ସ୍ୱସ୍ତିକ ମହଲା, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଧରିତ୍ରୀ ମୁଦୁଲି, ବ୍ଲକ୍ ଆକାଉଣ୍ଟସ ମ୍ୟାନେଜର ହିମାଂଶୁ ମିଶ୍ର, ବିପିଏମ୍ ସନ୍ତୋଷିନୀ ପଣ୍ଡାଙ୍କ ସହ ପ୍ରିନ୍ସିପାଲ, ଶିକ୍ଷୟିତ୍ରୀ ଓ ଶିକ୍ଷକ ଉପସ୍ଥିତ ଥିଲେ। ବ୍ଲକରେ ୧୯୫ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ୩ଶହ ଅଙ୍ଗନୱାଡି କେନ୍ଦ୍ରର ଶିଶୁମାନଙ୍କୁ କୃମି ଔଷଧ ଦିଆଯାଇଛି।

## ବିଶ୍ୱ ହିନ୍ଦୁ ପରିଷଦ କର୍ମକର୍ତ୍ତା ଚୟନ

**ଦଶମନ୍ତପୁର, ୧୦ା୨ (ଅରବିନ୍ଦ ନାୟକ)**

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ୍ ଚନ୍ଦନ ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର ପରିଷର ମଧ୍ୟରେ ବିଶ୍ୱ ହିନ୍ଦୁ ପରିଷଦର ବୈଠକରେ ବ୍ଲକ୍‌ସ୍ତରୀୟ କର୍ମକର୍ତ୍ତା ଚୟନ ପ୍ରକ୍ରିୟା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ସମ୍ପାଦକ ସଂଯୁକ୍ତ କୁମାର ନନ୍ଦ, ମଠ ମନ୍ଦିର ପ୍ରମୁଖ ପ୍ରଭାତ ରଥ, ଜିଲା କୋଷାଧ୍ୟକ୍ଷ ରାଧାନାଥ ପଟ୍ଟନାୟକ, ବଜରଙ୍ଗ ଦଳ ପ୍ରମୁଖ ସି.ଏଚ୍. ବୁଝାଙ୍ଗୀ ଆଚାରୀ, ସହ ସଂଯୋଜକ ଏସ୍.ରବି କୁମାର ଯୋଗଦେଇଥିଲେ। ଜଗନ୍ନାଥ ମନ୍ଦିର ସଭାପତି ନାରାୟଣ ବିଷୋୟୀ, ପୂର୍ବତନ ବିଧାୟକ କୈଳାସ ଚନ୍ଦ୍ର କୁଲେସିକା, ଲକ୍ଷ୍ମଣ ବିଷୋୟୀ, ଦେବରାଜ ପଟ୍ଟନାୟକ, ଚନ୍ଦ୍ରସେନ ଗରଡ଼ା, ବ୍ରଜେନ୍ଦ୍ର କଂସାରୀ, କାଳିଆ ସାଗର, ବାଲୁଙ୍କେଶ୍ୱର ନାୟକ, କୃପାସିନ୍ଧୁ ବାଣୁଆ, ବେଣୁଧର ସୁବୁଦ୍ଧି, ଘନଶ୍ୟାମ ସୁବୁଦ୍ଧିଙ୍କ ସହ ୫୦ରୁ ଉର୍ଦ୍ଧ୍ୱ ସଭ୍ୟ ଉପସ୍ଥିତ ଥିଲେ। ସର୍ବସମତି କ୍ରମେ ବ୍ଲକ ସଭାପତି ଭାବେ ଚନ୍ଦସେନ ଗରଡ଼ା, ଉପସଭାପତି ବାଲେଙ୍କେଶ୍ୱର ନାୟକ, ସମ୍ପାଦକ ଦାଶରଥି ମୁଦୁଲି,ସହ ସମ୍ପାଦକ ଲକ୍ଷ୍ମଣ ବିଷୋୟୀଙ୍କୁ ଚୟନ କରାଯାଇଛି। ୧୬ ପଞ୍ଚାୟତ ସ୍ତରରେ ହିନ୍ଦୁମାନଙ୍କୁ ନେଇ ପଞ୍ଚାୟତସ୍ତରୀୟ କମିଟି ଗଠନ କରିବାକୁ ନିଷ୍ପତ୍ତି ନିଆଯାଇଛି।


# ୧୪ ପଞ୍ଚାୟତର ବିସ୍ଥାପିତଙ୍କୁ ଥଇଥାନ ନିର୍ଦ୍ଦେଶ

■ ଆନ୍ଧ୍ର, ଓଡ଼ିଶାର ମୁଖ୍ୟ ଶାସନ ସଚିବ, ଜିଲାପାଳଙ୍କୁ ନୋଟିସ

■ ମାଛକୁଣ୍ଡ ଜଳବିଦ୍ୟୁତ୍ ପ୍ରକଳ୍ପ ପାଇଁ ଜମି ଦେଇ ବିସ୍ଥାପିତ ପ୍ରସଙ୍ଗ

**ନନ୍ଦପୁର, ୧୦ା୨ (ତୁଷାର କାନ୍ତ ମହାନ୍ତି)**

ମାଛକୁଣ୍ଡ ଜଳବିଦ୍ୟୁତ୍ ପ୍ରକଳ୍ପ ପାଇଁ ୧୪ ପଞ୍ଚାୟତବାସୀ ବିସ୍ଥାପିତ ହୋଇଛନ୍ତି। ପ୍ରକଳ୍ପ ନିର୍ମାଣର ୭୦ ବର୍ଷ ପରେ ମଧ୍ୟ ବିସ୍ଥାପିତଙ୍କ ସମସ୍ୟାର ସମାଧାନ ହୋଇ ନ ଥିବା ନେଇ ସାମାଜିକ କର୍ମୀ ତଥା ଆଇନଜୀବୀ ଅନୁପ କୁମାର ପାତ୍ରଙ୍କ ଅଭିଯୋଗକୁ ଜାତୀୟ ମାନବ ଅଧିକାର କମିଶନର ଗ୍ରହଣ କରିଛନ୍ତି। କମିଶନ କାର୍ଯ୍ୟାଳୟ ପକ୍ଷରୁ ନଂ. ୩୧୦୪/ ଆଇଏନ/ ୨୦୨୬ ତା.୧୦।୨।୨୦୨୬ ପ୍ରକାରେ ମାମଲା ରୁଜୁ କରାଯାଇ ଓଡ଼ିଶା ଏବଂ ଆନ୍ଧ୍ର ପ୍ରଦେଶର ମୁଖ୍ୟ ଶାସନ ସଚିବ, କୋରାପୁଟ, ଆନ୍ଧ୍ର ଆଲୁରି ସିଥାରମନ(ଏଏସ୍‌ଆର) ଜିଲାପାଳ, ପ୍ରକଳ୍ପ ପରିଚାଳନା କରୁଥିବା ଓଡ଼ିଶା ହାଇଡ୍ରୋ ପାୱାର କର୍ପୋରେଶନ ଆନ୍ଧ୍ର ପାୱାର ଜେନେରେଶନ କର୍ପୋରେଶନ(ଏପିଜେନକୋ) କର୍ତ୍ତୃପକ୍ଷଙ୍କୁ ପକ୍ଷ ରଖି ନୋଟିସ ଜାରି କରିଛନ୍ତି। ସ୍ୱତନ୍ତ୍ର କମିଟି ଗଠନକରି ୧୪ ବିସ୍ଥାପିତ ପଞ୍ଚାୟତବାସୀଙ୍କ ଥଇଥାନ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ପରେ ନନ୍ଦପୁର ବ୍ଲକର ବିସ୍ଥାପିତ ହୋଇଥିବା ୧୦ ପଞ୍ଚାୟତବାସୀ ଓ ଲମତାପୁଟ ବ୍ଲକ୍‌ର ୪ ସମୁଦାୟ ୧୪ ପଞ୍ଚାୟତର ୨ଶହରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଖୁସି ବ୍ୟକ୍ତ କରିଛନ୍ତି। ବିସ୍ଥାପିତଙ୍କ ସମସ୍ୟାକୁ



National Human Rights Commission
Manav Adhikar Bhawan Block-C, GPO Complex, INA., DELHI -110023

Adv.Anup Kumar Patro,
Sriram Nagar,Parabeda,Jeypore Dist-Koraput KORAPUT , ODISHA
Dated: 10/02/2026

[D]ear Adv.Anup Kumar Patro,
The Commission has recieved your complaint and it has assigned diary number as 3104/IN/2026 with the following details:-

**Complainant Details**

| | | | |
|---|---|---|---|
| Name: | Adv.Anup Kumar Patro | | |
| Mobile: | 9437165095 | Email: | anuppatro5522@gmail.com |
| Address: | Sriram Nagar,Parabeda,Jeypore Dist-Koraput | | |
| District: | KORAPUT | State: | ODISHA |

**Victim Details**

| | | | |
|---|---|---|---|
| Victim Name: | Displaced Villagers Nandapur Lamatapur | Gender: | Unknown |
| Religion: | Unknown | Cast: | Unknown |
| Address: | Nandapur764037 | | |
| District: | KORAPUT | State: | ODISHA |

**Incident Details**

| | | | |
|---|---|---|---|
| Incident Place: | Machakunda power project | Incident Date: | 10/02/2026 |
| Incident Category: | RELIEF AND REHABILITATION OF DISPLACED PERSONS | | |
| Incident District: | KORAPUT | Incident State: | ODISHA |
| Is it filed before any Court / State HRC | No | | |
| | BEFORE THE HONOURABLE CHAIRMAN,NATIONAL HUMAN RIGHTS COMMISSION (NHRC). ManavAdhikar, Bhawan, Block-C, GPO Complex, INA, New Delhi - 110023 COMPLAINT/PLAINT UNDER SECTION 12 OF THE PROTECTION OF HUMAN RIGHTS ACT, 1993 IN THE MATTER OF: Adv. Anup Kumar Patro Human RightsDefender & RTI Activist Resident of Sriram Nagar, Parabeda, Jeypore - 764001, District: Koraput, Odisha. ... COMPLAINANT VERSUS The Chief Secretary, Government of Odisha, Bhubaneswar. The Chief Secretary, Government of Andhra Pradesh, Amaravati. The District Magistrate/Collector, Koraput, Odisha. The District Magistrate/Collector, Alluri Sitharama Raju district, Andhra Pradesh. The Managing Director,Odisha PowerGeneration Corporation(OPGC) Bhubaneswar Odisha. The Managing Director, APGENCO, Andhra | | |

ଜାତୀୟ ମାନବ ଅଧିକାର କମିଶନର କାର୍ଯ୍ୟାଳୟ ପକ୍ଷରୁ ହୋଇଥିବା ନୋଟିସ।

ଦୃଷ୍ଟିଗୋଚରକୁ ଆଣିଥିବା ଧରିତ୍ରୀ ଖବରକୁ ରାଜ୍ୟ ଓ ଜାତୀୟ ସ୍ତରକୁ ପହଞ୍ଚାଇଥିବା ଆଇନଜୀବୀ ପାତ୍ରଙ୍କ ପ୍ରଶଂସା କରିଛନ୍ତି।

ସୂଚନା ମୁତାବକ ଜିଲାର ମାଛକୁଣ୍ଡ ଜଳବିଦ୍ୟୁତ୍ ପ୍ରକଳ୍ପର ଜୋଲାପୁଟ ଜଳଭଣ୍ଡାର ନିର୍ମାଣ ପାଇଁ ନନ୍ଦପୁର ବ୍ଲକର ବିଲାପୁଟ, ଅତଣ୍ଡା, ପାଙ୍ଗଲୁଙ୍ଗ, କୁଲାରସିଂ, ପରଜାବଡ଼ପଡ଼ା, ଗୋଲୁର, ପାଡୁଆ, କୁଲାବିର, ବାଲଡ଼ା, ବାଡେଲ ପଞ୍ଚାୟତର ୧୫୬ ଗ୍ରାମବାସୀ ୧୮୨୦୦ ହେକ୍ଟର ଜମି ଦେଇ ବିସ୍ଥାପିତ ହୋଇଥିଲେ। ପ୍ରକଳ୍ପ ସ୍ଥଳ ନିର୍ମାଣ ପାଇଁ ଲମତାପୁଟ ବ୍ଲକର ଚିକେନପୁଟ, ଅନକାଡେଲି, ବାଡିଗଡ ଓ ଗୋଡ଼ିହଞ୍ଜାର ପଞ୍ଚାୟତବାସୀ ବିସ୍ଥାପିତ ହୋଇଥିଲେ। ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇ ବିଦ୍ୟୁତ୍ ଉତ୍ପାଦନ ହେବାର ୭୦ ବର୍ଷ ବିତିଥିଲେ ସୁଦ୍ଧା ଏଯାଏ ବିସ୍ଥାପିତଙ୍କ ସମସ୍ୟା ସମାଧାନ ହୋଇନାହିଁ। ଗ୍ରାମବାସୀଙ୍କୁ ବିଦ୍ୟୁତ୍ ମିଳୁ ନ ଥିବା ବେଳେ ସେମାନଙ୍କୁ ପ୍ରକଳ୍ପରେ ନିଯୁକ୍ତି ମିଳୁନାହିଁ। ୧୪ ପଞ୍ଚାୟତରେ କୌଣସି ଉନ୍ନୟନମୂଳକ ବିକାଶ କାର୍ଯ୍ୟ ମଧ କରାଯାଉ ନାହିଁ। ପ୍ରକଳ୍ପ ପରିଚାଳନା କରୁଥିବା ୨ ରାଜ୍ୟ ସରକାର, ଓଡ଼ିଶା ହାଇଡ୍ରୋ ପାୱାର କର୍ପୋରେଶନ (ଓଏଚ୍‌ପିସି) ଓ ଆନ୍ଧ୍ର ପ୍ରଦେଶ ପାୱାର ଜେନେରେଶନ କର୍ପୋରେଶନ(ଏପିଜେନକୋ), କୋରାପୁଟ ଓ ଏଏସ୍‌ଆର ଜିଲାପାଳ ବିସ୍ଥାପିତ ୧୪ ପଞ୍ଚାୟତବାସୀଙ୍କ ପ୍ରତି ଅଣଦେଖା କରୁଥିବା ବୁଡି ଅଞ୍ଚଳ ବିସ୍ଥାପିତ ପରିଷଦର ଅଭିଯୋଗ ସମ୍ପର୍କରେ ଧରିତ୍ରୀରେ ଖବର ପ୍ରସାରିତ ହୋଇଥିଲା। ଏହାକୁ ଆଇନଜୀବୀ ମାନବ ଅଧିକାର କମିଶନରଙ୍କ ସମେତ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପୂର୍ବରୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଅଭିଯୋଗର ସମୀକ୍ଷା କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ମଙ୍ଗଳବାର ଜାତୀୟ ମାନବ ଅଧିକାର କମିଶନର ମାମଲା ରୁଜୁକରି ପ୍ରତିପକ୍ଷ ଭାବେ ୨ ରାଜ୍ୟର ମୁଖ୍ୟ ଶାସନ ସଚିବ, ୨ ଜିଲାପାଳ ଓ ମାଛକୁଣ୍ଡ ହାଇଡ୍ରୋ ପାୱାର ପ୍ରକଳ୍ପ ପରିଚାଳନା କରୁଥିବା ୨ ରାଜ୍ୟର ପ୍ରକଳ୍ପ କର୍ତ୍ତୃପକ୍ଷଙ୍କୁ ନୋଟିସ ଜାରି କରିଛନ୍ତି। ଏହାକୁ ବିସ୍ଥାପିତଙ୍କ ପାଇଁ ଲଢ଼େଇ କରୁଥିବା ନନ୍ଦପୁର ବୁଡି ଅଞ୍ଚଳ ବିକାଶ ପରିଷଦର ସଭାପତି ଆକାଶ ଖିଲ, ଉପସଭାପତି ହରି ହନ୍ତାଳ, ସମ୍ପାଦକ ଜୟରାମ ପାରୀଆ, ସହ ସମ୍ପାଦକ ନନ୍ଦ ପୂଜାରୀ ପ୍ରମୁଖ ପ୍ରଶଂସା କରିଛନ୍ତି। ୨ ରାଜ୍ୟ ସରକାର ମିଳିତ ଆଲୋଚନା କରି ଆମର ସମସ୍ୟାର ସମାଧାନ କରିବାକୁ ନିର୍ଦ୍ଦେଶ ଦେବେ ବୋଲି ଆଶା ରଖିଥିବା କହିଛନ୍ତି।

## ଜିଲାରେ କୃମିମୁକ୍ତି ଅଭିଯାନ ଆରମ୍ଭ



ଅତିଥିମାନେ ପୋଷ୍ଟର ଉନ୍ମୋଚନ କରୁଛନ୍ତି ।

**କୋରାପୁଟ, ୧୦ା୨ (ଅମିତାଭ ବେହେରା)**

ଜାତୀୟ କୃମିନାଶକ ଦିବସ ଉପଲକ୍ଷେ କୋରାପୁଟ ଜିଲା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ କୃମିମୁକ୍ତି ଅଭିଯାନର ମଙ୍ଗଳବାର ଆରମ୍ଭ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ କୃମିନାଶକ ଔଷଧ ପ୍ରଦାନ କରାଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ନରେଶ ଚନ୍ଦ୍ର ଶବର ଛାତ୍ରୀଛାତ୍ରଙ୍କୁ କୃମିନାଶକ ଔଷଧ ସେବନ କରିବାକୁ ପରାମର୍ଶ ଦେଇଛନ୍ତି। ୧ରୁ ୫ବର୍ଷ ବୟସର ପିଲାଙ୍କ ସଂଖ୍ୟା ୧,୪୮,୯୫୪ ଓ ୬ରୁ ୧୯ ବର୍ଷ ବୟସର ପିଲାଙ୍କ ସଂଖ୍ୟା ୩,୯୩,୯୦୦ ରହିଛି। ଏଥିସହ ୨୦ରୁ ୨୪ ବର୍ଷ ବୟସର ପ୍ରଜନନକ୍ଷମ ମହିଳାଙ୍କ ସଂଖ୍ୟା ୫୮,୮୮୭ ଥିବା ଜଣାପଡ଼ିଛି। କାର୍ଯ୍ୟକ୍ରମ ଅନୁସାରେ ୧ରୁ ୧୯ ବର୍ଷ ବୟସର ସମସ୍ତ ପିଲାଙ୍କୁ ଅଙ୍ଗନୱାଡି କେନ୍ଦ୍ର ଓ ବିଦ୍ୟାଳୟରେ କୃମିନାଶକ ଔଷଧ ଦିଆଯିବ ବୋଲି ଜଣାପଡ଼ିଛି। ସେହିପରି ଅଣପଞ୍ଜୀକୃତ ଓ ବିଦ୍ୟାଳୟ ଯାଉ ନ ଥିବା ପିଲାମାନଙ୍କ ସହ ୨୦ରୁ ୨୪ ବର୍ଷ ବୟସର ପ୍ରଜନନକ୍ଷମ ମହିଳାମାନେ(ଗର୍ଭାବତୀ ଓ ପ୍ରସୂତି ବ୍ୟତୀତ) ଅଙ୍ଗନୱାଡି କେନ୍ଦ୍ରରେ ଔଷଧ ସେବନ କରିବେ। କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ରବୀନ୍ଦ୍ରନାଥ ମିଶ୍ର, ଏଡିପିଏଚ୍‌ଓ(ପରିବାର କଲ୍ୟାଣ) ଡା. ନୀଳମାଧବ ଶତପଥୀ ଓ ବିଦ୍ୟାଳୟର ପ୍ରଧାନଶିକ୍ଷକ ହିମାଂଶୁ ଶେଖର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## କଳାହାଣ୍ଡି କପ୍ କ୍ରିକେଟ୍ ମ୍ୟାଚ୍ ପାଇଁ ୧୫ ଖେଳାଳି ମନୋନୀତ



ଚୟନ ହୋଇଥିବା ଖେଳାଳିମାନେ।

**ସୁନାବେଡ଼ା, ୧୦ା୨ (କୃତ୍ତିବାସ ପ୍ରଧାନ)**

କୋରାପୁଟ ଜିଲା ସୁନାବେଡ଼ା ହାଲ୍ ଷ୍ଟାଡିୟମରେ ଓସିଏ ପକ୍ଷରୁ ଆୟୋଜିତ କଳାହାଣ୍ଡି କପ୍ କ୍ରିକେଟ ମ୍ୟାଚ୍‌ର ଖେଳାଳି ଚୟନ ପ୍ରକ୍ରିୟା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ କୋରାପୁଟ, ଜୟପୁର, ବୋରିଗୁମ୍ମା, ସୁନାବେଡ଼ା, ସେମିଳିଗୁଡ଼ା, ଦାମନଯୋଡ଼ି ଓ ନନ୍ଦପୁର ଆଦି ଅଞ୍ଚଳର ପ୍ରାୟ ୫୦ ଖେଳାଳି ଅଂଶ ଗ୍ରହଣ କରିଥିଲେ। ଖେଳାଳିମାନଙ୍କ ବ୍ୟାଟିଂ, ବୋଲିଂ, ଫିଲ୍ଡିଂ ଓ କ୍ୟାଚ୍ ଦକ୍ଷତା ଭିତ୍ତିରେ ୧୫ ଖେଳାଳିଙ୍କୁ ଆଗାମୀ ଦିନରେ ହେବାକୁ ଥିବା କଳାହାଣ୍ଡି କପ ପାଇଁ ଚୟନ କରାଯାଇଛି। ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ପ୍ରଭାତ କୁମାର ନାୟକ, ଅଭିଳାଷ ହରିଚନ୍ଦନ, ଓଡ଼ିଶା ଆଥ୍‌ଲେଟିକ୍ସ ଆସୋସିଏଶନ ଯୁଗ୍ମ ସମ୍ପାଦକ ରବି ନାୟକ, ଓଡ଼ିଶା ଅଲମ୍ପିକ ଆସୋସିଏଶନ କାଉନସିଲ ମେମ୍ବର ଅନୁପ ପାତ୍ରଙ୍କ ତତ୍ତ୍ୱାବଧାନରେ ଖେଳାଳି ଚୟନ ହୋଇଛି। ଶିବିରରେ ହାଲ୍ ସ୍ପୋର୍ଟସ କ୍ଲବ ସଭାପତି ଏନ୍.ରବି ଶଙ୍କର ପଟ୍ଟନାୟକ, ସମ୍ପାଦକ ପବିତ୍ର ଲେଙ୍କା, ସହ ସମ୍ପାଦକ ଏଲ୍‌ଜେସ ଲାକ୍ରା, ବାରିଆଲ ହେମ୍ବ୍ରମ, ବାବୁଲା ରାଉତ, ଦୀନେଶ କୁମାର ମହାପାତ୍ର ଓ ରତ୍ନାକର ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## ବିଜୁ ପଟ୍ଟନାୟକ ଡିଗ୍ରୀ କଲେଜ ରଜତ ଜୟନ୍ତୀ

**କୁନ୍ଦୁରା, ୧୦ା୨ (ସନ୍ତୋଷ ପ୍ରହରାଜ)**

କୋରାପୁଟ ଜିଲା କୁନ୍ଦୁରା ବ୍ଲକ୍ ଉପକଣ୍ଠସ୍ଥିତ ବିଜୁ ପଟ୍ଟନାୟକ ସ୍ନାତକ ମହାବିଦ୍ୟାଳୟରେ ରଜତ ଜୟନ୍ତୀ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଏଥିରେ ଜୟପୁର ବିକ୍ରମଦେବ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦେବୀ ପ୍ରସାଦ ମିଶ୍ର, ନବରଙ୍ଗପୁର ପୂର୍ବତନ ଏମ୍‌ପି ଭଗବାନ ମାଝୀ, ପ୍ରାଧ୍ୟାପକ ଡ.ଗୋପାଳ ହାଲଦାର, ଜିଲା ପରିଷଦ ଉପାଧ୍ୟକ୍ଷ ରାଧା ବିନୋଦ ସାମନ୍ତରାୟ, ପଞ୍ଚାୟତ ସମିତି ଅଧ୍ୟକ୍ଷା ବନିତା କାନ୍ଦଲିଆ, ଜିଲା ପରିଷଦ ସଭ୍ୟା ୨ କନକଲତା ପେଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷା କ୍ଷେତ୍ରରେ ପିଲାଙ୍କ ଉନ୍ନତି ହେବା ନେଇ ଅତିଥି ପରାମର୍ଶ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ କୁନ୍ଦୁରା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ତରୁଣୀସେନ ବିଷୋୟୀ, କୋଟପାଡ଼ ପୂର୍ବତନ ବିଧାୟକ ଚନ୍ଦ୍ରଶେଖର ମାଝୀ, କୁନ୍ଦୁରା ସରପଞ୍ଚ ଲବ ପରଜା, ସମିତି ସଭ୍ୟ ଦାମୋଦର ଗଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟକ୍ଷ ହୃଦୟ ରଞ୍ଜନ ପଣ୍ଡା ୨୫ ବର୍ଷର ବିବରଣୀ ପାଠ କରିଥିଲେ। ଜଗଦୀଶ ଅଧିକାରୀଙ୍କ ରଚିତ, ନିରଞ୍ଜନ ପାଣିଗ୍ରାହୀଙ୍କ ନିର୍ଦ୍ଦେଶନାରେ ବିଚଳିତ ମାଟି ମଞ୍ଚ ନାଟକ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଜୁ ପଟ୍ଟନାୟକ ମହାବିଦ୍ୟାଳୟ ପ୍ରତିଷ୍ଠାତା ସଦସ୍ୟ ସଞ୍ଜୟ କୁମାର ସାହୁ, ଲକ୍ଷ୍ମୀକାନ୍ତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଉତ୍ସବରେ ବିଜୁ ପଟ୍ଟନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବରିଷ୍ଠ ଅଧ୍ୟାପକମାନଙ୍କୁ ସମ୍ମାନିତ କରାଯାଇଛି।





କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

## ଅବକାରୀ ଚଢ଼ାଉ, ଜଣେ ଗିରଫ

**ଜୟପୁର, ୧୦ା୧ (ପବନ ପାଣିଗ୍ରାହୀ)**

ଚୋରାମଦ କାରବାର ଅଭିଯୋଗରେ ମଙ୍ଗଳବାର କୋରାପୁଟ ଜିଲା ଜୟପୁର ଅବକାରୀ ବିଭାଗ ଚଢ଼ାଉକରି ଜଣେ ଅଭିଯୁକ୍ତ ଗିରଫ କରିଛି। ସେ ହେଲେ ବାର୍ଲାହାଣ୍ଡି ଗ୍ରାମର ଦୁର୍ଯ୍ୟୋଧନ ବିଷୋୟୀ। ଦୁର୍ଯ୍ୟୋଧନ ଜୟପୁରରୁ ବାର୍ଲାହାଣ୍ଡି ଅଭିମୁଖେ ୮ ଲିଟର ଦେଶୀ ମଦ ଧରି ଯିବା ସମୟରେ ଅବକାରୀ ପୋଲିସ ଚଢାଉ କରି ତାହାକୁ ଜବତ କରିଥିବା ଅବକାରୀ ଅଧିକାରୀ ସୁବ୍ରତ କେଶରୀ ହିରନ କହିଛନ୍ତି।

## ଜାତୀୟ କୃମିନାଶକ ଦିବସ

**ମାଲକାନଗିରି, ୧୦ା୨ (ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା ସଦର ମହକୁମା ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଜିଲାସ୍ତରୀୟ ଜାତୀୟ କୃମି ନାଶକ ଦିବସ ମଙ୍ଗଳବାର ପାଳିତ ହୋଇଛି। ଏହି ଅବସରରେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ଉପସ୍ଥିତ ରହି ଶିଶୁଙ୍କୁ କୃମିନାଶକ ଔଷଧ ଖୁଆଇଥିଲେ। ପରେ ଜିଲାପାଳ ଶିଶୁଙ୍କ ସୁସ୍ଥତା, ପୋଷଣ ଓ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ କୃମିନାଶକ ଉପରେ ସନ୍ଦେଶ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ।



ଜିଲାପାଳ ଜଣେ ଶିଶୁକୁ କୃମି ନାଶକ ଔଷଧ ଖୁଆଉଛନ୍ତି।

## ମାଲକାନଗିରି ଜିଲାରେ ସନ୍ତରଣ ପ୍ରଶିକ୍ଷଣ ଶିବିର ଆରମ୍ଭ



ବଣ୍ଡାବାକୁଲି ବନ୍ଧଠାରେ ସନ୍ତରଣ ପ୍ରଶିକ୍ଷଣ ଦିଆଯାଉଛି।

**ମାଲକାନଗିରି, ୧୦ା୨ (ଦୁର୍ଯ୍ୟୋଧନ ପାତ୍ର)**

ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ବିଭାଗ ଆନୁକୁଲ୍ୟରେ ଜିଲା ଜରୁରୀକାଳୀନ ବିଭାଗ ପକ୍ଷରୁ ବଣ୍ଡାବାକୁଲି ବନ୍ଧଠାରେ ସନ୍ତରଣ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ଜିଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲାପାଳ ପ୍ରଶାସନ ସୋମନାଥ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମଙ୍ଗଳବାର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଜିଲା ଜରୁରିକାଳୀନ ଅଧିକାରୀ ଦୀପ୍ତି ରଞ୍ଜନ ସାହୁ ଉପସ୍ଥିତ ଥିଲେ । ପାଣିରେ ବୁଡି କୌଣସି ପ୍ରାଣହାନିଜନିତ ଦୁର୍ଘଟଣାକୁ ଏଡାଇବା ନିମନ୍ତେ ରାଜ୍ୟ ସରକାରଙ୍କ ଏହି ପ୍ରୟାସ ଯୁବପୀଢିଙ୍କ ପାଇଁ ଉପଯୋଗୀ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଏହି ଚତୁର୍ଥ ପର୍ଯ୍ୟାୟ ପ୍ରଶିକ୍ଷଣ ଶିବିରରେ ୩୦ ଜଣିଆ ଅଂଶଗ୍ରହଣକାରୀଙ୍କୁ ଓଡ୍ରାଫ୍ ଟିମ୍ ଦ୍ୱାରା ପ୍ରଶିକ୍ଷଣ ପ୍ରଦାନ କରାଯିବ । ଜରୁରିକାଳୀନ ବିଭାଗ ବରିଷ୍ଠ ରାଜସ୍ୱ ସହାୟକ କୁନା ନାୟକ କାର୍ଯ୍ୟକ୍ରମ ଆୟୋଜନ କରିବାରେ ସହଯୋଗ କରିଥିଲେ ।

## ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

**କୋରୁକୋଣ୍ଡା, ୧୦ା୨ (ଶିବଦତ୍ତ ସାହୁ)**

ମାଲକାନଗିରି ଜିଲା ବାଲିମେଳା ବିଜ୍ଞାନ ଓ ବୈଷୟିକ ମହାବିଦ୍ୟାଳୟ ପରିସରରେ ମଙ୍ଗଳବାରଠାରୁ ୮ଦିନିଆ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ସୁବାସ ଚନ୍ଦ୍ର ମାଝୀ ପ୍ରଦୀପ ପ୍ରଜ୍ୱଳନକରି ଶିବିରକୁ ଉଦ୍‌ଘାଟନ କରିଥିଲେ। ଆତ୍ମରକ୍ଷା କେବଳ ଏକ ଶାରୀରିକ କୌଶଳ ନୁହେଁ ବରଂ ଏହା ମାନସିକ ସଶକ୍ତୀକରଣର ଏକ ମାଧ୍ୟମ ବୋଲି ନିଜ ଅଭିଭାଷଣରେ ସେ କହିଥିଲେ । ଏହି କାର୍ଯ୍ୟକ୍ରମର ସଂଯୋଜିକା ଲିପ୍‌ସାରାଣୀ ଗମାଙ୍ଗ ସମସ୍ତଙ୍କୁ ସ୍ୱାଗତକରିବା ସହ ନାରୀ ସୁରକ୍ଷା ଏବଂ ସେମାନଙ୍କ ଆତ୍ମବିଶ୍ୱାସ ବୃଦ୍ଧି ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି ମତ ରଖିଥିଲେ। ଇତିହାସ ବିଜ୍ଞାନର ଅଧ୍ୟାପିକା ମମତା ପାତ୍ର ବିପଦ ସମୟରେ ଭୟଭୀତ ନ ହୋଇ ସାହସର ସହ ମୁକାବିଲା କରିବା ପାଇଁ ମତ ଦେଇଥିଲେ। ଅର୍ଥନୀତି ଅଧ୍ୟାପିକା ସବିତା ଭୁକ୍ତା ଆତ୍ମରକ୍ଷା କାହିଁକି ଜରୁରୀ ତା' ଉପରେ ମତବ୍ୟକ୍ତ କରିଥିଲେ। ପ୍ରଶିକ୍ଷକ ଶୈଳଜା ସାହାଣୀ ଏବଂ ରାଜଲକ୍ଷ୍ମୀ ମାଡକାମୀ ଏକ ଆତ୍ମରକ୍ଷା କୌଶଳ ପ୍ରଦର୍ଶନକରି ଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ଶେଷରେ ସଂଯୋଜିକା ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅଧ୍ୟାପିକା, ଅଧ୍ୟାପକ ଏବଂ ପ୍ରଶିକ୍ଷକ।

## ଧାନମଣ୍ଡିରେ ଅବ୍ୟବସ୍ଥା ନେଇ ଚାଷୀଙ୍କ ରାସ୍ତା ଅବରୋଧ

**ଏମ୍‌ଭି–୭୯, ୧୦ା୨ (ଆଶିଷ କୁମାର ବାଇନ)**

ମାଲକାନଗିରି ଜିଲା କାଳିମେଳା ବ୍ଲକ ମହାରାଜ ପଲ୍ଲୀ ଓ ମାଲାବରମ ପଞ୍ଚାୟତ ଧାନମଣ୍ଡିରେ ବ୍ୟାପକ ଅବ୍ୟବସ୍ଥା ଅଭିଯୋଗରେ ଚାଷୀ ମଙ୍ଗଳବାର ରାଜରାସ୍ତାରେ ଧାନ ପକାଇ ପ୍ରତିବାଦ କରିଛନ୍ତି। ଶତାଧିକ ଚାଷୀ ମାଲକାନଗିରିରୁ ମୋଟୁକୁ ସଂଯୋଗ କରିଥିବା ୩୨୬ ନମ୍ବର ଜାତୀୟ ରାଜପଥର ଏମପିଭି–୮୧୦ରେ ରାସ୍ତାରୋକୋ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏମ୍‌ପିଭି–୮୧ରେ ମହାରାଜ ପଲ୍ଲୀ ଓ ମାଲାବରମ ପଞ୍ଚାୟତର ୨ ସରପଞ୍ଚ ମୁତା ସୋଡି, ଦୁର୍ଗା ପ୍ରସାଦ ମାଡି ଓ ସ୍ଥାନୀୟ ଚାଷୀ ମାଲକାନଗିରିରୁ ମୋଟୁକୁ ସଂଯୋଗ କରିଥିବା ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। ଖବରପାଇ ମୋଟୁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୀର୍ଘ ସମୟ ଧରି ଚାଷୀଙ୍କ ସହ ଆଲୋଚନା କରିଥିବା ଦେଖିବାକୁ ମିଳିଛି।

ଚାଷୀଙ୍କ ଅଭିଯୋଗ ଅନୁଯାୟୀ, ମଣ୍ଡିରେ ଧାନ ବିକ୍ରି ହୋଇପାରୁନି। ଫଳରେ ଶୀତ କାକରରେ ଉଜାଗର ହୋଇ ଧାନ ବିକ୍ରି ଅପେକ୍ଷାରେ ଆମେ ପଡ଼ି ରହିଛୁ। ଗୋଟିଏ ଦୁଇଟି ସ୍ଥାନ ନୁହେଁ, କାଳିମେଳା ବ୍ଲକର ବିଭିନ୍ନ ମଣ୍ଡିରେ ଚରମ ବିଶୃଙ୍ଖଳା ହେଉଥିବା ଚାଷୀ ଅଭିଯୋଗ କରିଛନ୍ତି । ଚଳିତବର୍ଷ ଗୋଟିଏ ବି ମଣ୍ଡି ଠିକ ଢଙ୍ଗରେ ଚାଲୁ ନ ଥିବା ଚାଷୀ ଅଭିଯୋଗ କରିଛନ୍ତି। ଧାନ ବିକା ଏବେ ଚାଷୀଙ୍କ ପାଇଁ ଯନ୍ତ୍ରଣା ପାଲଟିଛି। କେତେବେଳେ ଟୋକନ ମିଳୁନି ତ ଆଉ କେତେବେଳେ ମଣ୍ଡି ଖୋଲୁନି । ଆଉ ଯେଉଁଠି ମଣ୍ଡି ଖୋଲିଛି, ସେଠୁ ଧାନ ଉଠୁନି । ଏମିତି ଯାବତୀୟ ସମସ୍ୟା ଦେଇ ଗତି କରୁଛନ୍ତି ଚାଷୀ ।



ଚାଷୀ ଜାତୀୟ ରାଜପଥରେ ଧାନବସ୍ତା ରଖି ଅବରୋଧ କରିଛନ୍ତି।

## ଚାକିରି ପଛରେ ନ ଦୌଡ଼ି ଉଦ୍ୟୋଗୀ ହେବାକୁ ପରାମର୍ଶ

**ଜିଲାସ୍ତରୀୟ ନିଯୁକ୍ତିମେଳା**

**ମାଲକାନଗିରି, ୧୦ା୨ (ଦୁର୍ଯ୍ୟୋଧନ ପାତ୍ର)**

ଜିଲା ଦକ୍ଷତା ବିକାଶ ତଥା ନିୟୋଜନ କାର୍ଯ୍ୟାଳୟ ଓ ଜଲା ପ୍ରଶାସନର ମିଳିତ ଆନୁକୁଲ୍ୟରେ ମାଲକାନଗିରି ବ୍ଲକ ପଡିଆଠାରେ ମଙ୍ଗଳବାର ଜିଲାସ୍ତରୀୟ ନିଯୁକ୍ତି ମେଳାକୁ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ଉଦ୍‌ଘାଟନ କରିଛନ୍ତି। ମେଳାରେ ଜୟପୁର କେନ୍ଦୁପତ୍ର ଡିଭିଜନ ବନଖଣ୍ଡ ଅଧିକାରୀ ଉମା ମହେଶ, ଏସିଏଫ ଡ. ଶ୍ୟାମା ଭାରତୀ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ହଳଧର ଶବର, ଜିଲା ମଙ୍ଗଳ ଅଧିକାରୀ ଶ୍ରୀନିବାସ ଆଚାରୀ, ମାଲକାନଗିର ପଞ୍ଚାୟତ ସମିତି ଉପାଧକ୍ଷ ନିରଞ୍ଜନ ହାଲଦାର ଓ ମାଲକାନଗିରି ବିଧାୟକ ପ୍ରତିନିଧି ଜଗଦାନନ୍ଦ ବାନକଡଦାସ ଉପସ୍ଥିତ ଥିଲେ । କେବଳ ପାଠପଢି ଚାକିରି ପଛରେ ନ ଦୌଡି ବରଂ ଦକ୍ଷତା ବିକାଶ ଯୋଗାଯୋଗ କୁଶଳତା, ସମୟ ପରିଚାଳନା ଉପରେ ଗୁରୁତ୍ୱ ଦେବା ସହ ଯେଉଁ କ୍ଷେତ୍ରରେ ରୁଚି ରହିଛି ସେଥିରେ ଦକ୍ଷତା ବିକାଶ କରିବାକୁ ଜିଲାପାଳ ଆଶାୟୀ ପ୍ରାର୍ଥୀଙ୍କୁ ପରାମର୍ଶ ଦେଇଥିଲେ। ଜିଲାର ଯୁବବର୍ଗଙ୍କୁ ନିଯୁକ୍ତି ମେଳାରେ ବିଭିନ୍ନ ନିଯୁକ୍ତିକାରୀ ସଂସ୍ଥା ନିକଟରେ ନିଜର ପ୍ରତିଭାକୁ ଉଚିତ ମାର୍ଗରେ ପ୍ରଦର୍ଶନ ସହ ଉପଯୁକ୍ତ ତାଲିମ ଗ୍ରହଣ କରିବାକୁ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହା ସହିତ ଚାକିରି ତଲାସରେ ନିଜର ସମୟ ନଷ୍ଟ ନ କରି କୌଣସି ଆତ୍ମନିଯୁକ୍ତି ଉଦ୍ୟୋଗ କରି ଅନ୍ୟମାନଙ୍କୁ ନିଯୁକ୍ତି ପ୍ରଦାନ କରି ପ୍ରଶଂସାରପାତ୍ର ହେବା ପାଇଁ ଉତ୍ସାହିତ କରିଥିଲେ। ନିଯୁକ୍ତି ମେଳାରେ ଜିଲାର ବିଭିନ୍ନ ବ୍ଲକରୁ ପ୍ରାୟ ୨୦୧୨ ଜଣ ଯୁବତୀ ଯୁବକ ଅଂଶଗ୍ରହଣ କରିଥିଲେ । ବିଭିନ ନିଯୁକ୍ତିଦାତା ସଂସ୍ଥା ସିଧାସଳଖ ଭାବେ ମୋଟ ୧୫୪ଜଣ ବେକାର ଯୁବତୀ ଯୁବକଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଥିଲେ । ଦକ୍ଷତା ବିକାଶ ତଥା ନିୟୋଜକ ଅଧିକାରୀ ଗୁପ୍ତ ମାଡି ଧନ୍ୟବାଦ ଦେଇଥଲେ । କାର୍ଯ୍ୟକ୍ରମ ପରିଚାଳନା କରିବାରେ ସରୋଜ ପଟ୍ଟନାୟକ ସହଯୋଗ କରିଥିଲେ।



ନିଯୁକ୍ତି ମେଳାରେ ଯୋଗଦେଇଥିବା ଯୁବତୀ ଯୁବକ।

# ବାଲ୍ୟବିବାହ କରାଇଲେ, ଉପସ୍ଥିତ ରହିଲେ ଜେଲ ସହ ଜରିମାନା

## ନବରଙ୍ଗପୁର ଜିଲାରେ ବାଲ୍ୟବିବାହ ମୁକ୍ତ ସଚେତନତା ରଥ ଶୁଭାରମ୍ଭ

ନବରଙ୍ଗପୁର,୧୦।୨(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲାର ସବୁ ବ୍ଲକ୍ ଓ ପଞ୍ଚାୟତରେ ଗଡ଼ିବ ବାଲ୍ୟବିବାହ ମୁକ୍ତ ସଚେତନତା ରଥ। ଏହି ସଚେତନତା ରଥକୁ ମଙ୍ଗଳବାର ଜିଲାପାଳ ମହେଶ୍ୱର ସ୍ୱାଇଁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଜିଲା ପ୍ରଶାସନ ଓ ଶୋଭା ସଙ୍ଗଠନର ମିଳିତ ପ୍ରୟାସରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ବାଲ୍ୟବିବାହମୁକ୍ତ ସଚେତନତା ରଥ ଶୁଭାରମ୍ଭ ହୋଇଛି। ଯେଉଁଥିରେ ଜିଲା ସମାଜ କଲ୍ୟାଣ ଅଧିକାରୀ ଦ୍ରୌପଦୀ କହଁର, ସିଡବ୍ଲ୍ୟୁସି ଅଧ୍ୟକ୍ଷ ଅଜନ୍ତା ଶୁଭଦର୍ଶିନୀ, ଶିଶୁ ସୁରକ୍ଷା ଅଧିକାରୀ ରମା ପଟ୍ଟନାୟକ, ଡିଆଇପିଆର୍‌ଓ ମନୋଜ ବେହେରା, ଡିସିପିଓ ସୁରେଶ ପଟ୍ଟନାୟକ, ଏଡିଡବ୍ଲ୍ୟୁଓ ଭରତ ସାହୁ, ଶୋଭା ସେକ୍ରେଟାରି ସଞ୍ଜିତ ପଟ୍ଟନାୟକ, ମଦନ କିର୍ଷାନି ଆନୁଷ୍ଠାନିକଭାବେ ଏହି ସଚେତନତା ରଥ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। କେନ୍ଦ୍ର ମହିଳା ଓ ଶିଶୁ ବିକାଶ ବିଭାଗ ଦ୍ୱାରା ସାରା ଦେଶରେ ଆରମ୍ଭ ହୋଇଛି ୧୦୦ ଦିନିଆ ବାଲ୍ୟବିବାହମୁକ୍ତ ଭାରତ ଅଭିଯାନ । ଏହି ସଚେତନତା ରଥର ମୂଳ ଆଭିମୁଖ୍ୟ ହେଉଛି ଲୋକଙ୍କୁ ବାଲ୍ୟ ବିବାହ ନ କରିବା ଦିଗରେ ସଚେତନ କରିବା। ଉକ୍ତ ରଥ ଜିଲାର ସମସ୍ତ ବ୍ଲକ୍ ପଞ୍ଚାୟତ କାର୍ଯ୍ୟାଳୟ ଓ ସମସ୍ତ ସ୍କୁଲ ପରିଦର୍ଶନ କରିବ। ସଚେତନତା ରଥ ଅଡିଓ ମାଧ୍ୟମରେ ବାଲ୍ୟବିବାହ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗରେ ବାର୍ତ୍ତା ଦେଉଛି। ୨୧ ବର୍ଷରୁ କମ୍ ବୟସର ପୁଅ ଓ ୧୮ ବର୍ଷରୁ କମ୍ ବୟସର ଝିଅଙ୍କ ଭିତରେ ହେଉଥିବା ବିବାହ ଆଇନଗତ ଅପରାଧ । ବାଲ୍ୟବିବାହରେ ସମ୍ପୃକ୍ତ ମା' ବାପା ତଥା ଅନ୍ୟ ସମ୍ପର୍କୀୟ ୨ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ କିମ୍ବା ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ଦଣ୍ଡାଦେଶ କିମ୍ବା ଉଭୟ ଦଣ୍ଡରେ ଦଣ୍ଡିତ ହୋଇପାରନ୍ତି। ବାଲ୍ୟବିବାହ କରାଉଥିବା ପୁରୋହିତ, ପାଷ୍ଟର ଓ ମୌଲବୀଙ୍କୁ ମଧ୍ୟ ଦଣ୍ଡାଦେଶ ହୋଇପାରେ। ବାଲ୍ୟବିବାହରେ ନିଜର ସହଯୋଗ ପ୍ରଦାନ କରୁଥିବା ମିଠା ଦୋକାନୀ, ବ୍ୟାଣ୍ଡ ପାର୍ଟି, ଟେଣ୍ଟହାଉସ୍ ମାଲିକ ତଥା ଭୋଜିରେ ଉପସ୍ଥିତ ଥିବା ଲୋକଙ୍କୁ ମଧ୍ୟ ୨ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡ କିମ୍ବା ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ଦଣ୍ଡାଦେଶ କିମ୍ବା ଉଭୟ ଦଣ୍ଡ ହୋଇପାରେ। ବାଲ୍ୟବିବାହରେ ସାମିଲ ଥିବା ବ୍ୟକ୍ତିବିଶେଷଙ୍କୁ ମଧ୍ୟ ୨ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡ କିମ୍ବା ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ଦଣ୍ଡାଦେଶ କିମ୍ବା ଉଭୟ ଦଣ୍ଡ ହୋଇପାରେ ବୋଲି ସଚେତନ କରାଯାଉଛି।



ବାଲ୍ୟବିବାହ ସଚେତନତା ରଥ ଉଦ୍‌ଘାଟନବେଳେ ଜିଲାପାଳ ଓ ଅନ୍ୟମାନେ।

# ପ୍ରଶ୍ନପତ୍ର ସୁରକ୍ଷା ପ୍ରତି ଦୃଷ୍ଟି ଦେବାକୁ ଗୁରୁତ୍ୱ

## ଦଶମ, ଦ୍ୱାଦଶ ପରୀକ୍ଷା ନିମନ୍ତେ ପ୍ରସ୍ତୁତି ବୈଠକ

ନବରଙ୍ଗପୁର,୧୦।୨(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ସଭାଗୃହରେ ଆଗାମୀ ୧୦ମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମହେଶ୍ୱର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଏସ୍‌ପି ମଡ଼କର ସନ୍ଦୀପ ସମ୍ପଦ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଡିଇଓ ଛତ୍ରପତି ସାହୁଙ୍କ ଆବାହନରେ ଆୟୋଜିତ ଏହି ବୈଠରେ ଜିଲାର ୩୩ ଯୁକ୍ତ ୨ ଓ ୮୪ ଦଶମ ଶ୍ରେଣୀ ପରୀକ୍ଷା କେନ୍ଦ୍ର ଅଧୀକ୍ଷକ, ନୋଡାଲ କେନ୍ଦ୍ର ଅଧୀକ୍ଷକ ଓ ସମସ୍ତ ବ୍ଲକ ବିଇଓ ଯୋଗଦେଇଥିଲେ। ଜିଲାରେ ୧୮୦୨୦ ରେଗୁଲାର, ୪୮ ଏକ୍ସ ରେଗୁଲାର ଓ ୫୬୪ ଛାତ୍ରୀଛାତ୍ର ଦଶମ ଓ ୮୬୨୫ ଛାତ୍ରୀଛାତ୍ର ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଦେବା ପାଇଁ ଫର୍ମ ପୂରଣ କରିଥିବା ସୂଚନା ଦିଆଯାଇଛି। ତ୍ରୁଟିଶୂନ୍ୟ ପରୀକ୍ଷା ପରିଚାଳନା ପାଇଁ ଜିଲାପାଳ ପରାମର୍ଶ ଦେଇଥିଲେ। ମୋବାଇଲ ଓ ଅନ୍ୟ ଇଲେକ୍ଟ୍ରୋନିକ ଉପକରଣଗୁଡ଼ିକ ପରୀକ୍ଷା କେନ୍ଦ୍ର ମଧ୍ୟକୁ ଯେପରି ନ ଯାଏ ସେଥିପ୍ରତି ଦୃଷ୍ଟିଦେବାକୁ କୁହାଯାଇଛି। ନୋଡାଲ କେନ୍ଦ୍ର ଓ ପରୀକ୍ଷା କେନ୍ଦ୍ରରେ ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ସହାୟତା ଯୋଗାଇଦିଆଯିବ। କେନ୍ଦ୍ର ନିକଟରେ ବାହ୍ୟ ଲୋକଙ୍କ ଗତିବିଧିକୁ ସତର୍କ ଦୃଷ୍ଟି ଦିଆଯିବ ବୋଲି ଏସ୍‌ପି କହିଥିଲେ। ଏଡିଇଓ ପ୍ରକାଶ ଚନ୍ଦ୍ର ମହାଳିକ ପରୀକ୍ଷା ପରିଚାଳନା ନିମନ୍ତେ ବୋର୍ଡ ପକ୍ଷରୁ ଜାରି ହୋଇଥିବା ନିୟମାବଳୀ ସମ୍ପର୍କରେ ସୂଚନା ଦେଇଥିଲେ। ଉମରକୋଟ ମହାବିଦ୍ୟାଳୟ ଅଧ୍ୟକ୍ଷ ଅନିଲ କୁମାର ମିଶ୍ର ଅଧୀକ୍ଷକମାନଙ୍କ କର୍ତ୍ତବ୍ୟ ସମ୍ପର୍କରେ ବୁଝାଇଥିଲେ। ଏଡିଇଓ ସୁପ୍ରିୟା ନାୟକ ପ୍ରଶ୍ନପତ୍ରର ସୁରକ୍ଷା ପ୍ରତି ଦୃଷ୍ଟିଦେବା ନେଇ ଗୁରୁତ୍ୱ ଦେବାକୁ କହିଥିଲେ। ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ଓମ୍‌କାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ୧୮ ଘଣ୍ଟା ପରେ ଟାୱାର ଉପରୁ ଉଦ୍ଧାର ହେଲେ ଭୁକ୍ତା

ତେନ୍ତୁଲିଖୁଣ୍ଟି, ୧୦।୨(ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ ତଗାପାଲି ଗ୍ରାମର ଏକ ମୋବାଇଲ ଟାୱାର ଉପରକୁ ସୋମବାର ସକାଳେ ଚଢ଼ିଯାଇଥିବା ଭୁକ୍ତା ଯାନୀଙ୍କୁ ୧୮ ଘଣ୍ଟା ପରେ ଉଦ୍ଧାର କରାଯାଇଛି। ସେ ଉପରକୁ ଲୁହାରଡ୍ ଓ କୁରାଢ଼ି ଧରି ଯାଇଥିବାରୁ ପୋଲିସ ଓ ଅଗ୍ନିଶମ ବାହିନୀ ତାଙ୍କୁ ଟାୱାର ତଳେ ଅପେକ୍ଷା କରି ରହିଥିଲେ। ସୋମବାର ଭୋର ପ୍ରାୟ ୩ଟା ୧୦ରେ ସେ ତଳକୁ ଓହ୍ଲାଇ ଥିଲେ। ଏହାପରେ ଭୁକ୍ତାଙ୍କୁ ପୋଲିସ କର୍ମଚାରୀ ଧରି ପରିବାରକୁ ହସ୍ତାନ୍ତର କରିଥିଲେ। ଏହି ସମୟରେ ଅଗ୍ନିଶମ ବିଭାଗର ମହେନ୍ଦ୍ର ବିଶ୍ୱାଳ, ମାନସ କର୍ମୀ, ସୁନୀଲ ପ୍ରଧାନ, ମନବୋଧ ମାଝୀ, ସୁଶୀଲ ନାୟକଙ୍କ ସମେତ ଖାତିଗୁଡା ପୋଲିସ ଓ ଗ୍ରାମବାସି ଉପସ୍ଥିତ ଥିଲେ।

ସୂଚନାନୁଯାୟୀ, ଗତବର୍ଷ ଭୁକ୍ତାଙ୍କ ସ୍ତ୍ରୀଙ୍କ ମୃତ୍ୟୁ ହୋଇଥିଲା। ଏହାପରେ ସେ ମାନସିକ ଭାରସାମ୍ୟ ହରାଇ ବସିଥିବା ପରିବାର ଲୋକେ କହିଛନ୍ତି। ନିଜେ ଜଙ୍ଗଲକୁ ଯାଇ କାଠ ସଂଗ୍ରହ କରି ବିକାବିକି କରି ପରିବାର ଚଳାଉଥିଲେ। କିନ୍ତୁ ସୋମବାର ହାତରେ ଲୁହାରଡ୍, କୁରାଢ଼ି ଧରି ଗ୍ରାମରେ ଥିବା ମୋବାଇଲ ଟାୱାର ଉପରକୁ ଚଢ଼ି ଯାଇଥିଲେ। ଓହ୍ଲାଇବା ପାଇଁ ଯେତେ ଅନୁରୋଧ କଲେ ମଧ୍ୟ ସେ ଶୁଣୁ ନ ଥିଲେ। ଖାତିଗୁଡ଼ା ପୋଲିସ ପୂଜାରୀଗୁଡ଼ା ଅଗ୍ନିଶମ ବିଭାଗ ଦିନତମାମ ଚେଷ୍ଟା ଜାରି ରଖିଥିଲେ। ଭୁକ୍ତା ପୂରା ଉପରକୁ ଚଢ଼ି ଯାଇଥିବାରୁ ଡେଇଁ ପଡ଼ିଲେ ଜୀବନ ପ୍ରତି ବିପଦ ରହିଥିବାରୁ ସେମାନେ ଉପାୟ ଶୂନ୍ୟ ହୋଇ ଟାୱାର ତଳେ ଜଗି ରହିଥିଲେ।

# ୨୩୦୬ ଅଙ୍ଗନୱାଡ଼ି କେନ୍ଦ୍ର, ୧୯୬୫ ସ୍କୁଲରେ ମିଳିବ କୃମିନାଶକ ଔଷଧ

ନବରଙ୍ଗପୁର,୧୦।୨(ସଦାଶିବ ପ୍ରହରାଜ)

ନବରଙ୍ଗପୁର ପିଏମ୍‌ଶ୍ରୀ ରାଜା ଚୈତନ୍ୟ ଦେବ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଜିଲାସ୍ତରୀୟ ଜାତୀୟ କୃମି ନାଶକ ଦିବସ-୨୦୨୬ (ଫେବୃଆରୀ ରାଉଣ୍ଡ) ଶୁଭାରମ୍ଭ ହୋଇଛି। ସିଡିଏମ୍‌ଓ ମଳୟ କୁମାର ପ୍ରଧାନ, ଡିଇଓ ଛତ୍ରପତି ସାହୁ, ଡିଏମ୍‌ଓ ଡ ସୁଶାନ୍ତ ଶତପଥୀ, ଏଡିଏମ୍‌ଓ ଡ ମଳୟ ତ୍ରିପାଠୀ, ଡିଆଇପିଆର୍‌ଓ ମନୋଜ ବେହେରା ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। ଏଡିଏମ୍‌ଓ ଡ ତ୍ରିପାଠୀ ଉପସ୍ଥିତ ସମସ୍ତ ଛାତ୍ରୀଛାତ୍ରଙ୍କୁ କୃମି ନାଶକ ଦିବସ ଉଦ୍ଦେଶ୍ୟ, ବଟିକା ସେବନ ଉପକାରିତା, କୃମିର ପ୍ରତିଷେଧକ ବ୍ୟବସ୍ଥା, ରକ୍ତହୀନତା, ସ୍ୱଚ୍ଛତା ଉପରେ ପ୍ରାଞ୍ଜଳ ଭାବରେ ବୁଝାଇଥିଲେ। ଛାତ୍ରୀଛାତ୍ରଙ୍କୁ କୃମିନାଶକ ବଟିକା ଖାଇବାକୁ ଦେଇ ଦିବସର ଶୁଭାରମ୍ଭ କରାଯାଇଥିଲା। ୧ରୁ ୧୯ ବର୍ଷ ବୟସ୍କ ସମସ୍ତ ଶିଶୁ, କିଶୋରୀ କିଶୋର ଏବଂ ୨୦ରୁ ୨୪ ବର୍ଷ ବୟସ୍କ (ଗର୍ଭବତୀ ବା ପ୍ରସୂତି ଅବସ୍ଥାରେ ନ ଥିବା ) ସମସ୍ତ ମହିଳାଙ୍କୁ କୃମି ନାଶକ ଔଷଧ ସେବନ କରିବାକୁ ଦିଆଯିବ। ନବରଙ୍ଗପୁର ଜିଲାରେ ୫ରୁ କମ୍ ପ୍ରାୟ ୧,୧୩,୩୫୩ଜଣ ଶିଶୁଙ୍କୁ କୃମି ନାଶକ ସିରପ ଦିଆଯିବ। ୬ ବର୍ଷରୁ ୧୯ ବର୍ଷ ବୟସ୍କ ୩,୨୮,୯୬୦ ଜଣ ଶିଶୁ କିଶୋରୀ କିଶୋରଙ୍କୁ କୃମି ନାଶକ ବଟିକା ଦିଆଯିବ। ୨୦ ବର୍ଷରୁ ୨୪ ବର୍ଷ ବୟସ୍କ (ଗର୍ଭବତୀ ବା ପ୍ରସୂତି ଅବସ୍ଥା ରେ ନ ଥିବା) ପ୍ରାୟ ୩୫,୮୭୬ଜଣ ମହିଳାଙ୍କୁ କୃମିନାଶକ ଔଷଧ ସେବନ କରିବାକୁ ଦିଆଯିବ। ଏହି କୃମି ନାଶକ ବଟିକା/ ସିରପର ସେବନ ଜିଲାର ସମସ୍ତ ବ୍ଲକ ଓ ସହରାଞ୍ଚଳରେ ଥିବା ସମସ୍ତ ୨୩୦୬ ଅଙ୍ଗନୱାଡ଼ି କେନ୍ଦ୍ର ଏବଂ ୧୯୬୫ ସରକାରୀ/ ବେସରକାରୀ ବିଦ୍ୟାଳୟରେ ସ୍ୱାସ୍ଥ୍ୟ କର୍ମୀ, ଅଙ୍ଗନୱାଡ଼ି କର୍ମୀ, ଆଶା କର୍ମୀ, ପ୍ରଶିକ୍ଷିତ ଶିକ୍ଷକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନିଶ୍ଚିତ କରାଯିବ। ବୈଠକରେ ଆର୍‌ସିଡି ସ୍କୁଲର ଛାତ୍ରୀ ଛାତ୍ରଙ୍କ ସମେତ ଡିପିଏମ ଏନ୍.ଏଚ୍.ଏମ୍ ଶଙ୍କର ଆଚାର୍ଯ୍ୟ, ଏଡିପିଏଚ୍‌ସିଓ ରାମହରି ପଣ୍ଡା, ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ, ଖବରଦାତା ଓ ସ୍କୁଲ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।



ବୈଠକରେ ଅତିଥିମାନେ ଆଲୋଚନା କରୁଛନ୍ତି।

# ସାଇବର ସୁରକ୍ଷା, ଏଆଇର ସଦୁପଯୋଗ ଲକ୍ଷ୍ୟ



କର୍ମଶାଳାରେ ଜଣେ ଅତିଥି ନିଜ ମତ ଦେଉଛନ୍ତି।

ନବରଙ୍ଗପୁର,୧୦।୨ (ସଦାଶିବ ପ୍ରହରାଜ)

ବର୍ତ୍ତମାନର ଡିଜିଟାଲ ଯୁଗରେ ଛାତ୍ରୀଛାତ୍ରମାନଙ୍କୁ ସାଇବର ଠକେଇରୁ ସୁରକ୍ଷିତ ରଖିବା ତଥା ଟେକ୍ନୋଲୋଜିର ସଦୁପଯୋଗ ନିମନ୍ତେ ଭାରତ ସରକାରଙ୍କ ଏନ୍‌ଆଇସି ଆନୁକୂଲ୍ୟରେ ନବରଙ୍ଗପୁର ଜିଲାରେ ସୁରକ୍ଷିତ ଇଣ୍ଟରନେଟ୍ ଦିବସ ମଙ୍ଗଳବାର ପାଳିତ ହୋଇଛି। ଉମରକୋଟ ପେଣ୍ଡ୍ରାଣୀ ମହାବିଦ୍ୟାଳୟ ଏବଂ ନବରଙ୍ଗପୁର ମହିଳା ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଆୟୋଜିତ ୨ ଦିନିଆ ସଚେତନତା କର୍ମଶାଳାରେ ୪୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଓ ଅଧ୍ୟାପିକା ଅଧ୍ୟାପକ ଯୋଗ ଦେଇଥିଲେ। ଏକ ସୁରକ୍ଷିତ ଡିଜିଟାଲ ସମାଜ ଗଠନ ପାଇଁ ଛାତ୍ରୀଛାତ୍ରମାନଙ୍କୁ ସଚେତନ ଓ ଦାୟିତ୍ୱବାନ ଡିଜିଟାଲ ନାଗରିକ ଭାବରେ ଗଢିତୋଳିବା ଅଭିଯାନର ଲକ୍ଷ୍ୟ ବୋଲି ଆଲୋଚନା ହୋଇଛି। ଅତିରିକ୍ତ ଜିଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆଙ୍କ ପୌରହିତ୍ୟରେ ଅନୁଷ୍ଠିତ କର୍ମଶାଳାରେ ଏଆଇର ଦାୟିତ୍ୱ ପୂର୍ଣ୍ଣ ବ୍ୟବହାର ସମ୍ପର୍କରେ ଗୁରୁତ୍ୱ ଦିଆଯାଇଛି। ଜିଲା ସୂଚନା ବିଜ୍ଞାନ ଅଧିକାରୀ ତଥା ଉପ ନିର୍ଦ୍ଦେଶକ (ଆଇଟି) ତଥା ଜିଲା ସୂଚନା ବିଜ୍ଞାନ ଅଧିକାରୀ ବିଶ୍ୱରଞ୍ଜନ ଭୁକ୍ତା ଇଣ୍ଟରନେଟର ନକାରାତ୍ମକ ଦିଗରୁ ଦୂରେଇ ରହି ଏହାର ସକାରାତ୍ମକ ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ। ସାଇବର ଠକେଇର ନୂତନ କୌଶଳ ଗୁଡ଼ିକ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଅଜଣା ଲିଙ୍କରେ କ୍ଲିକ୍ ନକରିବା, ମୋବାଇଲକୁ ଆସୁଥିବା ଓଟିପି କିମ୍ବା ବ୍ୟକ୍ତିଗତ ପାସୱାର୍ଡ ଅନ୍ୟ କାହାରି ସହ ଅଂଶୀଦାର ନ କରିବା ଏବଂ ଅନଲାଇନ୍ ଆର୍ଥିକ କାରବାର ସମୟରେ ସର୍ବଦା ସତର୍କତା ଅବଲମ୍ବନ କରିବା ଉପରେ ସଚେତନ କରାଯାଇଥିଲା। ଏଆଇ ଓ ସାମାଜିକ ଗଣମାଧ୍ୟମର ଦାୟିତ୍ୱପୂର୍ଣ୍ଣ ବ୍ୟବହାର ଉପରେ ମଧ୍ୟ ଆଲୋକପାତ କରାଯାଇଥିଲା। ଫେସବୁକ୍, ଇନଷ୍ଟାଗ୍ରାମ କିମ୍ବା ହ୍ୱାଟ୍ସଆପ ଭଳି ପ୍ଲାଟଫର୍ମରେ କୌଣସି ତଥ୍ୟ ବା ଫଟୋ ସେୟାର କରିବା ପୂର୍ବରୁ ସତର୍କ ରହିବାକୁ କୁହାଯାଇଛି। ନିଜେ ସୁରକ୍ଷିତ ରହିବା ସହ ପରିବାର ଓ ଅନ୍ୟମାନଙ୍କୁ ସାଇବର ବିପଦ ସମ୍ପର୍କରେ ସଚେତନ କରାଇବାକୁ ଶପଥ ନେଇଥିଲେ। ସାରଙ୍ଗ ଶତପଥୀ, ଡିଆରଏମ ହାଡ୍ଡୁବନ୍ଧୁ ରଣା ଏବଂ ବିବେକ ରଞ୍ଜନ ଜେନା ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ କରିଥିଲେ।

# ଘାଟିରେ ବାଇକ୍ ଉପରେ ଚଢ଼ିଗଲା ଟିପ୍ପର

ଜୟପୁର,୧୦।୧(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ଘାଟିରେ ମଙ୍ଗଳବାର ଟିପ୍ପର ଓ ବାଇକ୍ ଧକ୍କା ହୋଇଛି। ଏଥିରେ ବାଇକ୍ ଚାଳକ କୋଲାବ ଅଞ୍ଚଳର ଗୋପି ଖିଲ ଆହତ ହୋଇଛନ୍ତି। ସୂଚନାନୁଯାୟୀ, ଗୋପୀ ବାଇକ୍‌ରେ ଜୟପୁରରୁ କୋଲାବ ଅଭିମୁଖେ ଯାଉଥିବା ବେଳେ ଏକ ୧୨ ଚକିଆ ଟିପ୍ପର ସହ ଧକ୍କା ହୋଇଥିଲା। ଏଥିରେ ସେ ଛିଟିକି ପଡ଼ି ଆହତ ହୋଇଛନ୍ତି। ଦୁର୍ଘଟଣାରେ ବାଇକ୍‌ଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ବାଇକ ଚାଳକ ଟିପ୍ପରକୁ ଓଭରଟେକ କରୁଥିବାବେଳେ ଦୁର୍ଘଟଣାଟି ଘଟିଥିବା ଜୟପୁର ସଦରଥାନା ଅଧିକାରୀ ସଜିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

# ଶିକ୍ଷିତ ସହ ଶାରୀରିକ ସଶକ୍ତ ହେବା ଜରୁରୀ

ରାଇଘର ୧୦।୨(କିରଣ ପଟ୍ଟନାୟକ)

ନବରଙ୍ଗପୁର ଜିଲା ରାଇଘର ସ୍ନାତକ ମହାବିଦ୍ୟାଳୟ ପରିସରରେ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶ କ୍ରମେ ଏକ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଆରମ୍ଭ ହୋଇଛି। ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ କ୍ଷୀରୋଦ ଚନ୍ଦ୍ର ନାୟକଙ୍କ ପୌରାହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ପଂଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ପରୀକ୍ଷିତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବାଳିକାଙ୍କ ଆତ୍ମରକ୍ଷା କୌଶଳ ଶିକ୍ଷାର ଗୁରୁତ୍ୱ ଦିଆଯାଇଛି। ବର୍ତ୍ତମାନ ସମାଜରେ ବାଳିକାମାନେ ନିଜକୁ ସୁରକ୍ଷିତ ରଖିବା ପାଇଁ କେବଳ ଶିକ୍ଷିତ ହେବା ଯଥେଷ୍ଟ ନୁହେଁ ବରଂ ସେମାନେ ଶାରୀରିକ ଓ ମାନସିକସ୍ତରରେ ମଧ୍ୟ ସଶକ୍ତ ହେବା ଆବଶ୍ୟକ। ଏହିଭଳି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସେମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବଢାଇବା ସହ ସମସ୍ୟା ସମୟରେ ସାହସିକ ଭାବେ ମୁକାବିଲା କରିବାରେ ସମର୍ଥ ହେବେ ବୋଲି ଅତିଥି କହିଥିଲେ। ଏହି ଅବସରରେ କାର୍ଯ୍ୟକ୍ରମର ସଂଯୋଜିକା ମଧୁସ୍ମିତା ଦାସ, ଅଧ୍ୟାପକ ଚିତ୍ତରଞ୍ଜନ ଗଣ୍ଡ, ମୋନାଲିସା ବାଘ ସମେତ ଅନ୍ୟ ସମସ୍ତ ଅଧ୍ୟାପକ ଓ କର୍ମଚାରୀ ଉପସ୍ଥିତ ଥିଲେ।




ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିରରେ ମଞ୍ଚାସୀନ ଅତିଥିମାନେ।


## ପୂର୍ବ ତଟ ରେଳପଥ
### ପାର୍କିଙ୍ଗ୍ ଷ୍ଟାଣ୍ଡର ଇ-ନିଲାମ

ନିଲାମ କ୍ୟାଟାଲଗ୍ ନଂ.: SDCM-KUR-PKNG

(1) ଷ୍ଟେସନ ଏବଂ ସ୍ଥାନ : କଟକ-2 ଚକିଆ (ରେଳବାଇ ପ୍ରତିଷ୍ଠାନ ନିକଟରେ)।
ନିଲାମ ଆରମ୍ଭ ହେବା ତାରିଖ ଓ ସମୟ : 20.02.2026, 1500 ଘଟିକା, ନିଲାମ ବନ୍ଦ ହେବା ତାରିଖ ଓ ସମୟ : 20.02.2026, 1530 ଘଟିକା।

(2) ଷ୍ଟେସନ ଏବଂ ସ୍ଥାନ : କେନ୍ଦୁଝର-MIX (2 ଚକିଆ-ସହ-4 ଚକିଆ) (ପ୍ଲାଟଫର୍ମ-1 ପାର୍ଶ୍ୱରେ)।
ନିଲାମ ଆରମ୍ଭ ହେବା ତାରିଖ ଓ ସମୟ : 23.02.2026, 1500 ଘଟିକା, ନିଲାମ ବନ୍ଦ ହେବା ତାରିଖ ଓ ସମୟ : 23.02.2026, 1530 ଘଟିକା।

ଦ୍ରଷ୍ଟବ୍ୟ : ଏହି ନିଲାମ ସମ୍ବନ୍ଧରେ ସମସ୍ତ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ନିମନ୍ତେ ଆଶାୟୀ ବିଡ଼ରଙ୍କୁ ୱେବସାଇଟ୍ www.ireps.gov.inର ଆଗାମୀ ଇ-ଅକ୍ସନ ଲିଙ୍କ୍ ଟ୍ୟାବ୍ ପରିଦର୍ଶନ କରିବାକୁ ଅନୁରୋଧ କରାଯାଉଛି।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ୍
PR-1106/Q/25-26

## ଦ.ପୂ. ରେଳପଥ – ଟେଣ୍ଡର

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଇ-ଟେଣ୍ଡର/ଜିଏସ୍‌ୟୁ/କେଜିପି/୧/୨୦୨୬, ତାରିଖ: ୦୭।୦୨।୨୦୨୬। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମୁଖ୍ୟ ପ୍ରକଳ୍ପ ପ୍ରବନ୍ଧକ, ଗତି ଶକ୍ତି, ଦ.ପୂ. ରେଳପଥ, ଖଡ୍ଗପୁର-୭୨୧୩୦୧ଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ସମ୍ପୃକ୍ତ ସାମଗ୍ରୀ ବାବଦରେ ଦର୍ଶାଯାଇଥିବା ତାରିଖର ୧୫.୦୦ ଘଟିକା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି ଏବଂ ସେଗୁଡ଼ିକ ୧୫.୩୦ ଘଟିକା ପୂର୍ବରୁ ଖୋଲାଯିବ। ଟେଣ୍ଡର ନଂ.: ଇ/କେଜିପି/ଜିଏସ୍/୧/୨୦୨୬ । କାର୍ଯ୍ୟର ବର୍ଣ୍ଣନା: ମୁଖ୍ୟ ପ୍ରକଳ୍ପ ପ୍ରବନ୍ଧକ/ଜିଏସ୍‌ୟୁ/ଖଡ୍ଗପୁର, ଖଡ୍ଗପୁର ମଣ୍ଡଳଙ୍କ ଅଧୀନରେ ଗତି ଶକ୍ତି ୟୁନିଟ୍‌ର ପ୍ରକଳ୍ପ ନିମନ୍ତେ ପ୍ରକଳ୍ପ ତତ୍ତ୍ୱାବଧାନ ସେବା ଯୋଗାଇବା ପାଇଁ ପ୍ରକଳ୍ପ ତତ୍ତ୍ୱାବଧାନ ସେବା ଏଜେନ୍ସି (ପିଏସ୍‌ଏସ୍‌ଏ)ର ନିଯୁକ୍ତି; ଟେଣ୍ଡର ମୂଲ୍ୟ: ₹୮,୬୧,୩୮,୨୫୪.୧୦ । ଅମାନତ ରାଶି: ₹୧୭,୨୨,୮୦୦/- । ଟେଣ୍ଡର ଦସ୍ତାବିଜ ମୂଲ୍ୟ: ୦.୦୦ । କାର୍ଯ୍ୟର ସମାପ୍ତି ଅବଧି: ୨୪ ମାସ । ଖୋଲାଯିବା ତାରିଖ: ୧୮।୦୩।୨୦୨୬। ବିଡ଼ିଂ ଆରମ୍ଭ ତାରିଖ: ତା୦୪।୦୩।୨୦୨୬ରିଖରୁ ତା୧୮।୦୩।୨୦୨୬ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ । ଟେଣ୍ଡରଗୁଡ଼ିକର ପୂର୍ଣ୍ଣ ବିବରଣୀ/ ବର୍ଣ୍ଣନା/ ବିନିର୍ଦ୍ଦିଷ୍ଟତା ପାଇଁ ଏବଂ ଅନ୍‌ଲାଇନ୍‌ରେ ନିଜର ବିଡ୍ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି। ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି ପରିସ୍ଥିତିରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବି.ଦ୍ର.: ସମ୍ଭାବ୍ୟ ଟେଣ୍ଡରଦାତା ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି। (PR-1165)

Your classified advertisement published in Dharitri will be listed free in Dharitri online edition : www.dharitri.com

## ତହସିଲ କାର୍ଯ୍ୟାଳୟ, ରାମପୁର, ଜିଲ୍ଲା: ସୁବର୍ଣ୍ଣପୁର
### ନୋଟିସ

No. 24001/18/2526: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ମାନ୍ୟବର ଜିଲ୍ଲାପାଳ, ସୁବର୍ଣ୍ଣପୁରଙ୍କ ସାର୍ଟିଫିକେଟ କେସ୍ ନଂ. ୦୧/୨୦୨୧ର ଆଦେଶ ମୁତାବକ ଶ୍ରୀ ନବୀନ କୁମାର ସାହୁ, ପିତା: ନାରାୟଣ ସାହୁ, ନିବାସୀ: କନ୍ଦୋମୁଣ୍ଡାଙ୍କଠାରୁ ଟ.୨,୯୯,୭୯,୦୭୭.୦୦ (ଦୁଇ କୋଟି ଅନେଶତ ଲକ୍ଷ ଅଣସ୍ତରି ହଜାର ସତସ୍ତରୀ) ଟଙ୍କା ମାତ୍ର ଆଦାୟ ନିମନ୍ତେ ନିମ୍ନ ଜମିକୁ ନିଲାମ ନିମନ୍ତେ ଜବତ କରାଯାଇଛି।

| କ୍ର. ସଂଖ୍ୟା | ମୌଜା | ଖାତା ନଂ. | ପ୍ଲଟ ନଂ. | କିସମ | ରକବା (ଏକରରେ) |
|---|---|---|---|---|---|
| ୧ | ସାହାଜବାହାଲ | ୮୯ | ୩୩୫ | | ୦.୯୦୮ |
| ୨ | ସାହାଜବାହାଲ | ୮୯ | ୩୪୧ | | ୧.୨୩୦ |
| ୩ | ଇଚ୍ଛାପୁର | ୧୯୫ | ୧୩୦୪ | ଜଳସେଚିତ | ୦.୧୫୦ |
| ୪ | ଇଚ୍ଛାପୁର | ୧୯୫ | ୧୨୨୨ | ଘର | ୦.୦୧୮ |
| ୫ | ଇଚ୍ଛାପୁର | ୧୯୫ | ୧୨୫୫ | ଘର | ୦.୦୪୦ |
| ୬ | ଇଚ୍ଛାପୁର | ୧୯୫ | ୧୨୬୫ | ବାରି | ୦.୦୫୦ |

ଏଣୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ଉକ୍ତ ଜମିକୁ ନିଲାମ କରାଯିବ। ଇଚ୍ଛୁକ ବ୍ୟକ୍ତିମାନେ ତା୧୮।୦୨।୨୦୨୬ରିଖ ଦିବା ୧୧ ଘଣ୍ଟା ସମୟରେ ତହସିଲ କାର୍ଯ୍ୟାଳୟ, ରାମପୁରଠାରେ ଉପସ୍ଥିତ ହୋଇ ନିଲାମରେ ଅଂଶ ଗ୍ରହଣ କରିବା ପାଇଁ ଅନୁରୋଧ କରାଗଲା।

OIPR-24001/24323/1/25-26/0001 — ସ୍ୱା./– ତହସିଲଦାର, ରାମପୁର

## ODISHA COAL AND POWER LTD.
Odisha Coal and Power Limited (OCPL)
(A GOVT. OF ODISHA COMPANY)
Zone-A, Fourth Floor, Fortune Towers, Chandrasekharpur, Bhubaneswar – 751023, Odisha, Ph. No: 0674-2300654 / 0674-2300664

### NOTICE INVITING TENDER

NIT No.: OCPL/MCMP/SER-190/2026 — Dt.: 11.02.2026

Bids in prescribed format are invited in www.tendersodisha.gov.in from the Agency for the following work:

| Sl. No. | Name of the Work | Cost of Tender Paper | Issue of Tender Document | Last Date of bid Submission | Last Date of Opening of Bid |
|---|---|---|---|---|---|
| 1 | Construction of Boundary wall and Pathway at Kechhobahal Kalyan Mandap, Jharsuguda, Odisha | Rs. 1000 Incl. of GST | 11.02.2026 3.00 P.M. | 07.03.2026 5.00 P.M. | 03.30 P.M. on 11.03.2026 |

For further details, bidders shall visit Tender Odisha Portal (Odisha Govt. e-Procurement System) i.e., www.tendersodisha.gov.in or may refer our website i.e. www.ocpl.org.in. Any clarification may please be addressed to the undersigned at the above address or by email to: contracts@ocpl.org.in.

Sd./- Sr. Manager (Contract and Commercial)

## OFFICE OF THE NOTIFIED AREA COUNCIL, G.UDAYAGIRI
### CORRIGENDUM

No. 371 — Dt. 07.02.2026

No. 13001/149/2526: In continuation to this Office Bid Identification No. GUDGR-NAC-02/2025-26 invite vide this Office Notice No. 290 Dt.22.01.2026, the following partial modification has been made:

1. Availability of tender online for bidding extended upto : Dt.16.02.2026 at 5.00 P.M.
2. Date & time of opening of the tender : Dt.17.02.2026 at 10.00 A.M.
3. Date & time of evaluation : Dt.18.02.2026 at 11.00 A.M.

All other terms and condition will remain unaltered.

Sd./- Executive Officer, N.A.C. G.Udayagiri
OIPR-13001/13066/1/25-26/0001

## GOVERNMENT OF ODISHA
### "e" PROCUREMENT NOTICE
### OFFICE OF THE NOTIFIED AREA COUNCIL, DASPALLA
2nd Corrigendum on Tender Call Notice No. 66 Dt. 08.01.2026
Bid Identification No. NAC-Daspalla-(SAN)-2025-26

No. 422 — Dt.: 03.02.2026

No. 13001/151/2526: Corrigendum hereby issued for Tender Call Notice No. 66 / Dt.08.01.2026 for Sanitation Work of Daspalla NAC regarding extension of date opening of Financial Bid due to unavoidable circumstances.

1. Date & time of opening of Financial Bid : Dt.12.02.2026 at 11.00 A.M.

*All other terms & conditions remain unaltered.

Sd./- Executive Officer, Notified Area Council, Daspalla
OIPR-13001/13141/1/25-26/0001

## OFFICE OF THE DISTRICT FISHERIES OFFICER, ANGUL
Ph.: (06764) 236458, E-mail: dfoangul123@gmail.com
### QUOTATION CALL NOTICE

No. 330 — Date: 09.02.2026

(Hiring of Vehicle for Official Purpose on Monthly rent basis)

No. 6001/9/2526: Sealed quotations/tenders are invited from interested reputed travel agencies/tour operators or private individuals for providing 1 (One) No. of vehicle having sitting capacity not more than five including driver, for official use in District Fisheries Officer, Angul on monthly rent basis. The tender should reach the undersigned by 23.02.2026 5.30 P.M. through Registered Post/Courier. All tender shall be opened on 24.02.2026 12.00 Noon in the Office of the District Fisheries Office, Angul. The tender should be submitted to DFO, Angul, Mishra Pada, Near Jagannath Temple, Odisha, PIN Code - 759122. The application form of quotation/tender containing General Bid Information & Terms and conditions for Hiring of Vehicles etc. will be available in Office of the District Fisheries Officer, Angul or can be downloaded from www.angul.odisha.gov.in from Dt.11.02.2026 to 23.02.2026.
The undersigned deserve right to postpone/cancel the tender without assign any reason thereof.

OIPR-6001/6064/1/2526/0001 — Sd./- District Fisheries Officer, Angul

## GOVT. OF ODISHA
### ST & SC DEVELOPMENT DEPARTMENT
### INTEGRATED TRIBAL DEVELOPMENT AGENCY: KARANJIA
### DIST- MAYURBHANJ,
E-PROCUREMENT NOTICE
BID IDENTIFICATION NO-06/2025-26
e-mail: itdakja@nic.in/ itdakaranjia@gmail.com

No.215, — Dtd. 02.02.26

No.19001/26/2526: Bid documents consisting of Work, Estimated Costs, Cost of Tender Papers, EMD, Time of Completion, Class of Contractors and the set of terms and conditions of contract and other necessary documents can be seen/ downloaded from Govt. Website i.e. www.tendersorissa.gov.in.

1. No. of Works : 25 (Twenty Five) Nos.
2. Estimated Cost : Varies from 15.00 Lakh to 80.00 Lakh
3. Period of Completion : Varies from 3 Calendar Months to 6 Calendar Months.
4. Date & Time of availability of bid documents : From 10 AM of 4th Day of February 2026 to 21st Day of February 2026 upto 5 PM
5. Last date & time of receipt of bids in the portal : Dt. 21st Day of February 2026 upto 5 P.M.
6. Last date & time of receipt of Bids through Tender Box : Dt.23rd Day of February 2026 upto 3.00 P.M.
7. Bids received through Tender Box shall be opened on : Dt.23rd Day of February 2026 3.30 P.M. onwards
8. Name and address of the Officer Inviting Bids : Project Administrator, ITDA, Karanjia

Further details can be seen/downloaded from the procurement portal i.e. www.tendersorissa.gov.in.

Sd./- Project Administrator, I.T.D.A., Karanjia
OIPR-19001/19007/1/25-26/0005

# ସାତକୋଶିଆ ଟାଇଗର ରିଜର୍ଭ ଅଞ୍ଚଳରେ ମାନବାଧିକାର ଉଲ୍ଲଂଘନ

ଭୁବନେଶ୍ୱର,୧୦।୨(ତ୍ରିନାଥ ମହାନ୍ତି)

- ଘଟଣାକୁ ନେଇ ଓଏଚ୍ଆର୍‌ସିଙ୍କ ଚିନ୍ତା ପ୍ରକଟ
- ତଦନ୍ତ ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିବାକୁ ସରକାରଙ୍କୁ ସୁପାରିସ

ସାତକୋଶିଆ ଟାଇଗର ରିଜର୍ଭ ଅଞ୍ଚଳରେ ଗ୍ରାମ ବିସ୍ଥାପନ ପ୍ରକ୍ରିୟାରେ ଅବହେଳା ହୋଇଛି। ବିନା ଗ୍ରାମସଭା, ନୋଟିସରେ ଗ୍ରାମବାସୀଙ୍କୁ ସ୍ଥାନାନ୍ତର କାଯାଇଛି। ଫଳରେ ସାତକୋଶିଆ ରିଜର୍ଭ ଅଞ୍ଚଳରେ ମାନବାଧିକାରର ଉଲ୍ଲଂଘନ ହୋଇଛି। ଏହାକୁ ନେଇ ରାଜ୍ୟ ମାନବିକ ଅଧିକାର ଆୟୋଗ(ଓଏଚ୍ଆର୍‌ସି) ଚିନ୍ତା ପ୍ରକଟ କରିଛନ୍ତି। ଏହି ମାମଲାର ତଦନ୍ତ ପାଇଁ ଏକ ଉଚ୍ଚସ୍ତରୀୟ ଏବଂ ବହୁବିଭାଗୀୟ କମିଟି ଗଠନ କରିବାକୁ କମିଶନର ଅଧକ୍ଷ ବିଚାରପତି ଶତ୍ରୁଘ୍ନ ପୂଜାହାରୀଙ୍କ ନେଇ ଗଠିତ ଖଣ୍ଡପୀଠ ରାଜ୍ୟ ସରକାରଙ୍କୁ ସୁପାରିସ କରିଛନ୍ତି। ୬ ସପ୍ତାହ ମଧ୍ୟରେ କମିଟି ଗଠନ କରି ଜଣାଇବାକୁ ଖଣ୍ଡପୀଠ କହିଛନ୍ତି।

ବନ ଅଧିକାର ଆଇନ-୨୦୦୬ ଅନୁଯାୟୀ, ବ୍ୟକ୍ତିଗତ ଓ ସାମୂହିକ ବନ ଅଧିକାର ସମାଧାନ ପୂର୍ବରୁ ଯେଉଁ ପୁନର୍ବାସ ଆରମ୍ଭ କରାଯାଇଥିଲା, ତାହା ଆଇନଗତ ଭାବେ ତ୍ରୁଟିପୂର୍ଣ୍ଣ ବୋଲି ଓଏଚ୍ଆର୍‌ସି ଅନୁଭବ କରିଛନ୍ତି। ଅନେକ ସ୍ଥାନରେ ଗ୍ରାମସଭା ବୈଠକ ଠିକ ଭାବେ ହୋଇ ନ ଥିଲା। ଯୋଗ୍ୟ ବାସିନ୍ଦାମାନେ ଅନୁପସ୍ଥିତ ଥିଲେ ଏବଂ ତରବରିଆ ଭାବେ ସଙ୍କଳ୍ପ ପାରିତ କରାଯାଇଥିଲା। ଏପରି ସ୍ଥିତିରେ ମିଳିଥିବା ସମ୍ମତିକୁ ଆଇନଗତ ଭାବେ ବୈଧ ବୋଲି ଧରାଯାଇପାରିବ ନାହିଁ ବୋଲି କମିଶନ କହିଛନ୍ତି। ଏଥିସହ ଘର, ଜମି, ଗଛ ଓ ଜୀବିକା ସମ୍ପତ୍ତିର ବୈଜ୍ଞାନିକ ମୂଲ୍ୟାୟନ ଛଡ଼ା କ୍ଷତିପୂରଣ ଦିଆଯାଇ ନ ଥିବାରୁ ବିସ୍ଥାପିତ ପରିବାରମାନେ ବହୁ କଷ୍ଟ ଭୋଗିଛନ୍ତି। ଏନ୍‌ଟିସିଏ ନିର୍ଦ୍ଦେଶାବଳୀ ଓ ପ୍ରୋଟୋକଲ ମଧ୍ୟ ଠିକ୍ ଭାବେ ପାଳନ ହୋଇ ନ ଥିବା ଓଏଚ୍ଆର୍‌ସି ଦର୍ଶାଇଛନ୍ତି। ଏହାକୁ ଆଧାର କରି ରାଜ୍ୟ ସରକାର ୬ସପ୍ତାହ ମଧ୍ୟରେ ଏକ ଉଚ୍ଚସ୍ତରୀୟ ତଦନ୍ତ କମିଟି ଗଠନ କରିବାକୁ କମିଶନ ସୁପାରିସ କରିଛନ୍ତି। ଏହି କମିଟି ସାତକୋଶିଆ ଅଞ୍ଚଳର ସମ୍ପୂର୍ଣ୍ଣ ପୁନର୍ବାସ ପ୍ରକ୍ରିୟା ଗ୍ରାମଭିତ୍ତିକ ଯାଞ୍ଚ କରିବ। ଆଇନଗତ ଉଲ୍ଲଂଘନ ଚିହ୍ନଟ କରିବ ଏବଂ ଆବଶ୍ୟକ ସଂଶୋଧନ ସୁପାରିସ କରିବ। ଇତିମଧ୍ୟରେ ସାତକୋଶିଆ ବଫର୍ ଅଞ୍ଚଳରୁ କୌଣସି ନୂଆ ପୁନର୍ବାସ ହେବ ନାହିଁ ବୋଲି ଓଏଚ୍ଆର୍‌ସି କହିଛନ୍ତି।

ଆୟୋଗ ସମ୍ମୁଖରେ ଗ୍ରାମବାସୀ ଦାଖଲ ହୋଇଥିବା ଅଭିଯୋଗ ଅନୁସାରେ, ସାତକୋଶିଆ ଟାଇଗର ରିଜର୍ଭ ଅଞ୍ଚଳର ଭୁରୁକୁଣ୍ଡି, ଆସନବାହାଲ, କଟରଙ୍ଗା, ତୁଲୁକା, ଟିକରାପଡା ଓ ଗୋପାଳପୁର ସହିତ ଅନେକ ଗ୍ରାମର ୬୫୦ରୁ ଅଧିକ ପରିବାର ରହୁଥିଲେ। ଏହି ପରିବାରଙ୍କୁ ବିନା ନୋଟିସରେ ବିସ୍ଥାପନ କରାଯାଇଥିବାରୁ ସେମାନେ ବିଶେଷଭାବେ ପ୍ରଭାବିତ ହୋଇଛନ୍ତି। ଗ୍ରାମ ସଭାର ସ୍ୱତନ୍ତ୍ର, ଆଗୁଆ ନୋଟିସ ଓ ଲିଖିତ ସମ୍ମତି ନେବା ବିନା ସ୍ଥାନାନ୍ତର କାର୍ଯ୍ୟ ସମ୍ପାଦନ କରାଯାଇଛି। ଅନେକ ପରିବାରଙ୍କ ଜମି ଅଧିକାର, ଜଙ୍ଗଲ ଉପରେ ଜୀବିକା ନିର୍ଭର ଓ ପାରମ୍ପରିକ ଅଧିକାରକୁ ଅଗ୍ରାହ୍ୟ କରାଯାଇଥିବା ଅଭିଯୋଗ ରହିଛି। କେତେକ ଯୋଗ୍ୟ ପରିବାରଙ୍କୁ କ୍ଷତିପୂରଣ ପ୍ୟାକେଜରୁ ବାଦ୍ ଦିଆଯାଇଥିବା ବେଳେ କିଛି ଅଯୋଗ୍ୟ ପରିବାରଙ୍କୁ ସୁବିଧା ମିଳିଥିବା ମଧ୍ୟ ଅଭିଯୋଗ କରାଯାଇଛି। ସ୍ଥାନାନ୍ତରିତ ପରିବାରମାନଙ୍କୁ ଯଥୋଚିତ ପୁନର୍ବାସ, ଜୀବିକା ସୁଯୋଗ, ପାନୀୟ ଜଳ, ବିଦ୍ୟୁତ୍, ଶିକ୍ଷା ଓ ସ୍ୱାସ୍ଥ୍ୟ ସୁବିଧା ଦିଆଯାଇନାହିଁ। ଏହାକୁ ମାନବାଧିକାର ଉଲ୍ଲଂଘନର ସମ୍ଭାବ୍ୟ ଘଟଣା ଭାବେ ଦେଖି, ଆୟୋଗ ଦୋଷୀ ଅଧିକାରୀଙ୍କୁ ଚିହ୍ନଟ କରି ଆଇନଗତ କାର୍ଯ୍ୟାନୁଷ୍ଠାନ ନେବା ସହ ପ୍ରଭାବିତ ପରିବାରମାନଙ୍କୁ ଯଥୋଚିତ କ୍ଷତିପୂରଣ ଓ ପୁନର୍ବାସ ସୁନିଶ୍ଚିତ କରିବାକୁ ପ୍ରଭାବିତ ଗ୍ରାମବାସୀ ଓଚ୍ଆର୍‌ସିଙ୍କ ନିକଟରେ ପ୍ରାର୍ଥନା କରିଥିଲେ।

# ଏମ୍‌କେସିଜି ମେଡିକାଲ ସର୍ଜରି ୱାର୍ଡରେ ବିକ୍ରମ

ବ୍ରହ୍ମପୁର,୧୦।୨(ସୁବାସ ଚନ୍ଦ୍ର ପାଢ଼ୀ)

**ପୀତବାସ ପଣ୍ଡା ହତ୍ୟା ମାମଲା**

ପୀତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ ହୋଇ ବ୍ରହ୍ମପୁର ମଣ୍ଡଳ କାରାଗାରରେ ଥିବା ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା ମଙ୍ଗଳବାର ଏମ୍‌କେସିଜି ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ୨ ଦିନ ପୂର୍ବେ ସେ ଏମ୍‌କେସିଜିରେ ଚିକିତ୍ସିତ ହୋଇ ଜେଲ ଫେରିଥିବା ବେଳେ ତାଙ୍କ ପେଟ ଓ ଛାତିରେ ଯନ୍ତ୍ରଣା ହେବାରୁ ପୁଣି ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ପୋଲିସ ସୁରକ୍ଷା ବଳୟରେ ସେ ଏବେ ୩୨୦ ନଂ. ବେଡ୍‌ରେ ରହିଛନ୍ତି। ତାଙ୍କର ଗଲ୍ ବ୍ଲାଡର ସମସ୍ୟା ରହିଥିବା ବେଳେ ଅସ୍ତ୍ରୋପଚାର ହୋଇପାରେ ବୋଲି ଜଣାପଡ଼ିଛି। ସେହିପରି ମାମଲାର ଅନ୍ୟତମ ଅଭିଯୁକ୍ତ ତଥା ବିଜେଡି ନେତା ମଦନ ଦଳାଇଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ଥିବାରୁ ସୋମବାର ତାଙ୍କୁ ହୁଇଲ ଚେୟାରରେ ଆଣି ଜିଲା ଦୌରାଜଜ୍ କୋର୍ଟରେ ହାଜର କରାଯାଇଥିଲା। ମଙ୍ଗଳବାର ତାଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଛି।

ଏ ନେଇ ଏମ୍‌କେସିଜି ମେଡିକାଲ ଅଧୀକ୍ଷକ ଦୁର୍ଗାମାଧବ ଶତପଥୀଙ୍କ ସହ ଯୋଗାଯୋଗ ବେଳେ ସେ କହିଛନ୍ତି, ବିକ୍ରମ ପଣ୍ଡା ସର୍ଜରି ୱାର୍ଡରେ ଭର୍ତ୍ତି ହୋଇଛନ୍ତି। ବିଭାଗୀୟ ଡାକ୍ତର ତାଙ୍କର ଚିକିତ୍ସା ଚଳାଇଛନ୍ତି। ମଦନ ଦଳେଇ ଚିକିତ୍ସା ପାଇଁ ଏମ୍‌କେସିଜି ଅସ୍ଥିଶଲ୍ୟ ବିଭାଗରେ ଭର୍ତ୍ତି ହୋଇଥିବା ମେଡିକାଲ ଅଧୀକ୍ଷକ କହିଛନ୍ତି। ପୀତବାସ ହତ୍ୟା ଘଟଣାରେ ପୋଲିସ ପୂର୍ବତନ ବିଧାୟକ ବିକ୍ରମ, ପୂର୍ବତନ ମେୟର ଶିବଶଙ୍କର ଦାଶ ଓରଫ ପିଣ୍ଟୁଙ୍କ ସମେତ ମୋଟ ୧୬ଜଣଙ୍କୁ ଗିରଫକରି କୋର୍ଟ ଚାଲାଣ କରିଥିଲା। ଗତ ୯ ତାରିଖରେ ମାମଲାର କମିଟିମେଣ୍ଟ ହୋଇଥିଲା। ଏହାପରେ ଏହି ମାମଲାକୁ ଏଡିଜେ-୩ କୋର୍ଟକୁ ସ୍ଥାନାନ୍ତର କରାଯାଇଥିଲା। ଆସନ୍ତା ୧୭ରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ ହୋଇଥିଲା। ସେହିଦିନ କେତେଜଣଙ୍କ ଜାମିନ ଆବେଦନ ଶୁଣାଣି ସହ ଚାର୍ଜଫ୍ରେମ୍ ହେବ ବୋଲି ପ୍ରତିପକ୍ଷ ଓକିଲ ଚକ୍ରପାଣି ନାହାକ କହିଛନ୍ତି।

# ଏଏସ୍‌ଆଇଙ୍କୁ ନିଲମ୍ବନ କଲେ ଏସ୍‌ପି

ମୋରଡ଼ା,୧୦।୨(ସ୍ମାରକ ମାଜୀ)

**ଥାନାରେ ଛାତ୍ରଙ୍କୁ ନିର୍ଯାତନା ଦେବା ଘଟଣା**

ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ପୋଲିସ ୨୦୨୫ ଡିସେମ୍ବର ୨୫ ତାରିଖ ରାତିରେ ତଦନ୍ତ ଆଳରେ ଜଣେ ଛାତ୍ରଙ୍କୁ ଥାନାକୁ ଡାକି ନିର୍ଯାତନା ଦେବା ଘଟଣାରେ ମୟୂରଭଞ୍ଜ ଜିଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଥାନାରେ କାର୍ଯ୍ୟରତ ଏଏସ୍‌ଆଇ ନିରାକାର ପ୍ରଧାନଙ୍କୁ ନିଲମ୍ବନ କରିଛନ୍ତି।

ସୂଚନାଯୋଗ୍ୟ, ଏକ ମହାବିଦ୍ୟାଳୟର ଜଣେ ଛାତ୍ରୀ କେଉଁଆଡ଼େ ପଳାଇ ଯାଇଥିଲେ। ତଦନ୍ତ ଆଳରେ ପୋଲିସ ସୁଶାନ୍ତ ପାତ୍ର ନାମକ ଜଣେ ଛାତ୍ରଙ୍କୁ ଥାନାକୁ ଡାକି ଆଣିଥିଲା। ଥାନା ଏଏସ୍‌ଆଇ ନିରାକାର ପ୍ରଧାନ ଏବଂ ଏସ୍‌ଆଇ ନିବେଦିତା ନାଏକ ଧମକଚମକ ଦେବା ସହିତ ସୁଶାନ୍ତଙ୍କୁ ମାଡ଼ ମାରିଥିଲେ ଏବଂ ଅଶାଳୀନ ବ୍ୟବହାର ପ୍ରଦର୍ଶନ କରିଥିବା ଅଭିଯୋଗ ହୋଇଥିଲା। ଏ ବାବଦରେ ପୋଲିସ ସମିତି ସଦସ୍ୟ ସୌରଭ ରଞ୍ଜନ ମହାନ୍ତି ଏସ୍‌ଆଇ ନାଏକଙ୍କୁ ପଚାରିବାରୁ ସେ ମାଡ଼ ମରାଯିବା କଥାକୁ ସ୍ୱୀକାର କରିଥିଲେ, ଯାହାର ଅଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହୋଇଥିଲା। ଏହି ଘଟଣାରେ ଛାତ୍ରଙ୍କୁ ନ୍ୟାୟ ନ ମିଳିଲେ ଥାନା ଘେରାଉ କରାଯିବ ବୋଲି ମହାନ୍ତି ଚେତାବନୀ ଦେଇଥିଲେ। ପରେ ବିଭିନ୍ନ ଛାତ୍ର ସଂଗଠନ, ଅଞ୍ଚଳବାସୀ ଏସ୍‌ପିଙ୍କଠାରେ ଲିଖିତ ଅଭିଯୋଗ କରିଥିଲେ। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଡିପିଓ ମିନତି ବିଶ୍ୱାଳ ତଦନ୍ତ କରି ରିପୋର୍ଟ ପ୍ରଦାନ କରିଥିଲେ। ଏହି ରିପୋର୍ଟକୁ ଭିତ୍ତିକରି ଏସ୍‌ପି ଗୁଣ୍ଟୁପାଲି ଏଏସ୍‌ଆଇ ପ୍ରଧାନଙ୍କୁ ଚାକିରିରୁ ନିଲମ୍ବନ କରିଛନ୍ତି। ତେବେ ଛାତ୍ରଙ୍କୁ ଧମକଚମକ ଦେଇଥିବା ଏସ୍‌ଆଇ ନାଏକଙ୍କ ବିରୋଧରେ ପୋଲିସ ଆଗକୁ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ଦେଖିବାକୁ ବାକି ରହିଲା।



ଏଏସ୍‌ଆଇ ନିରାକାର ପ୍ରଧାନ

# ସଶସ୍ତ୍ର ଡକାୟତି ଘଟଣାରେ ୩ ଗିରଫ

କେନ୍ଦୁଝର,୧୦।୨
(ନରେଶ୍ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସଦର ଥାନା ଅନ୍ତର୍ଗତ ବାୟାପାଣ୍ଡାଧାରରେ ଜଣଙ୍କ ଘରୁ ଓ ତୁରୁମୁଙ୍ଗା ଥାନା ଅଞ୍ଚଳରେ ସଶସ୍ତ୍ର ଡକାୟତି ଘଟଣାରେ ପୋଲିସ ୩ ଜଣଙ୍କୁ ମଙ୍ଗଳବାର ଗିରଫ କରିଛି। ଗିରଫ ଅଭିଯୁକ୍ତ ଝାଡ଼ଖଣ୍ଡ ରାଜ୍ୟର ଧାନବାଦ୍ ଜିଲା ତୁଣ୍ଡି ଥାନା ଅନ୍ତର୍ଗତ ଚରକ ଗ୍ରାମର ରିଜ୍‌ୱାନ ଅନ୍‌ସାରୀ (୩୨), ଗୋବିନ୍ଦପୁର ଥାନା ଅନ୍ତର୍ଗତ ଗାଇଡେହେରା ଗ୍ରାମର ଅସ୍‌ଗର ଅନ୍‌ସାରୀ (୪୬) ଓ ଉକ୍ତ ଥାନା କୁରେଶିନଗର ଗ୍ରାମର ମାନିକ ରବିଦାସ(୩୦)। ସମସ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ଅମିତ୍ କୁମାର ଭୂୟାଁ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ଗତ ୧ ତାରିଖ ରାତି ପ୍ରାୟ ୧୦ଟାରେ ଜାତୀୟ ରାଜପଥ ୪୯ କଡ଼ରେ ଥିବା ସଂଗ୍ରାମ କେଶରୀ ନାୟକଙ୍କ ଘରୁ ସଶସ୍ତ୍ର ଡକାୟତି ହୋଇଥିଲା। ଏ ନେଇ ସଦର ଥାନାରେ ଏକ ମାମଲା(ନଂ.୬୦/୨୦୨୬)ରୁଜୁ ହୋଇ ଡଗ୍ ସ୍କ୍ୱାଡ୍, ସାଇଣ୍ଟିଫିକ୍ ଟିମ୍ ତଥା ଆଖପାଖ ସିସିଟିଭି ଆଦି ଯାଞ୍ଚ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଏହାର ଦିନକ ପୂର୍ବରୁ ତୁରୁମୁଙ୍ଗା ଥାନା ଖିରେଇଟାଙ୍ଗିରିରେ ଜଣେ ଡାକ୍ତରଙ୍କ ଘରୁ ସମାନ ଢଙ୍ଗରେ ଲୁଟ୍ ହୋଇଥିଲା। ଦୁଇଦିନରେ ଦୁଇ ଡକାୟତି ଘଟଣାକୁ ନେଇ କେନ୍ଦୁଝର ପୋଲିସ ତନାଘନା ଆରମ୍ଭ କରିଥିଲା । ପୋଲିସ ଏକାଧିକ ଟିମ୍ ଗଠନକରି ବିଭିନ୍ନ ରାଜ୍ୟକୁ ଯାଇ ଡକାୟତଙ୍କୁ ଚିହ୍ନଟକରି ଧରିବାରେ ସକ୍ଷମ ହୋଇଛି। ଘଟଣାରେ ଅଧିକ ଡକାୟତଙ୍କ ସମ୍ପୃକ୍ତି ଥିବା ବେଳେ ଅନ୍ୟମାନଙ୍କୁ ଧରିବାକୁ ଏବଂ ଉଭୟ ଡକାୟତି ଘଟଣାରେ ଲୁଟ୍ ସାମଗ୍ରୀ ଜବତ କରିବାକୁ ପୋଲିସ ଉଦ୍ୟମ ଚଳାଇଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି।

# ଫ୍ୟାନ୍‌ରେ ଝୁଲି ଦମ୍ପତିଙ୍କ ଆତ୍ମହତ୍ୟା

ଧର୍ମଶାଳା/ଚଢ଼େଇଧାରା, ୧୦।୨
(ବଟକୃଷ୍ଣ ପରିଡ଼ା/ଦିଲୀପ ପରିଡା)

ଯାଜପୁର ଜିଲା ଜେନାପୁର ଥାନା ଅନ୍ତର୍ଗତ ମଧୁପୁରଗଡ଼ ପଞ୍ଚାୟତ ଜାମୁଝରୀ ଗ୍ରାମରେ ଗୋଟିଏ ପଙ୍ଖାରେ ବେକରେ ରଶି ଲଗାଇ ଦମ୍ପତି ଆତ୍ମହତ୍ୟା କରିଛନ୍ତି। ମୃତ ଦମ୍ପତି ହେଲେ ବାବୁଲା ମଳିକଙ୍କ ପୁଅ ଜଜ (୨୬) ଏବଂ ସ୍ତ୍ରୀ ଝରଣା (୨୩) ବୋଲି ଜଣାପଡ଼ିଛି। ପାରିବାରିକ କଳହକୁ ନେଇ ଉଭୟେ ଆତ୍ମହତ୍ୟା କରିଥିବା ଗାଁ ଲୋକ ସନ୍ଦେହ କରୁଛନ୍ତି। ସେମାନଙ୍କର ୨ ବର୍ଷର ଏକ ପୁଅ ଅଛି।

ଜମୁଝରୀ ଗାଁରେ ସୋମବାର ଅଷ୍ଟପ୍ରହର ନାମ ଚାଲିଥିବା ବେଳେ ଦମ୍ପତି ଘରେ ଆତ୍ମହତ୍ୟା କରିଛନ୍ତି। କୌଣସି କାରଣରୁ କିଛିଦିନ ହେବ ଉଭୟଙ୍କ ମଧ୍ୟରେ କଳହ ଲାଗି ରହିଥିଲା। ଏହି କଳହ ସୋମବାର ଉଗ୍ର ରୂପ ଧାରଣ କରିଥିଲା। ରାତି ପ୍ରାୟ ସାଢ଼େ ୯ଟାରେ ଅଷ୍ଟପ୍ରହରୀର ନାମ ସଂକୀର୍ତ୍ତନ ଚାଲୁଥିବାବେଳେ ଉଭୟ ସେଠାକୁ ଯାଇ ଠାକୁରଙ୍କ ନିକଟରେ ପୂଜାର୍ଚ୍ଚନା କରି ଘରକୁ ଫେରିଥିଲେ। ପରେ ଜଜ ଅଷ୍ଟପ୍ରହରୀକୁ ନ ଆସିବା ହେତୁ ବାପା ବାବୁଲା ତାଙ୍କୁ ଡାକିବାକୁ ଘରକୁ ଯାଇଥିଲେ। ବାବୁଲା ଘରକୁ ଆସି କବାଟ ଖୋଲିବାକୁ ଚେଷ୍ଟା କରି ବିଫଳ ହେବାରୁ ମନରେ ସନ୍ଦେହ ଜାଗ୍ରତ ହୋଇଥିଲା। ସେ କବାଟ ଭାଙ୍ଗି ଭିତରେ ପଶି ବୋହୂପୁଅ ଏକ ଫ୍ୟାନରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ବାବୁଲା ୧୦୮ ଆମ୍ବୁଲାନ୍ସକୁ ଫୋନ କରି ଡାକି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଉଭୟଙ୍କୁ ନେଇଥିଲେ। ସେଠାରେ ଡାକ୍ତର ଦମ୍ପତିଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ଖବରପାଇ ଆଇଆଇସି ନିରୁପମା ଜେନା ଘଟଣାସ୍ଥଳରେ ସାଇଣ୍ଟିଫିକ ଟିମ୍ ସହ ପହଞ୍ଚି ତଦନ୍ତ କରିଛନ୍ତି। ପୋଲିସ (୩/୨୬) ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହକୁ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ଚୋରା ଲୁହାପଥର ବୋଝେଇ ଟ୍ରକ୍ ଜବତ

ଯୋଡ଼ା,୧୦।୨(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ପୋଲିସ ମଙ୍ଗଳବାର ଭୋର୍ ସମୟରେ ଖୁଣ୍ଟପାଣି ଜଙ୍ଗଲରୁ ଏକ ଚୋରା ଲୁହାପଥର ବୋଝେଇ ଟ୍ରକ୍‌କୁ ଜବତ କରିଛି। ଖୁଣ୍ଟପାଣି ନିକଟସ୍ଥ ଜଙ୍ଗଲ ତଥା ଟାଟା କମ୍ପାନୀର ଲିଜ୍ ଅଞ୍ଚଳରେ ପଡ଼ିଥିବା ଲୁହାପଥରକୁ ଟ୍ରକ୍ ଯୋଗେ ବୋଝେଇ ହେଉଥିବା ପୋଲିସ ଖବର ପାଇ ଚଢ଼ାଉ କରିଥିଲା। ଅନ୍ଧାରର ସୁଯୋଗ ନେଇ ଖଣିଜ ଚୋରମାନେ ଫେରାର ହୋଇଯାଇଥିଲେ। ପ୍ରାୟ ୧୧ ମେଟ୍ରିକ୍ ଟନ୍ ଲୁହାପଥର ସମେତ ଟ୍ରକ୍ (ନଂ. ଓଡି ୧୪ଟି ୪୯୦୭)କୁ ପୋଲିସ ଜବତ କରିଛି। ଚୋରା କାରବାରରେ କିଏ ସମ୍ପୃକ୍ତ ଏବଂ ଚୋରା ଚାଲାଣ କେଉଁଠିକୁ ହେଉଥିଲା, ଏ ନେଇ ଯୋଡ଼ା ପୋଲିସ ଅନୁସନ୍ଧାନ ଆରମ୍ଭ କରିଛି।



## Business

# ଓଡ଼ିଶାରେ ୪୧୧୧ କୋଟି ନିବେଶକୁ ଅନୁମୋଦନ

- ୧୧ ଜିଲାରେ ହେବ ୨୩ ଶିଳ୍ପ ପ୍ରକଳ୍ପ
- ୯୯୨୪ ନିଯୁକ୍ତି ସୃଷ୍ଟି ଆଶା

ଭୁବନେଶ୍ୱର,୧୦।୨
(ଅନୁରାଧା ମହାରଣା)




ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୧୪୪ତମ ଷ୍ଟେଟ୍ ଲେଭଲ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ଅଥୋରିଟି (ଏସ୍‌ଏଲ୍‌ଏସ୍‌ଡବ୍ଲୁଏ) ବୈଠକରେ ୨୩ଟି ଶିଳ୍ପ ନିବେଶ ପ୍ରସ୍ତାବକୁ ଅନୁମୋଦନ ଦିଆଯାଇଛି। ଏହି ପ୍ରକଳ୍ପଗୁଡ଼ିକର ମୋଟ ନିବେଶ ପରିମାଣ ୪,୧୧୧.୮୦ କୋଟି ଟଙ୍କା ହେବା ସହ ପ୍ରାୟ ୯,୯୨୪ ନିଯୁକ୍ତି ସୃଷ୍ଟିହେବ ବୋଲି ଆଶା କରାଯାଉଛି। ଏହି ଅନୁମୋଦନ ଓଡ଼ିଶାର ଶିଳ୍ପ ଇକୋସିଷ୍ଟମକୁ ସୁଦୃଢ଼ କରିବା ଏବଂ ନିଯୁକ୍ତି ଆଧାରିତ ଅର୍ଥନୈତିକ ବିକାଶକୁ ତ୍ୱରାନ୍ୱିତ କରିବା ଦିଗରେ ଏକ ବଡ଼ ମାଇଲଖୁଣ୍ଟ ସାଜିଛି। ଏହି ଅନୁମୋଦିତ ପ୍ରକଳ୍ପଗୁଡ଼ିକ ଯାନ୍ତ୍ରିକ ଓ ବିଦ୍ୟୁତ୍ କ୍ୟାପିଟାଲ ଗୁଡ୍‌ସ, ପୋଷାକ ଓ ଟେକ୍ସଟାଇଲ, ଏରୋସ୍ପେସ୍ ଓ ପ୍ରତିରକ୍ଷା ଉତ୍ପାଦନ, ଜାହାଜ ନିର୍ମାଣ ଓ ମରାମତି, ଔଷଧ ଓ ରସାୟନ, ରିଫ୍ରାକ୍ଟରିଜ, ଆଲୁମିନିୟମ ଡାଉନଷ୍ଟ୍ରିମ୍, ଖଣିଜ ଉପକରଣ, ଧାତୁ ଡାଉନଷ୍ଟ୍ରିମ୍ ପ୍ଲାଷ୍ଟିକ, କାଚ ଉତ୍ପାଦନ, ଲଜିଷ୍ଟିକ୍ସ ଓ ଗୋଦାମ ବ୍ୟବସ୍ଥା, ଅବସଂରଚନା ଏବଂ ପର୍ଯ୍ୟଟନ ଓ ଆତିଥ୍ୟତା ଭଳି ବିଭିନ୍ନ କ୍ଷେତ୍ରରେ ବ୍ୟାପ୍ତ ରହିଛି। ଏହା ରାଜ୍ୟର ବିବିଧତାପୂର୍ଣ୍ଣ, ଭବିଷ୍ୟତ ପ୍ରସ୍ତୁତି ଓ ସ୍ଥିର ଶିଳ୍ପ ରଣନୀତିକୁ ସ୍ପଷ୍ଟ କରୁଛି। ଏହି ପ୍ରକଳ୍ପଗୁଡ଼ିକ ବାଲେଶ୍ୱର, ଭଦ୍ରକ, କଟକ, ଦେବଗଡ଼, ଗଞ୍ଜାମ, ଯାଜପୁର, ଖୋର୍ଦ୍ଧା, କୋରାପୁଟ, ପୁରୀ, ସମ୍ବଲପୁର ଓ ସୁନ୍ଦରଗଡ଼ ସମେତ ୧୧ ଜିଲାରେ କାର୍ଯ୍ୟକାରୀ ହେବ, ଯାହା ରାଜ୍ୟରେ ସନ୍ତୁଳିତ ଶିଳ୍ପ ବିକାଶ ଏବଂ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟିକରିବ। ପ୍ରମୁଖ ପ୍ରକଳ୍ପଗୁଡ଼ିକ ମଧ୍ୟରେ ଖୋର୍ଦ୍ଧାରେ ନିଫା ଲିମିଟେଡ୍‌ର ରେଳପଥ ଉପାଦାନ ଉତ୍ପାଦନ ୟୁନିଟ୍ ପାଇଁ ୩୮୪ କୋଟି ଟଙ୍କା ଖର୍ଚ୍ଚ ହେବ। ଏହା ୩୧୦ ନିଯୁକ୍ତି ସୃଷ୍ଟି କରିବ। ଗଞ୍ଜାମରେ ୩୦୦ କୋଟି ବ୍ୟୟରେ ଇନ୍‌ଭେଣ୍ଟଗ୍ରିଡ ଇଣ୍ଡିଆର ଆଡଭାନ୍ସଡ ମଲ୍ଟି-ଡ୍ରୋନ୍ ଉତ୍ପାଦନ କେନ୍ଦ୍ର ହେବ। ଏହାଦ୍ୱାରା ୧,୦୦୦ ନିଯୁକ୍ତି ମିଳିବ। ଭଦ୍ରକରେ ନର୍ଦର୍ନ ଏକ୍ସପ୍ରେସ୍‌ର ଜାହାଜ ନିର୍ମାଣ ଓ ମରାମତି ସୁବିଧା ପାଇଁ ୩୩୯.୪୦ କୋଟି ଟଙ୍କା ଅନୁମୋଦିତ ହୋଇଛି। ଏହା ୫୦୭ ଜଣଙ୍କୁ ନିଯୁକ୍ତି ଦେବ। ଖୋର୍ଦ୍ଧାରେ ଜେ.ଜି. ହୋସିଆରିର ପୋଷାକ ଉତ୍ପାଦନ ୟୁନିଟ୍ ପାଇଁ ୧୦୦ କୋଟି ଟଙ୍କା ଖର୍ଚ୍ଚ ହେବ ଏବଂ ୨,୩୫୦ ଜଣ ନିଯୁକ୍ତି ପାଇବେ। ସୁନ୍ଦରଗଡ଼ରେ କଳିଙ୍ଗା ମେଟାଲିକ୍ସର ୪ ଏମ୍‌ଟିପିଏ ଆୟରନ ଓର୍ ବେନିଫିସିଏସନ ପ୍ଲାଣ୍ଟ ପାଇଁ ୬୦୦ କୋଟି ଟଙ୍କା ଖର୍ଚ୍ଚ ହେବାକୁ ଥିବାବେଳେ ୭୦୦ ନିଯୁକ୍ତି ସୁଯୋଗ ସୃଷ୍ଟିହେବ। ଖୋର୍ଦ୍ଧାରେ ଏମ୍‌କେ ଆସେଟ୍ସର ୫-ଷ୍ଟାର ହୋଟେଲ ପାଇଁ ୨୧୦ କୋଟି ଖର୍ଚ୍ଚ ହେବାକୁ ଥିବାବେଳେ ଏହି ପ୍ରକଳ୍ପ ୨୪୦ଜଣଙ୍କୁ ନିଯୁକ୍ତି ଦେବ। ଏହିଭଳି ଅନେକ ପ୍ରକଳ୍ପ ରାଜ୍ୟରେ ପାରମ୍ପରିକ ଉତ୍ପାଦନରୁ ଆରମ୍ଭକରି ଏରୋସ୍ପେସ୍, ପ୍ରତିରକ୍ଷା, ଆଧୁନିକ ଉତ୍ପାଦନ, ଲଜିଷ୍ଟିକ୍ସ, ଅବସଂରଚନା ଓ ଉଚ୍ଚମାନର ପର୍ଯ୍ୟଟନ କ୍ଷେତ୍ର ରହିଛି। ଏହି ୨୩ଟି ପ୍ରକଳ୍ପ ମିଶି ରାଜ୍ୟରେ ଶିଳ୍ପ ବିକାଶକୁ ନୂତନ ଗତିଦେବା ସହ ପୂର୍ବାଞ୍ଚଳରେ ଓଡ଼ିଶାକୁ ଏକ ଉଚ୍ଚ ସମ୍ଭାବନାଯୁକ୍ତ ନିବେଶ ଗନ୍ତବ୍ୟ ଭାବେ ପ୍ରତିଷ୍ଠିତ କରୁଛି।

# ନିରବଚ୍ଛିନ୍ନ ଉତ୍ପାଦନ, ପ୍ରେରଣ ପାଇଁ ଏମ୍‌ସିଏଲ୍ ସିଏମ୍‌ଡିଙ୍କ ନିବେଦନ

ତାଳଚେର,୧୦।୨ (ମନୋଜ ନନ୍ଦ)

୧୨ ତାରିଖରେ ବିଭିନ୍ନ ଶ୍ରମିକ ସଙ୍ଗଠନ ଦ୍ୱାରା ପ୍ରସ୍ତାବିତ ଦେଶବ୍ୟାପୀ ଧର୍ମଘଟ ବିଜ୍ଞପ୍ତିକୁ ନଜରରେ ରଖି ଏମ୍‌ସିଏଲ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଉଦୟ ଅନନ୍ତ କାଓଲେ ମଙ୍ଗଳବାର କମ୍ପାନୀର ମୁଖ୍ୟାଳୟଠାରେ ସମସ୍ତ ଶ୍ରମିକ ସଙ୍ଗଠନର ପ୍ରତିନିଧିମାନଙ୍କୁ ନେଇ ଏକ ଜରୁରୀ ସଂଯୁକ୍ତ ପରାମର୍ଶଦାତା ସମିତି ବୈଠକ କରିଥିଲେ। କମ୍ପାନୀର ସମସ୍ତ ନିର୍ଦ୍ଦେଶକ, ବରିଷ୍ଠ ଅଧିକାରୀ ଓ ଶ୍ରମିକ ସଙ୍ଗଠନର ପ୍ରତିନିଧିଙ୍କ ମଧ୍ୟରେ ରଞ୍ଜନ ବେହେରା (ବିଏମ୍‌ଏସ୍), ଶଙ୍କର ବେହେରା (ଏଚ୍‌ଏମ୍‌ଏସ୍), ଅଶୋକ କୁମାର ଦାସ (ଏଆଇଟିୟୁସି) ଏବଂ ପ୍ରକାଶ ଜୈନ (ସିଏମ୍‌ଓଏଆଇ) ଉପସ୍ଥିତ ଥିଲେ। ବୈଠକରେ ସିଏମ୍‌ଡି କାଓଲେ କର୍ମଚାରୀଙ୍କ ସମସ୍ୟାର ସମାଧାନ ପାଇଁ କମ୍ପାନୀର ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ। କେଶବ ରାଓ ନିର୍ଦ୍ଦେଶକ (ମାନବ ସମ୍ବଳ) ନିରବଚ୍ଛିନ୍ନ କୋଇଲା ଉତ୍ପାଦନ ଏବଂ ପ୍ରେରଣ ବଜାୟ ରଖିବା ପାଇଁ ସମସ୍ତ ଶ୍ରମିକ ସଙ୍ଗଠନର ପ୍ରତିନିଧିଙ୍କୁ ନିବେଦନ କରିଥିଲେ।

# ଆଇସିଏଲ୍ ଫିନକର୍ପର ନୂତନ ଏନ୍‌ସିଡି ଇସ୍ୟୁ




ଭୁବନେଶ୍ୱର,୧୦।୨

ଅଣ ବ୍ୟାଙ୍କିଙ୍ଗ୍ ଆର୍ଥିକ କମ୍ପାନୀ (ଏନ୍‌ବିଏଫ୍‌ସି) ଆଇସିଏଲ ଫିନ୍‌କର୍ପ ନୂତନ ସୁରକ୍ଷିତ ରିଡିମେବଲ ନନ୍-କନ୍‌ଭର୍ଟିବଲ ଡିବେଞ୍ଚର (ଏନ୍‌ସିଡି) ପବ୍ଲିକ ଇସ୍ୟୁ ଘୋଷଣା କରିଛି। ଏହି ଇସ୍ୟୁ ଫେବୃଆରୀ ୫ ରୁ ଫେବୃଆରୀ ୧୮ ପର୍ଯ୍ୟନ୍ତ ଖୋଲା ରହିବ। ଆଇସିଏଲ୍ ଫିନ୍‌କର୍ପ ସିଏମଡି ଆଡଭୋକେଟ କେ.ଜି. ଅନିଲକୁମାର, ବିକାଶ ଟିଭିର କମ୍ପାନୀ ସେକ୍ରେଟାରି ଏବଂ ଆଇସିଏଲ୍ ଫିନ୍‌କର୍ପର ସିଏଫ୍‌ଓ ମାଧବନ୍‌କୁଟ୍ଟି ଥେକ୍କେଦଥ୍ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏଥିରେ ପ୍ରଭାବୀ ଆୟ ୧୨.୨୫% ପର୍ଯ୍ୟନ୍ତ ପ୍ରଦାନ କରାଯାଉଛି। ପୂର୍ବ ଇସ୍ୟୁଗୁଡ଼ିକରେ ପ୍ରାପ୍ତ ଉତ୍ସାହଜନକ ପ୍ରତିକ୍ରିୟା ପାଇଁ କମ୍ପାନି ନିବେଶକମାନଙ୍କର ବିଶ୍ୱାସକୁ ଗୁରୁତ୍ୱ ଦେଇଛି। ଏହି ନୂତନ ଇସ୍ୟୁ ମାଧ୍ୟମରେ ଗ୍ରାହକଙ୍କ ପରିବର୍ତ୍ତନଶୀଳ ଆବଶ୍ୟକତା ଅନୁଯାୟୀ ଆହୁରି ଦୃଢ଼ ଆର୍ଥିକ ସମାଧାନ ପ୍ରଦାନ କରିବାକୁ କମ୍ପାନି ପ୍ରତିବଦ୍ଧ। ପ୍ରତ୍ୟେକ ଏନ୍‌ସିଡିର ମୂଲ୍ୟ ୧,୦୦୦ ଟଙ୍କା ରହିଛି ଏବଂ ନ୍ୟୂନତମ ଆବେଦନ ପରିମାଣ ୧୦,୦୦୦ ଟଙ୍କା ରହିଛି। ଏହି ଇସ୍ୟୁରେ ୧୦ଟି ବିକଳ୍ପ (୧୦ ଆଇଏସ୍‌ଆଇଏନ୍) ରହିଛି, ଯେଉଁଥିରେ ୧୩, ୨୪, ୩୬, ୬୦ ଓ ୭୨ ମାସର ଟେନ୍ୟୁର ସହ ମାସିକ, ବାର୍ଷିକ ଓ କ୍ୟୁମୁଲେଟିଭ ସୁଧ ବିକଳ୍ପ ଉପଲବ୍ଧ। ସୁଧ ହାର ୧୦.୦୦%ରୁ ୧୨.୨୫% ପର୍ଯ୍ୟନ୍ତ ରହିଛି। ଏହି ଇସ୍ୟୁ କ୍ରିସିଲ ବିବିବି/ଷ୍ଟେବଲ୍ ରେଟିଂ ପ୍ରାପ୍ତ। ଏହି ଇସ୍ୟୁରୁ ପ୍ରାପ୍ତ ଅର୍ଥ ଆଇସିଏଲ୍ ଫିନ୍‌କର୍ପର ବୃଦ୍ଧି, ସେବା ଗୁଣବତ୍ତା ଉନ୍ନତି ଏବଂ ଭାରତବ୍ୟାପୀ ଗ୍ରାହକ ଓ ଷ୍ଟେକ୍‌ହୋଲଡରଙ୍କୁ ଉନ୍ନତ ସେବା ପ୍ରଦାନ ପାଇଁ ବ୍ୟବହାର କରାଯିବ।

# କ୍ୟୋର୍‌ବେ'ର ସିଓଓ ହେଲେ ସିଦ୍ଧାର୍ଥ ଅଗ୍ରୱାଲ

ଭୁବନେଶ୍ୱର,୧୦।୨
(ଅନୁରାଧା ମହାରଣା)



ହାଇବ୍ରିଡ୍ ହେଲ୍‌ଥ କେୟାର ପ୍ଲାଟ୍‌ଫର୍ମ କ୍ୟୋର୍‌ରବେ' କମ୍ପାନୀ ସିଦ୍ଧାର୍ଥ ଅଗ୍ରୱାଲଙ୍କୁ ଚିଫ୍ ଅପରେଟିଂ ଅଫିସର (ସିଓଓ) ଭାବେ ନିଯୁକ୍ତି ଦେଇଛି। ସିଦ୍ଧାର୍ଥ ଅଗ୍ରୱାଲ ସମ୍ପୃକ୍ତ କ୍ଷେତ୍ରରେ ୨ ଦଶନ୍ଧିରୁ ଅଧିକ ଅଭିଜ୍ଞତା ରଖିଥିବାବେଳେ ଗ୍ଲୋବାଲ ଏଫ୍‌ଏମ୍‌ସିଜି କମ୍ପାନୀ ଓ ଉଚ୍ଚ ବୃଦ୍ଧିଶୀଳ କଞ୍ଜୁମର ଟେକ୍ ପ୍ଲାଟ୍‌ଫର୍ମରେ ସିନିୟର ନେତୃତ୍ୱ ଭୂମିକା ରହିଛି। ତାଙ୍କର ପୂର୍ବ କାର୍ଯ୍ୟକ୍ଷେତ୍ରରେ ଓଏଲ୍‌ଏକ୍ସ ଇଣ୍ଡିଆକ୍, ଓଲା ୟୁନିଲିଭର ଏବଂ ପର୍ଫେଟି ଭ୍ୟାନ ମେଲେ ଭଳି କମ୍ପାନୀରେ ବୃହତ୍ ପରିମାଣର ଅପରେଶନ ଓ ବୃଦ୍ଧି ଉଦ୍ୟମକୁ ନେତୃତ୍ୱ ଦେଇଛନ୍ତି। ସିଓଓ ଭାବେ ସିଦ୍ଧାର୍ଥ କମ୍ପାନୀର ଏଣ୍ଡ-ଟୁ-ଏଣ୍ଡ ଅପରେଶନ ତଦାରଖ କରିବେ। କମ୍ପାନୀର ବିସ୍ତାର ଯୋଜନାରେ ଇନ୍‌କ୍ଲିନିକ୍ ନେଟ୍‌ୱର୍କକୁ ବଢ଼ାଇବା,ସ୍ୱାସ୍ଥ୍ୟ ମିତ୍ର ଇକୋସିଷ୍ଟମକୁ ମଜଭୁତ କରିବା ଏବଂ ଟେକ୍ନୋଲୋଜି ଆଧାରିତ ସମାଧାନ ସଂଯୋଜନ କରି ଅପେକ୍ଷାକୃତ ସମ୍ପ୍ରଦାୟକୁ ସୁଲଭ ସ୍ୱାସ୍ଥ୍ୟସେବା ପ୍ରଦାନ କରିବା ରହିଛି। ଏହି ନିଯୁକ୍ତି ଉପରେ ମନ୍ତବ୍ୟ ଦେଇ କ୍ୟୋର୍‌ବେ' ପ୍ରତିଷ୍ଠାତା ଓ ସିଇଓ ପ୍ରିୟଦର୍ଶୀ ମହାପାତ୍ର କହିଛନ୍ତି, ଭାରତର ଅପେକ୍ଷାକୃତ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ବ୍ୟବଧାନ ଦୂର କରିବା ପାଇଁ କ୍ୟୋର୍‌ବେ' ଆରମ୍ଭ ହୋଇଥିଲା। ସିଦ୍ଧାର୍ଥଙ୍କ ନିଯୁକ୍ତି ଆମ ନେତୃତ୍ୱ ଦଳକୁ ମଜବୁତ କରିବ ଏବଂ ଅପରେଶନ ଓ ବିସ୍ତାରକୁ ଆହୁରି ଆକାର ଦେବାରେ ସାହାଯ୍ୟ କରିବ।

# ଝାରସୁଗୁଡ଼ାରେ ଅଶୋକ ଲେଲାଣ୍ଡର ୫୪ତମ ଟଚ୍‌ପଏଣ୍ଟ ଉଦ୍‌ଘାଟିତ

ଭୁବନେଶ୍ୱର,୧୦।୨
(ଅନୁରାଧା ମହାରଣା)




ଅଶୋକ ଲେଲାଣ୍ଡର ଓଡ଼ିଶାରେ ୫୪ତମ ଟଚ୍‌ପଏଣ୍ଟ (ଡିଲରଶିପ ଓ ସର୍ଭିସ୍ ଆଉଟ୍‌ଲେଟ) ମଙ୍ଗଳବାର ଝାରସୁଗୁଡ଼ାରେ ଉଦ୍‌ଘାଟିତ ହୋଇଛି। ଅଶୋକ ଲେଲାଣ୍ଡର ପୂର୍ବାଞ୍ଚଳ ଜୋନାଲ ମ୍ୟାନେଜର ଦୀପକ ରଜଦାନ ଏହି ଅତ୍ୟାଧୁନିକ ସୁବିଧାଯୁକ୍ତ ଆଉଟ୍‌ଲେଟକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଅଶୋକ ଲେଲାଣ୍ଡର ଓଡ଼ିଶା ରିଜିଓନାଲ ମ୍ୟାନେଜର ଅଭିନବ ପ୍ରତୀକ, ଜଳନ ଅଟୋମୋବାଇଲ୍ସର ଚେୟାରମ୍ୟାନ ଅଶୋକ କୁମାର ଜଳନ, ଡାଇରେକ୍ଟର ଯୋଗେଶ ଜଳନ ଏବଂ ମନୀଷ ଚୌଧୁରୀ ଉପସ୍ଥିତ ଥିଲେ। ଏହା ଜଳନ ଅଟୋମୋବାଇଲ୍ସର ଓଡ଼ିଶାରେ ଚତୁର୍ଥ ଆଉଟଲେଟ। ଏହି ଅତ୍ୟାଧୁନିକ ସର୍ଭିସ୍ ୱାର୍କଶପରେ ୧୦ଟି ସର୍ଭିସ୍ ବେ ରହିଛି ଏବଂ ଆଧୁନିକ ଯନ୍ତ୍ରପାତି ଓ ଉପକରଣ ଦ୍ୱାରା ଉଚ୍ଚମାନର ସେବା ପ୍ରଦାନ କରାଯିବ। ଏହା ଏସ୍‌ଏଚ୍-୧୦ ରେ ରଣନୈତିକ ଭାବେ ସ୍ଥାପିତ ହୋଇଛି, ଯାହା ସମ୍ବଲପୁର-ରାଉରକେଲା ରୁଟ୍‌ରେ ଚଳାଚଳ କରୁଥିବା ସମସ୍ତ ଅଶୋକ ଲେଲାଣ୍ଡ ଯାନକୁ ସେବା ପ୍ରଦାନ କରିବ। ଏହା ସମଲେଶ୍ୱରୀ ଓ ଲଖନପୁର ଭଳି ନିକଟବର୍ତ୍ତୀ ପ୍ରମୁଖ କୋଇଲା ଖଣି ତଥା ଶ୍ୟାମ ମେଟାଲିକ୍ସ, ଜେଏସ୍‌ଡବ୍ଲ୍ୟୁ, ଆଦିତ୍ୟ ବିର୍ଲା ଗ୍ରୁପ୍ ଏବଂ ବେଦାନ୍ତ ଭଳି ଇସ୍ପାତ ଓ ବିଦ୍ୟୁତ୍ ପ୍ଲାଣ୍ଟଗୁଡ଼ିକ ଆଖପାଖରେ ଚଳାଚଳ କରୁଥିବା ଯାନଗୁଡ଼ିକୁ ମଧ୍ୟ ସେବା ପ୍ରଦାନ କରିବ। ଉଦ୍‌ଘାଟନ କାର୍ଯ୍ୟକ୍ରମରେ ୫୫୨୫ ଟିଟି, ୩୫୩୨ ଟିପ୍ପର ଏବଂ ୨୮୩୨ ଟିପ୍ପର ଭଳି ଯାନଗୁଡ଼ିକର ପ୍ରଦର୍ଶନୀ କରାଯାଇଥିଲା। ଏହି ନୂତନ ଆଉଟ୍‌ଲେଟ ଅଞ୍ଚଳର ପରିବହନ ଓ ଶିଳ୍ପ କ୍ଷେତ୍ରରେ ଅଶୋକ ଲେଲାଣ୍ଡର ସ୍ଥିତି ଆହୁରି ମଜଭୁତ କରିବ ବୋଲି ଆଶା କରାଯାଉଛି।

# ଆଇଜି ଡିଫେନ୍ସକୁ ସ୍ୱଦେଶୀ 'ଫିକ୍ସଡ-ୱିଙ୍ଗ ଟାକ୍ଟିକାଲ ଡ୍ରୋନ' ପାଇଁ ମିଳିଲା ପେଟେଣ୍ଟ

ଭୁବନେଶ୍ୱର,୧୦।୨
(ଅନୁରାଧା ମହାରଣା)

ଆଧୁନିକ ଯୁଦ୍ଧକ୍ଷେତ୍ରର ବଦଳୁଥିବା ଆବଶ୍ୟକତାକୁ ଦୃଷ୍ଟିରେ ରଖି ଆଇଜି ଡିଫେନ୍ସ ଦ୍ୱାରା ବିକଶିତ 'ଫିକ୍ସଡ-ୱିଙ୍ଗ ଟାକ୍ଟିକାଲ ଅନମ୍ୟାନଡ୍ ଏରିଅଲ ସିଷ୍ଟମ' ପାଇଁ କମ୍ପାନୀକୁ ପେଟେଣ୍ଟ ପ୍ରଦାନ କରାଯାଇଛି। ଏହି ଅତ୍ୟାଧୁନିକ ସିଷ୍ଟମ ଶତ୍ରୁ ଉପରେ ନଜର ରଖିବା ଏବଂ ସଠିକ ଲକ୍ଷ୍ୟଭେଦ କରିବାରେ ସକ୍ଷମ, ଯାହା ଭାରତର ସ୍ୱଦେଶୀ ପ୍ରତିରକ୍ଷା କ୍ଷମତାକୁ ଅଧିକ ମଜଭୁତ କରିବ। ଆଇଜି ଡିଫେନ୍ସର ଏହି ନୂତନ ପେଟେଣ୍ଟ ପ୍ରାପ୍ତ 'ଫିକ୍ସଡ-ୱିଙ୍ଗ ଟାକ୍ଟିକାଲ ଡ୍ରୋନ' ସେନାବାହିନୀକୁ ଅତ୍ୟନ୍ତ ସଠିକତାର ସହ ଶତ୍ରୁକୁ ଚିହ୍ନଟ କରିବା, ଗତିବିଧି ଉପରେ ନଜର ରଖିବା ଏବଂ ଆକ୍ରମଣ କରିବାରେ ସକ୍ଷମ କରାଏ, ଯାହାଦ୍ୱାରା ଭୂମିରେ ଥିବା ସୈନିକମାନଙ୍କ ପ୍ରତି ବିପଦ ଯଥେଷ୍ଟ ମାତ୍ରାରେ ହ୍ରାସ ପାଇଥାଏ। ଯୁଦ୍ଧକ୍ଷେତ୍ରର କଠିନ ପରିସ୍ଥିତିରେ, ଗୁପ୍ତ ତଥ୍ୟ ସଂଗ୍ରହ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଏହି କ୍ଷମତା ନିର୍ଣ୍ଣାୟକ ସାବ୍ୟସ୍ତ ହୋଇପାରେ। ଆଇଜି ଡିଫେନ୍ସର ପ୍ରତିଷ୍ଠାତା ତଥା ସିଇଓ ବୋଧିସତ୍ୱ ସଂଘପ୍ରିୟ କହିଛନ୍ତି, ଆଧୁନିକ ଯୁଦ୍ଧର ବାସ୍ତବତାକୁ ଦୃଷ୍ଟିରେ ରଖି ଏହି 'ଫିକ୍ସଡ-ୱିଙ୍ଗ ଟାକ୍ଟିକାଲ ଡ୍ରୋନ'କୁ ବିକଶିତ କରାଯାଇଛି। ସଶସ୍ତ୍ର ବାହିନୀକୁ ନିର୍ଭରଯୋଗ୍ୟ ଉପକରଣ ଯୋଗାଇଦେବା ଆମର ଲକ୍ଷ୍ୟ। ଆଇଜି ଡିଫେନ୍ସର ପରାମର୍ଶଦାତା, ଏୟାର କମୋଡୋର ଆର.ଏନ. ଗାଏକ୍ୱା କହିଛନ୍ତି, କମ୍ପାନୀ କେବଳ ପ୍ରଦର୍ଶନ ପାଇଁ ନୁହେଁ, ବରଂ ବାସ୍ତବ ଯୁଦ୍ଧକ୍ଷେତ୍ରରେ ବ୍ୟବହାର ଉପଯୋଗୀ ଜ୍ଞାନକୌଶଳ ବିକାଶ ଉପରେ ଗୁରୁତ୍ୱ ଦେଇଆସୁଛି।



ନବରଙ୍ଗପୁର ଜିଲାର ଉମରକୋଟରେ ବିଭିନ୍ନ ଦାବି ନେଇ ସଂଗ୍ରାମ ମଞ୍ଚ ପକ୍ଷରୁ ୧୨ ଘଣ୍ଟିଆ ବନ୍ଦ ପାଳନ ବେଳେ ଦୋକାନ ବଜାର ବନ୍ଦ ସହ ଗାଡ଼ି ସବୁ ଅଟକି ରହିଛି।

# ୨ ସପ୍ତାହରେ ସତ୍ୟପାଠ ଦାଖଲ କରିବେ ରାଜ୍ୟ ସରକାର

## ଓଡ଼ିଶା ରାଜ୍ୟ ଉଚ୍ଚ ଶିକ୍ଷା ପରିଷଦ ଉପାଧ୍ୟକ୍ଷ, ସଦସ୍ୟ ପଦ ପୂରଣ ମାମଲା

କଟକ,୧୦।୨(କାର୍ତ୍ତିକ ସାହୁ)

ଓଡ଼ିଶା ରାଜ୍ୟ ଉଚ୍ଚ ଶିକ୍ଷା ପରିଷଦର ଉପାଧ୍ୟକ୍ଷ ଓ ସଦସ୍ୟ ପଦ ପୂରଣ ପାଇଁ ହାଇକୋର୍ଟରେ ରୁଜୁ ଜନସ୍ୱାର୍ଥ ମାମଲାର ଶୁଣାଣି ମଙ୍ଗଳବାର ହୋଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଓ ଏମ୍‌ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ସରକାରଙ୍କୁ ଜବାବ ତଲବ କରିଛନ୍ତି। ରାଜ୍ୟ ସରକାର ପରିଷଦର ନିଯୁକ୍ତି ବାବଦରେ ନେଇଥିବା ପଦକ୍ଷେପ ଉପରେ ବିସ୍ତୃତ ରିପୋର୍ଟ ସତ୍ୟପାଠ ଜରିଆରେ ଆଗାମୀ ୨ ସପ୍ତାହ ମଧ୍ୟରେ ଦାଖଲ କରିବାକୁ ଓ ତାହାର ଏକ ସପ୍ତାହ ଭିତରେ ପ୍ରତିଜବାବ ଆବେଦନକାରୀ ଦାଖଲ କରିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ପରବର୍ତ୍ତୀ ଶୁଣାଣି ମାର୍ଚ୍ଚ ୧୦ରେ ହେବାକୁ ଧାର୍ଯ୍ୟ ହୋଇଛି।

ମାମଲାର ବିବରଣୀ ଅନୁସାରେ, ଓଡ଼ିଶା ରାଜ୍ୟ ଉଚ୍ଚ ଶିକ୍ଷା ପରିଷଦ ଅଧିନିୟମ,୨୦୧୭ ଅନୁସାରେ ଉଚ୍ଚ ଶିକ୍ଷା ମନ୍ତ୍ରୀ ପରିଷଦର ସଦସ୍ୟ ଭାବରେ ତଥା ଉପାଧ୍ୟକ୍ଷ ସମେତ ୧୫ଜଣ ସଦସ୍ୟ ରହିବାର ବ୍ୟବସ୍ଥା ଅଛି। ପ୍ରଥମ ଉପାଧ୍ୟକ୍ଷ ଭାବରେ ନିଯୁକ୍ତି ପାଇଥିବା ପ୍ରଫେସର ଅଶୋକ କୁମାର ଦାସ ତାଙ୍କ ଛଅବର୍ଷିଆ କାର୍ଯ୍ୟକାଳ ପୂରା କରିବା ପରେ ତାଙ୍କର ବର୍ଦ୍ଧିତ କାର୍ଯ୍ୟକାଳ ଚାଲିଥିବା ବେଳେ ୨୦୨୪ ଅଗଷ୍ଟ ୮ରେ ଇସ୍ତଫା ଦେଇଥିଲେ। କିନ୍ତୁ ତାଙ୍କ ପଦବୀ ଆଇନ ଅନୁସାରେ ପୂରଣ କରିବା ପରିବର୍ତ୍ତେ ୨୦୨୪ ସେପ୍ଟେମ୍ବର ୬ରେ ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ସଚିବ ଭାରପ୍ରାପ୍ତ ଉପାଧ୍ୟକ୍ଷ ଭାବରେ ନିଯୁକ୍ତ ହେଲେ। ସେହିପରି ପରିଷଦର ୧୩ଜଣ ସଦସ୍ୟଙ୍କ ଛଅ ବର୍ଷିଆ ୨୦୨୫ ଫେବୃଆରୀ ୧୯ରେ କାର୍ଯ୍ୟକାଳ ପୂରା ହୋଇଥିଲା। ମାତ୍ର ଏପର୍ଯ୍ୟନ୍ତ ସେହି ପଦଗୁଡ଼ିକ ଖାଲି ପଡ଼ିଛି। ଉଲ୍ଲେଖଯୋଗ୍ୟ ଯେ ଓଡ଼ିଶା ରାଜ୍ୟ ଉଚ୍ଚ ଶିକ୍ଷା ପରିଷଦ ଅଧିନିୟମ ଧାରା ୫, ଉପଧାରା ୪ ଅନୁସାରେ ପଦ ଖାଲି ପଡ଼ିବାର ୬ ମାସ ଆଗରୁ ପଦବୀ ପୂରଣ ପାଇଁ ରାଜ୍ୟ ସରକାର ପ୍ରକ୍ରିୟା ଆରମ୍ଭ କରିବା କଥା। ମାତ୍ର ଏପର୍ଯ୍ୟନ୍ତ ରାଜ୍ୟ ସରକାର ପରିଷଦରେ ଖାଲି ପଡ଼ିଥିବା ପଦ ପୂରଣ ପାଇଁ ପଦକ୍ଷେପ ନେଇନାହାନ୍ତି। ରାଜ୍ୟରେ ସ୍ନାତକଠାରୁ ସ୍ନାତକୋତ୍ତର ଶିକ୍ଷା ତଥା ଗବେଷଣା କ୍ଷେତ୍ରରେ ବିଶ୍ୱବିଦ୍ୟାଳୟ ତଥା ମହାବିଦ୍ୟାଳୟଗୁଡ଼ିକ ମଧ୍ୟରେ ସମନ୍ୱୟ ରଖିବା, ଉଚ୍ଚ ଶିକ୍ଷାର ମାନ ବଜାୟ ରଖିବା, ଉଚ୍ଚଶିକ୍ଷାର ଉତ୍କର୍ଷ ସହିତ ସୁଯୋଗ ଏବଂ ସୃଜନକୁ ପ୍ରୋତ୍ସାହନ ଦେବାରେ ଏହି ପରିଷଦ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ। ପରିଷଦର ଉପାଧ୍ୟକ୍ଷ ଭାବରେ ଉଚ୍ଚ ଶିକ୍ଷା ସଚିବଙ୍କ ନିଯୁକ୍ତିକୁ ବେଆଇନ ଦର୍ଶାଇ ତାକୁ ରଦ୍ଦ କରିବାକୁ ଏବଂ ସର୍ବମୋଟ ୧୫ ସଦସ୍ୟ ପଦରୁ ୧୩ଟି ଖାଲି ପଡ଼ିଥିବା ପଦରେ ନିଯୁକ୍ତି ପାଇଁ ମାମଲାରେ ଆବେଦନକାରୀ ଆଇନଜୀବୀ ପ୍ରବୀର କୁମାର ଦାସ ଆବେଦନରେ ପ୍ରାର୍ଥନା କରିଛନ୍ତି।

# ମାନବାର-ଜରତି ଷ୍ଟେସନ ମଧ୍ୟରେ ନବନିର୍ମିତ ଦ୍ୱିତୀୟ ରେଳଲାଇନ୍‌ର ଯାଞ୍ଚ

ଭୁବନେଶ୍ୱର,୧୦।୨ (ଅନୁରାଧା ମହାରଣା)

ଦକ୍ଷିଣ-ପୂର୍ବ ସର୍କଲର ରେଳ ସୁରକ୍ଷା କମିଶନର(ସିଆରଏସ୍) ବ୍ରିଜେଶ୍ କୁମାର ମିଶ୍ର ସୋମବାର କୋରାପୁଟ ଜିଲାର ମାନବାର ଏବଂ ଜରତି ଷ୍ଟେସନ ମଧ୍ୟରେ ନବନିର୍ମିତ ଦ୍ୱିତୀୟ ରେଳଲାଇନର ଏକ ବିସ୍ତୃତ ବୈଧାନିକ ଯାଞ୍ଚ କରିଥିଲେ। ପୂର୍ବତଟ ରେଳପଥର ୱାଲ୍‌ଟେୟର ମଣ୍ଡଳ ଅନ୍ତର୍ଗତ ପ୍ରାୟ ୧୦ କି.ମି. ଦୀର୍ଘ ଏହି ଲାଇନ୍ କୋଟଭାଲ୍‌ସା-କିରଣ୍ଡୁଲ ଦୋହରୀକରଣ ପ୍ରକଳ୍ପର ଏକ ଅଂଶ। ଏହି ସେକ୍ସନଟି ୬୦ କିଲୋଗ୍ରାମ ରେଳରେ ନିର୍ମିତ ଏବଂ ଏହି ସେକ୍ସନରେ ୨୫ଟି ଆକ୍ସଲ ଲୋଡ୍ ମାନଦଣ୍ଡ ଅନୁଯାୟୀ ନିର୍ମିତ ଦୁଇଟି ପ୍ରମୁଖ ସେତୁ ରହିଛି। ଭାରତୀୟ ରେଳପଥର ଆଧୁନିକୀକରଣ ଲକ୍ଷ୍ୟ ଅନୁଯାୟୀ, ଦ୍ରୁତଗତି, ଭାରି ଆକ୍ସଲ ଲୋଡ୍ ଏବଂ ଉନ୍ନତ ସୁରକ୍ଷା ମାନଦଣ୍ଡକୁ ସମର୍ଥନ କରିବା ପାଇଁ ଏହି ଭିତ୍ତିଭୂମି ଡିଜାଇନ୍ କରାଯାଇଛି। ଟ୍ରାକ୍, ସେତୁ, ସିଗ୍ନାଲିଂ ବ୍ୟବସ୍ଥା ଏବଂ ଅନ୍ୟାନ୍ୟ ସୁରକ୍ଷା ପରିମାପକଗୁଡ଼ିକର ବିସ୍ତୃତ ପରୀକ୍ଷା ସମେତ ବ୍ୟାପକ ବୈଧାନିକ ଯାଞ୍ଚ କରାଯାଇଥିଲା। କୌଣସି ସମସ୍ୟା ବିନା ବେଗର ପରୀକ୍ଷଣ ସଫଳତାର ସହିତ ପାସ୍ ହୋଇଛି, ଫଳରେ ଏହି ସେକ୍ସନଟି ପୂର୍ଣ୍ଣ କମିଶନିଂ ପାଇଁ ଅନୁମୋଦନ ମିଳିଛି। ଏହି ଦ୍ୱିତୀୟ ଲାଇନ କାର୍ଯ୍ୟକ୍ଷମ ହେବା ଦ୍ୱାରା ସେକ୍ସନାଲ କ୍ଷମତା ଯଥେଷ୍ଟ ବୃଦ୍ଧି ପାଇବ, ଯାତ୍ରୀ ଏବଂ ମାଲବାହୀ ଟ୍ରେନ୍‌ଗୁଡ଼ିକର ସୁଗମ ଏବଂ ଦ୍ରୁତ ଗତିବିଧିକୁ ସହଜ କରିବ। ଟ୍ରେନ୍‌ଗୁଡିକର ଅଟକି ରହିବା ସମୟ ସହିତ ଭିଡ଼ ହ୍ରାସ ପାଇବ ଏବଂ ସାମଗ୍ରିକ ପରିଚାଳନାରେ ଉନ୍ନତି ଆସିବ। କୋଟଭାଲ୍‌ସା-କିରଣ୍ଡୁଲ ସେକ୍ସନରେ ସୁରକ୍ଷିତ ତଥା ଅଧିକ ନିର୍ଭରଯୋଗ୍ୟ ଟ୍ରେନ୍ ପରିଚାଳନା ସୁନିଶ୍ଚିତ କରିବା ସହିତ ଏହି ଅଞ୍ଚଳର ବର୍ଦ୍ଧିତ ପରିବହନ ଚାହିଦା, ବିଶେଷକରି ଖଣିଜ ଏବଂ ଶିଳ୍ପଜାତୀୟ ଦ୍ରବ୍ୟର ସୁଗମ ପରିବହନ କରିବାରେ ଏହି ଦୋହରୀକରଣ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।



ରେଳ ସୁରକ୍ଷା କମିଶନର ବ୍ରିଜେଶ୍ କୁମାର ମିଶ୍ର ନବନିର୍ମିତ ଦ୍ୱିତୀୟ ରେଳଲାଇନ ଯାଞ୍ଚ କରୁଛନ୍ତି।

# ଫାଇଲେରିଆ ନିରାକରଣ ପାଇଁ ଆରମ୍ଭହେଲା ଏମ୍‌ଡିଏ

ଭୁବନେଶ୍ୱର, ୧୦।୨ (ବନ୍ଦନା ସେଠୀ)

୨୦୨୭ ସୁଦ୍ଧା ମଶାଜନିତ ରୋଗ 'ଲିମ୍ଫାଟିକ୍ ଫାଇଲେରିଆସିସ୍'ର ସମ୍ପୂର୍ଣ୍ଣ ନିରାକରଣ ପାଇଁ ଭାରତ ସରକାର ଲକ୍ଷ୍ୟ ରଖିଛନ୍ତି। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସାମୂହିକ ଔଷଧ ସେବନ(ଏମ୍‌ଡିଏ) କାର୍ଯ୍ୟକ୍ରମକୁ ବ୍ୟାପକ କରାଯାଇଛି। ମଙ୍ଗଳବାର ଚଳିତବର୍ଷର ଏମ୍‌ଡିଏ କାର୍ଯ୍ୟକ୍ରମକୁ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଶୁଭାରମ୍ଭ କରିଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କାର୍ଯ୍ୟାଳୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭାଗର କମିଶନର ତଥା ସଚିବ, ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକାଙ୍କ ସହ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଫେବୃଆରୀ ୧୯ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଏମ୍‌ଡିଏ ଅଭିଯାନରେ ବଲାଙ୍ଗୀର, ବରଗଡ଼, ଗଞ୍ଜାମ, ଢେଙ୍କାନାଳ ଓ ଯାଜପୁର ଜିଲାର ୭ଟି ବ୍ଲକ/ସହରାଞ୍ଚଳର ପ୍ରାୟ ୭.୪୦ ଲକ୍ଷ ଲୋକଙ୍କୁ ଫାଇଲେରିଆ ନିରୋଧୀ ଔଷଧ ସେବନ କରିବାକୁ ଦିଆଯିବ। ଔଷଧ ଠିକ୍ ଭାବେ ଓ ନିରୀକ୍ଷଣ ସହିତ ସେବନ ସୁନିଶ୍ଚିତ କରିବା ପାଇଁ ୨୨୦୦ ଜଣ ପ୍ରଶିକ୍ଷିତ କର୍ମୀ ନିଯୁକ୍ତ ହୋଇଛନ୍ତି। ୨୧୦ ସୁପରଭାଇଜର ସେମାନଙ୍କ କାର୍ଯ୍ୟକୁ ନିରୀକ୍ଷଣ କରୁଛନ୍ତି। ଗତ କିଛିବର୍ଷ ମଧ୍ୟରେ ଲିମ୍ଫାଟିକ୍ ଫାଇଲେରିଆସିସ୍ ନିରାକରଣ (ଇଏଲ୍‌ଏଫ୍) କ୍ଷେତ୍ରରେ ଓଡ଼ିଶା ଜାତୀୟସ୍ତରରେ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରିଛି। ୨୦୨୩ରେ ରାଜ୍ୟର ୩୪୯ଟି ବ୍ଲକ୍/ସହରାଞ୍ଚଳରେ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ହୋଇଥିବାବେଳେ ୨୦୨୫ରେ ଏହା ୧୬୨ଟିକୁ କମିଛି। ୨୦୨୭ ସୁଦ୍ଧା ଏହି ଅବହେଳିତ ଉଷ୍ଣକଟିବନ୍ଧୀୟ ରୋଗକୁ ସମ୍ପୂର୍ଣ୍ଣ ନିରାକରଣ କରି ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ବନ୍ଦ କରିବାକୁ ରାଜ୍ୟ ସରକାର ଆଶାବାଦୀ ଅଛନ୍ତି ବୋଲି ସୂଚନା ଦିଆଯାଇଛି।

# ପିଏମ୍-କିଷାନ: ଚାଷୀ ନେଲେଣି ୪.୦୯ ଲକ୍ଷ କୋଟି

ଭୁବନେଶ୍ୱର,୧୦।୨ (ରବିନାରାୟଣ ଜେନା)

କେନ୍ଦ୍ର ସରକାରଙ୍କ ପକ୍ଷରୁ ପିଏମ୍-କିଷାନ ଯୋଜନାରେ ଦେଶର ଚାଷୀମାନଙ୍କୁ ୨୧ଟି କିସ୍ତିରେ ୪ ଲକ୍ଷ ୯ ହଜାର କୋଟି ଟଙ୍କା ପ୍ରଦାନ କରାଯାଇଛି। ଏ ସଂକ୍ରାନ୍ତରେ ଲୋକ ସଭାରେ କେନ୍ଦ୍ର କୃଷି ରାଷ୍ଟ୍ରମନ୍ତ୍ରୀ ରାମନାଥ ଠାକୁର ପ୍ରଦାନ କରିଥିବା ତଥ୍ୟ ଅନୁଯାୟୀ, ଦେଶରେ ୩୦ ଲକ୍ଷ ୧୮ ହଜାର ୩୬୧ ଜଣ ଚାଷୀଙ୍କ ଏପର୍ଯ୍ୟନ୍ତ ଆଧାର ଲିଙ୍କ୍ ହୋଇପାରିନାହିଁ। ସେଥିମଧ୍ୟରେ ଉତ୍ତରପ୍ରଦେଶର ସର୍ବାଧିକ ୧୦ ଲକ୍ଷ ୪୪ ହଜାର ୨୦୦ ଚାଷୀ ରହିଥିବାବେଳେ ଓଡ଼ିଶାର ୭୩ ହଜାର ୫୩୨ ଜଣ ଚାଷୀ ପିଏମ୍-କିଷାନ ଥିବା ଜଣାଯାଇଛି। ସେହିପରି ଗୁଜରାଟର ୨ ଲକ୍ଷ ୯୦ ହଜାର ୩୫୮ ଜଣ ରହିଥିବାବେଳେ ରାଜସ୍ଥାନର ୨ ଲକ୍ଷ ୧୩ ହଜାର ୭୬୯, ମଧ୍ୟପ୍ରଦେଶର ୧ ଲକ୍ଷ ୮୭ ହଜାର ୧୧, ମହାରାଷ୍ଟ୍ରର ୧ ଲକ୍ଷ ୭୨ ହଜାର ୩୪୯, ବିହାରର ୧ ଲକ୍ଷ ୩୯ ହଜାର ୪୩୦, କର୍ନାଟକର ୧ ଲକ୍ଷ ୩୦ ହଜାର ୨୬୩ ଏବଂ ପଶ୍ଚିମବଙ୍ଗର ୧ ଲକ୍ଷ ୨୨ ହଜାର ୧୦୬ ଜଣ ଚାଷୀଙ୍କ ଆଧାର ଲିଙ୍କ୍ ହୋଇ ନ ଥିବା ଜଣାଯାଇଛି। କେନ୍ଦ୍ରମନ୍ତ୍ରୀ ଆହୁରି ଦର୍ଶାଇଛନ୍ତି, ପିଏମ୍-କିଷାନ ଯୋଜନାରେ ଚାଷୀମାନଙ୍କୁ କେବଳ 'ଡିବିଟି' ଜରିଆରେ ସେମାନଙ୍କ ବ୍ୟାଙ୍କଖାତାକୁ ସହାୟତା ରାଶି ପ୍ରଦାନ କରାଯାଉଛି। ପ୍ରତି ଚାଷୀଙ୍କୁ ବାର୍ଷିକ ୬ ହଜାର ଟଙ୍କା ଦିଆଯାଉଛି। ୨୦୧୯ରୁ ଉକ୍ତ ଯୋଜନା କାର୍ଯ୍ୟକାରୀ ହେବା ପରେ ଏହି ପ୍ରକ୍ରିୟା ଜାରି ରହିଛି।

## ଅବଶିଷ୍ଟାଂଶ

### ୩ ମହିଳାଙ୍କୁ ...

ଆଖପାଖ ଗ୍ରାମରେ ଆତଙ୍କ ଖେଳିଯାଇଛି । ଏହି ଘଟଣା ପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି । ଏ ସଂକ୍ରାନ୍ତରେ ସଦର ରେଞ୍ଜର ଉଚ୍ଛବ ଚନ୍ଦ୍ର ପ୍ରଧାନ କହିଛନ୍ତି, ଗୋଠଛଡ଼ା ଦନ୍ତାହାତୀଟି ଉକ୍ତ ଅଞ୍ଚଳରେ ରହିଥିବା ସମ୍ପର୍କରେ ଆମର ପାଟ୍ରୋଲିଂ କରୁଥିବା ବନ କର୍ମଚାରୀମାନେ ଅଞ୍ଚଳବାସୀଙ୍କୁ ସତର୍କ କରାଇଥିଲେ । ସେମାନଙ୍କୁ ଜଙ୍ଗଲ ଯିବାକୁ ମନା ହୋଇଥିଲା। ତଦନ୍ତ କରାଯାଇ ମୃତାହତ ପରିବାର ସଦସ୍ୟଙ୍କୁ କ୍ଷତିପୂରଣ ତୁରନ୍ତ ଦେବା ପାଇଁ ପଦକ୍ଷେପ ନିଆଯାଉଛି। ସେହିପରି ଉକ୍ତ ଅଞ୍ଚଳରେ ପୂର୍ବରୁ ବୁଲୁଥିବା ଆଉ ଏକ ଗୋଠଛଡ଼ା ହାତୀ (ଯାହାକୁ କି ବନବିଭାଗ ମଣ୍ଟୁ ବୋଲି ନାମ ଦେଇଛି) ମହିଳାମାନଙ୍କୁ ଆକ୍ରମଣ କରିଥିଲା ବୋଲି ଅଞ୍ଚଳବାସୀ ଅଭିଯୋଗ କରିଥିଲେ । ଏ ସଂକ୍ରାନ୍ତରେ ଜିଲା ବନଖଣ୍ଡ ଅଧିକାରୀ ସୁମିତ କର କହିଛନ୍ତି, ଗୋଡ଼ାଇଥିବା ହାତୀଟି ମଣ୍ଟୁ ନୁହେଁ। ଦନ୍ତାହାତୀ ମଣ୍ଟୁ ବର୍ତ୍ତମାନ କଟକ ଜିଲା ଅଞ୍ଚଳରେ ଅଛି । ଗୋଡ଼ାଇ ଥିବା ହାତୀଟି ଉକ୍ତ ଅଞ୍ଚଳରେ ନୂଆକରି ପ୍ରବେଶ କରିଛି । ଏଥିପାଇଁ ଗ୍ରାମବାସୀଙ୍କୁ ସତର୍କ କରାଯାଇଥିଲା। ଏହି ଘଟଣାକୁ ନେଇ ତଦନ୍ତ କରାଯାଉଛି। ତଦନ୍ତ ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ସେହିପରି ଜିଲା ପ୍ରଶାସନ ପକ୍ଷରୁ ସଦର ତହସିଲଦାର ସ୍ୱାଧୀନ ବେହେରା ରେଡକ୍ରସ ପାଣ୍ଠିରୁ ମୃତକଙ୍କ ପରିବାରକୁ ୧୦ହଜାର ଟଙ୍କା ଲେଖାଏ ସହାୟତା ପ୍ରଦାନ କରିଛନ୍ତି।


GOVT. OF ODISHA — No.25001/45/2526
OFFICE OF THE SUPERINTENDING ENGINEER
RURAL WORKS DIVISION, RAIRANGPUR
e-mail ID : eerwrairangpur@yahoo.com
"e"-Procurement Notice for Building works
Bid Identification No. - RWDRRP-27 of 2025-26

1. Name of the work : Construction of additional class room at Gouri Sankar Higher Secondary School at Khadiasole Asana for the year 2025-26, 2. Estimated Cost : Rs.16.80 lakhs (approximately), 3. Class of Contractor : "D" & "C" Class or relevant of works license, 4. Period of Completion : 06 (Six) calendar months, 5. Tender Paper Cost : Rs.6000/-
The details are as follows :

| Procurement Officer | Bid Identification No. | Availability of Tender on-line for bidding | | Last Date & Time of Seeking Tender Clarification | Date & Time of Opening of Tender in O/o Superintending Engineer, Rural Works Division, Rairangpur |
|---|---|---|---|---|---|
| | | From | To | | |
| S.E.R.W Division, Rairangpur | RWDRRP-27/2025-26 | 12.02.2026 at 11.00 A.M. | 22.02.2026 up to 5.00 P.M. | 21.02.2026 up to 5.00 P.M. | 23.02.2026 at 11.30 A.M. |

Further details can be seen from the website : www.tendersodisha.gov.in
Sd./- Er. Sanjeet Naik
Executive Engineer, R.W. Division, Rairangpur
OIPR-25001/25107/1/25-26/0002

ODISHA HYDRO POWER CORPORATION LTD.
O/o Sr. GENERAL MANAGER, HIRAKUD HYDRO ELECTRIC PROJECT,
POST BOX. NO. 5, BURLA - 768017, DISTRICT : SAMBALPUR (ODISHA), INDIA
PHONE : 0663-2950721(O), 2950765, E-Mail : srgmhps_burla@yahoo.co.in
CIN : U40101OR1995SGC003963
No. HHEP/TECH/WK-105/4, Vol-I/889 — Date : 05.02.2026
NOTICE INVITING TENDER NO HHEP-18/2026
No.4001/8/2526 : Sealed tenders are invited in single part in sealed envelopes from the reputed manufacturers/authorised dealers/Channel Partners/Reputed Suppliers for Supply, installation, testing & commissioning of the following HP Compressor as mentioned below.

| Descriptional of Material | Cost of tender specification (Non-Refundable) | EMD in shape of DD/Bankers Cheque (Refundable) in Rs. | Period of sale / download of tender document | Last date & time of receipt of tender | Date & time of opening of Techno commercial Bid |
|---|---|---|---|---|---|
| Supply of One No. of 15 HP High pressure Compressor for Unit #7 including installation, testing & commissioning at Burla Power House | Rs.2360/- (Rs.2000/- + GST @18%) | 4720/- | 07.02.2026 (11.00 A.M.) to 23.02.2026 3:00 P.M. | 23.02.2026 Up to 3:30 P.M. | 23.02.2026 at 04:00 P.M. |

For details of the tender documents, terms and conditions please visit our website www.ohpcltd.com
OIPR-4001/4007/1/25-26/0003 — Sd./- C & P Head, HHEP, Burla

GOVERNMENT OF ODISHA — No.25001/47/2526
OFFICE OF THE SUPERINTENDING ENGINEER,
R.W.S&S DIVISION, SAMBALPUR
E.mail : eerwsssbp@gmail.com
"e" PROCUREMENT NOTICE
Bid Identification No. RWSS (SBP) : 12/2025-26
1. Name of the Work : Operation (including Supply of Staff Pattern) of 5 MLD WTP for Piped Water Supply Scheme to 23 Villages of Dhankauda & Rengali Block for Two Years (730 days.), 2. Total Number of Work : 01 NO (One), 3. Estimated Cost : Rs.200.65 Lakhs, 4. Amount put to Tender : Rs.170.04 lakhs, 5. Class of Contractor : B & A, 6. Agrmnt. Period : 02 years

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Superintending Engineer, RWSS Division, Sambalpur | RWSS (SBP) :- 12/2025-26 | 09.02.2026 11.00 A.M. | Up to 5.00 P.M. of 18.02.2026 |

Further details can be seen from the e-procurement portal "www.tendersorissa.gov.in". Subsequent corrigendum if required shall be appeared in the website only.
Superintending Engineer, R.W.S&S. Division, Sambalpur
OIPR-25001/25015/1/25-26/0001

GOVERNMENT OF ODISHA — No.32001/46/2526
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER
KHURDA IRRIGATION DIVISION, KHURDA
Dist. : Khurda, Odisha-752056, Tel/Fax : 06755-796308, Mail id : eekhurdairrigationdivision@gmail.com
'e'-Procurement Notice No.KHD-05 OF 2025-26, Dtd.31.01.2026
1. Name of the work : 1 (One) no. of Civil Work, 2. Tender Cost : Varies Rs.67.60 Lakhs, 3. Bid Document Cost : Rs.10,000/-, 4. Bid Security : Varies from Rs.67,600/-/-, 5. Class of Contractor : B, 6. Period of Completion : 5 (five) calendar months, 7. Other details are as follows.

| Procurement Officer | Bid Identification No. | Availability of Tender On-line for bidding | | Date of Opening of Bid |
|---|---|---|---|---|
| | | From | To | |
| Superintending Engineer, Khurda Irrigation Division, Khurda | KHD 05-01 of 2025-26 | 09.02.2026 at 11.00 A.M. | 23.02.2026 up to 5.00 P.M. | 24.02.2026 at 11.00 A.M. |

8. e-mail Id : eekhurdairrigationdivision@gmail.com
9. Further detail conditions can be seen from the Govt. website www.tendersodisha.gov.in
Sd/- Superintending Engineer
Khurda Irrigation Division, Khurda
OIPR-32001/32078/1/25-26/0021

OFFICE OF THE NOTIFIED AREA COUNCIL : CHAMPUA
e-Mail : champuanac@gmail.com
No : 236 — Date : 03.02.2026
e-Procurement Notice
No.13001/56/2526 : Bid Documents consisting of Work, Estimated Cost, Cost of Tender Paper, EMD, Time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. www.tendersodisha.gov.in
1. Tender Reference No. : EOCHAMPUANAC-NO-61/2025-26
2. Tender I.D. No. :
3. Name of the Work : Civil Construction works as mentioned in website
4. No. of works : 02 Nos.
5. Estimated Cost : Rs.2646340.00 to Rs.5602687.00
6. Period of Completion : 120 days
7. Date & Time of Bidding : 04.02.2026 to 16.02.2026 up to 5 P.M.
8. Last date & time for receipt of bids in the portal docuemnts : 16.02.2026 up to 5 P.M.
9. Bids received online shall be opened on dt. : 17.02.2026 at 9.30 A.M.
10. Name and address of the Officer inviting Bid : Executive Officer, Champua NAC
Further details can be seen from the procurement portal i.e. www.tendersodisha.gov.in
Sd./- Executive Office
Champua NAC
OIPR-13001/13157/1/25-26/0001

OFFICE OF THE MUNICIPALITY, NABARANGPUR
NABARANGPUR (ODISHA), PIN-764059
E-mail : muncipalityngpr@gmail.com
No.468 — Date : 05.02.2026
QUOTATION CALL NOTICE
No.13001/63/2526 : The quotation is invited from the intending registered Agency / Firm/ Suppliers /Manufactures having GSTN clearance certificate, Pan Card & Dealership Certificate etc. for Supplying, Fitting, Fixing & Installation of CCTV and Biometric Attendance Sheet having reputed Brand /Company along with 03 years AMC under Nabarangpur Municipality Office in different locations (SUH, MCC/MRF & FSTP). The bid will be available online from dated. 06.02.2026 at 10.00 A.M to 13.02.2026 at 5.30 P.M. The quotation is to be received by the undersigned on or before 5.00 P.M on dated 18.02.2026 through registered post/ speed Post with (Postal Address: - At- Nabarangpur Municipality, Po/Ps-Nabarangpur, Dist- Nabarangpur and Pin-764059). The rate should be inclusive of all taxes. The quotation will be opened on dt. 19.02.2026 at 11.00 A.M in the office premises in presence of the bidder/Firm/Agency or their authorized representatives if any. The undersigned reserve the rights to accept or reject any or all quotation without assigned any reason thereof. For more details enquiry, Quotationer may also contact to the Nabarangpur Municipality Office within the Official working hour (Mobile No. 993790547). Details may also access and quotation details can be downloaded from dated. 06.02.2026 to 13.02.2026 in the website https://www.nawarangpurm.in/ and https://www.nabarangpur.odisha.gov.in/en/tender.
Sd./- Executive Officer
Nabarangpur Municipality
OIPR-13001/13230/1/25-26/0001

ODISHA STAFF SELECTION COMMISSION
Unit-II, Bhubaneswar, 751009, Email- ossc.od@nic.in, Tel No. 0674-2392833
No.443/OSSC., — Date:- 09.02.2026
Quotation Call Notice
No.9001/6/2526 : Sealed quotations/tenders are invited from interested reputed Travel Agencies/Tour Operators/ Individuals for providing One (1) no. of Petrol/Diesel Driven vehicles, which shall conform to the terms and conditions (Annexure-II) for official use in Odisha Staff Selection Commission, Bhubaneswar on monthly rent basis as given below.
**i. Tiago/Bolt/ Celerio or equivalent: Maximum hiring charges Rs.24,000/- per month (excluding GST) and having fuel efficiency of 17km/ltr.**
1. The vehicle must be in Road Worthy condition, shall not be more than three years old from the date of initial registration and must have valid Registration Certificate, Insurance Certificate, Fitness Certificate, Pollution Certificate, valid Contract Carriage Permit, proof of up to date tax payment, GST no. etc. which are mandatory for plying of vehicle.
2. The driver of the vehicle must have a valid Driving License for driving light transport passenger vehicle and should be sufficiently experienced in driving transport passenger vehicle.
3. The Driver should be well behaved, gentle and obedient in nature.
4. A sum of Rs.5,000/- shall be deposited by the intending bidder in shape of Account Payee Bank Draft drawn in favour of the Secretary, Odisha Staff Selection Commission, Bhubaneswar and submitted along with the tender as a security deposit. After completion of tender process, the amount will be refunded to unsuccessful bidder.
5. **The monthly rate of hire charge be quoted in the general bid information which be maximum up to Rs.24,000/- (excluding fuel, lubricants & GST).**
6. The vehicle must achieve a fuel efficiency of 17 Kms. Per litre.
7. The details of the make and year of manufacture of the vehicle, registration No. mileage (Kms. Covered per litre) and name of the Driver with Driving License No. and period of validity should be specifically provided in the general bid information to be furnished with the quotation (Annexure-III).
8. **The quotation completed in all respects should reach the undersigned on or before 17.02.2026 by 2 PM and shall be opened on the same day at 04.00 PM in the presence of the bidder or their authorised representative.**
9. The application form of quotation containing General Bid Information & Terms and conditions for Hiring of vehicles etc. will be available in the Commission's Website www.ossc.gov.in which can be downloaded for application.
10. **Petrol BS VI vehicles are preferred as per Government instructions.**
By Order of the Commission
Sd./- Secretary
OIPR-9001/9005/1/25-26/0001

ODISHA NURSES & MIDWIVES REGISTRATION COUNCIL
Virtual Inspection for Renewal of NOC in Private Nursing Institutions for the session 2026-27
No.341, dt.09.02.2026
No.10001/36/2526: All the applicants who have applied for Renewal of NOC with duly completed applications for the session 2026-27 are instructed to remain in readiness for virtual inspection. The virtual inspection process will start from 16.02.2026. Detailed instructions regarding virtual inspection will be sent via email.
Sd./-
DMET (O)-cum-Chairman, ONMRC
OIPR-10001/10252/1/25-26/0001

OFFICE OF THE DEAN & PRINCIPAL
SAHEED RENDO MAJHI MEDICAL COLLEGE & HOSPITAL, BHAWANIPATNA, KALAHANDI
At-Bhangabari, PO-Uditnarayanpur, Bhawanipatna, Dist-Kalahandi, Pin-766002
Email : bptmedicalcollege@gmail.com, Website : https://srmmch.odisha.gov.in/
No.371 — Date : 05.02.2026
CORRIGENDUM FOR EXTENSION OF TIME
No.10001/28/2526 : Incontinuation of Tender Call Notice published for **Supply of Desktop, Printer, Scanner out of State Government Fund vide No.185 dt.15.01.2026** & published in the News Paper "The Dharitri" & "The Odisha Bhaskar" on dates 16.01.2026, the last date for receipt of bid documents has been extended to 17.02.2026 by 05.00 P.M. All other terms and conditions of the said Tender are hereby remaining unchanged. The said Tender document can be downloaded from website https://srmmch.odisha.gov.in & https://dmetodisha.gov.in.

| Schedule Date & Time | Schedule Date & Time |
|---|---|
| Last date of Submission of Bid | Dt.17.02.2026 by 05:00 P.M. (Extended) |
| Opening of Technical Bid | Dt.18.02.2026 at 12:00 P.M. |
| Opening of Financial Bid | To be announced later on after opening of the technical bid. |

Sd./- Dean & Principal
SRM MCH, Bhawanipatna, Kalahandi
OIPR-1001/10229/1/25-26/0018

OFFICE OF THE MUNICIPAL COUNCIL, BHADRAK
BHADRAK
TENDER CALL NOTICE
(Through E-Procurement)
Tender Reference No. : BM-BDK-07-2025-26
Tender Call Notice No.397/BM/dt.03.02.2026
No.13001/65/2526 — Tender ID No.
1. Name of the work : Individual Civil construction works as per DTCN published in the website
2. No. of works put to tender : 50 Nos' individual civil construction works
3. Estimated cost : As per DTCN
4. Period of completion : As per DTCN
5. Date and time of availability of bid document in the portal : From 10.00 hours of Dt.09.02.26 to 17.00 hours of Dt.18.02.26
6. Mode of deposit towards cost of Bid document & EMD : Online
7. Date and time of opening of bid : 11.00 hours and onwards of Dt.19.02.2026
8. Name and address of the Officer Inviting Bid : Executive Officer, Bhadrak Municipality, Bhadrak
Further details can be seen from the e-procurement portal "https://tendersorissa.gov.in" or "http://tenders.ori.nic.in/nicgep/app"
Sd./- Executive Officer
Bhadrak Municipality
OIPR-13001/13152/1/25-26/0001

ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
ଯାନ୍ତ୍ରିକ ବିଭାଜନ, ଭୁବନେଶ୍ୱର-୩
ଇ-ମେଲ୍-smdivisionbbsr@yahoo.com, ଦୂରଭାଷ-୦୬୭୪-୨୫୬୧୮୨୭
OFFICE OF THE SUPERINTENDING ENGINEER
MECHANICAL DIVISION, BHUBANESWAR-3
Email Id-smdivisionbbsr@yahoo.com, Ph.No.-0674-2561827
No.SEMDB-EST (V)/ 2024-25/________ Date__________
TENDER CALL NOTICE NO- 23/V/2025-26 Dated-06.02.2026
No.32001/48/2526: Sealed tenders are invited from interested reputed Travel Agencies/ Tour Operators for providing different type of vehicles with driver for official use of officers in the O/o the EIC, Secha Sadan, Bhubaneswar, DoWR, Odisha on monthly rent basis. The detailed Tender Documents can be downloaded from https://odisha.gov.in or https://dowr.odisha.gov.in.

| | | |
|---|---|---|
| Tender Publication Date | : | 10.02.2026, 11.00 A.M. |
| Tender Submission Start Date | : | 10.02.2026, 11.00 A.M. |
| Tender Submission Closing Date | : | 18.02.2026, 3.00 P.M. |
| Tender Opening Date | : | 18.02.2026, 4.00 P.M. Onwards (in the office chamber of Superintending Engineer, Mechanical Division, Bhubaneswar) |

Sd./- Superintending Engineer,
Mechanical Division, Bhubaneswar
OIPR-32001/32385/1/25-26/0001

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ସୌରଭ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଦୁଃଖ ବଖାଣିଲେ ରାଜପାଲ

ମୁମ୍ବାଇ


ରାଜପାଲ ଯାଦବ

ବଲିଉଡ ଅଭିନେତା ରାଜପାଲ ଯାଦବ ଚେକ୍ ବାଉନ୍ସ ମାମଲାକୁ ନେଇ ଚର୍ଚ୍ଚାରେ ଅଛନ୍ତି। ସମୟ ମଧ୍ୟରେ ଟଙ୍କା ବ୍ୟବସ୍ଥା କରିବାରେ ବିଫଳ ହେବା ପରେ କୋର୍ଟ ତାଙ୍କ ଶେଷ ଆବେଦନକୁ ଖାରଜ କରି ତାଙ୍କୁ ଆତ୍ମସମର୍ପଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଶେଷରେ ରାଜପାଲ ଯାଦବ ଫେବୃଆରୀ ୫ରେ କର୍ତ୍ତୃପକ୍ଷଙ୍କ ନିକଟରେ ଆତ୍ମସମର୍ପଣ କରିଥିଲେ। ଆତ୍ମସମର୍ପଣ କରିବା ପୂର୍ବରୁ ତିହାର ଜେଲରେ ସେ ଭାବପ୍ରବଣ ହୋଇପଡ଼ିଛନ୍ତି। ମୁଁ କ'ଣ କରିବି, ମୋ ପାଖରେ ଟଙ୍କା ନାହିଁ। ମୁଁ ଅନ୍ୟ କୌଣସି ସମାଧାନ ଦେଖୁନାହିଁ କି ସାହାଯ୍ୟ ମଧ୍ୟ ମିଳୁନାହିଁ। ମୋତେ ଏହି ସମସ୍ୟାଗୁଡ଼ିକର ସମାଧାନ ନିଜେ କରିବାକୁ ପଡ଼ିବ ବୋଲି ରାଜପାଲ କହିଥିଲେ। ଏହି ମାମଲା ୧୬ ବର୍ଷ ଧରି ରାଜପାଲଙ୍କୁ ହଇରାଣ କରି ଆସୁଛି। ୨୦୧୦ରେ ରାଜପାଲ ନିର୍ଦ୍ଦେଶକ ଭାବ ତାଙ୍କର ପ୍ରଥମ ଫିଲ୍ମ 'ଆତା ପତା ଲାପତା' ପାଇଁ ମୁରଲୀ ପ୍ରୋଜେକ୍ଟସ ପ୍ରାଇଭେଟ ଲିଃରୁ ୫ କୋଟି ଟଙ୍କା ଋଣ ନେଇଥିଲେ। ଫିଲ୍ମ ବକ୍ସ ଅଫିସରେ ଫ୍ଲପ୍ ହୋଇଥିଲା ଓ ରାଜପାଲ ଋଣ ପରିଶୋଧ କରିପାରିଲେ ନାହିଁ। ସେ ଏବଂ ତାଙ୍କ ପତ୍ନୀ ଯେଉଁ ଚେକ୍ ଦେଇଥିଲେ ତାହା ବାଉନ୍ସ ହୋଇଥିଲା। ନେଗୋସିଏବଲ ଇନଷ୍ଟ୍ରୁମେଣ୍ଟ ଆକ୍ଟର ଧାରା ୧୩୮ ଅନୁଯାୟୀ ଅଭିନେତା ଏବଂ ତାଙ୍କ ପତ୍ନୀଙ୍କୁ ଏପ୍ରିଲ ୨୦୧୮ରେ ଛଅ ମାସ ଜେଲଦଣ୍ଡ ହୋଇଥିଲା। ପରବର୍ତ୍ତୀ ସମୟରେ ସେମାନେ ହାଇକୋର୍ଟରେ ଆବେଦନ କରି ଦଣ୍ଡାଦେଶ ଉପରେ ସ୍ଥଗିତାଦେଶ ପାଇଥିଲେ। କିନ୍ତୁ ସମାଧାନର ଅଭାବରୁ ସ୍ଥଗିତାଦେଶ ପ୍ରତ୍ୟାହାର କରାଯାଇଥିଲା।

# ରାୟଗଡ଼ା କୋର୍ଟରେ ହାଜରହେଲେ ମାଓବାଦୀ ନେତା ଆଜାଦ୍

ରାୟଗଡ଼ା,୧୦।୨
(ଆଶିଷ ରଞ୍ଜନ ପଣ୍ଡା)

## ଝାରପଡ଼ା ଜେଲରେ ବିଚାରାଧୀନ କଏଦୀ ଭାବେ ରହିଛନ୍ତି ଆଜାଦ୍


ଆଜାଦ୍ ତାଙ୍କ ଓକିଲଙ୍କ ସହ ରାୟଗଡ଼ା ପୋକ୍‌ସୋ କୋର୍ଟକୁ ଯାଉଛନ୍ତି।

ନାବାଳିକାଙ୍କୁ ବଳାତ୍କାର ଓ ନିର୍ଯାତନା ଅଭିଯୋଗ ମାମଲାରେ ମାଓବାଦୀ ନେତା ଆଜାଦ୍ ଓରଫ୍ ଦୁନା କେଶବ ରାଓ ମଙ୍ଗଳବାର ରାୟଗଡ଼ା ପୋକ୍‌ସୋ କୋର୍ଟରେ ହାଜର ହୋଇଥିଲେ । ଆଜାଦ୍ କୋର୍ଟରେ ହାଜର ହେବା ପରେ ତାଙ୍କ ଉପରେ ଚାର୍ଜଫ୍ରେମ୍ ହୋଇଥିଲା । ଆଜାଦ୍ ଏହି ମାମଲାରେ ସମ୍ପୃକ୍ତି ନ ଥିବା ଏବଂ ଉକ୍ତ ମାମଲାରୁ ତାଙ୍କୁ ମୁକ୍ତକରିବା ପାଇଁ ତାଙ୍କ ଓକିଲ ନବ କୁମାର କଣ୍ଟା କୋର୍ଟରେ ପିଟିଶନ ଦାଖଲ କରିଛନ୍ତି। ଅତିରିକ୍ତ ଜିଲା ଦୌରାଜଜ୍ ତଥା ପୋକ୍‌ସୋ ଅଧିକାରିଣୀ ଶ୍ୱେତା ମିଶ୍ର ପିଟିଶନ ଖାରଜକରି ଆଜାଦଙ୍କୁ ଜେଲ ହାଜତକୁ ପଠାଇ ଦେଇଥିବା ଜଣାପଡ଼ିଛି।

ଆଜାଦ୍‌ଙ୍କ ଓକିଲ କଣ୍ଟାଙ୍କଠାରୁ ମିଳିଥିବା ସୂଚନା ମୁତାବକ, ୨୦୧୩ ଏପ୍ରିଲ ୨୫ରେ ବିଷମକଟକ ଥାନାରେ ଦାଏର ହୋଇଥିବା ଜଣେ ନାବାଳିକାଙ୍କ ଏତଲା ପ୍ରକାରେ ସମ୍ପୃକ୍ତ ନାବାଳିକାଙ୍କୁ ଆଜାଦ୍, ନିଖିଲ, ସାଗର, ମିଠୁ, ସାଧୁ ଓ ସୁବାସଙ୍କ ସମେତ ଅନ୍ୟ ମାଓବାଦୀମାନେ ତାଙ୍କୁ ବନ୍ଧୁକ ଦେଖାଇ ଅପହରଣ କରିନେଇ ଗଣବଳାତ୍କାର କରିଥିଲେ । ପରେ ଆଜାଦ୍, ନିଖିଲ ଓ ଅନ୍ୟମାନେ ନାବାଳିକାଙ୍କୁ ଚନ୍ଦ୍ରପୁର, ଫୁଲବାଣୀ, ଗଜପତି, କର୍ଲାଘାଟି ଓ ନିୟମଗିରି ଜଙ୍ଗଲରେ ଜବରଦସ୍ତି ରଖିଥିଲେ । ତେବେ ଏତଲା ଦେବାର ପ୍ରାୟ ୧୫ଦିନ ପୂର୍ବରୁ ନାବାଳିକା ଜଣକ କୌଶଳକ୍ରମେ ସେମାନଙ୍କ କବଳରୁ ଖସିଆସି ନିଜ ଗାଁରେ ଲୁଚି ରହିଥିଲେ ଏବଂ ପରେ ସାହସ କରି ଥାନାରେ ଏତଲା ଦେଇଥିବା ଉଲ୍ଲେଖ ରହିଛି । ଅଭିଯୋଗକୁ ଭିତ୍ତିକରି ବିଷମକଟକ ପୋଲିସ କେସ୍ ନଂ. ୪୩/୨୦୧୩ରେ ମାମଲା ରୁଜୁ କରିଥିଲେ । ତେବେ ଏହି ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ବୋଲି ଆଜାଦ୍‌ଙ୍କ ଓକିଲ କଣ୍ଟା କହିଛନ୍ତି। କଣ୍ଟାଙ୍କ ନିକଟରେ ରହିଥିବା ତଥ୍ୟ ଅନୁସାରେ ଆଜାଦ୍ ୨୦୧୧ ମେ ୧୮ରେ ହାଇଦ୍ରାବାଦ ପୋଲିସ ଡିଜିପିଙ୍କ ନିକଟରେ ଆତ୍ମସମର୍ପଣ କରିଥିଲେ। ମେ ୨୯ ତାରିଖରେ ଆଜାଦ୍‌ଙ୍କ ମାଆଙ୍କ ଦ୍ୱାରା ପଲାସା ତତ୍କାଳୀନ ବିଧାୟକ ଜୁଜୁ ଜଗନାୟକୁଲୁଙ୍କ ଉପସ୍ଥିତିରେ ଶ୍ରୀକାକୁଲମ ଜିଲା କାଶୀବୁଗା ଏସ୍‌ଡିପିଓ କାର୍ଯ୍ୟାଳୟରେ ଆନ୍ଧ୍ରପ୍ରଦେଶ ପୋଲିସ ଆଜାଦ୍‌ଙ୍କୁ ଓଡ଼ିଶା ପୋଲିସକୁ ହସ୍ତାନ୍ତର କରିଥିଲା। ତେଣୁ ୨୦୧୧ରୁ ଆଜାଦ୍ ଜେଲରେ ରହିଥିବା ବେଳେ ୨୦୧୨ରେ ଏଭଳି ଅପରାଧ କରିଥିବା ନେଇ ହୋଇଥିବା ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ବୋଲି ଓକିଲ କଣ୍ଟା କହିଛନ୍ତି। ଆଜାଦ୍‌ଙ୍କ ପକ୍ଷରୁ ଏହି ମାମଲାକୁ ଆଇନଜୀବୀ ନବ କୁମାର କଣ୍ଟା ଏବଂ ବିଶ୍ୱନାଥ ଗନ୍ତାୟତ ପରିଚାଳନା କରୁଛନ୍ତି।

# ମା' ମୃତଦେହକୁ ଜଗି ରହିଲା ମଇଁଷି ଛୁଆ

କେନ୍ଦୁଝର,୧୦।୨
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ସୁଆକାଠି ଦୁବୁନା ରୋଡ୍ ଭେଜେଡିହିଠାରେ ଏକ ହୃଦୟ ବିଦାରକ ଦୃଶ୍ୟ ଦେଖିବାକୁ ମିଳିଛି। ଏକ ଅଜଣା ଗଡ଼ି ସୋମବାର ରାତିରେ ମଇଁଷି ଓ ତାର ଛୁଆକୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ ମା' ମଇଁଷିଟିର ମୃତ୍ୟ ଘଟିଥିବା ବେଳେ ଛୁଆଟି ଆହତ ହେଇଥିଲା। ଆହତ ଛୁଆଟି ମା' ପାଖରେ ରାତିସାରା ଜଗି ରହିଥିବା ଦେଖିବାକୁ ମିଳିଥିଲା। ମଙ୍ଗଳବାର ପୂର୍ବାହ୍ନ ପର୍ଯ୍ୟନ୍ତ ଛୁଆଟି ମା' ପାଖରେ ଛିଡ଼ା ହୋଇ ରହିଥିଲା। ଖବର ପାଇ ସ୍ଥାନୀୟ ଯୁବ ସାମାଜିକକର୍ମୀ ଦୀପକ ବେହେରା ଓ ନାୟକୋଟ ଥାନା ଅଧିକାରୀ ଜନ ପଟ୍ଟନାୟକ, ଏସ୍‌ଆଇ ବାସନ୍ତ ମହାନ୍ତ, ତର୍ମକାନ୍ତ ପଶୁ ଡାକ୍ତର ସଦାନନ୍ଦ ସାହୁ ପହଞ୍ଚି ଆହତ ମଇଁସି ଛୁଆକୁ ଚିକିତ୍ସା କରିବା ସହ ମଇଁଷିର ମୃତଦେହ ମାଟିରେ ପୋତିଥିଲେ।

# ଦୁର୍ଘଟଣାରେ ଆଈ, ନାତୁଣୀଙ୍କ ମୃତ୍ୟୁ

ପାରଳାଖେମୁଣ୍ଡି,୧୦।୨(ଗିରିଧାରୀ ପରିଚ୍ଛା)

ସମ୍ପର୍କୀୟଙ୍କ ଏକାଦଶାହରେ ଯୋଗଦେଇ ଫେରୁଥିବା ଆଈ, ନାତୁଣୀଙ୍କର ମଙ୍ଗଳବାର ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଗଜପତି ଜିଲା କାଶୀନଗର ଥାନା ଅନ୍ତର୍ଗତ ଖାରଡା ଗ୍ରାମ ଛକରେ ଘଟିଥିବା ଏହି ଦୁର୍ଘଟଣାରେ ରାୟଗଡା ଜିଲା ପଦ୍ମପୁର ବ୍ଲକ ଇନ୍ଦୁପୁର ପଞ୍ଚାୟତ ଡିବିରିସିଂ ଗ୍ରାମର ନାଏବ ସରପଞ୍ଚ କଳ୍ପନା କୈବର୍ତ୍ତ (୫୦) ଓ ତାଙ୍କ ନାତୁଣୀ ପବିତ୍ରା କୈବର୍ତ୍ତ (୮)ଙ୍କ ଜୀବନ ଯାଇଛି। ସେମାନଙ୍କୁ ଏକ୍ସେଲ ଗାଡିରେ ଆଣୁଥିବା କଳ୍ପନାଙ୍କ ସ୍ୱାମୀ ଶ୍ରୀରାମୁଲୁ କୈବର୍ତ୍ତ (୫୫) ଗୁରୁତର ହୋଇ ପାରଳାଖେମୁଣ୍ଡି ମେଡିକାଲରେ ଭର୍ତ୍ତି ହୋଇଛନ୍ତି। କାଶୀନଗର ପୋଲିସ ୨ ମୃତଦେହ ଜବତକରି ବ୍ୟବଚ୍ଛେଦ କରାଇଛି। ଏ ନେଇ ନଂ.୨୪/୨୬ରେ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିବା ଏସ୍‌ଆଇ ପଞ୍ଚାନନ ବେହେରା କହିଛନ୍ତି। ଶ୍ରୀରାମୁଲୁ ଏକ୍ସେଲ ଗାଡିରେ ସ୍ତ୍ରୀ ଓ ନାତୁଣୀଙ୍କୁ ଧରି ଗୋଷାଣି ବ୍ଲକ କଣ୍ଟ୍ରାଗଡ ପଞ୍ଚାୟତ ଅନ୍ତର୍ଗତ ୱାଇଲୁପାଡୁ (ଆରିବା) ଗ୍ରାମରୁ ଜଣେ ସମ୍ପର୍କୀୟଙ୍କ ଏକାଦଶାହରେ ଯୋଗଦେଇ ଫେରୁଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ଗୁଣପୁର ବିଧାୟକ ସତ୍ୟଜିତ୍ ଗମାଙ୍ଗ ପାରଳାଖେମୁଣ୍ଡି ମେଡିକାଲରେ ପହଞ୍ଚି ଆହତଙ୍କ ଅବସ୍ଥା ପଚାରି ବୁଝିଛନ୍ତି।

# ପୋଡ଼ି ହୋଇ ଯୁବକ ଗୁରୁତର

ପାଟଣା,୧୦।୨(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଡୁମୁରିଆ ପଞ୍ଚାୟତ ରହଣିଦୁମା ଗ୍ରାମରେ ସୋମବାର ସନ୍ଧ୍ୟାରେ ଜଣେ ଯୁବକ ଚୁଲି ନିଆଁରେ ପୋଡ଼ି ହୋଇ ଗୁରୁତର ହୋଇଛନ୍ତି। ଯୁବକ ଗ୍ରାମର ଜଗନ୍ନାଥ ମହାନ୍ତ (୨୯)। ସେ ପେଟ୍ରୋଲ ଢ଼ାଳି ଚୁଲିରେ ନିଆଁ ଲଗାଉଥିବା ସମୟରେ ଦେହରେ ନିଆଁ ଲାଗି ଗୁରୁତର ହୋଇଥିଲେ। ତାଙ୍କୁ ମଙ୍ଗଳବାର ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।


## ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ॥



୰ଉପେନ୍ଦ୍ର କୁମାର ଦାସ

ଟ୍ରେଜେରୀ ଛକ, ବିଞ୍ଝାରପୁର, ଯାଜପୁର
ଆବିର୍ଭାବ- ୧୧।୦୭।୧୯୫୬
ତିରୋଧାନ- ୦୧।୦୨।୨୦୨୬

ହେ ପୂଣ୍ୟାତ୍ମା, ଆପଣଙ୍କ ଅବର୍ତ୍ତମାନକୁ ଦଶଦିନ ବିତିଗଲାଣି, ହେଲେ ଆପଣଙ୍କ ଅନୁପସ୍ଥିତିକୁ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ଭୁଲିହେଉନି ଆପଣଙ୍କ କର୍ମମୟ ଜୀବନଶୈଳୀ, ସ୍ନେହ, ଶ୍ରଦ୍ଧା, ତାଗ। ଆପଣଙ୍କ ଆଶୀର୍ବାଦ ଆମ ପାଇଁ ଚିରପାଥେୟ ହେଉ। ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ସହ:- ହତଭାଗ୍ୟ ପୁତ୍ର- ସ୍ୱାଧୀନ, ସୌଭାଗ୍ୟ, ପୁତ୍ରବଧୂ- ଶୁଭଶ୍ରୀ, ସ୍ମୃତିରେଖା, ଭାଇ- ଗୋପବନ୍ଧୁ, ଧୀରେନ୍ଦ୍ର, ଦୁର୍ଗାଶଙ୍କର, ରଞ୍ଜନ, ଭାଇବୋହୂ- କୁମୁଦିନୀ, ମନୋରମା, ତୁଳସୀ, କାମିନୀ, ଭଉଣୀ/ଭିଣୋଇ- ଗୀତାଞ୍ଜଳି, ରଞ୍ଜନ, ନାତି/ନାତୁଣୀ- ରିଷି, ଅହ୍ନା, ବନ୍ଧୁ ଓ ପରିବାରବର୍ଗ।

ଧ-୩୩୫୩







# କୃମିନାଶକ ଔଷଧ ଖାଇ ୯ ଛାତ୍ରୀଛାତ୍ର ଅସୁସ୍ଥ

ପାଟଣା,୧୦।୨(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ୍ କପୁଣ୍ଡି ପଞ୍ଚାୟତ ରେଙ୍ଗଲବେଡ଼ା ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର କୃମିନାଶକ ଦିବସରେ ଅଭାବନୀୟ ଘଟଣା ଘଟିଛି। ଅପରାହ୍ନରେ କୃମିନାଶକ ଔଷଧ ଖାଇ ୯ ଛାତ୍ରୀଛାତ୍ର ଅସୁସ୍ଥ ହୋଇଛନ୍ତି। ସମସ୍ତଙ୍କୁ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁଯାୟୀ, ସରକାରଙ୍କ ତରଫରୁ ସମ୍ପୃକ୍ତ ବିଦ୍ୟାଳୟର ଶିକ୍ଷକମାନଙ୍କୁ ଛାତ୍ରୀଛାତ୍ରଙ୍କୁ ଆଲ୍‌ବେଣ୍ଡାଜୋଲ ଔଷଧ ଦେବାପାଇଁ ଦିଆଯାଇଥିଲା। ମଧ୍ୟାହ୍ନଭୋଜନ ପରେ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ବାଲ୍‌ବାଟିକାଠାରୁ ୫ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କୁ ଔଷଧ ଖାଇବାକୁ ଦେଇଥିଲେ। ଔଷଧ ଖାଇବାର କିଛି ସମୟ ପରେ ୯ ଛାତ୍ରୀଛାତ୍ର ଖୁସି ମହାନ୍ତ(୭), ଯମୁନା ମହାନ୍ତ(୧୦), ସୁଭଦ୍ରା ମହାନ୍ତ(୭), ଛବିରାଣୀ ମହାନ୍ତ(୧୦), ଶୁଭସ୍ମିତା ମହାନ୍ତ(୯), ଶୁଭଶ୍ରୀ ମହାନ୍ତ(୭), ଭବାନୀ ଶଙ୍କର ମହାନ୍ତ(୬) ଓ ପ୍ରିନ୍ସ ମହାନ୍ତ (୧୦) ଅସୁସ୍ଥ ଅନୁଭବ କରିଥିଲେ। ବାନ୍ତି, ପେଟବ୍ୟଥା, ମୁଣ୍ଡବିନ୍ଧା ହେବାରୁ ଶିକ୍ଷୟିତ୍ରୀ ପ୍ରଜ୍ଞା ଚୌଧୁରୀ ଓ ମଳୟ ସେଠୀ ତୁରନ୍ତ ଆମ୍ବୁଲାନ୍ସରେ ସମସ୍ତଙ୍କୁ ନେଇ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତିକରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଔଷଧ ଦେଇ ସମସ୍ତ ଛାତ୍ରୀଛାତ୍ରଙ୍କୁ ଡା. ଅଭିଷେକ ସାହୁ ଓ ଡା. ନିରଞ୍ଜନ ସାହୁ ଘରକୁ ପଠାଇ ଦେଇଛନ୍ତି। ସମସ୍ତ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଡାକ୍ତର କହିଛନ୍ତି।


# Classified Everyday
0674-2580101, 9692975378



REAL ESTATE
SALE

ଭୁବନେଶ୍ୱର GITA Engineering College ନିକଟ Infocity- 2 ପାଖରେ ଘରବାରି, Boundary ଥାଇ ପ୍ଲଟ୍ ବିକ୍ରିହେବ। 6372753860, 7008095537. D-3215

ଭୁବନେଶ୍ୱର ଫୁଲନଖରା DADHICHI COLLEGE ପାଖରେ ସରକାରୀ ରାସ୍ତାକୁଲାଗି 51ଗୁଣ୍ଠ ଘରବାଡି ପ୍ଲଟ୍ ଗୁଣ୍ଠକୁ- 6,30,000/- ବିକ୍ରିହେବ- 8093465134, 9668194157. D-3348

Suitable for ଆଶ୍ରମ, ଗୋଶାଳା, Fish farm, Resort, Nursery, Ashbricks Eastfacing 20' Govt. Road, Electri Pole waterlines କଟକ- ଭୁବନେଶ୍ୱରରୁ ୪୦ କି.ମି. ତ୍ରିଶୂଳିଆ ଛକରୁ ୨୨କି.ମି. ବାଙ୍କୀ- ଡମପଡ଼ାରେ ସ୍ଥିତିବାନ Litigationfree 65000sqft. Plot Sale immediately 7894196157. D-3354

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com




Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-3332

All types of physiotherapy and massage contact 9556924059/ 7656969134. D-3339

Newly open Jyoti SPA positively health benefits (Expert therapist). Contact- 8458067955. D-76955

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## AFFIDAVIT

By virtue of an affidavit sworn before the Executive Magistrate, Rasulpur, Jajpur, dtd.- 30.12.2025, I, Pradeep Maharana, At- Bhagatbhagaban, P.O.- Sribantapur, Dist.- Jajpur, PIN- 755015 declare that I have changed my daughter's name from Subhashree Maharana to Meera Maharana. Henceforth, she shall be known as Meera Maharana for all purposes.
Pradeep Maharana
D-3352

By virtue of affidavit before Executive Magistrate, Bhubaneswar, I, Sarita Das, D/o.- Radha Govinda Das, presently resides at Qr. No. Type-III-250, New A.G. Colony, Nayapalli, Bhubaneswar, Odisha, PIN- 751012 hereby declare that after my marriage to Sri Kshirod Kumar Mohanty, I have changed my name from Sarita Das to Sarita Mohanty. Sarita Das and Sarita Mohanty is one & same person. Now I have been known as Sarita Mohanty for all purposes and all time to come. D-3351

## LEGAL NOTICE

Letter No.- 188, Date- 04.02.2026
ମାନ୍ୟବର ଆଡିସନାଲ କମିଶନର, ପ୍ରଦୀପ କୁମାର ନାୟକ, ଭା.ପ୍ର.ସେ.,
ଆଡିସନାଲ ରିଭିଜନ କୋର୍ଟ ନଂ. ୪ଙ୍କ ଅଦାଲତ, ଭୁବନେଶ୍ୱର ଚତୁର୍ଥ ମହଲା,
ହେଡ୍‌ସ ଅଫ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର
ଓ.ଏସ୍.ଏସ୍. କେସ୍ ନଂ.- ୫୮/୨୦୨୪
ଶ୍ରୀ ରବିନାରାୟଣ ଷଡ଼ଙ୍ଗୀ ........ବାଦୀ/ଦରଖାସ୍ତକାରୀ
ବନାମ
ବନ୍ଦୋବସ୍ତ ଅଧିକାରୀ, ବନ୍ଦୋବସ୍ତ କମିଶନରଙ୍କ କାର୍ଯ୍ୟାଳୟ, ଜୋବ୍ରା, କଟକ ଏବଂ ଅନ୍ୟମାନେ, .........ପ୍ରତିବାଦୀ ଗଣ
ନୋଟିସ
ପ୍ରାପ୍ତେଷୁ -
ସମସ୍ତଙ୍କ ଠିକଣା: ୪ କ. ଅଜୟ ପାହାଡସିଂ, ୬ କ. ସରବ ପାହାଡସିଂ, ୯ କ. ହରେକୃଷ୍ଣ ପାହାଡସିଂ, ୯ ଖ. ଉପେନ୍ଦ୍ର ପାହାଡସିଂ, ୯ ଗ. ରମେଶ ପାହାଡସିଂ, ୯ ଘ. ସୁରେଶ ପାହାଡସିଂ, ୯ ଙ. ଫୌଜି ପାହାଡ଼ସିଂ, ସମସ୍ତଙ୍କ ଠିକଣା: ଗ୍ରାମ- ଭୁଆସୁଣୀ/ଜୁଝାଗଡ, ପୋ.ଅ.- ଦାରୁଠେଙ୍ଗ, ଭୁବନେଶ୍ୱର, ଖୋର୍ଦ୍ଧା।

ସି.ପି.ସି. ଅର୍ଡର- ୫, ରୁଲ୍- ୨୦ (୧-କ) ମୁତାବକ ବାଦୀଙ୍କ ଦ୍ୱାରା ଓଡ଼ିଶା ସର୍ଭେ ଏବଂ ବନ୍ଦୋବସ୍ତ ଆଇନ ୧୯୫୮ ଧାରା ୧୫(ଖ) ମୁତାବକ ମାନ୍ୟବର ଆଡିସନାଲ୍ କମିଶନର, ଆଡିସନାଲ୍ ରିଭିଜନ କୋର୍ଟ ନଂ.- ୪, ଭୁବନେଶ୍ୱରଙ୍କ ଅଦାଲତରେ ବାଦୀ ଶ୍ରୀ ରବିନାରାୟଣ ଷଡ଼ଙ୍ଗୀ ଖରିଦ୍ ଏବଂ ଦଖଲ ଦୃଷ୍ଟେ ଜମି ରେକର୍ଡ ପାଇଁ ଉପରୋକ୍ତ ମୋକଦ୍ଦମା ଦାୟର କରିଛନ୍ତି। ବାଦୀଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ପ୍ରତିବାଦୀଗଣଙ୍କ ଠିକଣାରେ ନୋଟିସ ସ୍ପିଡ୍‌ପୋଷ୍ଟ ଡାକ ଦ୍ୱାରା ଦିଆଯାଇଥିଲା। କିନ୍ତୁ ଏହି ନୋଟିସ ବିନା ଜାରି ହୋଇ ଫେରି ଆସିଥିଲା।

ତେଣୁ ଉକ୍ତ ସମ୍ବାଦପତ୍ର ଦ୍ୱାରା ଉପରୋକ୍ତ ପ୍ରତିବାଦୀଗଣଙ୍କୁ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଜରିଆରେ ଜଣାଇଦିଆଯାଉଛି କି ଉପରୋକ୍ତ ରିଭିଜନ କେସ୍‌ର ଶୁଣାଣି ମାନ୍ୟବର ଆଡିସନାଲ୍ ରିଭିଜନ କୋର୍ଟ ନଂ.୪ ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟଠାରେ ଆସନ୍ତା ତା.୦୯।୦୩।୨୦୨୬ରିଖ ଦିବା ୧୧:୩୦ ଘଟିକା ସମୟରେ ଶୁଣାଣି କରାଯିବା ପାଇଁ ସ୍ଥିରୀକୃତ ହୋଇଛି। ଉକ୍ତ କେସ୍‌ର ତଫସିଲଭୁକ୍ତ ଜମିର ବିବରଣୀ ନିମ୍ନରେ ଦିଆଗଲା।

ତଫସିଲଭୁକ୍ତ ବୃତ୍ତି
ଜିଲ୍ଲା- ଖୋର୍ଦ୍ଧା, ଥାନା- ଚନ୍ଦକା, ତହସିଲ- ଭୁବନେଶ୍ୱର, ମୌଜା- ଭୁଆଶୁଣୀ, ସାବକ ଖାତା ନଂ.- ୨୧୮/୨୧, ସାବକ ପ୍ଲଟ୍ ନଂ.- ୭୭୨/୮୧୮, ଏରିଆ: ୦.୨୭୩ ଡେ., ଏହାର ହାଲ୍ ଖାତା ନଂ.- ୯୦୭, ହାଲ୍ ପ୍ଲଟ୍ ନଂ.- ୧୩୧୩।

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀଗଣ କିମ୍ବା ମୃତ ହୋଇଥିଲେ, ଔରସ ମାନେ ନିଜେ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଉପରୋକ୍ତ ତାରିଖ ଏବଂ ସମୟରେ ଉକ୍ତ ଅଦାଲତରେ ଉପସ୍ଥିତ ରହି ମୋକଦ୍ଦମାର ତହବିଲ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମାକୁ ଆପଣମାନଙ୍କ ଅନୁପସ୍ଥିତିରେ ଏକତରଫା ଫଇସଲା କରାଯିବ।

ଆଡିସନାଲ୍ ରିଭିଜନ କୋର୍ଟ ନଂ -୪, ଭୁବନେଶ୍ୱରଙ୍କ ଆଦେଶକ୍ରମେ,
ସ୍ୱା.- କୋର୍ଟ ଅଫିସର
ଧ- ୩୩୫୦

ମାନ୍ୟବର ସଦସ୍ୟ, ରାଜସ୍ୱ ପର୍ଷଦ, ଓଡ଼ିଶା, କଟକ, ଶ୍ରୀ ସତ୍ୟବ୍ରତ ସାହୁ (ଭାରତୀୟ ପ୍ରଶାସନିକ ସେବା)ଙ୍କ ଶିବିର ଅଦାଲତ, ଭୁବନେଶ୍ୱର, ୟୁନିଟ୍- ୫,
କେଶରୀ ନଗର, ଭୁବନେଶ୍ୱର,
ଓ.ଏସ୍.ଏସ୍. କେସ୍ ନଂ.- ୩୯୨/୨୦୨୩
ପ୍ରଶାନ୍ତ କୁମାର ସାହୁ, ବୟସ ୫୪ ବର୍ଷ, ପି.- ୰ ଜୟକୃଷ୍ଣ ସାହୁ, ଗ୍ରାମ/ପୋ/ଥାନା- ଗୋପ, ଜିଲ୍ଲା- ପୁରୀ .........ବାଦୀ
ବନାମ
ତହସିଲଦାର, ଗୋପ ଏବଂ ଓଗେର ........ପ୍ରତିବାଦୀ
ନୋଟିସ
(ଦେୱାନା କାର୍ଯ୍ୟବିଧି ସଂହିତାର ଆଦେଶ ନଂ. ୫ ଏବଂ ନିୟମ ନଂ.୨୦ ମୁତାବକ)
ପ୍ରାପ୍ତେଷୁ,
ପ୍ରତିବାଦୀ ନଂ.୨- ସେକ୍ ତାଲିମ, ବୟସ ୬୧ ବର୍ଷ, ପ୍ରତିବାଦୀ ନମ୍ବର ୩- ସେକ୍ କଲିମ, ବୟସ ୪୯ ବର୍ଷ, ଏମାନଙ୍କ ପିତା- ସେକ୍ ସଲିମ୍। ପ୍ରତିବାଦୀ ନଂ.୪- ସ୍ମରଣ କୁମାର ସାହୁ, ବୟସ ୬୪ ବର୍ଷ, ପ୍ରତିବାଦୀ ନଂ.୫- ସୌଭାଗ୍ୟ କୁମାର ସାହୁ, ବୟସ ୫୫ ବର୍ଷ, ଏମାନଙ୍କ ପିତା ୰ ବନମାଳୀ ସାହୁ, ପ୍ରତିବାଦୀ ନମ୍ବର ୬- ସୁକେଶୀ ସାହୁ, ବୟସ ୭୯ ବର୍ଷ, ସ୍ୱା- ୰ ବନମାଳୀ ସାହୁ, ଏ ସମସ୍ତଙ୍କ ଗ୍ରାମ/ପୋ/ଥା- ଗୋପ, ଜିଲ୍ଲା- ପୁରୀ।


ଏତଦ୍ୱାରା ଉପରୋକ୍ତ ପ୍ରତିବାଦୀମାନଙ୍କ ଅବଗତି ନିମନ୍ତେ ଏହି ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ ନିମ୍ନ ତଫସିଲ ଜମି ପାଇଁ ତହସିଲଦାର, ଗୋପ ଫଇସଲା କରିଥିବା ବିବିଧ ମୋକଦ୍ଦମା ନମ୍ବର ୮୧/୨୦୨୩କୁ ଖାରଜ କରିବା ନିମନ୍ତେ ଉପରୋକ୍ତ ଅଦାଲତରେ ଓ.ଏସ୍.ଏସ୍. ଆଇନର ଧାରା ୩୨ ମୁତାବକ ରିଭିଜନ ମୋକଦ୍ଦମା ଦାଏର କରିଅଛନ୍ତି। ଉପରୋକ୍ତ ପ୍ରତିବାଦୀମାନେ ଡାକ ଯୋଗେ ପଠାଯାଇଥିବା ନୋଟିସ ଗ୍ରହଣ କରିଥିଲେ ସୁଦ୍ଧା ଅଦାଲତରେ ବାରମ୍ବାର ଅନୁପସ୍ଥିତ ରହି ଆସୁଛନ୍ତି।

ଏଣୁ ଶେଷ ସୁଯୋଗ ପ୍ରାପ୍ତି ନିମନ୍ତେ, ଅଦାଲତଙ୍କ ନିର୍ଦ୍ଦେଶକ୍ରମେ ଉପରୋକ୍ତ ରିଭିଜନ ମୋକଦ୍ଦମାର ଶୁଣାଣି ତା୨୬।୦୩।୨୬ରିଖ, ଗୁରୁବାର ଦିବା ୧୧.୩୦ ଘଟିକା ସମୟରେ କରାଯିବା ନିମନ୍ତେ ସ୍ଥିରୀକୃତ ହୋଇଅଛି। ଏଣୁ ତୁମ୍ଭେମାନେ ସ୍ୱୟଂ କିମ୍ବା କ୍ଷମତାପ୍ରାପ୍ତ ଏଜେଣ୍ଟଙ୍କ ଦ୍ୱାରା ନିର୍ଦ୍ଧାରିତ ତାରିଖ ଓ ସମୟରେ ଅଦାଲତ ପରିସରରେ ହାଜର ହୋଇ ପକ୍ଷ ରଖିବେ। ଅନ୍ୟଥା, ମୋକଦ୍ଦମାଟି ଆଇନ ଅନୁଯାୟୀ ବିଚାର କରାଯିବ।

ଜମିର ବିବରଣୀ
ମୌଜା- ଗୋପ, ଥାନା/ତହସିଲ- ଗୋପ, ଜିଲ୍ଲା- ପୁରୀ, ହାଲ୍ ଖାତା ନଂ.- ୧୬୨୬, ପ୍ଲଟ୍ ନଂ. ୩୦୯୪, ଏ୦.୦୮ଡି. ଦାଖଲ ଖାରଜ ଖାତା ନଂ.- ୧୭୩୩/୬୫୬, ପ୍ଲଟ୍ ନମ୍ବର- ୩୦୯୪- ଏ୦.୦୮ଡି.।

ମାନ୍ୟବର ସଦସ୍ୟ, ରାଜସ୍ୱ ପର୍ଷଦ, ଓଡ଼ିଶା, କଟକଙ୍କ ଆଦେଶକ୍ରମେ
ସ୍ୱା.- ଶ୍ରୀ ଶଶାଙ୍କ ଶେଖର ମିଶ୍ର, ଅନୁ ସଚିବ (ବିଚାର)
୦୪।୦୨।୨୦୨୬
ରାଜସ୍ୱ ପର୍ଷଦ, ଓଡ଼ିଶା, କଟକ
ଧ-୩୩୪୯

# ରଜନୀଗନ୍ଧା ଚାଷରେ ସାର ପ୍ରୟୋଗ



**ର**ଜନୀଗନ୍ଧା ଏବେଠାରୁ ମେ ମାସ ପର୍ଯ୍ୟନ୍ତ ଲଗାଇପାରିବେ। କୋଲକାତା ସିଙ୍ଗଲ, ଶ୍ରୀଙ୍ଗାର, କୋଏମ୍ବାଟୋର, ସିଙ୍ଗଲ ଓ ସୁହାସିନୀ (ଡବଲ) ଆଦି କିସମ ଲଗାନ୍ତୁ। ବୁଣିବା ପୂର୍ବରୁ ଅନୁମୋଦିତ ସାର (ଏକର ପ୍ରତି ୮୦କି.ଗ୍ରା. ଯବକ୍ଷାରଜାନ,୮୦କି.ଗ୍ରା. ଫସ୍‌ଫରସ୍ ଓ ୮୦କି.ଗ୍ରା. ପଟାସ ସାର)ର ଏକ ତୃତୀୟାଂଶ ଯବକ୍ଷାରଜାନ ଓ ସବୁତକ ଫସ୍‌ଫରସ୍ ଓ ପଟାସ ସାର ପ୍ରୟୋଗ କରନ୍ତୁ। ଏକର ପ୍ରତି ପ୍ରାୟ ୪୦,୦୦୦ କନ୍ଦା ଆବଶ୍ୟକ ହୋଇଥାଏ। କନ୍ଦାଗୁଡ଼ିକୁ ୨.୫ସେ.ମି. ବ୍ୟାସ ବିଶିଷ୍ଟ ହୋଇଥିବା ଦରକାର। ଶୀତଳ ଭଣ୍ଡାରରେ ୪-୫ଡିଗ୍ରୀ ସେଲ୍‌ସିଅସ୍‌ରେ ରହିଥିବା କନ୍ଦାଗୁଡିକ ଭଲ ଗଜା ହୋଇଥାଏ। ସୂତ୍ରଜୀବପ୍ରବଣ ଅଞ୍ଚଳରେ ଲଗାଇବା ପୂର୍ବରୁ ଏକ ପ୍ରତି ୧୬୦କେ.ଜି. ନିମ୍ବପିଡ଼ିଆ ପ୍ରୟୋଗ କରନ୍ତୁ। କନ୍ଦାଗୁଡିକୁ ଲଗାଇବା ପୂର୍ବରୁ ଚେରଗୁଡ଼ିକୁ କାଟିଦିଅନ୍ତୁ। ଧାଡ଼ିକୁ ଧାଡ଼ି ୩୦ସେ.ମି. ଓ କନ୍ଦାକୁ କନ୍ଦା ୩୦ସେ.ମି. ବ୍ୟବଧାନରେ ଲଗାନ୍ତୁ।

# ରାଶି ଚାଷ କରୁଥିଲେ



**ଜା**ନୁଆରୀ ଶେଷରୁ ଫେବୃଆରୀ ୧୫ ସୁଦ୍ଧା ରାଶି ବୁଣାବୁଣି ଶେଷ କରନ୍ତୁ। ଏପରି କଲେ ଅମଳ ବେଳେ ଅଦିନିଆ ବର୍ଷା ଯୋଗୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ। ରାଶିର ଉନ୍ନତ କିସମ ବିହନ ଯଥା ଉମା, କାଳିକା ଆଦି ସଂଗ୍ରହ କରନ୍ତୁ। ଜମିକୁ ପଟାଳିରେ ବିଭକ୍ତ କଲେ ଖରାଦିନିଆ ରାଶି ଚାଷ ପାଇଁ ପାଣି ମଡ଼ାଇବା ସୁବିଧାଜନକ ହେବ। ଏକର ପ୍ରତି ୨ରୁ ୨.୫କେଜି ବିହନ ଆବଶ୍ୟକ ହୋଇଥାଏ। ପ୍ରାରମ୍ଭିକ ଅବସ୍ଥାରେ ତଳିମରା ବା ମୂଳଶଢ଼ା ରୋଗର ଦମନ ପାଇଁ ବିହନ ବୁଣିବାର ୨ଦିନ ପୂର୍ବରୁ ପ୍ରତି କି.ଗ୍ରା. ବିହନକୁ ୨ଗ୍ରାମ୍ କାର୍ବେଣ୍ଡାଜିମ୍ ବା ୩ଗ୍ରାମ୍ ଥିରାମ୍ ସହ ବିଶୋଧନ କରନ୍ତୁ।

## ସଫଳ ଚାଷୀ
### ଧନଞ୍ଜୟ ନାୟକ

# ପନିପରିବା ଚାଷରୁ ସ୍ୱତନ୍ତ୍ର ପରିଚୟ ମିଳିଛି


ଧନଞ୍ଜୟ

**ପେ**ସା ଥିଲା ଦେଶସେବା। କିନ୍ତୁ ତା'ଭିତରେ ଚାଷବାସ ସହ ଜଡ଼ିତ ରହିବାକୁ ମନ ବଳାଇଥିଲେ ସେ। ପରବର୍ତ୍ତୀ ସମୟରେ ସେ ସୈନିକ ଚାକିରି ଛାଡ଼ି ଚାଷକୁ ପେସା ଭାବରେ ଗ୍ରହଣ କରିନେଇଥିଲେ। ଆଉ ଏବେ ଏଥିରୁ ସେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହ ସ୍ଥାନୀୟ ଅଞ୍ଚଳରେ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ସାଜିଛନ୍ତି। ସେ ହେଲେ ଧନଞ୍ଜୟ ନାୟକ। ନିଜେ ରୋଜଗାର କରିବା ସହ ପ୍ରାୟ ୪୦ ଜଣଙ୍କୁ କିଛି କିଛି ରୋଜଗାର କରିବାରେ ମଧ୍ୟ ସହାୟକ ହୋଇଛନ୍ତି। କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ୍ ଅନ୍ତର୍ଗତ ଧାମନପୁର ଗ୍ରାମରେ ତାଙ୍କର ଜନ୍ମ। ନିଜ ବିଷୟରେ ସେ କହନ୍ତି, ''ମୁଁ ୨୦୦୨ ମସିହାରେ ଆଇଆର୍‌ବି ଯବାନ ଭାବେ ଯୋଗଦେଇଥିଲି। ସେଠାରେ କିଛିଦିନ ଟ୍ରେନିଂ ନେବା ପରେ ଚାକିରି କରିବାକୁ ଇଚ୍ଛା ନ କରି ଗାଁକୁ ଫେରିଆସିଲି। ସେତେବେଳେ ଆମ ପଡ଼ୋଶୀ ସାନଚେର ଗାଁର ଚାଷୀ କୃଷ୍ଣଚନ୍ଦ୍ର ନାଗଙ୍କ ବୈଜ୍ଞାନିକ ପ୍ରଣାଳୀରେ ଚାଷ କରୁଥାଆନ୍ତି। ତାହାକୁ ଦେଖି ମୁଁ ଚାଷ ପ୍ରତି ଅଧିକ ଅନୁପ୍ରାଣିତ ହେଲି। ଏହାପରେ ୨୦୧୨ରେ ପ୍ରଥମେ ୨୫ ଡେସିମିଲ ଜମିରେ ଲଙ୍କାଚାଷ ଆରମ୍ଭକଲି। ସେଥିରୁ ବେଶ୍ କିଛି ଆୟ କରିବା ପରେ ଚାଷ ଯେ ରୋଜଗାରର ଅନ୍ୟତମ ପ୍ରମୁଖ ମାଧ୍ୟମ ତାହା ମୋ ମନରେ ଆହୁରି ଦୃଢ଼ୀଭୂତ ହୋଇଥିଲା। ଆଉ ସେବେଠାରୁ କେବେ ପଛକୁ ଫେରି ଚାହିଁନାହିଁ। ବର୍ତ୍ତମାନ ମୁଁ ପ୍ରାୟ ୨୫ ଏକର ଜମିରେ ଟମାଟୋ, ବାଇଗଣ, ଫୁଲକୋବି, କାକୁଡ଼ି, କଞ୍ଚାଲଙ୍କା ଓ ଅନ୍ୟ ପନିପରିବା ଚାଷ କରୁଛି। ଏଥିରୁ ନିଜେ ଆଶାନୁରୂପ ରୋଜଗାର କରିବା ସହ ଆୟ କରିବା ସହ ପ୍ରାୟ ୪୦ ଜଣଙ୍କୁ ରୋଜଗାର ଦେବାରେ ସକ୍ଷମ ହୋଇଛି। ଆଜି ପନିପରିବା ଚାଷ ମୋତେ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି କହିଲେ ଆଦୌ ଭୁଲ୍ ହେବ ନାହିଁ।'' ତାଙ୍କର ଏହି ଚାଷ ମଡେଲକୁ ଦେଖିବା ପାଇଁ ଜିଲାର ବିଭିନ୍ନ ଅଞ୍ଚଳରୁ ଚାଷୀମାନେ ସେଠାକୁ ଆସୁଛନ୍ତି। ଏହା ବାଦ୍ ସେ ଜଣେ ମଧ୍ୟ ପ୍ରକୃତିପ୍ରେମୀ । ଜୀବଜଗତର ସୁରକ୍ଷା ପାଇଁ ସେ ୨ ଏକର ଜମିରେ ଜଙ୍ଗଲ ସୃଷ୍ଟି କରିଛନ୍ତି। ଚାଷ କାର୍ଯ୍ୟକରି ସ୍ୱାଧୀନ ଭାବେ ବଞ୍ଚିବା ସହ ଅନ୍ୟ ଲୋକଙ୍କୁ ରୋଜଗାର ଦେଉଥିବାରୁ ଖୁସି ଲାଗୁଛି ବୋଲି କହନ୍ତି ଧନଞ୍ଜୟ ।

–ଉତ୍ତମ କୁମାର ଦାଶ

# ଆନ୍ଥ୍ରାକ୍ସ ରୋଗ


ଡା. ବୀରକିଶୋର ପରିଡ଼ା

''ଆନ୍ଥ୍ରାକ୍ସ ରୋଗ ସାଧାରଣତଃ ସ୍ତନ୍ୟପାୟୀ ପ୍ରାଣୀମାନଙ୍କୁ ହୋଇଥାଏ । ଗୋରୁ ଓ ମେଣ୍ଢା ଏହି ରୋଗରେ ସର୍ବାଧିକ ଆକ୍ରାନ୍ତ ହୁଅନ୍ତି । ଘୋଡ଼ା, ଛେଳି ଏବଂ ଘୁଷୁରି ମଧ୍ୟ ଏହି ରୋଗରେ ବେଳେବେଳେ ଆକ୍ରାନ୍ତ ହୋଇଥାନ୍ତି । ମନୁଷ୍ୟ, କୁକୁର, ବିରାଡ଼ିଙ୍କଠାରେ ଏହି ରୋଗ ଅପେକ୍ଷାକୃତ କମ୍ ଦେଖାଯାଏ ।''

**ଆ**ନ୍ଥ୍ରାକ୍ସ ରୋଗକୁ ମଧ୍ୟ ପ୍ଲୀହା ଜ୍ୱର, ପଶମ ସଜାଇବା ବ୍ୟକ୍ତିଙ୍କ ରୋଗ, ଚାର୍‌ବନ୍, କାର୍‌ବଙ୍କଲ୍ କୁହାଯାଏ।

**କାରଣ**

ପ୍ଲୀହା ଜ୍ୱର ଏକ ଜୀବାଣୁ 'ବାସିଲସ୍ ଆନ୍ଥ୍ରାସିସ୍' ଯୋଗୁ ହୋଇଥାଏ । ଏହା ଏକଗ୍ରାମ୍ ପଜିଟିଭ୍, ଲମ୍ବାକୃତି ରଡ୍ ଏବଂ ରେଣୁ ଗଠନକାରୀ ଜୀବାଣୁ । ଜଳବାୟୁ ପରିବର୍ତ୍ତନ ଏବଂ ଅନ୍ୟାନ୍ୟ ପାରିପାର୍ଶ୍ୱିକ ଅବସ୍ଥାରୁ ମୁକ୍ତି ପାଇବା ପାଇଁ ଏହି ରୋଗ ପୃଥିବୀର ସର୍ବତ୍ର ଦେଖାଯାଏ । ଏହି ଜୀବାଣୁ ଗୋଟି ଗୋଟି ହୋଇ କିମ୍ବା ଚେନ୍ ଭଳି ରହିଥାନ୍ତି।

**ଆକ୍ରାନ୍ତ ହେଉଥିବା ପ୍ରାଣୀ**

ଆନ୍ଥ୍ରାକ୍ସ ରୋଗ ସାଧାରଣତଃ ସ୍ତନ୍ୟପାୟୀ ପ୍ରାଣୀମାନଙ୍କୁ ହୋଇଥାଏ । ଗୋରୁ ଓ ମେଣ୍ଢା ଏହି ରୋଗରେ ସର୍ବାଧିକ ଆକ୍ରାନ୍ତ ହୁଅନ୍ତି । ଘୋଡ଼ା, ଛେଳି ଏବଂ ଘୁଷୁରି ମଧ୍ୟ ଏହି ରୋଗରେ ବେଳେବେଳେ ଆକ୍ରାନ୍ତ ହୋଇଥାନ୍ତି । ମନୁଷ୍ୟ, କୁକୁର, ବିରାଡ଼ିଙ୍କଠାରେ ଏହି ରୋଗ ଅପେକ୍ଷାକୃତ କମ୍ ଦେଖାଯାଏ ।

**ରୋଗ ସୃଷ୍ଟିହେବାର ପ୍ରଧାନ କାରଣ**


ପ୍ରାଣୀମାନଙ୍କର ଦୁର୍ବଳ ସ୍ୱାସ୍ଥ୍ୟ ଏବଂ ବ୍ୟାୟାମର ଅଭାବ ବା ଅଳସୁଆମି ଯୋଗୁ ଏହି ଜୀବାଣୁ ଶରୀରରେ ପ୍ରବେଶ ପାଇଁ ଏକ ଅନୁକୂଳ ପରିବେଶ ସୃଷ୍ଟି କରିଥାଏ।

**ରୋଗ ବ୍ୟାପେ କିପରି**

ପ୍ରକୃତରେ କହିବାକୁ ଗଲେ ମୃତପ୍ରାଣୀ ହିଁ ଏହି ରୋଗ ସୃଷ୍ଟି ହେବାର ଉତ୍ପତ୍ତିସ୍ଥଳ । ପ୍ରଥମେ ଏହି ଜୀବାଣୁ ପ୍ରାଣୀଙ୍କ ଶରୀରରୁ ଆସି ମାଟିରେ ମିଶେ ଏବଂ ଏଠାରେ ନିଜ ଚାରିପାଖରେ କୋଷା ତିଆରିକରି ବର୍ଷ ବର୍ଷ ଧରି ବଞ୍ଚିରହିପାରନ୍ତି । ଏହି ଜୀବାଣୁ ଲାଗିଥିବା ଖାଦ୍ୟ କିମ୍ବା ପାଣି ଦ୍ୱାରା ସୁସ୍ଥ ପ୍ରାଣୀ ଦେହରେ ପ୍ରବେଶ କରିଥାନ୍ତି। ମଶା, ମାଛି, ଡାଆଁଶ ଏବଂ ଟିଙ୍କ କାମୁଡ଼ିଲେ ମଧ୍ୟ ଜୀବାଣୁ ଶରୀରରେ ସହଜରେ ପ୍ରବେଶ କରିଥାଏ। ପ୍ଲୀହାଜ୍ୱର ଝରଣା ବା ନଦୀ, ମାଂସାଶୀ ପ୍ରାଣୀ, ଜଙ୍ଗଲୀ ପକ୍ଷୀ, ଗୋରୁ ଚମଡ଼ା ପରିବହନ, ହାଡ଼ଗୁଣ୍ଡ ଓ ଲୋମ ମାଧ୍ୟମରେ ମଧ୍ୟ ବ୍ୟାପିଥାଏ ବା ପଶମ ଉଲ୍ ସଜାଡୁଥିବା ବ୍ୟକ୍ତି, ଚମଡ଼ା ଓ ସାର କାରଖାନାରେ କାର୍ଯ୍ୟ କରୁଥିବା ବ୍ୟକ୍ତିମାନେ ଅଧିକ ସଂଖ୍ୟାରେ ଆନ୍ଥ୍ରାକ୍ସ ଦ୍ୱାରା ଆକ୍ରାନ୍ତ ହୁଅନ୍ତି।

**ରୋଗର ସୃଷ୍ଟି ହୁଏ କିପରି**

ଆନ୍ଥ୍ରାକ୍ସ ରେଣୁଯୁକ୍ତ ଜୀବାଣୁ ଖାଦ୍ୟ ଓ ପାଣି ମାଧ୍ୟମରେ ପାଟି ବାଟଦେଇ ପ୍ରବେଶ କରନ୍ତି। ମୁନିଆ ତନ୍ତୁଜାତୀୟ ଖାଦ୍ୟ ଦ୍ୱାରା ପାଟି ମଧ୍ୟରେ ସୃଷ୍ଟିହୋଇଥିବା ଖଣ୍ଡିଆ ସ୍ଥାନରେ ଦେହ ଭିତରକୁ ସହଜରେ ପଶିଥାନ୍ତି । ଶରୀରର ବାହାରେ ସୃଷ୍ଟି ହୋଇଥିବା ଘା' ବାଟେ କିମ୍ବା ପେଟରୁ ଶ୍ଲେଷ୍ମା ଝିଲ୍ଲୀ ମଧ୍ୟଦେଇ ମଧ୍ୟ ଜୀବାଣୁ ପ୍ରବେଶ କରିଥାନ୍ତି। ତା'ପରେ ସେମାନେ ନିକଟସ୍ଥ ଲସିକା ନଳୀଦେଇ ଲସିକା ଗ୍ରନ୍ଥିକୁ ଯାଇଥାନ୍ତି, ଯେଉଁଠାରେ ସେମାନଙ୍କ ବଂଶବୃଦ୍ଧି ଘଟିଥାଏ। ତା'ପରେ ସେମାନେ ବଡ଼ ଲସିକାବାହୀ ନଳୀ ଦେଇ ରକ୍ତରେ ମିଶନ୍ତି ଏବଂ ଶେଷରେ ଏହି ରକ୍ତ ମାଧ୍ୟମରେ ଶରୀରର ବିଭିନ୍ନ ଅଂଶରେ ପ୍ରବେଶ କରିଥାନ୍ତି । ଏହି ଜୀବାଣୁର ଥିବା କୋଷ ବା କ୍ୟାପସୁଲ୍ ଏବଂ ସେମାନଙ୍କଠାରୁ ନିର୍ଗତ ଏକ ବିଷାକ୍ତ ପଦାର୍ଥ ବା ଟକ୍‌ସିନ୍ ଏହି ରୋଗ ଖୁବ୍‌ଶୀଘ୍ର ବଢ଼ାଇବାରେ ସାହାଯ୍ୟ କରିଥାଏ । ଏହି ବିଷାକ୍ତ ପଦାର୍ଥ ଶରୀରର ବହୁ ଜୀବକୋଷ ନଷ୍ଟ କରିଦିଅନ୍ତି। ଏହି ଟକ୍‌ସିନ୍ ବା ବିଷାକ୍ତ ପଦାର୍ଥ ତିନିଗୋଟି ନିମ୍ନ ଉପାୟରେ ପ୍ରାଣୀଙ୍କ ଶରୀରରେ କ୍ଷତି ଘଟାଇଥାଏ ।



**ଏଡିମା ଫ୍ୟାକ୍ଟର :** ଏହା ଶରୀରର ତଳ ବେକ ଥଳି ଏବଂ ଅନ୍ୟାନ୍ୟ ସ୍ଥାନରେ ପାଣି ଜମାକରି ଏକ ଫୁଲା ସ୍ଥାନ ବା ଏଡିମା ସୃଷ୍ଟି କରିଥାଏ ।

**ସୁରକ୍ଷା ଫ୍ୟାକ୍ଟର :** ଏହା ଶରୀରରେ ଥିବା ବିଭିନ୍ନ ନ୍ୟୁଟ୍ରୋଫିଲ୍, ମାକ୍ରୋଫେଜ୍ ଆକ୍ରମଣ ଦାଉରୁ ରକ୍ଷାକରେ।

**ଲିଥାଲ୍ ଫ୍ୟାକ୍ଟର :** ଏହା ଶରୀରକୁ ଦୁର୍ବଳ କରନ୍ତି ଏବଂ ସ୍ନାୟୁର କାର୍ଯ୍ୟଦକ୍ଷତା ହ୍ରାସ ପାଏ ।ଏହି ଜୀବାଣୁ ପ୍ଲୀହାକୁ ଆକ୍ରାନ୍ତକରି ୨ରୁ ୩ଗୁଣ ଆକାର ବୃଦ୍ଧି ଘଟାଇଥାନ୍ତି। ରକ୍ତ ଜମାଟ ବାନ୍ଧେ ନାହିଁ। ବେକ ତଳ ଫୁଲିଲା ପରି ଜଣାପଡ଼େ ।

**ଲକ୍ଷଣ**

ଏହି ରୋଗର ବିଶେଷତ୍ୱ ହେଲା ଯେ, ଏହା ଖୁବ୍ ଶୀଘ୍ର ବ୍ୟାପିଯାଏ ଏବଂ ହଠାତ୍ ଆରମ୍ଭ ହୋଇଥାଏ । ସାଧାରଣତଃ ଏହି ରୋଗରେ ଦୁଇ ପ୍ରକାର ଲକ୍ଷଣ ଦେଖାଦେଇଥାଏ । ପ୍ରଥମ ରୂପ ହେଲା ବିନା ଲକ୍ଷଣରେ ଗୋରୁମାନେ ଚରିବୁଲିବା ଅବସ୍ଥାରେ ହଠାତ୍ ପଡ଼ିମରିଯାନ୍ତି । ମୃତ୍ୟୁ ପରେ ତା'ର ମଳଦ୍ୱାର, ପାଟି ନାକପୁଡ଼ା ଓ ଯୋନିଦ୍ୱାର ପ୍ରଭୃତିରୁ ରକ୍ତସ୍ରାବ ହୋଇଥାଏ । ମୃତ ପ୍ରାଣୀର ଶରୀର ଖୁବ୍ ଶୀଘ୍ର ପଚିଯାଏ । କୌଣସି ଅଞ୍ଚଳରେ ରୋଗ ଆରମ୍ଭ ସମୟରେ ହିଁ ପ୍ରାଣୀମାନେ ହଠାତ୍ ମୃତ୍ୟୁବରଣ କରନ୍ତି। ଏହି ରୋଗର ଦ୍ୱିତୀୟ ରୂପ ବା ଲକ୍ଷଣ ହେଲା – ଆକ୍ରାନ୍ତ ପ୍ରାଣୀ ୨୪-୪୮ଘଣ୍ଟା ପର୍ଯ୍ୟନ୍ତ ବଞ୍ଚିଥାନ୍ତି। ସେମାନଙ୍କ ଶରୀରର ତାପମାତ୍ରା ୧୦୬-୧୦୭ ଡିଗ୍ରୀ ଫାରେନ୍‌ହିଟ୍ ହୁଏ । ହୃଦ୍‌ସ୍ପନ୍ଦନ ଓ ଶ୍ୱାସକ୍ରିୟାର ବେଗ ଅଧିକ ହୁଏ । ଗୋରୁ କିଛି ଖାଆନ୍ତି ନାହିଁ। ଦୁଧିଆଳୀ ଗାଈଙ୍କ ଦୁଗ୍ଧଦେବା ହଠାତ୍ କମିଯାଏ। ବେକ ତଳ, ଆଗଗୋଡ଼ ଦୁଇଟି ମଝି ଅଂଶରେ, ଶରୀରର ସ୍ଥାନେ ସ୍ଥାନେ ଫୁଲିଯାଏ ଏବଂ ବେଳେବେଳେ ପେଟ ଫାମ୍ପେ। ପ୍ରାଣୀର ତରଳ ଝାଡ଼ା ହୁଏ। ଆନ୍ଥ୍ରାକ୍ସ ଜୀବାଣୁ ମଣିଷ ଶରୀରରେ ପ୍ରବେଶକଲେ କାନ୍ଧ ଓ ହାତରେ ଫୋଟକାମାନ ସୃଷ୍ଟିକରେ । ଫଳରେ ବିନ୍ଧା ଛିଟିକା ହୁଏ ଏବଂ ଶରୀରରେ ଜୀବାଣୁର ବଂଶବୃଦ୍ଧି ଓ ବିଷ ପଦାର୍ଥ ନିର୍ଗତ ହୁଏ। ସେପ୍ଟିସେମିଆ ହୋଇ ମନୁଷ୍ୟର ମୃତ୍ୟୁ ଘଟିଥାଏ । ମୃତ ପ୍ରାଣୀର ଶରୀର ମୃତ୍ୟୁ ପରେ ଲାଠି ବା ସିଧା ଟାଣ ପରି ହୁଏ ନାହିଁ । ଖୁବଶୀଘ୍ର ଫୁଲିଯାଏ । ଶବଗୁଡ଼ିକ ଖୁବ୍ ଶୀଘ୍ର ପଚିଯାଏ । ରୋଗର ଆକ୍ରାନ୍ତ ହାର ୫-୨୦ପ୍ରତିଶତ ଏବଂ ମୃତ୍ୟୁହାର ୪୦-୬୦ ପ୍ରତିଶତ। (କ୍ରମଶଃ...)

–ସହକାରୀ ଅଧ୍ୟାପକ, ପ୍ରାଣୀ ଚିକିତ୍ସା ବିଜ୍ଞାନ ଓ ପ୍ରାଣୀ ପାଳନ ପ୍ରତିଷ୍ଠାନ, ସୋଆ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
ମୋ : ୯୪୩୭୬୦୭୩୧୨

## ଚାଷୀଙ୍କ ପାଇଁ



➤ଅଧିକ ଖରା ହେଲେ ପ୍ରାଣୀମାନେ ଚରିବା ପାଇଁ ଘାସ ଯଥେଷ୍ଟ ମିଳେ ନାହିଁ । ତେଣୁ ଛେଳି ଓ ମେଣ୍ଢାମାନଙ୍କୁ ଚରି ଆସିଲା ପରେ ଯଥେଷ୍ଟ ଡାଳପତ୍ର କାଟି ଖାଇବାକୁ ଦେବା ଉଚିତ। ଛେଳି ବା ମେଣ୍ଢା ପିଛା ଦୈନିକ ୧୦୦ ରୁ ୨୦୦ ଗ୍ରାମ୍ ସନ୍ତୁଳିତ ଦାନା ଖାଇବାକୁ ଦେଲେ ସେମାନେ ଅଧିକ ଓଜନର ହୁଅନ୍ତି ଓ ସେମାନଙ୍କର ମୃତ୍ୟୁ ମଧ୍ୟ ହୋଇ ନ ଥାଏ । ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କୁ ପରାମର୍ଶ କରି ଏଣ୍ଟେରୋଟକ୍ସିମିଆ ଓ ପିପିଆର୍ ରୋଗ ଟିକା ସେମାନଙ୍କୁ ଦିଅନ୍ତୁ ।

➤ଗୋରୁଙ୍କୁ ଛାଇରେ ରଖନ୍ତୁ ଏବଂ ପରିଷ୍କାର ପାଣି ପିଇବାକୁ ଦିଅନ୍ତୁ। ଦୁଧିଆଳୀ ଓ ଗର୍ଭବତୀ ଗାଈଙ୍କୁ ପ୍ରତ୍ୟେକ ଦିନ ଅନ୍ୟାନ୍ୟ ଖାଦ୍ୟ ସହ ୩୦ ଗ୍ରାମ୍‌ରୁ ୫୦ ଗ୍ରାମ୍ ଖଣିଜ ଲବଣ ମିଶ୍ରଣ ନିଶ୍ଚୟ ଦିଅନ୍ତୁ । ଛେଳିର ଓଜନ ଓ ପ୍ରଜନନ ବୃଦ୍ଧି ପାଇଁ ପ୍ରତିଦିନ ୫ରୁ ୧୦ ଗ୍ରାମ୍ ଖଣିଜ ଲବଣ ମିଶ୍ରଣ ଦିଅନ୍ତୁ। ଗାଈଙ୍କୁ ଚରିବାକୁ ଛାଡୁଥିଲେ, ସକାଳୁ ଓ ଉପରଓଳି ଚରାନ୍ତୁ ।

➤ଏକ ହେକ୍ଟର ବିଶିଷ୍ଟ ପୋଖରୀ ପାଇଁ ଦୈନିକ ୭.୫ କି.ଗ୍ରା. କାଣ୍ଡିଆକୁଣ୍ଡା ଓ ୭.୫ କି.ଗ୍ରା. ଚିନାବାଦାମ ପିଡ଼ିଆର ମିଶ୍ରଣ କରି ମାଛଙ୍କୁ ଖାଇବାକୁ ଦିଅନ୍ତୁ ।

## ମହୁ ଚାଷ



**ମ**ହୁବାକ୍ସଗୁଡ଼ିକ ଗଛତଳେ ଛାଇ ଜାଗାରେ ରଖନ୍ତୁ କିମ୍ବା ବାକ୍ସଗୁଡ଼ିକ ଉପରେ ନଡ଼ା କିମ୍ବା ଅଖା ଦେଇ ଛାଇର ବ୍ୟବସ୍ଥା କରନ୍ତୁ। ଏହି ସମୟରେ ମହୁଫେଣାକୁ ବିରୁଡ଼ି, ଝିଟିପିଟି ପ୍ରଭୃତି ଆକ୍ରମଣ କରିଥାନ୍ତି । ତେଣୁ ନିୟମିତ ପରିଦର୍ଶନ କରି ଆବଶ୍ୟକ ସ୍ଥଳେ ବାକ୍ସଗୁଡ଼ିକୁ ପରିଷ୍କାର ରଖନ୍ତୁ। ପ୍ରତି ୭-୧୦ ଦିନରେ ବାକ୍ସର ତଳପଟା ସଫା କରିଦିଅନ୍ତୁ। ଗ୍ରୀଷ୍ମରତୁ ମହୁମାଛିଙ୍କ ପାଇଁ ଅନୁକୂଳ ସମୟ। ଏହି ସମୟରେ ମହୁ ନିଷ୍କାସନ ଯନ୍ତ୍ର ସାହାଯ୍ୟରେ ମହୁ ଅମଳ କରିଦିଅନ୍ତୁ। ଦଳ ବିକିବାକୁ ଚାହୁଁଥିଲେ ଦଳ ବିଭାଜନକରି ବିକ୍ରୟ କରନ୍ତୁ।

# ଡାଲୁଅ ଧାନରେ ରୋଗପୋକ ପରିଚାଳନା



**ଧା**ନଜମିରେ କାଣ୍ଡବିନ୍ଧା ପୋକ ଆକ୍ରମଣ କରିଥିଲେ ହେକ୍ଟର ପ୍ରତି ୧୨.୫ କି.ଗ୍ରା. ଫିପ୍ରୋନିଲ୍ ୦.୩ ଦାନାଦାର ବିଷ ଅଳ୍ପ ପାଣି ରଖି ପ୍ରୟୋଗ କରନ୍ତୁ ଅଥବା ୧ ଲି. କ୍ଲୋରୋପାଇରିଫସ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ମାଟିଆଗୁଣ୍ଡି ପୋକ ଆକ୍ରମଣ ଆରମ୍ଭ ହେବା ସମ୍ଭାବନା ଅଛି। ଏହି ପୋକ ଲାଗିଲେ, ଜଳସେଚନର ସୁବିଧା ଥିଲେ ପ୍ରଥମେ ଜମିରୁ ପାଣି ନିଷ୍କାସନ କରନ୍ତୁ। ୧-୨ ଦିନ ଶୁଖିଲା ରଖି ପୁଣି ବିଲରେ ପାଣି ମଡ଼ାନ୍ତୁ। ବୁଦା ପ୍ରତି ୮-୧୦ ଟି ପୋକ ଲାଗିଲେ ଇମିଡାକ୍ଲୋପ୍ରିଡ୍ ୩ ମି.ଲି./୧ ଲିଟର ବା ବୁପ୍ରୋଫେଜିନ୍ ୧ ମି.ଲି./୧ ଲିଟର ପାଣିରେ ହିସାବରେ ଗୋଳାଇ ଗଛ ମୂଳକୁ ସିଞ୍ଚନ କରନ୍ତୁ। ପ୍ରତି ବୁଦାରେ ୨/୩ ଟି ବୁଢ଼ୀଆଣୀ ଥିଲେ ପୋକ ସଂଖ୍ୟା ବଢ଼ିବ ନାହିଁ। ପତ୍ରପୋଡ଼ା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୫୦ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ଓ ୧୨୫୦ ଗ୍ରାମ୍ ବ୍ଲାଇଟକ୍ସ-୫୦ ସେଚିତ ଗୁଣ୍ଡକୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ଓ ମହିଷା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୩୦୦ ଗ୍ରାମ୍ ବା ୦.୬ ଗ୍ରାମ୍ ଟ୍ରାଇସାଇକ୍ଲାଜୋଲ୍‌କୁ ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ୩୦ଦିନର ଗଛ ହୋଇଥିଲେ ଟ୍ରାଇକୋଗାମା ଜାପୋନିକମ୍ ପରାଶ୍ରୟୀ କୀଟର ଟ୍ରାଇକୋକାର୍ଡକୁ ଏକର ପ୍ରତି ୨ଟି କାର୍ଡ ହିସାବରେ ପ୍ରତି ସପ୍ତାହ ଅନ୍ତରରେ ଜମିରେ ପ୍ରୟୋଗ କରନ୍ତୁ ।

# ବିହନ ବ୍ୟବହାର ପୂର୍ବରୁ...

**ଘ**ରେ ସାଇତି ରଖୁଥିବା ବିହନ ବ୍ୟବହାର କରୁଥିଲେ ଗଜା ପରୀକ୍ଷା କରାଇ ନିଅନ୍ତୁ। ବୃଷ୍ଟିପୁଷ୍ଟ ଜମିଗୁଡ଼ିକରେ ଧାନ ପରିବର୍ତ୍ତେ ଅଧିକ ଅର୍ଥକରୀ ଅଣଧାନ ଫସଲ, ଯଥା-ଡାଲି ଫସଲ, ତୈଳବୀଜ ଫସଲ, କପା, ସୂର୍ଯ୍ୟମୁଖୀ, ପନିପରିବା ଆଦି ଏକକ ଫସଲ ଭାବରେ ଅଥବା ମିଶ୍ରିତ ଫସଲ ଭାବରେ ଚାଷ କରନ୍ତୁ। ଖାଲ ଜମିଗୁଡ଼ିକରେ ଅଧିକ ଘାସ ଥିଲେ ଏହାର ଦମନ ପାଇଁ ତୃଣନାଶକ ବ୍ୟବହାର କରନ୍ତୁ। ବର୍ତ୍ତମାନଠାରୁ ନିଜ ଜମିର ପ୍ରକାର, ମାଟିର ଉର୍ବରତା, ସେଚଜଳର ସୁବିଧା ଓ ଅନ୍ୟାନ୍ୟ କୃଷି ସାମଗ୍ରୀଗୁଡ଼ିକର ଉପଲବ୍ଧତାକୁ ବିଚାରକୁ ନେଇ ଫସଲ ଯୋଜନା ପ୍ରସ୍ତୁତ କରନ୍ତୁ। ସର୍ବଦା ପ୍ରାମାଣିକ ବିହନ ବ୍ୟବହାର କରନ୍ତୁ। ସବୁଠାରୁ ଖାସ୍ କଥା ହେଲା ପ୍ରତି ୩ବର୍ଷରେ ବିହନକୁ ବଦଳାଇ ଦିଅନ୍ତୁ। ଉନ୍ନତମାନର ବିହନ ବ୍ୟବହାର କରିବା ଦ୍ୱାରା ଅମଳ ୧୫ ପ୍ରତିଶତ ବୃଦ୍ଧି ପାଇଥାଏ।



# ମନ୍ଦା ପ୍ରଣାଳୀରେ ଆଖୁଚାଷ



**ଫେ**ବୃଆରୀରୁ ମନ୍ଦା ପ୍ରଣାଳୀରେ ଲଗାଯାଇଥିବା ଆଖୁ ୬୦ଦିନର ହୋଇଥିଲେ ଘାସ ବାଛି କୋଡାଖୁସା କରି ମନ୍ଦା ପିଛା ୧୦ଗ୍ରାମ ଲେଖାଏ ୟୁରିଆ ସାର ପ୍ରୟୋଗ କରନ୍ତୁ। ନଭେମ୍ବର ମାସରେ ଲଗାଯାଇଥିବା ଆଖୁ ୪ ମାସର ହୋଇଯାଇଥିଲେ ଶୁଖିଲା ଆଖୁ ପତ୍ରକୁ ଆଖୁ ଗଛରୁ ଛଡ଼ାଇ ଦେଇ ଭେଳା ବାନ୍ଧନ୍ତୁ। ଦୁଇଧାଡିର ଆଖୁ ଗଛକୁ ଏକାଠି ଟାଣି ଭେଳା ବାନ୍ଧିଲେ ଆଖୁଗଛ ପବନରେ ପଡ଼ିଯାଏ ନାହିଁ। ଆଖୁ ଫସଲ ଲଗାଇବାର ୧୦୫ ଦିନର ହୋଇଯାଇଥିଲେ କୋଡ଼ାଖୁସା କରି ଘାସ ବାଛି ଦିଅନ୍ତୁ। ଏକର ପ୍ରତି ୩୩କି.ଗ୍ରା. ଯବକ୍ଷାରଜାନ ଓ ୧୨କି.ଗ୍ରା. ପଟାସ ସାର ପ୍ରୟୋଗ କରି ହୁଡ଼ା ଟେକି ଦିଅନ୍ତୁ।


# ଧରିତ୍ରୀ DHARITRI

www.orissakhabar.com/ www.dharitri.com | ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ଫେବୃଆରୀ ୧୧/୨୦୨୬ | Bhubaneswar, Wednesday, February 11/ 2026









ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ମଙ୍ଗଳବାର ଅନୁଷ୍ଠିତ ଏଫଆଇଏଚ୍ ପ୍ରୋ ଲିଗ୍ ହକି ମ୍ୟାଚରେ ବେଲଜିୟମ ଓ ଆର୍ଜେଣ୍ଟିନା ମଧ୍ୟରେ ମୁକାବିଲା। ଏହି ମ୍ୟାଚରେ ବେଲଜିୟମ ୫-୩ ଗୋଲରେ ଆର୍ଜେଣ୍ଟିନାକୁ ପରାସ୍ତ କରିଛି।

## ଆର୍ଜେଣ୍ଟିନାକୁ ୫-୩ରେ ହରାଇଲା ବେଲଜିୟମ୍

**ରାଉରକେଲା,୧୦।୨(ଦିନେଶ ମିଶ୍ର)**

ରାଉରକେଲା ଛେଣ୍ଡସ୍ଥିତ ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ୍‌ରେ ଏଚ୍ଆଇଏଚ୍ ପ୍ରୋ ଲିଗ୍ ମଙ୍ଗଳବାର ଆରମ୍ଭ ହୋଇଛି। କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି, ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ, ବଣେଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ରାଜ୍ୟ କ୍ରୀଡା ଓ ଯୁବ ବ୍ୟାପାର ନିର୍ଦ୍ଦେଶକ ୟଦୁଲା ବିଜୟ, ଏସିଆନ୍ ହକି ଫେଡେରେଶନ ଓ ହକି ଇଣ୍ଡିଆ ସମ୍ପାଦକ ଭୋଳାନାଥ ସିଂ, ହକି ଇଣ୍ଡିଆର ଡାଇରେକ୍ଟର ଜେନେରାଲ ଆର୍. କେ. ଶ୍ରୀବାସ୍ତବ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ପ୍ରଥମ ମ୍ୟାଚ୍ ବେଲଜିୟମ୍ ଓ ଆର୍ଜେଣ୍ଟିନା ମଧ୍ୟରେ ଖେଳାଯାଇଥିଲା। ଆର୍ଜେଣ୍ଟିନା ଦଳ ଆରମ୍ଭରୁ ବେଲଜିୟମ୍ ଉପରେ ଆକ୍ରମକ ଖେଳ ପ୍ରଦର୍ଶନ କରି ମ୍ୟାଚ୍‌ର ୧ ମିନିଟ୍ ୧୯ ସେକେଣ୍ଡରେ ପ୍ରଥମ ପେନାଲ୍ଟି କର୍ନରର ସୁଯୋଗ ପାଇ ଦଳର ୨୧ ନମ୍ବର ଜର୍ସି ଖେଳାଳି ଟୋମାସ୍ ଡୋମିନି ପ୍ରଥମ ଗୋଲ କରି ଦଳକୁ ୧-୦ ଗୋଲରେ ଆଗୁଆ ରଖିଥିଲେ। ପରେ ୯ମ ମିନିଟରେ ଫରୱାର୍ଡ ନିକୋଲୋସ୍ ଡେଲା ଟୋରେ ଦଳ ପକ୍ଷରୁ ଦ୍ୱିତୀୟ ଗୋଲ୍ କରି ବେଲଜିୟମ ଉପରେ ଚାପ ପକାଇଥିଲେ। ପ୍ରଥମ କ୍ୱାର୍ଟର ଶେଷ ପର୍ଯ୍ୟାୟରେ ଅର୍ଥାତ୍ ମ୍ୟାଚ୍‌ର ୧୪ ମିନିଟ୍ ୫୮ ସେକେଣ୍ଡରେ ବେଲଜିୟମର ଟମ୍ ବୁନ୍ ଗୋଟିଏ ଗୋଲ ପରିଶୋଧ କରିଥିଲେ। ଫଳରେ ପ୍ରଥମ କ୍ୱାର୍ଟର ଶେଷ ସୁଦ୍ଧା ଆର୍ଜେଣ୍ଟିନା ଦଳ ୨-୧ ଗୋଲରେ ଆଗୁଆ ରହିଥିଲା। ଦ୍ୱିତୀୟ କ୍ୱାର୍ଟର ଆରମ୍ଭରେ ମ୍ୟାଚର ୨୩ ମିନିଟ୍ ୩୯ ସେକେଣ୍ଡରେ ଆର୍ଜେଣ୍ଟିନା ଫରୱାର୍ଡ ଟୋମାସ୍ ଡୋମିନି ଦଳ ପକ୍ଷରୁ ୩ୟ ଗୋଲ୍ ସ୍କୋର କରିଥିଲେ। ମାତ୍ର ଦ୍ୱିତୀୟ କ୍ୱାର୍ଟର ଶେଷ ହୋଇ ଆସୁଥିବାବେଳେ ୨୯ ମିନିଟ୍ ୫୯ ସେକେଣ୍ଡରେ ଟମ୍ ବୁମ୍ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରି ବେଲଜିୟମ ଆଶା ଉଜ୍ଜୀବିତ କରିଥିଲେ। ପ୍ରଥମାର୍ଦ୍ଧ ବେଳକୁ ଆର୍ଜେଣ୍ଟିନା ଆର୍ଜେଣ୍ଟିନା ମ୍ୟାଚ୍‌ରେ ୩-୨ ଗୋଲରେ ଆଗୁଆ ରହିଥିଲା। ଦ୍ୱିତୀୟାର୍ଦ୍ଧରେ ବେଲଜିୟମ ଚମତ୍କାର ପ୍ରଦର୍ଶନ କରିଥିଲା। ୩୧ ମିନିଟ୍ ୧୬ ସେକେଣ୍ଡରେ ୧୭ ନମ୍ବର ଜର୍ସି ଖେଳାଳି ଗୁଲେମୁ ହେଲିନ୍ ଏକ ଗୋଲ ଦେବାରୁ ମ୍ୟାଚ ୩-୩ରେ ବରାବର ସ୍ତରକୁ ଚାଲି ଆସିଥିଲା। ୪ର୍ଥ କ୍ୱାର୍ଟର ଅର୍ଥାତ୍ ୫୨ ମିନିଟ୍ ୪୮ ସେକେଣ୍ଡରେ ୧୬ ନମ୍ବର ଜର୍ସି ଖେଳାଳି ଆଲେକଜାଣ୍ଡର ହେଣ୍ଡ୍ରିକ୍ସ ବେଲଜିୟମ୍ ପକ୍ଷରୁ ୪ର୍ଥ ଗୋଲ ସ୍କୋର କରିଥିଲେ। ମ୍ୟାଚ୍‌ର ଶେଷ ଗୋଲ ବେଲଜିୟମ ପକ୍ଷରୁ ଟମ୍ ବୁନ୍ ୫୮ତମ ମିନିଟରେ ସ୍କୋର କରିବାରୁ ଏହି ଦଳ ୫-୩ ଗୋଲରେ ବିଜୟୀ ହୋଇଥିଲା। ୩ ଗୋଲ ଦେଇ ହ୍ୟାଟ୍ରିକ କରିଥିବା ବେଲଜିୟମ୍‌ର ଟମ୍ ବୁମ୍ ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ହାସଲ କରିଥିଲେ।

## ନେଦରଲାଣ୍ଡ୍ସ ବିଜୟୀ

**ନୂଆଦିଲ୍ଲୀ, ୧୦।୨(ପି.ଟି.)**

ଚଳିତ ଆଇସିସି ଟି୨୦ କ୍ରିକେଟ ବିଶ୍ୱକପ୍‌ରେ ମଙ୍ଗଳବାର ଖେଳାଯାଇଥିବା ଏକ ଗ୍ରୁପ୍'ଏ' ମ୍ୟାଚ୍‌ରେ ନେଦରଲାଣ୍ଡ୍ସ ୭ ଉଇକେଟରେ ନାମ୍ବିଆକୁ ହରାଇ ଦେଇଛି। ଟସ୍ ହାରି ବ୍ୟାଟିଂ କରିଥିବା ନାମ୍ବିଆ ନିର୍ଦ୍ଧାରିତ ଓଭରରେ ୮ ଉଇକେଟ ବିନିମୟରେ ୧୫୬ ରନ୍ କରିଥିଲା। ଜବାବରେ ନେଦରଲାଣ୍ଡ୍ସ ବାସ୍ ଡି' ଲିଡ୍‌ଙ୍କ ଅପରାଜିତ ୭୨ ରନ୍ ସହାୟତାରେ ୧୮ ଓଭରରେ ୩ ଉଇକେଟ ହରାଇ ୧୫୯ ରନ୍‌କରି ମ୍ୟାଚ ଜିତିନେଇଥିଲା।

**ସଂକ୍ଷିପ୍ତ ସ୍କୋର**

ନାମ୍ବିଆ: ୨୦ ଓଭରରେ ୧୫୬/୮(ଜାନ୍ ନିକୋଲ ଲଫ୍ଟି-ଇଟନ-୪୨, ଜାନ୍ ଫ୍ରାଇଲିଙ୍କ୍-୩୦ ; ଲୋଗାନ ଭାନ୍ ବିକ୍-୨/୧୩, ବାସ୍ ଡି' ଲିଡ୍-୨/୨୦)। ନେଦରଲାଣ୍ଡ୍ସ: ୧୮ ଓଭରରେ ୧୫୯/୩ (ବାସ୍ ଡି' ଲିଡ୍-୭୨*, କଲିନ ଅକରମାନ-୩୨)।

## ନ୍ୟୁଜିଲାଣ୍ଡର ବୃହତ୍ ବିଜୟ

**ଚେନ୍ନାଇ,୧୦।୨**

ଚଳିତ ଟି୨୦ ବିଶ୍ୱକପ୍‌ରେ ମଙ୍ଗଳବାର ଅପରାହ୍ନରେ ଖେଳାଯାଇଥିବା ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ୧୦ ଉଇକେଟରେ ୟୁଏଇକୁ ପରାସ୍ତ କରିଛି। ୟୁଏଇ ଦ୍ୱାରା ଧାର୍ଯ୍ୟ ୧୭୪ ରନ୍‌ର ଟାର୍ଗେଟ୍‌କୁ ଟିମ୍ ସିଫର୍ଟ ଓ ଫିନ୍ ଆଲେନଙ୍କ ଅପରାଜିତ ଓପନିଂ ଭାଗୀଦାରି ବଳରେ ନ୍ୟୁଜିଲାଣ୍ଡ ୧୫.୨ ଓଭରରେ ବିନା ଉଇକେଟରେ ହାସଲ କରିନେଇଥିଲା। ଦୁଇ ଓପନର ଅବିଭାଜିତ ପ୍ରଥମ ଉଇକେଟ ପାଇଁ ୧୭୫ ରନ୍ କରିଥିଲେ। ଏହା ଟି୨୦ ବିଶ୍ୱକପ୍ ଇତିହାସରେ ଯେକୌଣସି ଉଇକେଟ ପାଇଁ ସବୁଠୁ ବଡ଼ ଭାଗୀଦାରି। ଏଥିପୂର୍ବରୁ ଏହି ରେକର୍ଡ ଇଂଲଣ୍ଡର ଯୋଶ୍ ବଟ୍‌ଲର ଓ ଆଲେକ୍ସ ହେଲ୍ସଙ୍କ ନାମରେ ଥିଲା। ଦୁହେଁ ୨୦୨୨ ଟି୨୦ ବିଶ୍ୱକପ୍‌ରେ ଭାରତ ବିପକ୍ଷ ସେମିଫାଇନାଲରେ ପ୍ରଥମ ଉଇକେଟ ଲାଗି ୧୭୦ ରନ୍ କରିଥିଲେ।

ଟସ୍ ଜିତି ବ୍ୟାଟିଂ କରିଥିବା ୟୁଏଇ ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୧୭୩ ରନ୍ କରିଥିଲା। ଏହା ଟି୨୦ ବିଶ୍ୱକପ୍ ଇତିହାସରେ ୟୁଏଇର ସର୍ବାଧିକ ଦଳଗତ ସ୍କୋର। ଜବାବରେ ସିଫର୍ଟ ଓ ଆଲେନ୍‌ଙ୍କର ବିସ୍ଫୋରକ ବ୍ୟାଟିଂ ଯୋଗୁ ନ୍ୟୁଜିଲାଣ୍ଡ ୧୫.୨ ଓଭରରେ ବିନା କ୍ଷତିରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ସିଫର୍ଟ ୪୨ ବଲରେ ୮୯ (୧୨ ଚୌକା ଓ ୩ ଛକା) ଏବଂ ଆଲେନ୍ ୫୦ ବଲରେ ୮୪ (୫ ଲେଖାଏ ଚୌକା ଓ ଛକା) ରନ୍‌କରି ଅପରାଜିତ ରହିଥିଲେ।

**ଟି୨୦ ବିଶ୍ୱକପ୍**

**(ଆଜିର ମ୍ୟାଚ୍)**

**ଆଫଗାନିସ୍ତାନ ବନାମ ଦକ୍ଷିଣ ଆଫ୍ରିକା**
ସ୍ଥାନ: ଅହମଦାବାଦ୍, ସମୟ: ପୂର୍ବାହ୍ନ ୧୧ଟା

**ଅଷ୍ଟ୍ରେଲିଆ ବନାମ ଆୟର୍ଲାଣ୍ଡ**
ସ୍ଥାନ: କଲମ୍ବୋ, ସମୟ: ଅପରାହ୍ନ ୩ଟା

**ଇଂଲଣ୍ଡ ବନାମ ୱେଷ୍ଟଇଣ୍ଡିଜ୍**
ସ୍ଥାନ: ମୁମ୍ବାଇ, ସମୟ: ସନ୍ଧ୍ୟା ୭ଟା

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ/ଜିଓ ହଟ୍‌ଷ୍ଟାର



ଶତକୀୟ ଭାଗୀଦାରି ଅବସରରେ ଟିମ୍ ସିଫର୍ଟ ଓ ଫିନ୍ ଆଲେନ।

**ବିଶ୍ୱକପ୍‌ର ସବୁଠୁ ବଡ଼ ଭାଗୀଦାରି**

## ନାଗେଶ ଟ୍ରଫି ସୁପର ଲିଗ୍: ଓଡ଼ିଶାର ବୃହତ୍ ବିଜୟ

**କଟକ, ୧୦।୨ (କୁମାରଶ୍ରୀ):** ଜାତୀୟ ସିନିୟର ଦୃଷ୍ଟିହୀନ କ୍ରିକେଟ ଟୁର୍ନାମେଣ୍ଟ ନାଗେଶ ଟ୍ରଫି ସୁପର ଲିଗ୍ ପର୍ଯ୍ୟାୟର ଦ୍ୱିତୀୟ ମ୍ୟାଚ୍‌ରେ ଓଡ଼ିଶାକୁ ବୃହତ୍ ବିଜୟ ମିଳିଛି। ମଙ୍ଗଳବାର ନୂଆଦିଲ୍ଲୀର ତାଉ ଦେବୀଲାଲ କ୍ରିକେଟ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଅନୁଷ୍ଠିତ ମ୍ୟାଚ୍‌ରେ ଓଡ଼ିଶା ୨୨୭ ରନ୍‌ରେ କେରଳକୁ ପରାସ୍ତ କରିଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ ନିମନ୍ତ୍ରଣ ପାଇଥିବା ଓଡ଼ିଶା ୩ ଉଇକେଟ ହରାଇ ୩୦୧ ରନ୍ ସଂଗ୍ରହ କରିଥିଲା। ସୁଖରାମ ମାଝୀ ୧୧୪ ଏବଂ ଲାଲ୍ ପ୍ରସାଦ ସୋରେନ ୧୧୮ ରନ୍‌ର ବିସ୍ଫୋରକ ଶତକୀୟ ଇନିଂସ୍ ଖେଳିଥିଲେ। ଜବାବରେ କେରଳ ୭୩ ରନ୍‌ରେ ଅଲ୍‌ଆଉଟ ହୋଇଯାଇଥିଲା। ସୁଖରାମ, ଲାଲ୍ ପ୍ରସାଦଙ୍କ ସମେତ ଲିଙ୍ଗରାଜ ରାଉତରା ଏବଂ କାଳିଆ ପ୍ରଧାନ ଗୋଟିଏ ଲେଖାଏ ଉଇକେଟ ଦଖଲ କରିଥିଲେ। ଅଲ୍‌ରାଉଣ୍ଡ ପ୍ରଦର୍ଶନ କରିଥିବା ଲାଲ୍ ପ୍ରସାଦଙ୍କୁ ପ୍ଲେୟର ଅଫ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା।

## ନ୍ୟାଶନାଲ ଆଡ୍‌ଭେଞ୍ଚର ଫେଷ୍ଟିଭାଲରେ 'ଆସା'ର ଅଂଶଗ୍ରହଣ




ନ୍ୟାଶନାଲ ଆଡ୍‌ଭେଞ୍ଚର ଫେଷ୍ଟିଭାଲରେ ଅଂଶଗ୍ରହଣ କରିଥିବା 'ଆସା'ର ସଦସ୍ୟବୃନ୍ଦ।

**ଭୁବନେଶ୍ୱର, ୧୦।୨(ତପନ ସ୍ୱାଇଁ)**

ଭୁବନେଶ୍ୱରସ୍ଥିତ ଆସୋସିଏଶନ ଫର୍ ଆଡ୍‌ଭେଞ୍ଚର ଆଣ୍ଡ ସୋସିଆଲ ଆକ୍ଟିଭିଟିଜ୍ (ଆସା)ର ୭ ସଦସ୍ୟ ନିକଟରେ ୩୨ତମ ନ୍ୟାଶନାଲ ଆଡ୍‌ଭେଞ୍ଚର ଫେଷ୍ଟିଭାଲରେ ଅଂଶଗ୍ରହଣକରି ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏହି କାର୍ଯ୍ୟକ୍ରମ ଚଣ୍ଡିଗଡ଼ରେ ଫେବୃଆରୀ ୨ରୁ ୧୦ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ସୋଲଙ୍ଗ ଭାଲିରେ 'ଆସା'ର ସଦସ୍ୟମାନେ ସ୍ନୋ, ସ୍କି ଆଣ୍ଡ ଟ୍ରେକିଂରେ ଭାଗ ନେଇଥିଲେ। ଟି. ମମତା ପ୍ରଧାନ ଶ୍ରେଷ୍ଠ ପ୍ରଦର୍ଶନକାରୀ ଏବଂ ଶିବଦତ୍ତ ବକ୍ସି ଶ୍ରେଷ୍ଠ ଟିମ୍ ଲିଡର ବିବେଚିତ ହୋଇଥିଲେ। ଅନ୍ୟ ଅଂଶଗ୍ରହଣକାରୀମାନେ ହେଲେ ଅନିଲ ସେନାପତି, ପ୍ରଶାନ୍ତ ଭଞ୍ଜ, କିଶୋର ରାଉତ ଓ ଆର. ବାଲକ୍ରିଷ୍ଣା। 'ଆସା'ର ସଭାପତି ଲ୍ୟୁଟ୍‌ନାଣ୍ଟ ଜେନେରାଲ ଏନ୍. ମହାନ୍ତି, କାର୍ଯ୍ୟନିର୍ବାହୀ ସଭାପତି ଅଶୋକ ମହାନ୍ତି, ଉପସଭାପତି ବିକ୍ରମ ଦାସ, ସମ୍ପାଦକ ଶକ୍ତି ମହାନ୍ତି, କୋଷାଧ୍ୟକ୍ଷ କ୍ଷୀରୋଦ ସାନ୍ଧାଲ ଓ ଏଭରେଷ୍ଟ ଆରୋହୀ ଗଣେଶ ଚନ୍ଦ୍ର ଜେନା ପ୍ରମୁଖ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଇଆନ ବେଲ୍ ଦିଲ୍ଲୀ କ୍ୟାପିଟାଲ୍ସ ଆସିଷ୍ଟାଣ୍ଟ କୋଚ୍

**ନୂଆଦିଲ୍ଲୀ,୧୦।୨:** ଇଂଲଣ୍ଡର ପୂର୍ବତନ ବ୍ୟାଟର ଇଆନ ବେଲଙ୍କୁ ଆଇପିଏଲ୍ ଫ୍ରାଞ୍ଚାଇଜ୍ ଦିଲ୍ଲୀ କ୍ୟାପିଟାଲ୍ସ(ଡିସି) ଆସିଷ୍ଟାଣ୍ଟ କୋଚ୍ ଭାବେ ନିଯୁକ୍ତ କରିଛି। ଏନେଇ ଡିସି ପକ୍ଷରୁ ମଙ୍ଗଳବାର ଘୋଷଣା କରାଯାଇଛି। ଇଂଲଣ୍ଡ ପାଇଁ ୧୧୮ ଟେଷ୍ଟ, ୧୬୧ ଦିନିକିଆ ଓ ୮ ଟି୨୦ ମ୍ୟାଚ୍ ଖେଳିଥିବା ବେଲ କଦାପି ଆଇପିଏଲରେ ଜଡ଼ିତ ହୋଇନାହାନ୍ତି। କିନ୍ତୁ ୨୦୨୦ରେ କ୍ରିକେଟରୁ ଅବସର ନେବା ପରଠାରୁ ସେ କୋଚ୍ ଭାବେ ବିଭିନ୍ନ ଲିଗ୍‌ରେ କାର୍ଯ୍ୟ କରିଛନ୍ତି। ସେ ଦିଲ୍ଲୀ କ୍ୟାମ୍ପ୍‌ରେ ଡାଇରେକ୍ଟର ଅଫ୍ କ୍ରିକେଟ୍ ଭେନୁଗୋପାଳ ରାଓ, ମୁଖ୍ୟ କୋଚ୍ ହେମଙ୍ଗ ବଦାନୀ ଓ ବୋଲିଂ କୋଚ୍ ମୁନାଫ ପଟେଲଙ୍କ ସହ କାର୍ଯ୍ୟ କରିବେ।

## ପ୍ରଧାନମନ୍ତ୍ରୀଙ୍କୁ ନିମନ୍ତ୍ରଣ କଲେ ସଚିନ



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ କ୍ରିକେଟ ଆଇକନ ସଚିନ ତେନ୍ଦୁଲକର ଓ ତାଙ୍କ ପରିବାରବର୍ଗ।

**ନୂଆଦିଲ୍ଲୀ,୧୦।୨**

କ୍ରିକେଟ ଆଇକ୍‌ନ ସଚିନ ତେନ୍ଦୁଲକର ଓ ତାଙ୍କ ପରିବାର ସଦସ୍ୟ ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟି ପୁଅ ଅର୍ଜୁନ ତେନ୍ଦୁଲକର ଓ ସାନିୟା ଚାଣ୍ଡୋକଙ୍କ ବିବାହ ଲାଗି ନିମନ୍ତ୍ରଣ କରିଛନ୍ତି। ଏ ନେଇ ସଚିନ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ଅର୍ଜୁନ ଓ ସାନିୟାଙ୍କ ବିବାହ ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନିମନ୍ତ୍ରଣ କରି ସମ୍ମାନିତ ଅନୁଭବ କରୁଛୁ। ଯୁବ ଦମ୍ପତିଙ୍କୁ ଆଶୀର୍ବାଦ ଓ ପରାମର୍ଶ ଲାଗି ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ୍ ବୋଲି ସଚିନ ପୋଷ୍ଟର କ୍ୟାପଶନରେ ଉଲ୍ଲେଖ କରିଛନ୍ତି।

## ପୂର୍ବାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ ମହିଳା ଖୋ ଖୋ ଉଦ୍‌ଘାଟିତ

**ବାଲେଶ୍ୱର, ୧୦।୨(ବାଞ୍ଛାନିଧି ଦେ)**

**ଅଂଶଗ୍ରହଣ କଲେ ୩୪ ବିଶ୍ୱବିଦ୍ୟାଳୟର ୫୦୦ ଖେଳାଳି**

ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ ଅଧୀନ ବାଲେଶ୍ୱର ଫକୀର ମୋହନ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ ପୂର୍ବାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ ଖୋ ଖୋ(ମହିଳା) ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ସମାରୋହରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ସଭାପତିତ୍ୱ କରି ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘର ପତାକା ଉତ୍ତୋଳନ କରିଥିଲେ। ସମ୍ମାନିତ ଅତିଥି ଭାବେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ବିଶ୍ୱବିଦ୍ୟାଳୟ ପତାକା ଉତ୍ତୋଳନ କରିଥିଲେ। ପ୍ରଫେସର ତ୍ରିପାଠୀ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଶୃଙ୍ଖଳା, ଦଳଗତ ଚେତନା ଓ ନେତୃତ୍ୱ ଗଠନରେ କ୍ରୀଡ଼ାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଖେଳାଳିଙ୍କଠାରୁ ଖେଳ ପ୍ରତି ସମ୍ମାନ ତଥା ଖେଳୁଆଡ଼ ମନୋଭାବ ପୋଷଣର ଆଶାବ୍ୟକ୍ତ କରିଥିଲେ। ପ୍ରଫେସର ବେହେରା ଆନ୍ତଃବିଶ୍ୱବିଦ୍ୟାଳୟ ପ୍ରତିଯୋଗିତା ମାଧ୍ୟମରେ ଦେଶର ଯୁବପିଢ଼ିଙ୍କ ମଧ୍ୟରେ ଏକତା ଓ ସୁସ୍ଥ ପ୍ରତିଦ୍ୱନ୍ଦ୍ୱିତା ଗଠନ ହେଉଥିବା ଉପରେ ଆଲୋକପାତ କରିଥିଲେ। କ୍ରୀଡ଼ା ପରିଷଦର ନିର୍ଦ୍ଦେଶକ ପ୍ରଫେସର ପବିତ୍ର ମୋହନ ନାୟକ ସ୍ୱାଗତ ଭାଷଣ ଦେଇଥିଲେ। କ୍ରୀଡ଼ାବିତ୍‌ମାନେ ସାମୂହିକ ଶପଥ ଗ୍ରହଣ କରିଥିଲେ। କ୍ରୀଡ଼ା ପରିଷଦର ସହ-ନିର୍ଦ୍ଦେଶକ ଡ. ଅମିତ୍ କୁମାର ଶର୍ମା ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମର ସମନ୍ୱୟ ସହାୟକ ଅଧ୍ୟାପିକା ଜିନା ପ୍ରିୟଙ୍କା ଜେଠୀ ମଞ୍ଚ ସଂଯୋଜନା କରିଥିଲେ। ୪ ଦିନ ଧରି ହେବାକୁଥିବା ଏହି ପ୍ରତିଯୋଗିତାରେ ଓଡ଼ିଶା, ବିହାର, ଛତିଶଗଡ଼, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ ଓ ମଣିପୁରର ୩୪ଟି ବିଶ୍ୱବିଦ୍ୟାଳୟରୁ ୫ଶହରୁ ଊର୍ଦ୍ଧ୍ୱ ଖେଳାଳି, ପ୍ରଶିକ୍ଷକ ଓ ଦଳ ପରିଚାଳକ ଅଂଶଗ୍ରହଣ କରିଛନ୍ତି।




ଉଦ୍‌ଘାଟିତ ସମାରୋହରେ ଉପସ୍ଥିତ କ୍ରୀଡ଼ାବିତ୍ ଓ ପ୍ରଶିକ୍ଷକ।

## ସିଙ୍ଗଲ୍ସ, ଡବଲ୍ସରେ ପ୍ରମୋଦଙ୍କ ପ୍ରଭାବୀ ପ୍ରଦର୍ଶନ





ଦୀପ୍ ରଞ୍ଜନ ବିଷୋୟୀ, ପ୍ରମୋଦ ଭଗତ ଓ ନୁରୁଲ ହୋସେନ ଖାଁ।

**ଭୁବନେଶ୍ୱର, ୧୦।୨ (ବିଜୟ ରଣା)**

ଭାରତୀୟ ଦଳରେ ପ୍ରତିନିଧିତ୍ୱ କରୁଥିବା ଓଡ଼ିଶାର ଷ୍ଟାର ଖେଳାଳି ପ୍ରମୋଦ ଭଗତ ବାହାରିନରେ ଚାଲିଥିବା ବିଡବ୍ଲ୍ୟୁଏଫ୍ ପାରା ବ୍ୟାଡ୍‌ମିଣ୍ଟନ ବିଶ୍ୱ ଚାମ୍ପିୟନଶିପ୍ ୨୦୨୬ ଗ୍ରୁପ୍ ପର୍ଯ୍ୟାୟରେ ଅପରାଜିତ ଅଛନ୍ତି। ପୁରୁଷ ସିଙ୍ଗଲ୍ସ ଏସ୍ଏଲ୍୩ ଗ୍ରୁପ୍ ମ୍ୟାଚରେ ସେ ବୁଲଗେରିଆର ଡି. ପାଭଲୋଭଙ୍କୁ ଏବଂ ନ୍ୟୁଜିଲାଣ୍ଡର ଆର୍. ଭେନୁଙ୍କୁ ହରାଇ ଦେଇଛନ୍ତି। ସେହିପରି ପୁରୁଷ ଡବଲ୍ସ (ଏସ୍ଏଲ୍୩-ଏସ୍ଏଲ୍୪) ସେ ଓ ତାଙ୍କ ପାର୍ଟନର ସୁକାନ୍ତ କଦମ ୨୧-୯, ୨୧-୧୦ରେ ଏମ୍. ନୁର୍-ଏଫ୍ ସୋରୁକ୍କୁଙ୍କୁ ୨୧-୯, ୨୧-୧୦ରେ ପରାସ୍ତ କରିଛନ୍ତି। ପ୍ରମୋଦ ମିକ୍ସଡ ଡବଲ୍ସ (ଏସ୍ଏଲ୍୩-ଏସ୍ୟୁ୫)ରେ ମନୀଷା ରାମଦାସଙ୍କୁ ସାଥୀ କରି ୨୧-୭, ୨୧-୧୧ରେ ୟୁକ୍ରେନର ଭି. ସିନିୟାହୋଭସ୍କି-ଓ'କୋଜିନାଙ୍କୁ ୨୧-୭, ୨୧-୧୧ରେ ପରାସ୍ତ କରିଛନ୍ତି। ସେହିପରି ଓଡ଼ିଶାର ନୁରୁଲ ହୋସେନ ଖାଁ (ଡବ୍ଲ୍ୟୁଏଚ୍୨) ପୁରୁଷ ସିଙ୍ଗଲ୍ସ ଗ୍ରୁପ୍ 'ଜି'ରେ ଅଷ୍ଟ୍ରିଆର ଡି. କୋଣ୍ଟଷ୍ଟଙ୍କୁ ୨୧-୧୫, ୨୧-୧୪ରେରେ ହରାଇ ଦେଇଛନ୍ତି। ଅନ୍ୟପକ୍ଷରେ ପୁରୁଷ ଡବଲ୍ସ (ଏସ୍ଏଲ୍୩-ଏସ୍ଏଲ୍୪)ରେ ମନୋଜ ସରକାରଙ୍କ ସାଥୀ କରି ଦୀପ୍ ରଞ୍ଜନ ବିଷୋୟୀ ଚାଇନାର ଜେନ୍ ଏକ୍ସ-ୟି ୟିଙ୍କୁ ହରାଇ ଦେଇଥଲେ ପରେ ପରାସ୍ତ ହୋଇଛନ୍ତି।

**ପାରା ବ୍ୟାଡ୍‌ମିଣ୍ଟନ ବିଶ୍ୱ ଚାମ୍ପିୟନଶିପ୍**


Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ